ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, April 3/2026 | Page 14 | ₹ 7.00 | SAMBALPUR
୫୨ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 128 | ମୂଲ୍ୟ ₹୭/-

# ଧରିତ୍ରୀ
DHARITRI



## କଙ୍ଗନାଙ୍କ କମ୍‌ବ୍ୟାକ୍

'କୁଇନ୍' ଚଳଚ୍ଚିତ୍ରର ୨ୟ ଭାଗ ମାଧ୍ୟମରେ କଙ୍ଗନା ରାଣାଓ୍ୱତ୍‌ଙ୍କର ଅଭିନୟ କ୍ଷେତ୍ରକୁ କମ୍‌ବ୍ୟାକ୍ ହେଉଥିବା ଚର୍ଚ୍ଚା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇଲାଣି। ୦୫

୧୪

## ରାହାନେଙ୍କ ୨୦୦ତମ ଆଇପିଏଲ୍ ମ୍ୟାଚ

କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଅଜିଙ୍କ୍ୟ ରାହାନେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ତାଙ୍କ କ୍ୟାରିୟରର ୨୦୦ତମ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି।





ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଆୟୋଜିତ ଯୁବକ୍ରାନ୍ତି ସମାବେଶ ଅବସରରେ ଲୋକସେବା ଭବନ ଘେରାଉବେଳେ ଲୋୟର ପିଏମ୍‌ଜି ନିକଟରେ କର୍ମୀମାନେ ବ୍ୟାରିକେଡ ଡେଇଁବା ସମୟରେ ପୋଲିସ ସହ ଧସ୍ତାଧସ୍ତି। (ଫଟୋ: ମନୋରଞ୍ଜନ ମିଶ୍ର) (ରିପୋର୍ଟ ପୃଷ୍ଠା: ୩)

# ସରିଲା ମାଟ୍ରିକ୍ ଖାତାଦେଖା: ମେ' ୨ୟ ସପ୍ତାହରେ ପରୀକ୍ଷାଫଳ

କଟକ,୨।୪(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷାର ଖାତାଦେଖା ଗୁରୁବାର ଶେଷ ହୋଇଛି। ମେ ୨ୟ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ତତ୍ପରତା ପ୍ରକାଶ ପାଉଥିବା ବୋର୍ଡ ସୂତ୍ରରୁ ଜଣାପଡ଼ିଛି। ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ଏକସଙ୍ଗେ ଅନୁଷ୍ଠିତ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ଲକ୍ଷ ୬୧ହଜାର ୯୭୯ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ମାଟ୍ରିକ ପରୀକ୍ଷାର୍ଥୀଙ୍କ ସବ୍‌ଜେକ୍ଟିଭ ପରୀକ୍ଷା ଖାତା ମୂଲ୍ୟାୟନ ମାର୍ଚ୍ଚ ୧୯ରୁ ☞ପୃଷ୍ଠା-୪

# ସକାଳୁଆ ସ୍କୁଲ ଆରମ୍ଭ

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଖରାତାତି ସହ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଏପରି ସ୍ଥିତିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ବେସରକାରୀ ସ୍କୁଲରେ ଏପ୍ରିଲ ୨ରୁ ଗ୍ରୀଷ୍ମ ଅବକାଶ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ଚାଲିବ। ଏନେଇ ବିଭାଗର କମିଶନର ତଥା ସଚିବ ଡ. ଏନ୍. ତିରୁମାଲା ନାଏକ ସମସ୍ତ ଜିଲାପାଳ ତଥା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ନିୟମାବଳୀ ଜାରି କରାଯାଇଛି। ସମସ୍ତ ସ୍କୁଲରେ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ହେବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଆଣବିକ ପ୍ରତିରୋଧ ଓ ମହାଶକ୍ତି

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2025
15th Best in University Category
22nd Best in Engineering Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଶତ୍ରୁ ଆତ୍ମସମର୍ପଣ ନ କରିବା ଯାଏ ଯୁଦ୍ଧ: ଇରାନ

**ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଉ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଉପରେ ଜୋରଦାର ଆକ୍ରମଣ ହେବ ଓ ଆଗାମୀ ଦୁଇ-ତିନି ସପ୍ତାହ ମଧ୍ୟରେ ଇରାନକୁ 'ପ୍ରସ୍ତର ଯୁଗ'କୁ ଫେରାଇ ଦେବାକୁ ଯୋଜନା କରାଯାଇଛି। ଇରାନର ନୌସେନା ଧ୍ୱଂସ ହୋଇସାରିଛି ଓ ବାୟୁସେନା ଧ୍ୱଂସ ପ୍ରାୟ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଏହାର ଜବାବ ଦେବାକୁ ଯାଇ ଏଣିକି ଧ୍ୱଂସାତ୍ମକ ଆକ୍ରମଣ କରାଯିବ କହି ଆମେରିକାକୁ ଚେତାବନୀ ଦେଇଛି। ଇରାନ ପୁଣି କହିଛି, ଯୁଦ୍ଧ ଆମେରିକା ଓ ଇସ୍ରାଏଲର ଆତ୍ମସମର୍ପଣ ପର୍ଯ୍ୟନ୍ତ ଚାଲିବ। ଉଭୟ ପଟ ଜିଦ୍‌ରେ ଅଟଳ ଥିବାରୁ ଯୁଦ୍ଧ ବ୍ୟାପକ ରୂପ ଧାରଣ କରିବାର ଆଶଙ୍କା ବଢ଼ିଲାଣି।**

## ଇରାନକୁ ପ୍ରସ୍ତର ଯୁଗକୁ ନେଇଯିବୁ: ଟ୍ରମ୍ପ୍



ଡୋନାଲ୍ଡ ଟ୍ରମ୍ପ୍



ଖାତମ୍ ଅଲ୍-ଅନବ୍ୟା

ୱାଶିଂଟନ/ତେହରାନ୍,୨।୪

ଇରାନର ସାମରିକ କ୍ଷମତାକୁ ଧ୍ୱଂସ କରିବା ଆମର ମୁଖ୍ୟ ରଣନୀତିକ ଲକ୍ଷ୍ୟ ଏବଂ ତାହା ସମ୍ପୂର୍ଣ୍ଣ ହେବାର ନିକଟତର ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ମଧ୍ୟପ୍ରାଚ୍ୟ ଯୋଜନା ସମ୍ପର୍କରେ ଗୁରୁବାର ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆଗାମୀ ୨ରୁ ୩ ସପ୍ତାହ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବା ସହ ଏହାର ଶକ୍ତି ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦିଆଯିବ। ଆମେ ଆମ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବୁ ଏବଂ ମଧ୍ୟପ୍ରାଚ୍ୟ ସହଯୋଗୀମାନଙ୍କୁ କ୍ଷତି ହେବାକୁ ଦେବୁନାହିଁ। ଆମେ ଇରାନକୁ ପ୍ରସ୍ତର ଯୁଗକୁ ଫେରାଇନେବୁ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

ଟ୍ରମ୍ପ୍‌ଙ୍କ ଚେତାବନୀର କଡ଼ା ଜବାବ ଦେଇଛି ଇରାନ। ଶତ୍ରୁପକ୍ଷ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇରାନ ସେନା ପକ୍ଷରୁ ଘୋଷଣା କରାଯାଇଛି। ଆମେରିକା ଏବଂ ଇସ୍ରାଏଲ୍‌କୁ କଡ଼ା ଚେତାବନୀ ଦେଇ ଇରାନ ସେନାର ଜଣେ ମୁଖପାତ୍ର ଅଧିକ ଧ୍ୱଂସାତ୍ମକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି। ଉଭୟ ପକ୍ଷଙ୍କ ପରସ୍ପର ପ୍ରତି କଠୋର ଆଭିମୁଖ୍ୟରୁ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେବାକୁ ଯାଉଥିବା ସୂଚନା ମିଳିଛି। ଏହାର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଏବଂ ଷ୍ଟକ୍ ମାର୍କେଟ ଉପରେ ପଡ଼ିଛି।

ଟ୍ରମ୍ପ୍ ଆମେରିକାର ସହଯୋଗୀ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ଦେଶଙ୍କୁ ସାହସ ଦେଖାଇବା ସହ ଇରାନ ନିୟନ୍ତ୍ରଣରେ ଥିବା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଆହ୍ୱାନ ☞ପୃଷ୍ଠା-୪

15001/2/2627





ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)



ଗୁଡ୍ ଫ୍ରାଇଡେ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002

**ସଂକ୍ଷେପରେ**

## ସ୍ୱପରାୟଣତା ସଚେତନତା ଦିବସ ପାଳିତ

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ସାମାଜିକ ଅନୁଷ୍ଠାନ ଶ୍ରଦ୍ଧା ପକ୍ଷରୁ ବିଶ୍ୱ ଅଟିଜିମ୍ ବା ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗଗନ ବିହାରୀ ଧଳ ମୁଖ୍ୟଅତିଥି, ଅଭିଭାବକ ସୁମନ୍ତ ସ୍ୱାଇଁ, ଡା. ଆଲୋକ ସାହୁ, ଡଶ. ସ୍ମୃତି ଝା ଓ ଅନୁଷ୍ଠାନ ପ୍ରମୁଖ ରିନୁଲତା ମହାରଣା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ଥିମ୍ ସ୍ୱପରାୟଣତା ଏବଂ ମାନବିକତା, ପ୍ରତ୍ୟେକ ଜୀବନର ମୂଲ୍ୟ ଅଛି ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଦିବ୍ୟାଙ୍ଗଙ୍କୁ ସମାଜ ତଥା ସାମାଜିକ କାର୍ଯ୍ୟକ୍ରମରେ ସାମିଲ୍ କରି ମୁଖ୍ୟସ୍ରୋତକୁ ଆଣିବା, ସେମାନଙ୍କ ମାନସିକ ବିକାଶ, ମାନବିକତା, ଧୈର୍ଯ୍ୟ ଓ ସାମୁହିକ ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସମ୍ପ୍ରତି ଚାଲିଥିବା ଜନଗଣନାରେ ପରିବାରରେ ଥିବା ଦିବ୍ୟାଙ୍ଗଙ୍କ ସମ୍ପର୍କରେ ସୂଚନା ଦେବାପାଇଁ ଅନୁରୋଧ କରାଯାଇଥିଲା। ଟିପିଡବ୍ଲ୍ୟୁଓଡିଏଲ୍ ସହାୟତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଞ୍ଜଳି ମହାରଣା, ସୁଜାତା ରାଉତ, ଅର୍ଚ୍ଚନା ମିଞ୍ଜ, ଗଗନ ମହାନ୍ତି, ସୁକୁମାର ପାଣ୍ଡବ, ସୌଦାମିନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଶିଳ୍ପ ପାଇଁ ଫିଟୁଛି ବାଟ

- ପ୍ରଥମ ପର୍ଯ୍ୟାୟରେ ୩୩ ଜଣଙ୍କୁ ଜମି ଆବଣ୍ଟନ ନିର୍ଦ୍ଦେଶ
- ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ପ୍ରାଥମିକତା
- ଆଗକୁ ଆସିବ କୁଆଁରମୁଣ୍ଡା-ଲଡୁସେରା ପ୍ରକଳ୍ପ: ଇଡ୍‌କୋ



ଇଡ୍‌କୋ ପ୍ରସ୍ତାବିତ ରିୟୁଁ ପ୍ରକଳ୍ପ।

ରାଉରକେଲା,୨।୪(ସଙ୍ଗୀତା ଜେନା)

ଶିଳ୍ପନଗରୀ ରାଉରକେଲାରେ ଇସ୍ପାତ କାରଖାନା ବ୍ୟତୀତ ଅନେକ ଶିଳ୍ପ ରହିଛି। ଏଠାରେ ଉଦ୍ୟୋଗୀମାନଙ୍କ ଚାହିଦା ପୂରଣ କରିବା ସକାଶେ ବିଭିନ୍ନ ସମୟରେ ନୂତନ ଶିଳ୍ପାଞ୍ଚଳ ପାଇଁ ଦାବି ହୋଇଆସୁଥିଲା। ୧୯୮୧ରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍‌କୋ) ସ୍ଥାପନ ହେବା ପରେ ରାଉରକେଲା ଇଣ୍ଡଷ୍ଟ୍ରିଆଲ୍ ଏବଂ କଳୁଙ୍ଗା ଶିଳ୍ପାଞ୍ଚଳ ରୂପରେଖ ପାଇଥିଲା। ହେଲେ ସହରରେ ଦିନକୁ ଦିନ ଉଦ୍ୟୋଗୀମାନଙ୍କ ସଂଖ୍ୟାବୃଦ୍ଧି ଏବଂ ଚାହିଦାକୁ ଦେଖି ନୂତନ ପ୍ରକଳ୍ପ ପାଇଁ ଦାବି କରାଯାଉଥିଲା। କିଛିବର୍ଷ ଅନ୍ତରାଳରେ ଛୋଟ ଧରଣର ଇଡ୍‌କୋ ଜମି, ପ୍ଲଟ ଆବଣ୍ଟିତ ହୋଇଆସୁଥିଲା। ସୁନ୍ଦରଗଡ଼ ଜିଲା ଏକ ଆଦିବାସୀ ବହୁଳ ହୋଇଥିବା ଯୋଗୁ ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ଇଡ୍‌କୋ ପାଇଁ ନୂତନ ପ୍ରକଳ୍ପ ଆଣିବାରେ ଅନ୍ତରାୟ ସୃଷ୍ଟି କରୁଥିଲା। କିଛି ବର୍ଷ ହେଲା ବିରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ଥିବା କୁଆଁରମୁଣ୍ଡା ରିୟୁଁ ଗ୍ରାମକୁ ଶିଳ୍ପ ହବ୍ ଭାବେ ବିକଶିତ କରାଯାଇଥିଲା। ଯାହାକି ୩ୟ ଶିଳ୍ପାଞ୍ଚଳ ଭାବେ ପରିଗଣିତ କରାଯାଉଛି। ବର୍ତ୍ତମାନ ସୁନ୍ଦରଗଡ଼ ଜିଲାରେ ନୂତନ ଶିଳ୍ପ ପାଇଁ ୧୬୫ ଜଣଙ୍କ ଆବେଦନ ଉପରେ ବିଚାର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୩ ଜଣଙ୍କ ନାମ ତାଲିକାରେ ସ୍ଥାନ ପାଇଛି। ସେଥିମଧ୍ୟରେ ଅଯୋଗ୍ୟ ଆବେଦନଗୁଡ଼ିକ ନାକଚ କରାଯାଇଥିବା ସୂଚନା ମିଳିଛି। ସଫଳ ଆବେଦନକାରୀଙ୍କୁ ଜମି ଆବଣ୍ଟନ ପାଇଁ ଲ୍ୟାଣ୍ଡ ଆଲଟ୍‌ମେଣ୍ଟ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ମିଳିଛି। ସେହିପରି ଜିଲାରେ ୪ର୍ଥ ଶିଳ୍ପ ହବ୍ ପାଇଁ କୁଆଁରମୁଣ୍ଡା ଲଡୁସେରାରେ ପ୍ରସ୍ତାବ ଓ ଯୋଜନା କାର୍ଯ୍ୟରତ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ରାଉରକେଲା ସଂଲଗ୍ନ ବିରମିତ୍ରପୁର ସ୍ଥିତ କୁଆଁରମୁଣ୍ଡା ବ୍ଲକର ରିୟୁଁଠାରେ ୫୬ ଏକର ଜମି ଚିହ୍ନଟ କରାଯାଇଥିଲା। ଏଥିପାଇଁ ଇଡ୍‌କୋ ଦ୍ୱାରା ସୁଦୀର୍ଘ ସଡ଼କ, ପାଚେରି ନିର୍ମାଣ ଶେଷ ହୋଇଥିଲା। ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ଗୁଡ଼ିକୁ ପ୍ରାଥମିକତା ଦିଆଯାଉଥିବା ଯୋଗୁ ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ଆବେଦନ କରାଯାଇଥିଲା। ଏଥିପାଇଁ ୧୬୫ ଜଣ ବିଭିନ୍ନ ଶିଳ୍ପରେ ଜଡ଼ିତ ଉଦ୍ୟୋଗୀ ଜମି ପାଇଁ ଆବେଦନ କରିଥିଲେ। ଏକର ପିଛା ୫୬ ଲକ୍ଷ ୪୦ ହଜାର ଟଙ୍କା ସରକାରୀ ଦର ଧାର୍ଯ୍ୟ ହୋଇଥିଲା। ଏଥିରେ ଖାଦ୍ୟ ପ୍ରକ୍ରିୟାକରଣ, ପ୍ଲାଷ୍ଟିକ, ଚମଡ଼ା, ବିଦ୍ୟୁତ୍ ଉପକରଣ, ଅଟୋମୋବାଇଲ୍ସ ଓ ଅନ୍ୟ ଗ୍ରୀନ୍ ଜୋନ୍ ଭିତ୍ତିକ ୟୁନିଟ୍ ତିଆରି କରାଯାଇପାରିବ। ଏହାଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷରେ ହଜାର ହଜାର ଲୋକ ରୋଜଗାର ପାଇବେ। ଏହା ରାଉରକେଲା ସମେତ ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶର ରାସ୍ତା ଖୋଲିବ। ଏହାସହ ବିରମିତ୍ରପୁରରେ ବିକାଶ ମଧ୍ୟ ହୋଇପାରିବ। ଏ ସମ୍ପର୍କରେ ଇଡ୍‌କୋ ଆସିଷ୍ଟାଣ୍ଟ ମ୍ୟାନେଜର ଶାନ୍ତି ପ୍ରକାଶ ଏକ୍କାଙ୍କ ପଚରାଯିବାରୁ ସେ କହିଲେ, ସମ୍ପ୍ରତି ନୂତନ ପ୍ରକଳ୍ପ ପାଇଁ ରିୟୁଁ ଗ୍ରାମକୁ ପ୍ରସ୍ତୁତ କରାଯାଇଛି। ଏଠାରେ ଜମିଚିହ୍ନଟ ଓ ପାଚେରି ନିର୍ମାଣ ଶେଷ ହୋଇଛି। ମାର୍ଚ୍ଚ ଶେଷ ସପ୍ତାହରେ ଆବେଦନକାରୀଙ୍କୁ ଜିଲାପାଳ ତନଖି କରିବା ପରେ ସେମାନଙ୍କୁ ଜମିଦେବା ପାଇଁ ଆମକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲା ଉଦ୍ୟୋଗ କେନ୍ଦ୍ର (ଡିଆଇସି) ତତ୍ତ୍ୱାବଧାନରେ ପ୍ରାୟ ୩୩ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଜମି ଆବଣ୍ଟନ ପ୍ରକ୍ରିୟାରେ ସାମିଲ କରାଯାଇଛି। କଳୁଙ୍ଗା ଓ ରାଉରକେଲା ଶିଳ୍ପାଞ୍ଚଳରେ ରେଡ୍ ଜୋନ୍ ରହିଛି। ଏଥିରେ ସ୍ପଞ୍ଜ୍ କାରଖାନା ଓ ଇସ୍ପାତ ନିର୍ମାଣ ୟୁନିଟ୍ ଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା। ହେଲେ ନୂତନ ପ୍ରକଳ୍ପରେ ଗ୍ରୀନ୍ ଜୋନ୍ ଅଧୀନରେ ଥିବା ୟୁନିଟ୍ ଗୁଡ଼ିକୁ ପ୍ରାଥମିକତା ଦିଆଯିବ। ସେହିପରି ଲଡୁସେରା (କୁଆଁରମୁଣ୍ଡା)ଠାରେ ସରକାରୀ ଜମିକୁ ଶିଳ୍ପ ହବ୍ ପାଇଁ ଯୋଜନା କରାଯାଉଛି। କିଛି ଜମି ବିବାଦ ରହିଛି। ପ୍ରାୟ ୩୦ ଏକର ଜମି ସେଠାରେ ଚିହ୍ନଟ କରାଯାଇଛି। ରିୟୁଁ ପ୍ରକଳ୍ପ ପାଇଁ ପର୍ଯ୍ୟାୟକ୍ରମେ ଜମି ଆବଣ୍ଟନ କରାଯିବ ବୋଲି ଏକ୍କା କହିଥିଲେ।

# ଉତ୍କଳର ସଂସ୍କୃତି, ଖାଦ୍ୟ, ବସ୍ତ୍ର ସବୁଠାରୁ ନିଆରା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ମୁଁ ଓଡ଼ିଆ ମୁଁ ଗର୍ବିତ ସଙ୍ଗଠନ ପକ୍ଷରୁ ଓଡ଼ିଶା ଦିବସ ପାଳିତ**

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ମୁଁ ଓଡ଼ିଆ ମୁଁ ଗର୍ବିତ ସଙ୍ଗଠନ ପକ୍ଷରୁ ୯୧ତମ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ସେକ୍ଟର-୩ ସ୍ଥିତ ରାଉରକେଲା ପ୍ରେସ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେବାନିବୃତା ଶିକ୍ଷୟିତ୍ରୀ ଜୟଶ୍ରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀ ଦୀପ ପ୍ରଜ୍ୱଳନ କରିଥିଲେ। ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଉତ୍କଳର ଗୌରବମୟ ଇତିହାସ ଓ ଏହାର ଐତିହ୍ୟ, ପରମ୍ପରା, ସଂସ୍କୃତି ପର୍ଯ୍ୟଟନ, ଖାଦ୍ୟ, ବସ୍ତ୍ର ସବୁଠାରୁ ନିଆରା ବୋଲି ମତପୋଷଣ କରିଥିଲେ। ଉପସଭାପତି ନମିତା ତ୍ରିପାଠୀ, କୋଷାଧ୍ୟକ୍ଷ ଲୀନା ନାୟକ, ଯୁଗ୍ମ ସମ୍ପାଦକ ବିରଜାନନ୍ଦ ତ୍ରିପାଠୀ, ସାଙ୍ଗଠନିକ ସମ୍ପାଦକ ଗୋପାଳ ଜେନା, ସମ୍ପାଦକ ସରୋଜ ନାୟକ, ସଂଯୋଜକ ଜିତେନ ମାଛଖଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା ଦିଲୀପ କୁମାର ଦାସ, ସତ୍ୟବାନ ରାଉତ, କାର୍ଯ୍ୟକାରୀ ସଦସ୍ୟ ହେମଲତା ପ୍ରସାଦ, ରିତୁ ରେଖା ସାହୁ, କୌଶଲ୍ୟା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ମେ ୧୧ରୁ ବାହାରିବ ଭାରତ ଗୌରବ ଟୁରିଷ୍ଟ ଟ୍ରେନ

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ଭାରତୀୟ ରେଲୱେ କ୍ୟାଟରିଂ ଏଣ୍ଡ ଟୁରିଜିମ୍ କର୍ପୋରେଶନ ଲିମିଟେଡ ପକ୍ଷରୁ ଭାରତ ଗୌରବ ଟୁରିଷ୍ଟ ଟ୍ରେନ ଆସନ୍ତା ମେ ୧୧ତାରିଖରୁ ଯାତ୍ରା ଶୁଭାରମ୍ଭ କରିବ। ଏହା ୬ଟି ଜ୍ୟୋତିର୍ଲିଙ୍ଗ ଏବଂ ଶିରିଡି ଅଭିମୁଖେ ଯାତ୍ରା କରିବ। ଏହି ଭାରତ ଗୌରବ ଟୁରିଷ୍ଟ ଇ.ଜେଡ୍.ବି.ଜି. ୩୦ ଟ୍ରେନ୍ ଝାରସୁଗୁଡ଼ାରୁ ମେ ୧୧ ତାରିଖରୁ ବାହାରି ଯାତ୍ରୀମାନଙ୍କୁ ଭାରତର ପ୍ରମୁଖ ଜ୍ୟୋତିର୍ଲିଙ୍ଗ ଏବଂ ପ୍ରସିଦ୍ଧ ମନ୍ଦିର ଦର୍ଶନ କରାଇବ ବୋଲି ଗୁରୁବାର ରାଉରକେଲା ରେଳଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ଥିବା ଆଇଆର୍‌ସିଟିସି ରାଞ୍ଚି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଅରବିନ୍ଦ ଚୌଧୁରୀ ଏବଂ ମୋଇନ ବ୍ରତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଦିବସରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ଆସ୍ଥା, ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ଏବଂ ରୋଜା ନୃତ୍ୟାନୁଷ୍ଠାନର ମିଳିତ ଆନୁକୂଲ୍ୟରେ କୋଏଲ ନଗରସ୍ଥିତ ଅବସର ଭବନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ଆରଏମ୍‌ଏଚ୍‌ପି, ଆର୍‌ଏସ୍‌ପିର ଏଜିଏମ୍ କୁଳକାନ୍ତ ମହାନ୍ତ ମୁଖ୍ୟ ଅତିଥି, ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଅଭୟ କୁମାର ଦାସ ସମ୍ମାନିତ ଅତିଥି, ସମ୍ପାଦକ ପ୍ରେମାନନ୍ଦ ସାମଲ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆସ୍ଥାର ଉପସଭାପତି ରାଜ କୁମାର ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମାଜିକ ଉନ୍ନୟନ ଅଧିକାରୀ ସୁରେଶ ରାଉତରାୟ ଅନୁଷ୍ଠାନର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ସାଂସ୍କୃତିକ ସମ୍ପାଦିକା ଶିବାନୀ ରଣା ପାର୍ଶ୍ୱବର୍ତ୍ତୀ ଓଡ଼ିଆ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଓ ସାଂସ୍କୃତିକ ସନ୍ଧ୍ୟାର ଆକର୍ଷଣ ଉପରେ ମତବ୍ୟକ୍ତ କରିଥିଲେ। କୁନୁରାଣୀ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ଆଲୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଓଡ଼ିଆ ବିଦ୍ୟାଳୟର ୨୪ ଜଣ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘର କପିଳେଶ୍ୱର ମହାରଣା, ସଚ୍ଚିଦାନନ୍ଦ ମିଶ୍ର, ମଧୁମିତା ପଣ୍ଡା, ବିଭୂତି ସେଠୀ, ପ୍ରାଞ୍ଜଳି ନାଗ, ଶୁଭଲକ୍ଷ୍ମୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।





କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଗେଣ୍ଡୁଫୁଲ ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ



ଗେଣ୍ଡୁଫୁଲ ଚାଷଜମିରେ ଚାଷୀ ଶିବାନୀ।

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଖୁଣ୍ଟଗାଁ ଗ୍ରାମପଞ୍ଚାୟତର ଖୁଣ୍ଟଗାଁର ପ୍ରାୟ ଲୋକ ଉଦ୍ୟାନ ଚାଷ କରି ପରିବାର ପୋଷଣ କରନ୍ତି। ତେବେ ଏହି ଗ୍ରାମରେ ଅନେକ ଉଦ୍ୟାନ ଚାଷୀ ଅଛନ୍ତି ଯେଉଁମାନେ ଉଦ୍ୟାନ କୃଷି ପାଇଁ ସରକାରୀ ପ୍ରୋତ୍ସାହନ ପାଉ ନ ଥିବା କହିଛନ୍ତି। ଗୋଟିଏ ପଟେ ସରକାର ଗ୍ରାମୀଣ ଉଦ୍ୟାନ ଚାଷୀମାନଙ୍କ ଆର୍ଥିକ ସମୃଦ୍ଧି ପାଇଁ ବିଭିନ୍ନ ଯୋଜନା ସହିତ ପ୍ରୋତ୍ସାହନ ଦେଉଛନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ସରକାରଙ୍କ ଏହି ଉଦ୍ଦେଶ୍ୟ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ କରିଛନ୍ତି ଖୁଣ୍ଟଗାଁର ଗେଣ୍ଡୁଫୁଲ ଚାଷୀ ଶିବାନୀ ସାହୁ(୩୮) ଏବଂ ଜନକ ସାହୁ(୪୮)।

ଶିବାନୀ ସାହୁ ୫୦ହଜାର ଟଙ୍କା ଖର୍ଚ୍ଚ କରି ୧ହେକ୍ଟର ଜମିରେ ଗେଣ୍ଡୁ ଫୁଲ ଚାଷ କରିଛନ୍ତି। ସେ ଦୈନିକ ୫୦ କି.ଗ୍ରା.ରୁ ଊର୍ଦ୍ଧ୍ୱ ଗେଣ୍ଡୁଫୁଲ ଅମଳ କରୁଛନ୍ତି। ଶିବାନୀଙ୍କ ପରିବାର କହିଲେ ସ୍ୱାମୀ ଓ ୨ ସନ୍ତାନ। ଏମିତିରେ ଶିବାନୀ ଦିନସାରା ବିଲରେ କାମ କରି ଉଦ୍ୟାନର ରକ୍ଷଣାବେକ୍ଷଣ କରୁଛନ୍ତି। ମାତ୍ର ଉଦ୍ୟାନ କ୍ଷେତ୍ରକୁ ପାଣି ମଡାଇବା ତାଙ୍କ ପାଇଁ ବଡ ସମସ୍ୟା ପାଲଟିଛି। ଉଦ୍ୟାନ କ୍ଷେତ୍ରକୁ ପାଣି ମଡାଇବା ପାଇଁ ୨୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅମଳ ହେଉଥିବା ଗେଣ୍ଡୁଫୁଲର ଲାଭାଂଶ ପ୍ରାୟତଃ ବିଦ୍ୟୁତ୍ ବିଲ୍ ଓ ଡିଜେଲ, ପେଟ୍ରୋଲ ବାବଦରେ ଖର୍ଚ୍ଚ ହୋଇଯାଉଛି। ଦୀର୍ଘ ୧୦ବର୍ଷ ହେଲା ଗେଣ୍ଡୁଫୁଲ ଚାଷ କରୁଥିଲେ ମଧ କିଛି ମିଳୁନାହିଁ। ସରକାରୀ ପ୍ରୋତ୍ସାହନ ତଥା ଗଭୀର ନଳକୂପ ବ୍ୟବସ୍ଥା କରାଗଲେ ଏହି ଚାଷରୁ କିଛି ଲାଭ ହୁଅନ୍ତା ବୋଲି ଶିବାନୀ କହିଛନ୍ତି। ସେହିପରି ସ୍ଥାନୀୟ ଗାଁର ଜନକ ସାହୁ ଅନୁରୂପ ଅଭିଯୋଗ କରି କହିଛନ୍ତି, ସେ ୧ଏକର ଜମିରେ ଗେଣ୍ଡୁଫୁଲ ଚାଷ କରିଛନ୍ତି। ସରକାରୀ ପ୍ରୋତ୍ସାହନ ଦିଆ ନ ଗଲେ ଆଗକୁ ଉଦ୍ୟାନ କୃଷି କାର୍ଯ୍ୟରୁ ଆମେ ନିବୃତ୍ତ ହେବାକୁ ବାଧ ହେବୁ ବୋଲି ସାହୁ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ରାଉରକେଲା ଉଦ୍ୟାନ କୃଷି ବିଭାଗର ବରିଷ୍ଠ ଅଧିକାରୀ ତଥା ନିର୍ଦ୍ଦେଶକ ଦେବବ୍ରତ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଉଦ୍ୟାନ ଚାଷୀଦ୍ୱୟ ଆମ ନିକଟରେ କୌଣସି ପ୍ରକାରର ଆବେଦନ କରିନାହାନ୍ତି। ଉଭୟ ଚାଷୀ ଯେଭଳି ସରକାରୀ ପ୍ରୋତ୍ସାହନ ପାଇବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ପାତ୍ର କହିଥିଲେ।

## ଆର୍‌ଏସ୍‌ପିର ବାର୍ଷିକ ପ୍ରଦର୍ଶନ ସମୀକ୍ଷା, ପୁରସ୍କାର ପ୍ରଦାନ ସମାରୋହ

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଏବଂ ପୁରସ୍କାର ପ୍ରଦାନ ସମାରୋହ ବୁଧବାର ଆୟୋଜିତ ହୋଇଯାଇଛି। ଶିକ୍ଷା ଏବଂ ବିକାଶ ବିଭାଗର ଗୋପବନ୍ଧୁ ଅଡିଟୋରିୟମ୍ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର) ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ଏମ୍‌ଏମ୍) ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ୍. ପି ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ପ୍ଲାଣ୍ଟର ଅନେକ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବହୁ ସଂଖ୍ୟକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସେଲ୍‌ର ସିଏମ୍‌ଡି ଅମରେନ୍ଦୁ ପ୍ରକାଶଙ୍କ ଏକ ଅନ୍‌ଲାଇନ୍ ବାର୍ତ୍ତା ସହିତ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଲୋକ ବର୍ମା ଗତ ଆର୍ଥିକ ବର୍ଷରେ ଆର୍‌ଏସ୍‌ପିର ରେକର୍ଡ ପ୍ରଦର୍ଶନ ପାଇଁ ସମସ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ପଲାଇ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ଲାଣ୍ଟର କାର୍ଯ୍ୟଦକ୍ଷତା ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ୍. ପି. ସିଂହ ୨୦୨୫-୨୬ରେ ଓଡ଼ିଶା ଖଣି ଗୋଷ୍ଠୀର କାର୍ଯ୍ୟଦକ୍ଷତା, ସଫଳତା ଏବଂ ନୂତନ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ପରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉଲ୍ଲେଖନୀୟ ସଫଳତା ପାଇଁ ବିଭାଗ ଏବଂ ବ୍ୟକ୍ତିଗତ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଆଲୋକ ବର୍ମା ବାର୍ଷିକ ବ୍ୟବସାୟ ଯୋଜନା ପୁସ୍ତିକା ମଧ ଉନ୍ମୋଚନ କରିଥିଲେ। ସିନିୟର ମ୍ୟାନେଜର (ଆରସିଏଲ) ସୁଶ୍ରୀ ଖୁସ୍‌ବୁ ମିଶ୍ର ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ପିଆର) ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସିଜିଏମ୍ ଇନ୍‌ଚାର୍ଜ (ସେବା) ଏବଂ ଅଧ୍ୟକ୍ଷ (ଆୟୋଜକ କମିଟି) ଆତିଶ ଚନ୍ଦ୍ର ସରକାର ସ୍ୱାଗତ ଭାଷଣ ଏବଂ ଜିଏମ୍ ଇନ୍‌ଚାର୍ଜ (ଆରସିଏଲ) ଆର୍. ଏସ୍. ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀ।

## ଓଡ଼ିଶାର କଳା, ସଂସ୍କୃତି ପ୍ରଚାର ପ୍ରସାରରେ ଛାତ୍ରୀଛାତ୍ର ଆଗେଇ ଆସନ୍ତୁ

**ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଶା ଦିବସ ପାଳିତ**

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସହିତ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର ଦିଗରେ ଛାତ୍ରୀଛାତ୍ରମାନେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ମହତ୍ୱପୂର୍ଣ୍ଣ ଅବଦାନ ରହିଥିବା ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ସହିତ ଉତ୍କଳ ଦିବସ ପାଳନ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ରଜନୀ କିସାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ମାୟାଧର ବାରିକ, ଓଡ଼ିଆ ବିଭାଗର ଅଧ୍ୟାପକ ଶୁଭନାଥ ସା ଏବଂ ଡ. ମାନସ ମୁଖାର୍ଜୀ ପ୍ରମୁଖ ଦିବସ ପାଳନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଦେବେନ୍ଦ୍ର ନାଥ ବେହେରାଙ୍କ ପ୍ରଦତ୍ତ ତଥା ନିରଞ୍ଜନ ମେକାପଙ୍କ ରଚିତ ଓଡ଼ିଆ ପୁସ୍ତକ- 'ଜଗତଜନନୀ ମା' ସାରଳା' ପୁସ୍ତକକୁ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ବଣ୍ଟନ କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡ଼ିଆ କବିତା ପଠନ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା। ଏଥିରେ ବିଭିନ୍ନ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ସୁସ୍ମିତା ମୁଆଳ, ପ୍ରିୟଙ୍କା କଂସାରୀ ପ୍ରମୁଖଙ୍କ ସମେତ ବିଭାଗୀୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ମାନସ ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଦୁଃଖ ସାଜିଛି ୩ କି.ମି. ରାସ୍ତା

**ଦାବି ସତ୍ତ୍ୱେ ମିଳୁନି ଅନୁଦାନ**

ରାଉରକେଲା,୨।୪(ବିପ୍ଲବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଙ୍କୁରପାଲି ଗ୍ରାମପଞ୍ଚାୟତର କେମାଙ୍ଗ କଂସାରୀ ବସ୍ତିଠାରୁ ମୁଣ୍ଡାରୀ ବସ୍ତି ଏବଂ ଓରାମ ବସ୍ତିକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ଅବସ୍ଥା ଦୟନୀୟ ହୋଇପଡିଛି। ଏହି ରାସ୍ତାରେ ସ୍ଥାନୀୟ ଲୋକେ ଯାତାୟାତ କରିବା କଷ୍ଟକର ହୋଇପଡିଛି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ଗ୍ରାମପଞ୍ଚାୟତ ପକ୍ଷରୁ ସରକାରଙ୍କୁ ରେଜୁଲେଶନ ପଠାଯିବା ସତ୍ତ୍ୱେ ସୁଦ୍ଧା ଏଯାଏ ଅନୁଦାନ ମିଳିନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



ଶୋଚନୀୟ ହୋଇପଡିଥିବା ଗ୍ରାମ୍ୟ ରାସ୍ତା।

ରାଉରକେଲା ସହରଠାରୁ ୧୨କି.ମି. ଦୂରରେ ରହିଛି ନୂଆଗାଁ ବ୍ଲକର ଅଙ୍କୁରପାଲି ଗ୍ରାମପଞ୍ଚାୟତ। ୧୧ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ଏହି ଗ୍ରାମପଞ୍ଚାୟତର ଜନସଂଖ୍ୟା ୫ହଜାରରୁ ଊର୍ଦ୍ଧ୍ୱ ହେବ। ଦେଶ ସ୍ୱାଧୀନ ହେବାର ୭୭ ବର୍ଷ ପରେ ମଧ ଅଙ୍କୁରପାଲି ଗ୍ରାମପଞ୍ଚାୟତର କେମାଙ୍ଗ କଂସାରୀ ବସ୍ତିଠାରୁ ମୁଣ୍ଡାରୀ ବସ୍ତି ଏବଂ ଓରାମ ବସ୍ତିକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାର ଉନ୍ନତୀକରଣ ହେଉନାହିଁ। ଅନ୍ୟପଟେ ଏହି ଗ୍ରାମପଞ୍ଚାୟତର ନିଜସ୍ୱ ଆୟ ଭାବେ କେବଳ ୩ଟି ମାର୍କେଟ କମ୍ପ୍ଲେକ୍ସ ଏବଂ ଏକମାତ୍ର ସାପ୍ତାହିକ ବଜାରୁ ବାର୍ଷିକ ଆୟ ମାତ୍ର ୧ଲକ୍ଷ ଟଙ୍କାରେ ସୀମିତ ରହୁଛି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ଏହାର ଉନ୍ନତୀକରଣ ପାଇଁ ଗ୍ରାମପଞ୍ଚାୟତ ପକ୍ଷରୁ ଦାବି ହେଉଥିଲେ ମଧ ସରକାରୀ ଅନୁଦାନ ଆସୁନାହିଁ। ଫଳରେ ବର୍ଷ ବର୍ଷ ଧରି ଏହି ରାସ୍ତା ଶୋଚନୀୟ ହୋଇ ପଡିରହିଛି। ବର୍ଷାଦିନେ ରାସ୍ତାରେ ଯାତାୟାତ କରିବା ମୁସ୍କିଲ ହୋଇପଡୁଛି। ଏହି ରାସ୍ତାଦେଇ ପିଲାମାନେ ଲହଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ନିକଟସ୍ଥ ବିଭିନ୍ନ ସ୍କୁଲକୁ ପାଠ ପଢିବା ପାଇଁ ଯାଉଥିବା ବେଳେ ବର୍ଷା ସମୟରେ ସେମାନଙ୍କ ପାଠପଢା ଠପ୍ ହୋଇଯାଉଛି। ଏଣୁ ତୁରନ୍ତ ଉକ୍ତ ରାସ୍ତାର ଉନ୍ନତୀକରଣ କରିବାକୁ ଦାବି ହେଉଛି। ଏ ନେଇ ଅଙ୍କୁରପାଲି ସରପଞ୍ଚ ସୁଶୀଲ କୁମାର ଟପ୍ପୋଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ରାସ୍ତା ଉନ୍ନତୀକରଣ ପାଇଁ ବାରମ୍ବାର ଦାବି କରାଯାଇଛି। ଏଥିସହ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବାକୁ ମଧ ଗ୍ରାମପଞ୍ଚାୟତ ପକ୍ଷରୁ ରେଜୁଲଶନ ପାସ୍ କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ। ମାତ୍ର ରାସ୍ତା ନିର୍ମାଣ ନେଇ ସରକାରୀ ଅନୁଦାନ ମିଳିନାହିଁ ବୋଲି ଟପ୍ପୋ କହିଥିଲେ।

## ଲୁହାସିଂହା ଗ୍ରାମ ପଞ୍ଚାୟତକୁ ଆଇଏସଓ ପ୍ରମାଣପତ୍ର

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକର ଲୁହାସିଂହା ଗ୍ରାମ ପଞ୍ଚାୟତକୁ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଇଏସଓ ପ୍ରମାଣପତ୍ର ମିଳିଥିବା ଜଣାପଡ଼ିଛି। କ୍ୟୁଆରଏ ସଂସ୍ଥା ଦ୍ୱାରା ଲୁହାସିଂହା ଗ୍ରାମ ପଞ୍ଚାୟତକୁ ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ତିନି ବର୍ଷ ପାଇଁ ଏହି ପ୍ରମାଣପତ୍ର ମିଳିଛି। ଏଥିପାଇଁ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ କୃତଜ୍ଞତା ଜଣାଇଛନ୍ତି।

# ଏଏନ୍ଏମ୍ ସ୍ତ୍ରୀଙ୍କୁ ହତ୍ୟା ପରେ ସ୍ୱାମୀ କରିଥିଲେ ବିଷପାନ

**ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଅଭାବନୀୟ ଘଟଣା**

- ପ୍ରେସମିଟ୍‌ରେ ସୂଚନା ଦେଲେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି
- ଅର୍ଥ ନେଣଦେଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ହୋଇଥିଲା ଝଗଡ଼ା

ବଲାଙ୍ଗୀର,୨।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଏଏନ୍ଏମ୍ ଓ ତାଙ୍କ ସ୍ୱାମୀ ପୋଡି ଯାଇ ମୃତ୍ୟୁବରଣ କରିବା ଘଟଣା ନେଇ ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏସ୍‌ପି ଅଭିଲାଷ ଜି ପ୍ରେସମିଟ୍ କରି ସୂଚନା ଦେଇଛନ୍ତି। ଉପେନ୍ଦ୍ର କାଲସାଏ (୬୫) ତାଙ୍କ ସ୍ତ୍ରୀ ଏଏନ୍ଏମ୍ ଦମୟନ୍ତୀ ବାରିକ (୫୭)ଙ୍କୁ ହତ୍ୟା କରିବା ପରେ ପେଟ୍ରୋଲ ଢ଼ାଳି ପୋଡିବାକୁ ଯାଇ ନିଜେ ପୋଡି ଯାଇଥିଲେ ଏବଂ ପଶ୍ଚାତାପରେ ନିଜେ ବିଷପାନ କରି ଦେବାରୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟରୁ ଏହି ତଥ୍ୟ ଜଣାପଡିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଚାକିରି କରାଇ ଦେବା ନାଁରେ ଅର୍ଥ ନେଣଦେଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଉପେନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଏସ୍‌ପି ଜଣାଇଛନ୍ତି ।

ପ୍ରେସମିଟ୍‌ରେ ଏସ୍‌ପି ଆହୁରି କହିଥିଲେ, ସୁନ୍ଦରଗଡ ଜିଲାର ମୂଳ ବାସିନ୍ଦା ଦମୟନ୍ତୀ ଓ ଉପେନ୍ଦ୍ର ଦୀର୍ଘବର୍ଷ ହେବ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଧୀନ ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ରହି ଆସୁଥିଲେ। ଏନ୍ଏଚ୍ଆରଏମ୍ ସ୍କିମ୍‌ରେ ଚାକିରି କରାଇ ଦେବା ନାଁରେ ଉପେନ୍ଦ୍ର ସେହି ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ନେଇଯାଇ ଖର୍ଚ୍ଚ କରି ଦେଇଥିଲେ। ଏହି କଥାକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ହେଉଥିଲା। ଗତ ତିନିଦିନ ପୂର୍ବରୁ ମଧ୍ୟ ଝଗଡା ହୋଇଥିଲା। ବୁଧବାର ରାତିରେ ଦୁହିଁଙ୍କ ମଧ୍ୟରେ ଝଗଡା ହେବାରୁ ଉପେନ୍ଦ୍ର ଉତ୍ତ୍ୟକ୍ତ ହୋଇ ଦମୟନ୍ତୀଙ୍କୁ ମାଡ ମାରିଥିଲେ। ଏକ ଷ୍ଟିଲ୍ ବୋତଲରେ ତାଙ୍କ ମୁଣ୍ଡରେ ଆଘାତ ଦେବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଫଳରେ ଦମୟନ୍ତୀଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଏକ ପ୍ଲାଷ୍ଟିକ୍ ବୋତଲରେ ରଖିଥିବା ପେଟ୍ରୋଲ ଢ଼ାଳି ଉପେନ୍ଦ୍ର ମୃତଦେହକୁ ପୋଡିବାକୁ ଉଦ୍ୟମ କରିଥିଲେ। ତେବେ ସେ ମଧ୍ୟ ପୋଡିଯାଇଥିଲେ । ଏହାପରେ ପଶ୍ଚାତାପ କରି ବିଷପାନ କରି ଦେବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବୁଧବାର ସକାଳ ପ୍ରାୟ ସାଢ଼େ ୫ଟାରେ ଉପେନ୍ଦ୍ର ଜଣେ ଆଶଦିଦିଙ୍କୁ ଫୋନ୍ କରି ସବୁ କଥା ଜଣାଇଥିଲେ। ଏହାପରେ ସମ୍ପୃକ୍ତ ଆଶାଦିଦି ଓ ତାଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ ବୋଲି ଏସ୍‌ପି ଅଭିଲାଷ ସୂଚନା ଦେଇଥିଲେ। ଆଜିର ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ମୃତ ଉପେନ୍ଦ୍ର ଓ ଦମୟନ୍ତୀଙ୍କ ପୁଅ ମଳୟ ରଞ୍ଜନ କାଲସାଲ ତାଙ୍କ ମାତାପିତାଙ୍କୁ ବାହାରୁ କେହି ଆସି ହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରୁଥିବା ଗଣମାଧ୍ୟମକୁ କହିଛନ୍ତି। ଦମ୍ପତିଙ୍କ ମୃତଦେହ ସୁନ୍ଦରଗଡରୁ ଆସିଥିବା ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ପତ୍ରପାଲି ଗାଁରେ ଡାକ୍ତରୀ ଟିମ୍

**୨୫ ଜଣଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା**

ଲୋଇସିଂହା,୨।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ପଞ୍ଚାୟତ ପତ୍ରପାଲି ଗ୍ରାମରେ କିଡ୍‌ନୀ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି । ଫ୍ଲୋରାଇଡ୍ ପାଣି ପିଇ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । 'କିଡ୍‌ନୀ ରୋଗରେ ଗ୍ରାମର ୨୦ ଜଣଙ୍କ ଜୀବନ ଗଲାଣି, ୧୨ ଆକ୍ରାନ୍ତ ଶୀର୍ଷକ ଖବର ଗୁରୁବାର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପୁଷ୍ପାଞ୍ଜଳି ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଟିମ୍ ପତ୍ରପାଲି ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହାଛଡା ପ୍ରାୟ ୨୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ନମୁନା ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ ୬ ଜଣ କିଡ୍‌ନୀ ରୋଗୀ ରହିଛନ୍ତି। ଗୁରୁତର ଥିବା କିଡ୍‌ନୀ ରୋଗୀ ରାଜକୁମାର ବାଗଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ଶେଖରଲାଲ ପଧାନଙ୍କ ତତ୍ତ୍ୱାବଧାନରେ ଡା. ଯଶୋବନ୍ତ ପାତ୍ରୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁଶୀଲ କୁମାର ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ସୌଭାଗିନୀ ଧରୁଆ, ହରିପ୍ରିୟା ତାଣ୍ଡି, ଏଲଟି ଜନଟି ଗାଇଡିଅନ, ସ୍ଥାନୀୟ ଆଶାକର୍ମୀ ପ୍ରମୁଖ ସ୍କୁଲ ପରିସର ଅଙ୍ଗନୱାଡି କେନ୍ଦ୍ରରେ କ୍ୟାମ୍ପ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥିଲେ । ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ପଧାନ କହିଛନ୍ତି, ଡାକ୍ତରୀ ଟିମ୍ ତରଫରୁ ଗାଁରେ ପ୍ରାଥମିକ ଅନୁଧ୍ୟାନ କରାଯାଇ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ନମୁନା ସଂଗ୍ରହ କରାଯାଇଛି। ସଂଗ୍ରହ ରକ୍ତ ନମୁନାକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପରୀକ୍ଷଣ ପାଇଁ ପଠାଯାଇଛି। ରକ୍ତ ପରୀକ୍ଷା ରିପୋର୍ଟ ଆସିଲା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ପୂର୍ବରୁ ଥିବା କିଡ୍‌ନୀ ରୋଗୀଙ୍କୁ ଡାଇଲେସିସ୍ ପାଇଁ ବଲାଙ୍ଗୀର ମେଡିକାଲକୁ ଯିବାକୁ ପରାମର୍ଶ ଦିଆଯାଇଛି। ଲୋଇସିଂହାରେ ଡାଇଲିସିସି ସେଣ୍ଟର କାର୍ଯ୍ୟକ୍ଷମ ହେଲେ ଏଠାକାର ରୋଗୀ ଉପକୃତ ହେବେ ବୋଲି ଡା ପଧାନ କହିଛନ୍ତି। କିନ୍ତୁ ପିଇବା ପାଣି ସମସ୍ୟା ପ୍ରତି ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ସେତେଟା ତତ୍ପର ନ ଥିବା ପରି ମନେ ହେଉଛି । ପ୍ରକାଶଥାଉ କି, ପତ୍ରାପାଲି ଗାଁରେ କିଡ୍‌ନୀ ଆତଙ୍କ ଓ ପିଇବା ପାଣି ସସସ୍ୟା ନେଇ ଗତ ସୋମବାର ଗ୍ରାମର ମହିଳାମାନେ ବ୍ଲକରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜଣାଇଥିଲେ।


ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୨।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉଦ୍ଧବ ପଟେଲ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ରାଜକୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବଲାଙ୍ଗୀର ବିଇଓ ରାଘବ ପାଣିଗ୍ରାହୀ,ସମ୍ମାନିତ ଅତିଥି ଭାବେ ଲୋଇସିଂହା ବିଇଓ ଶ୍ୟାମ ମେହେର,ବଲାଙ୍ଗୀର ବିଇଓ ନୀଳମଣି ପଟେଲ,ସଇଁତଳା ବିଇଓ ଦିଲୀପ ଯୋଶୀ, ଲୋଇସିଂହା ସରପଞ୍ଚ ନବକିଶୋର ନାଏକ ଯୋଗ ଦେଇଥିଲେ। ଅତିଥିମାନେ ପଟେଲଙ୍କ ଶିକ୍ଷକତା ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଶିକ୍ଷକ ବୋଲି ଅତିଥି କହିଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ ତାଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଅବସର ଜୀବନ ସୁଖମୟ ହେବା ପାଇଁ ପ୍ରାର୍ଥନା କରାଯାଇଥିଲା। ଶିକ୍ଷୟିତ୍ରୀ ଚେତାବନୀ ସାହୁ ମାନପତ୍ର ପାଠ କରିଥିଲେ। ଶିକ୍ଷକ ଭକ୍ତବନ୍ଧୁ ନାଏକ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ବିଦ୍ୟାଳୟର ଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ଓ ବିଭିନ୍ନ କମିଟି ସଦସ୍ୟ ଉପସ୍ଥିତ ଥିଲେ।


ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।



ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏଆଇଟିୟୁସି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ

ବଲାଙ୍ଗୀର,୨।୪(ବୀରେନ୍ଦ୍ର କୁମାର ଝାଙ୍କର)

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନର ଆହ୍ୱାନକ୍ରମେ ଶ୍ରମିକ ବିରୋଧୀ ଶ୍ରମକୋଡ୍ ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ ଅବସରରେ ଏଆଇଟିୟୁସି ପକ୍ଷରୁ ଜିଲା ସଭାପତି ତୀର୍ଥ ପଧାନଙ୍କ ନେତୃତ୍ୱରେ ଗୁରୁବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ସମ୍ମୁଖରୁ ମହିଳା ଓ ପୁରୁଷ ଶ୍ରମିକମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଥିଲା। ଶ୍ରମିକ ନେତାମାନେ ସଭାରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ କଡା ସମାଲୋଚନା କରିଥିଲେ। ତୁରନ୍ତ ଶ୍ରମିକ ବିରୋଧୀ ୪ଟି କଳା ଶ୍ରମ କୋଡ୍ ପ୍ରତ୍ୟାହାର କରି ୪୪ଟି ଶ୍ରମ ଆଇନ ପ୍ରଣୟନ କରିବାକୁ ମତବ୍ୟକ୍ତ କରିଥିଲେ । ମୋଦି ସରକାର କେବଳ ପୁଞ୍ଜିପତିମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଦେଶର ଅଗଣିତ ଶ୍ରମଜୀବୀ ମାନଙ୍କ ହକ୍ ଓ ଅଧିକାର ଛଡେଇ ନେଇ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉଛନ୍ତି ବୋଲି ଶ୍ରମିକ ନେତାମାନେ ମତବ୍ୟକ୍ତ କରିଥିଲେ । ଏହାପରେ ଶ୍ରମିକ ବିରୋଧୀ ୪ଟି କଳା ଶ୍ରମ କୋଡ୍ ପ୍ରତ୍ୟାହାର ଏବଂ ୪୪ଟି ଶ୍ରମ ଆଇନ ପୁନଃ ଲାଗୁ କରିବା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ବେହେରା, ପୁରୁଷୋତ୍ତମ କର୍ମୀ, ମାଧବୀ କଲତା, ପାଣ୍ଡବ ଭୋଇ, ଓମି ଗୁପ୍ତା, କମଳ ଲୋଚନ ଭୋଇ, ନମିତା ପଟେଲ, ପଙ୍କଜିନୀ ବାଗ, ରସିକ ରଣା, କ୍ଷେତ୍ରମୋହନ ସାହୁ, ବାସନ୍ତୀ ରଣା ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ ।

# ସ୍ୱ-ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ

ବଲାଙ୍ଗୀର,୨।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଜନଗଣନାର ସ୍ୱ-ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲାପାଳ (ସାଧାରଣ) ଡା. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲା ଜନଗଣନା ବରିଷ୍ଠ ନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ପଣ୍ଡା, ଡେପୁଟି ଜିଲା ଜନଗଣନା ଅଧିକାରୀ ନିବେଦିତା ସ୍ୱାଇଁଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଜନଗଣନାର ଗୁରୁତ୍ୱ ଉପରେ ଆଲୋକପାତ କରି ଜନସାଧାରଣଙ୍କୁ ସ୍ୱ-ଗଣନା କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଜନଗଣନା ଦେଶର ବିକାଶ ଏବଂ ଯୋଜନା ପ୍ରଣୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ସ୍ୱ-ଗଣନା ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜେ ନିଜର ତଥ୍ୟ ଦାଖଲ କରିପାରିବେ। ଏଥିପାଇଁ ସଠିକ ତଥ୍ୟ ଯୋଗାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସ୍ୱ-ଗଣନା କାର୍ଯ୍ୟକ୍ରମ ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।



ଜିଲାପାଳ କାର୍ଯ୍ୟାଳୟରେ ଜିଲାପାଳ ଓ ଏଡିଏମ୍ ସ୍ୱଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ଭୂମି ପୂଜନ ଉତ୍ସବରେ ବସିଲେ ୫୨ ଯୋଡ଼ା ଦମ୍ପତି

ଲାଠୋର,୨।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଆସନ୍ତା ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଗାୟତ୍ରୀ ପରିବାର ସହ କୋର୍ଡ଼ିନେଟର ବିଚିତ୍ରାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ତଥା ଲାଠୋର ଗାୟତ୍ରୀ ମହାଯଜ୍ଞ କମିଟି ସଭାପତି ନବୀନ ଅଗ୍ରୱାଲଙ୍କ ନେତୃତ୍ୱରେ ଭୂମି ପୂଜନ ଉତ୍ସବ ହୋଇଥିଲା । ଏଥିରେ ବଲାଙ୍ଗୀର, ପାଟଣାଗଡ଼, ବଙ୍ଗୋମୁଣ୍ଡା, ଟିଟିଲାଗଡ଼, ସିନାପାଲି ସମେତ ବିଭିନ୍ନ ସ୍ଥାନରୁ ଗାୟତ୍ରୀ ପରିବାର ସଦସ୍ୟ ଯୋଗ ଦେଇଥିଲେ। ସିନାପାଲି ଗାୟତ୍ରୀ ପରିବାର ସଦସ୍ୟ ଭୂମି ପୂଜନ କରିଥିବା ବେଳେ ଲାଠୋର ଗ୍ରାମର ୫୨ ଯୋଡ଼ା ଦେବ ଦମ୍ପତି ପୂଜନ ଉତ୍ସବରେ ବସିଥିଲେ। ଏହି ଅବସରରେ ଗାୟତ୍ରୀ ମହାଯଜ୍ଞ କମିଟି ସମ୍ପାଦକ ସଚ୍ଚିକାନ୍ତ ଦାସ, ସକ୍ରିୟ ସଦସ୍ୟ ଦୁର୍ଗାଚରଣ ବେହେରା, ମୁରଲି ମେହେର, ଅନିରୁଦ୍ଧ ମେହେର, ସୀତାରାମ ମେହେର, ରୋହିତ ମେହେର, ଅମର ବେହେରା, ରବିନ୍ଦ୍ର ପାଣିଗ୍ରାହୀଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

ଭୂମି ପୂଜନ ଉତ୍ସବରେ ବସିଥିବା ଦମ୍ପତି।


# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଦେଓଗାଁ,୨।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ କନ୍ଧପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାଞ୍ଜଳୀ ସାହୁ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି । ସିଆରସିସି ମଣ୍ଟୁ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଚୈତନ୍ୟ ଧରୁଆ, ସିଆରସିସି ସୁଶାନ୍ତ କୁମାର ମହାନ୍ତି, ସହକାରୀ ଶିକ୍ଷକ ହେମାଙ୍ଗିନୀ ସାହୁ, ପରିଚାଳନା କମିଟି ସଭାପତି ଜୟନ୍ତୀ ସାହୁ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ । କମିଟି ସଭ୍ୟ କୁନ୍ତ ରଣା, ଅନିତା ସାହୁ, ତୁଳସା ମାଝି, କୁମୁଦିନୀ କୁଅଁର ଉପସ୍ଥିତ ଥିଲେ । ସେହିପରି ଦେଓଗାଁ ପଞ୍ଚାୟତ ସମିତି ଆବାସିକ ବାଳିକା ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୁରୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ହିନ୍ଦୀ ଶିକ୍ଷକ ପ୍ରଶାନ୍ତ କୁମାର ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ସାହୁ, ରାଜେନ୍ଦ୍ର ମହାନନ୍ଦ, ରୁଦ୍ରନାରାୟଣ ଥନାପତି ପ୍ରମୁଖ ଯୋଗଦେଇଥିଲେ ।

# ଜଳଯୋଗାଣ ସ୍ୱାଭାବିକ କରିବାକୁ ଦାବି

ଲାଠୋର,୨।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଦିନକୁ ଦିନ ଖରା ତାତି ବଢ଼ି ଚାଲିଥିବା ବେଳେ ପାଣିର ଆବଶ୍ୟକତା ଅଧିକ ରହୁଛି। ଏଭଳି ପରିସ୍ଥିତିରେ ଗତ ୧୫ ଦିନ ହେବ କୌଣସି କାରଣରୁ ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣ ହେଉନାହିଁ। ପମ୍ପ ଡ୍ରାଇଭରଙ୍କୁ ପଚାରିଲେ ଖରାପ ଅଛି ବୋଲି କହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ହାତଗଣତି କେତୋଟି ନଳକୂପ ଗ୍ରାମବାସୀଙ୍କ ଭରସା ପାଲଟିଛି। ଗ୍ରାମର ଗୋଷ୍ଠୀ ଗୃହ ନିକଟରେ ଥିବା ନଳକୂପ ଉପରେ ପ୍ରାୟ ୫୦ ପରିବାର ନିର୍ଭର କରି ଚଳୁଥିଲେ। ସେହି ନଳକୂପ ମଧ୍ୟ ଖରାପ ହୋଇଯାଇଛି। ନଳକୂପର ହେଣ୍ଡଲ କାମ କରୁ ନ ଥିବା ବେଳେ ଲୁହା ରଡ଼ ସାହାଯ୍ୟରେ ଲୋକ ପାଣି କାଢୁଛନ୍ତି। ନଳକୂପ ମରାମତି ପାଇଁ ଗ୍ରାମବାସୀ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସରପଞ୍ଚ ଗୋପାଳ ମେହେରଙ୍କୁ ପଚାରିବାରେ ବାରମ୍ବାର ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ମଚାରୀ ଏବଂ ଅଧିକାରୀଙ୍କୁ ଅନୁରୋଧ କରିବା ପରେ ମଧ୍ୟ ସେମାନେ ନଳକୂପ ମରାମତି ପାଇଁ ଆସୁ ନାହାନ୍ତି ବୋଲି କହିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଳ ଯୋଗାଣ ସ୍ୱାଭାବିକ କରିବା ସହ ନଳକୂପ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।


ଖରାପ ନଳକୂପରୁ ଲୁହା ରଡ଼ ସାହାଯ୍ୟରେ ପାଣି କଢା ଯାଉଛି।

# ବଲାଙ୍ଗୀର ଜିଲାରେ ଧାନ କିଣା ଅବ୍ୟବସ୍ଥା

**ଚାଷୀଙ୍କ ୮ ହଜାର କୁଇଣ୍ଟାଲ ଧାନ କ୍ରୟ ହୋଇନାହିଁ**

ବଲାଙ୍ଗୀର,୨।୪(ବୀରେନ୍ଦ୍ର କୁମାର ଝାଙ୍କର)

ମାର୍ଚ୍ଚ ମାସ ସରିବା ପରେ ମଧ୍ୟ ବଲାଙ୍ଗୀର ଜିଲାରେ ଧାନକିଣା ଅବ୍ୟବସ୍ଥା ଜାରି ରହିଛି। ଚାଷୀଙ୍କ ଧାନ କିଣାଯାଉନାହିଁ। ମଣ୍ଡିରେ ଧାନ ପଡି ରହିଛି। ଚାଷୀଙ୍କୁ ତୃତୀୟ ଏବଂ ଚତୁର୍ଥ ଟୋକନ ଦିଆଯାଉନାହିଁ। ବଲାଙ୍ଗୀର ମିଳିତ କୃଷକ ମଞ୍ଚ ପକ୍ଷରୁ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏହି ସମସ୍ୟାକୁ ନେଇ ଖବରଦାତା ସମ୍ମିଳନୀ କରାଯାଇଥିଲା। ମିଳିତ କୃଷକ ମଞ୍ଚ ଆବାହକ ଆକାଶ ମିଶ୍ର କହିଥିଲେ, ସରକାରଙ୍କ ଭୁଲ ଧାନକିଣା ନୀତି ଏବଂ ଅବ୍ୟବସ୍ଥା କାରଣରୁ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାର୍ଚ୍ଚ ମାସ ଶେଷ ହୋଇଯାଇଥିଲେ ମଧ୍ୟ ସରକାର ଚାଷୀଙ୍କ ଧାନ କିଣି ପାରିନାହାନ୍ତି। ବଡ ଚାଷୀଙ୍କୁ ତୃତୀୟ ଏବଂ ଚତୁର୍ଥ ଟୋକନ ଇସ୍ୟୁ କରାଯାଇନାହିଁ। ଅନେକ ଚାଷୀଙ୍କ ଧାନ ଆଜି ବି ମଣ୍ଡିରେ ପଡିରହିଛି। ଏହାକୁ କ୍ରୟ କରାଯାଉନାହିଁ। ଜିଲାରେ ଏବେ ବି ୮ ହଜାର କୁଇଣ୍ଟାଲ ଧାନ ବିକ୍ରି ହେବାକୁ ରହିଛି। ଏଥିଯୋଗୁ ବିଶେଷକରି ବଡଚାଷୀମାନଙ୍କ ସମସ୍ୟା ବଢ଼ିଛି। କେହି ଏ ଦିଗରେ ପ୍ରତିବାଦ କଲେ ମିଥ୍ୟା ମାମଲା ଭୟ ଦେଖାଯାଉଛି। ସରକାର ଏସବୁ ପ୍ରହସନ ଛାଡି ତୁରନ୍ତ ଚାଷୀଙ୍କ ଧାନ କିଣନ୍ତୁ ବୋଲି କହିଥିଲେ। ଏହାସହିତ ଚାଷୀ ପ୍ରତିନିଧିମାନେ ସରକାରଙ୍କ ମନମୁଖୀ କାର୍ଯ୍ୟକୁ କଡା ସମାଲୋଚନା କରିଥିଲେ। ଚାଷୀମାନଙ୍କୁ ଯେଭଳି ଭାବେ ସରକାର ପୋଲିସ ଲଗାଇ ଦମନ କରୁଛନ୍ତି ଏହା ଆଦୌ ଠିକ୍ ହେଉନାହିଁ ବୋଲି କହି ଏଭଳି ଗିରଫଦାରୀର ନିନ୍ଦା କରିଥିଲେ। ସୋନପୁରର ଚାଷୀନେତା ପ୍ରଦ୍ୟୁମ୍ନ ପାଢ଼ୀ, କଳାହାଣ୍ଡିର ସଂଗ୍ରାମୀ ନେତା ଲିଙ୍ଗରାଜ ଆଜାଦ୍, ଭୁବନେଶ୍ୱରର ଚାଷୀନେତା ଶେଷଦେବ ନନ୍ଦ ଓ ଅକ୍ଷୟ କୁମାରଙ୍କ ଗିରଫଦାରୀକୁ ମିଳିତ କୃଷକ ମଞ୍ଚ ପକ୍ଷରୁ କଡା ସମାଲୋଚନା କରାଯିବା ସହ ତୁରନ୍ତ ସେମାନଙ୍କ ମାମଲା ପ୍ରତ୍ୟାହାର କରାଯାଉ ବୋଲି ଆବାହକ ମିଶ୍ର ଦାବି କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନ, ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା, ଜିଲା କୃଷକ ସଙ୍ଗଠନର ଅରୁଣ ମିଶ୍ର, କୋଶଲୀ କିଶାନ ମଞ୍ଚର କୌସ୍ତୁଭ ସାହୁ, ନବନିର୍ମାଣ କୃଷକ ସଙ୍ଗଠନର ହିମାଂଶୁ ସାହୁ, ବ୍ରହ୍ମା ବାବୁ ମଞ୍ଚାସୀନ ହୋଇ ସରକାରଙ୍କ କଡା ସମାଲୋଚନା କରିଥିଲେ।


ବଲାଙ୍ଗୀର ମିଳିତ କୃଷକ ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀ ପ୍ରତିନିଧି।

# ୧୫୨କେଜି ଗଞ୍ଜେଇ ଜବତ, ୫ ଗିରଫ



ପୋଲିସ୍ ଟିମ୍ ବୁଢାରଜା ଛକରୁ ଜବତ କରିଥିବା ଗଞ୍ଜେଇ ସହ ଅଭିଯୁକ୍ତମାନେ।



ବାଘଲପୁରଠାରେ ଜମତ ପିକ୍‌ଅପ ଭ୍ୟାନର ସିକ୍ରେଟ୍ ଚ୍ୟାମ୍ବରରେ ଚାଲାଣ ହେଉଥିବା ଗଞ୍ଜେଇ ପ୍ୟାକେଟ।

**ସୋନପୁର/ବୀରମହାରାଜପୁର,୨।୪ (ମୃତ୍ୟୁଞ୍ଜୟ ଶତପଥୀ/ଯୁଗୋଲ କିଶୋର ମିଶ୍ର)**

■ବୁଢ଼ାରଜା ଛକ, ବାଘଲପୁରରେ ପୋଲିସ ଟିମ୍ ଚଢ଼ାଉ

■ନାଗପୁର, ସମ୍ବଲପୁରକୁ ଅଭିନବ ଉପାୟରେ ଚାଲାଣ ହେଉଥିଲା

ପୋଲିସ ନଜରରୁ ବର୍ତ୍ତିବା ପାଇଁ ଗଞ୍ଜେଇ ଚୋରାଚାଲାଣକାରୀମାନେ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ଗୁରୁବାର ସକାଳେ ସୋନପୁର ଓ ବୀରମହାରାଜପୁର ଥାନା ପୋଲିସ ବୁଢାରଜା ଛକ ଓ ବାଘଲପୁରଠାରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ମୋଟ ୧୫୨ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ନାଗପୁରର ୨ଜଣ ମହିଳା ଅଛନ୍ତି। ବୌଦ୍ଧ ଜିଲା ପଟୁ ସୁବର୍ଣ୍ଣପୁର ଜିଲା ରାସ୍ତାଦେଇ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଏସ୍‌ପି ନାରାୟଣ ନାୟକଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସୋନପୁର ଆଇଆଇସି ଯାଦବ ବାଗ ଓ ବୀରମହାରାଜପୁର ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କୁ ପାଟ୍ରୋଲିଂ କଡାକଡି କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ସକାଳେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା କାର(ନଂ.ଏମଏଚ୦୨ସିଡବ୍ଲ୍ୟୁ-୪୯୪୭)କୁ ଚିହ୍ନଟ କରି ସୋନପୁର ପୋଲିସ ଟିମ୍ ପିଛା କରିଥିଲା। ଏସ୍‌ପି ଚଢାଉ ସମୟରେ ଉପସ୍ଥିତ ଥିଲେ। ବୁଢାରଜା ଛକରେ କାରକୁ ଅଟକ ରଖି ତନଖି କରାଯାଇଥିଲା। କାର ଭିତରେ ଡ୍ରାଇଭର, ୨ଜଣ ମହିଳା ଓ ଶିଶୁ ବସିଥିବା ବେଳେ ପଛ ପଟ ଡିକିରେ ୨ରୁ ୩ଟି ଟ୍ରଲି ବ୍ୟାଗ୍ ଥିଲା। ଟ୍ରଲି ବ୍ୟାଗ୍ ଯାଞ୍ଚ ପରେ ସେଥିରୁ ୩୧ ପ୍ୟାକେଟ୍ ଗଞ୍ଜେଇ ଥିବା ଜଣାପଡିଥିଲା। ମାଜିଷ୍ଟ୍ରେଟ୍ ତଥା ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆଙ୍କ ଉପସ୍ଥିତିରେ ବ୍ୟାଗଗୁଡିକ ଖୋଲାଯାଇ ଓଜନ କରିବାରେ ମୋଟ ୩୧କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ଏହି ଘଟଣାରେ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଉଜ୍ଜମା ସାବିନ(୨୮), ଗୁଲନାଜ ୟୁସୁଫ୍(୨୭) ଓ ଡ୍ରାଇଭର ଅଶ୍ୱିନୀ ଦେବୀଦାସ କିର୍ଲାପୁରେ(୨୬)ଙ୍କୁ ଗିରଫ କରାଯାଇଛି। ଏସଆଇ ସୀତା ସେଠୀ ମାମଲାର ତଦନ୍ତ କରୁଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଗଞ୍ଜେଇ ବୌଦ୍ଧ ଜିଲାରୁ ନାଗପୁରକୁ ଚାଲାଣ ହେଉଥିବା ଜଣାପଡିଛି।

ସେହିପରି ବୀରମହାରାଜପୁର ପୋଲିସ ସୋନପୁର-ସମ୍ବଲପୁର ରାସ୍ତାର ବାଘଲପୁରଠାରେ ଏକ ପିକ୍‌ଅପ୍ ଭ୍ୟାନ୍ ଉପରେ ଚଢାଉ କରିଥିଲା। ପିକ୍‌ଅପ ସିକ୍ରେଟ୍ ଚ୍ୟାମ୍ବରରେ ସମ୍ବଲପୁର ଚାଲାଣ ହେଉଥିବା ୧୨୧କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବାରପୁଡ ଗ୍ରାମର ହୀରାଲାଲ ନାଏକ(୨୭) ଓ ବୌଦ୍ଧର ଶରତ ଉର୍ମା(୨୧)ଙ୍କୁ ଗିରଫ କରାଯାଇଛି। ବୀରମହାରାଜପୁର ପୋଲିସ ଏନଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା(ନଂ. ୮୦/୨୬) ରୁଜୁକରିଛି। ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ଧର୍ମଶାଳା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ସିଂ ବାବୁ, ଏଏସଆଇ ବସନ୍ତ କୁମାର ସାହୁ, ସନ୍ତୋଷ କୁମାର ସିନ୍ଦୁରିଆ, ଗଜାନନ ବେହେରା ଚଢାଉରେ ସାମିଲ ହୋଇଥିଲେ। ଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ ମାମଲାର ତଦନ୍ତ କରୁଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଅଭିଯୁକ୍ତମାନେ ଗଞ୍ଜେଇ ବୌଦ୍ଧରୁ ସମ୍ବଲପୁର ଚାଲାଣ କରୁଥିବା ପୋଲିସ ସୂଚନା ଦେଇଛି।

# ୧୧କେଭି ବିଦ୍ୟୁତ୍ ତାର ଲାଗି ମହିଳା ମୃତ

**ଡୁଙ୍ଗୁରିପାଲି, ୨।୪ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗମ୍ଭାରୀପାଲି ଗ୍ରାମର ହାଡୁ ସୁନାଙ୍କ ସ୍ତ୍ରୀ ଅଞ୍ଜାନୀ ସୁନା(୬୫) ଗୁରୁବାର ପୂର୍ବାହ୍ନ ୧୦ଟା୩୦ରେ ଗାଁ ନିକଟ ଜମିକୁ ଯାଇଥିବା ବେଳେ ତଳେ ପଡିଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତାଙ୍କ ପୁଅ ଜବଦୁ ସୁନା ଏ ନେଇ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଛନ୍ତି। ଡୁଙ୍ଗୁରିପାଲି ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଅପମୃତ୍ୟୁ ମାମଲା(ନଂ.୫/୨୬)ରୁଜୁ ହୋଇଥିବା ଥାନା ଅଧିକାରୀ ରୋଜାଲିନ ପଟେଲ କହିଛନ୍ତି। ଅନ୍ୟପକ୍ଷେ ଡୁଙ୍ଗୁରିପାଲି ଲକ୍ଷେଘର ଗଣ୍ଡା ସମାଜ ସଭାପତି ନୀତେଇ ପାଲଙ୍କ ନେତୃତ୍ୱରେ ମୃତାଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସଞ୍ଜୀବ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୃତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଟାଟା ପାୱାରରେ ଚାକିରି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ବିଡ଼ିଓ ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାରୁ ଉକ୍ତ ଦାବିପତ୍ର ସେ ଜିଲାପାଳଙ୍କୁ ପଠାଇଥିବା କହିଛନ୍ତି।

# ପେଞ୍ଚାକ ସିଲାଟରେ ଆବୃତ୍ତି ସେଠୀଙ୍କୁ ବ୍ରୋଞ୍ଜ

**ବୀରମହାରାଜପୁର,୨।୪ (ଯୁଗଳ କିଶୋର ମିଶ୍ର)**



ଆବୃତ୍ତି ସେଠୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପେଞ୍ଚାକ ସିଲାଟ ଟିମ୍‌ର ସଦସ୍ୟ ଆବୃତ୍ତି ସେଠୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୁଜୁରାଟଠାରେ ଅସ୍ମିତା ପେଞ୍ଚାକ ସିଲାଟ ସବ୍‌ଜୁନିୟର ଏବଂ ଜୁନିୟର ଲିଗ ୨୦୨୫-୨୬ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ପେଞ୍ଚାକ ସିଲାଟ ଟିମ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ବୀରାମହରାଜପୁର ପେଞ୍ଚାକ ସିଲାଟ ଟିମ୍‌ର ଆବୃତ୍ତି ସେଠୀ ଅଂଶଗ୍ରହଣ କରିଥିଲେ । ଓଡ଼ିଶାକୁ ୪ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ମିଳିଥିଲା। ଆବୃତ୍ତି ସେଠୀ ବ୍ରୋଞ୍ଜ ପଦକ ହାସଲ କରି ସୁବର୍ଣ୍ଣପୁର ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ସଭାପତି ନୀଳାମ୍ବର ହୋତା, ସମ୍ପାଦକ କୃତ୍ତିବାସ ଶତପଥୀ, ରାଜ୍ୟ ସମ୍ପାଦକ ଗୁରୁ ପ୍ରେମ ସିଂ ଥପା ଏବଂ ଜିଲା ପେଞ୍ଚାକ ସିଲାଟ ଆସୋସିଏସନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଔଷଧ ଦୋକାନ ସିଲ୍ କଲା ସ୍ୱାସ୍ଥ୍ୟ ବିଭାଗ

**ବୀରମହାରାଜପୁର,୨।୪ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ରୋର୍ଡରେ ଥିବା ମୁକ୍ତିତୀର୍ଥ ଔଷଧ ଦୋକାନକୁ ସିଲ୍ କରିଛି ଜିଲା ସ୍ୱାସ୍ଥ୍ୟ ବିଭାଗ। ଗୁରୁବାର ସନ୍ଧ୍ୟାରେ ଜିଲାପାଳ ନୃପରାଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାସଙ୍କ ନେତୃତ୍ୱରେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁବାସ ଚନ୍ଦ୍ର ପଣ୍ଡା, ଡିପିଏମ୍ ରୁପକ କୁମାର ମହାପାତ୍ର, ବିପିଏମ ମହେନ୍ଦ୍ର ମିଶ୍ର ପୋଲିସ ଉପସ୍ଥିତିରେ ଉକ୍ତ ଔଷଧ ଦୋକାନକୁ ସିଲ୍ କରିଛି। ଗତ ୧୫।୩।୨୬ରେ ସ୍ୱାସ୍ଥ୍ୟ ବିଭାଗ, ଡ୍ରଗ ଇନ୍ସପେକ୍ଟର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମ୍ପୃକ୍ତ ଔଷଧ ଦୋକାନ ଉପରେ ଚଢ଼ାଉ କରିଥିଲା। କିଛି ଔଷଧ ନମୂନା ନେଇ ସ୍ୱାସ୍ଥ୍ୟ ବିଭାଗ ଫେରିଥିଲା। ଗୁରୁବାର ଔଷଧ ଦୋକାନ ସିଲ୍ କରିଥିବାରୁ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି।




ଔଷଧ ଦୋକାନକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଲ୍ କରାଯାଉଛି।



କୋସଳ ସଂଗ୍ରାମୀଙ୍କୁ ଉଲୁଣ୍ଡାରେ ସମ୍ବର୍ଦ୍ଧନା ଦିଆଯାଉଛି।

# କୋସଳ ସଂଗ୍ରାମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୋନପୁର,୨।୪ (ମୃତ୍ୟୁଞ୍ଜୟ ଶତପଥୀ)**

କୋସଳ ଜନଜାଗରଣ ଯାତ୍ରାରେ ବାହାରି ଥିବା କୋସଳ ସଂଗ୍ରାମୀମାନଙ୍କୁ ଗୁରୁବାର ଉଲୁଣ୍ଡା ବ୍ଲକ ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସୂଚନା ଅନୁସାରେ ସ୍ୱତନ୍ତ୍ର କୋଶଲ ରାଜ୍ୟ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କୋସଳ ସଂଗ୍ରାମୀ ମାନେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରୁ ଜନଜାଗରଣ ଯାତ୍ରାରେ ବାହାରି ଗୋଶାଳା ଛକ, ଗୋଡଭଗା ଛକ ଓ ବିନିକା ଛକ ଦେଇ ଉଲୁଣ୍ଡା ମେଟାକାନିମନ୍ଦିରଠାରେ ପହଞ୍ଚିଥିଲେ। ସେଠାରେ ମା'ଙ୍କ ଦର୍ଶନ ସାରି ଉଲୁଣ୍ଡା ବ୍ଲକ ଛକରେ ପହଞ୍ଚିଥିଲେ। ଏହି ଅବସରରେ ଉଲୁଣ୍ଡା ବ୍ଲକ କୋସଳ ମୁକ୍ତି ସେନାର ନୀତିନ ପଧାନ, ତଥାଗତ ମହାକୁର, ବଳରାମ ସୁନା, ମହେଶ ରଞ୍ଜନ ପୁରୋହିତଙ୍କ ସମେତ ବଳରାମ ସୁନା ସଂଗ୍ରାମୀ ମାନଙ୍କୁ ଉତ୍ତରୀୟ ଦେଇ ସୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ତେବେ ଏହି ଜନ ଜାଗରଣ ଯାତ୍ରା ୭ଟି ଜିଲା ପରିକ୍ରମା କରିବା ଶହ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି କୋସଳ ସଂଗ୍ରାମୀମାନେ ପ୍ରକାଶ କରିଥିଲେ।

# ସୁବର୍ଣ୍ଣପୁର ଜିଲାରେ ସକାଳୁଆ ସ୍କୁଲ ଆଜିଠାରୁ

**ସୋନପୁର,୨।୪ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ପାରଦ ଉପର ମୁହାଁ ହୋଇଛି। ସକାଳ ୮ଟା ପରେ ପ୍ରଚଣ୍ଡ ଗ୍ରୀଷ୍ମ ଓ ତାତି ପାଇଁ ଲୋକେ କଷ୍ଟ ଭୋଗୁଛନ୍ତି। ତାତି ଅସହ୍ୟ ହେଲାଣି। ଏଥିପାଇଁ ଜିଲାପାଳ ଡ. ନୃପରାଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲାରୁ ସକାଳୁଆ ସ୍କୁଲ ଆରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମୀନାରାଣୀ ମଙ୍ଗଳ ଏ ସମ୍ପର୍କରେ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ନର୍ସରୀ, ଏଲକେଜିଠାରୁ ଆରମ୍ଭ କରି ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ଆରମ୍ଭ କରିବାକୁ କୁହାଯାଇଛି। ଡିଇଓଙ୍କ ନିର୍ଦ୍ଦେଶ ଅନୁଯାୟୀ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବ। ଏହି ସମୟରେ ବିଦ୍ୟାଳୟରେ ପାନୀୟ ଜଳ, ଓଆରଏସ୍ ମହଜୁଦ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଗ୍ରୀଷ୍ମ ପାଇଁ ବିଦ୍ୟାଳୟର ବାହ୍ୟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି।

# ଅନୁସୂଚିତ ଜାତି, ଜନଜାତି, ଗରିବଙ୍କୁ ଆଇନଗତ ସୁରକ୍ଷା ଦାବି

**ପଦ୍ମପୁର,୨।୪ (ପ୍ରଦୀପ୍ତ ଦାଶ)**

ଦେବାଳିଆ ଓ ଋଣ ପରିଶୋଧ ଅକ୍ଷମତା ସଂହିତା (ସଂଶୋଧନ) ବିଲ୍ ୨୦୨୬ ଉପରେ ଗୁରୁବାର ରାଜ୍ୟ ସଭାରେ ଚର୍ଚ୍ଚା ସମୟରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି କହିଥିଲେ, ପ୍ରସ୍ତାବିତ ସଂଶୋଧନ ସାମାଜିକ ନ୍ୟାୟ, ସମାନତା ଓ ସାମ୍ବିଧାନିକ ଦାୟିତ୍ୱକୁ ସମ୍ମାନ କରିବା ଉଚିତ। ଦେବାଳିଆ ବ୍ୟବସ୍ଥା ଆର୍ଥିକ ସ୍ଥିରତା ପାଇଁ ଆବଶ୍ୟକ, କିନ୍ତୁ ଏହାର ଲାଭ ସମସ୍ତ ବର୍ଗଙ୍କୁ ସମାନ ଭାବେ ମିଳିବା ଦରକାର। ବଡ଼ କମ୍ପାନୀଗୁଡ଼ିକ ଋଣ ପୁନର୍ଗଠନ ଓ ଆଇନଗତ ସୁରକ୍ଷା ପାଉଥିବାବେଳେ ଚାଷୀ ଓ ଦୁର୍ବଳ ବର୍ଗ ଆର୍ଥିକ ସଙ୍କଟରେ ରହିଛନ୍ତି ବୋଲି ବିଶି କହିଥିଲେ। ଚାଷୀମାନେ ଇଚ୍ଛାକୃତ ଭାବେ ଋଣଗ୍ରସ୍ତ ନୁହନ୍ତି, ବରଂ ଜଳବାୟୁ ପରିବର୍ତ୍ତନ, ଫସଲ ହାନି ଓ ବଜାର ଅସ୍ଥିରତାର ପରିଣାମରେ ଏହା ଘଟୁଛି। ତେଣୁ ଚାଷୀଙ୍କ ପାଇଁ ସୁଧ ମୁକ୍ତ ଓ ଜମାନତ ବିହୀନ ଋଣ ସହିତ କୃଷି ଋଣ ଛାଡ଼ ବ୍ୟବସ୍ଥା ଆରମ୍ଭ କରିବାକୁ ସେ ପ୍ରସ୍ତାବ ରଖିଥିଲେ। ସମ୍ବିଧାନର ଧାରା ୩୮, ୩୯ ଓ ୪୬ ଉଲ୍ଲେଖ କରି ସେ ଅନୁସୂଚିତ ଜାତି, ଜନଜାତି ଓ ଦୁର୍ବଳ ବର୍ଗଙ୍କ ସୁରକ୍ଷା ଉପରେ ଜୋର ଦେଇଥିଲେ। ଆଦିବାସୀ ଜମି ଅଧିକାର ଓ ଗରିବ ପରିବାରମାନଙ୍କ ଆର୍ଥିକ ସୁରକ୍ଷା ଜଟିଳ ପରିସ୍ଥିତିରେ ରହିଛି। ଏଥିପାଇଁ ଗରିବଙ୍କ ସମ୍ପତ୍ତି ଜବତ କରା ନ ଯାଉ ଓ ଆଦିବାସୀ ଜମି ଅଧିକାରର କଡ଼ା ସୁରକ୍ଷା ନିଶ୍ଚିତ କରାଯାଉ। ଦୁର୍ବଳ ବର୍ଗ ପାଇଁ ଏକ ସରଳ ଓ ପୃଥକ୍ ଦେବାଳିଆ ଏବଂ ଋଣ ଶୁଝିବା ସକ୍ଷମହୀନ ବ୍ୟବସ୍ଥା ଆବଶ୍ୟକ ବୋଲି ବିଶି କହିଥିଲେ। ଗରିବ ଋଣଗ୍ରହୀତାଙ୍କ ପାଇଁ ଆଇନଗତ ସହାୟତା ଓ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସାମାଜିକ ପ୍ରଭାବ ଆକଳନକୁ ଜୋର ଦେଇ ଏକ ମାନବକୈନ୍ଦ୍ରିକ ବିଧେୟକ ବ୍ୟବସ୍ଥା ଆବଶ୍ୟକ ବୋଲି ରାଜ୍ୟ ସଭା ସଦସ୍ୟ ବିଶି କହିଥିଲେ।

# କମିରା ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅମରପାଲି,୨।୪ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଚାନ୍ଦଙ୍କୁ ଅସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସିଆରସିସି ଅନାଦି ଜଗଦଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅସରକାଳୀନ ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ୍ ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଏବିଇଓ ବଟକୃଷ୍ଣ ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ବରିଷ୍ଠ ନାଗରିକ ଧରଣୀଧର ପାଢ଼ୀ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଜ୍ୟୋସ୍ନାମୟୀ ଷଡ଼ଙ୍ଗୀ ଓ ସସ୍ମିତା ଚାନ୍ଦ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ଦିଲ୍ଲୀପ ଚାନ୍ଦଙ୍କ ଶୃଙ୍ଖଳିତ କାର୍ଯ୍ୟ, ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ବାଗବର ୟୁପି ସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ, ଅମରପାଲି ସ୍କୁଲ ଶିକ୍ଷକ ପ୍ରାଣବନ୍ଧୁ ସାହୁ, ସିଆରସିସି କୌସ୍ତୁଭମଣି ଦାସ ଓ ଅନ୍ୟ ଶିକ୍ଷକମାନେ ଅବସର ନେଉଥିବା ପ୍ରଧାନଶିକ୍ଷକ ଶିକ୍ଷକତା ଜୀବନରେ ଯେଉଁ ସ୍କୁଲରେ କାର୍ଯ୍ୟ କରିଛନ୍ତି ସେହି ସ୍କୁଲକୁ ଶ୍ରେଷ୍ଠ କରିବାକୁ ପ୍ରୟାସ କରିଥିବା କହିଥିଲେ। ବୁବୁନ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ପରେ ଅବସର ନେଉଥିବା ଶିକ୍ଷକଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଏହା ସହିତ କମିରା ଗ୍ରାମର ମାହେଶ୍ୱରୀ ମନ୍ଦିର ନିକଟରେ ଗ୍ରାମ୍ୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମଧ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ଦିଲୀପ କୁମାର ଚାନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ୩ ସି ଟାଇପ୍ କ୍ୱାର୍ଟର୍ସ ନଷ୍ଟ ହେଉଛି

**ସୋନପୁର,୨।୪ (ମୃତ୍ୟୁଞ୍ଜୟ ଶତପଥୀ)**

■ଏଡିଏମ୍, ଉପଜିଲାପାଳଙ୍କ ପାଇଁ ୨ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମାଣ ହୋଇଛି

■ରାଜସ୍ୱ ବିଭାଗକୁ ହସ୍ତାନ୍ତର କରୁନି ପୂର୍ତ୍ତ ବିଭାଗ



ପାଣିସିଆଲି ଠାରେ ନବନିର୍ମିତ କ୍ୱାର୍ଟର୍ସ ।

ସୁବର୍ଣ୍ଣପୁର ଜିଲା ପ୍ରଶାସନର ଦାୟିତ୍ୱହୀନତା ପାଇଁ ସୋନପୁର ବ୍ଲକ ପାଣିସିଆଲିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ନବ ନିର୍ମିତ ୩ଟି ସି ଟାଇପ୍ କ୍ୱାର୍ଟର୍ସ ନଷ୍ଟ ହେଉଛି। ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ପ୍ରାୟ ୨କୋଟି ୨୦ଲକ୍ଷ ଟଙ୍କା ଅନୁଦାନରେ ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗ ପକ୍ଷରୁ ୨ ଅତିରିକ୍ତ ଜିଲାପାଳ(ଏଡିଏମ୍) ଓ ସୋନପୁର ଉପଜିଲାପାଳଙ୍କ ବାସଭବନ ନିର୍ମାଣ ହୋଇଛି। ୧ ବର୍ଷ ପୂର୍ବରୁ ୩ଟି ଦ୍ୱିତଳ ବିଶିଷ୍ଟ କୋଠା ନିର୍ମାଣ ସରିଛି। କେବଳ ପଛ ପଟ ପ୍ରାଚୀର ଓ ପରିସରରେ ମାଟି ପୋତା କାମ ବାକି ଅଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ କାମ ପୂର୍ଣ୍ଣାଙ୍ଗ କରି ଅଧିକାରୀଙ୍କ ବାସ ଉପଯୋଗୀ କରାଯାଇନି। ଟଙ୍କା ସରିଯାଇଛି ବୋଲି କହି ପୂର୍ତ୍ତ ବିଭାଗ ହାତ ଟେକି ବସିଛି। ଅନ୍ୟପକ୍ଷେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଭଳି ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ମଧ୍ୟ ଏ ଦିଗରେ ଆଦୌ ତତ୍ପରତା ପ୍ରକାଶ କରୁନାହାନ୍ତି। ସରକାରଙ୍କ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନବ ନିର୍ମିତ କୋଠା ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ପୂର୍ତ୍ତ ବିଭାଗ ରାଜସ୍ୱ ବିଭାଗକୁ ପ୍ରକଳ୍ପ ଏପର୍ଯ୍ୟନ୍ତ ହସ୍ତାନ୍ତର କରି ନଥିବା ଜଣାପଡିଛି। ଏଭଳି ସ୍ଥିତିରେ କ୍ୱାର୍ଟର୍ସ ଭିତରୁ ଉପକରଣଗୁଡିକ ଚୋରି ହେବାରେ ଲାଗିଲାଣି।

ସୂଚନା ଅନୁଯାୟୀ, ଜିଲାରେ ଅତିରିକ୍ତ ଜିଲାପାଳଙ୍କ ସରକାରୀ ବାସଭବନ ନ ଥିଲା। ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କ ବାସଭବନରେ ଅତିରିକ୍ତ ଜିଲାପାଳମାନେ ରହୁଥିଲେ। ସହର ଉପକଣ୍ଠ ପାଣିସିଆଲି ମୌଜାରେ ଜମି ଚିହ୍ନଟ ପରେ ତତ୍କାଳୀନ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ କ୍ୱାର୍ଟର୍ସ ନିର୍ମାଣ ପାଇଁ ଅନୁଦାନ ମଗା ଯାଇଥିଲା। ଅନୁଦାନ ମିଳବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ କ୍ୱାର୍ଟର୍ସ ନିର୍ମାଣ ପାଇଁ ଏଷ୍ଟିମେଟ୍ ପ୍ରସ୍ତୁତ କରି ଟେଣ୍ଡର ଆହ୍ୱାନ କରିଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଠିକାଦାରଙ୍କୁ ସମସ୍ତ ପ୍ରାପ୍ୟ ମିଳି ସାରିଥିବା ବେଳେ କାମ ସରିନି। ପୂର୍ତ୍ତ ବିଭାଗ ପ୍ରକଳ୍ପ ମରାମତି ଓ ରଙ୍ଗ ମରା ନାମରେ ଅଯଥାରେ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରୁଛି। ତେବେ ଏହି ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ଧ୍ୟାନ ଦେଉନି। ଜିଲାର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏ କ୍ଷେତ୍ରରେ ନିରବ ରହିବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦବାକ କୁହନ୍ତି, ଜମି ନ ଦେଖି ପୂର୍ତ୍ତ ବିଭାଗ ପକ୍ଷରୁ ଏଷ୍ଟିମେଟ୍ ପ୍ରସ୍ତୁତ ହୋଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ନହେଲେ ଏଷ୍ଟିମେଟ୍ ଅନୁଯାୟୀ କାମ ସମ୍ପୂର୍ଣ୍ଣ ହେଲାନି କିଭଳି। ପୂର୍ତ୍ତ ବିଭାଗର ଅପରିଣାମଦର୍ଶିତା ପାଇଁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ନଷ୍ଟ ହେବାକୁ ବସିଛି। ଖୁବ୍‌ଶୀଘ୍ର ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରି ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଯାଉ ବୋଲି ବେଦ୍‌ବାକ ଦାବି କରିଛନ୍ତି। ଜିଲାପାଳ ଡ. ନୃପରାଜ ସାହୁ କୁହନ୍ତି, ପ୍ରକଳ୍ପ କାମ କାହିଁକି ସମ୍ପୂର୍ଣ୍ଣ ହୋଇନି। ପ୍ରକଳ୍ପ ହସ୍ତାନ୍ତର ନକରି କାହିଁକି ନଷ୍ଟ ହେବାକୁ ଛାଡି ଦିଆଯାଇଛି ସେ ତାହାର ତଦନ୍ତ କରି ନିଶ୍ଚିତ ପଦକ୍ଷେପ ନେବେ।



■ ଗୁରୁବାର ସମ୍ବଲପୁର ହାଟପଡ଼ା ବୀର ବଜରଙ୍ଗ ସଂଘ ଏବଂ କୈବର୍ତ୍ତ ସମାଜର ମିଳିତ ଆୟୋଜିତ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତାର ଦୃଶ୍ୟ ।

# ବିକାଶ ସାହୁ-ବିଶ୍ୱ ତନସନା ଚାମ୍ପିୟନ

## ଅଯୋଧ୍ୟା ସରୋବରରେ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା

**ସମ୍ବଲପୁର,୨।୪(ବି.ଶଙ୍କର)**

ପବିତ୍ର ଚୈତ୍ର ମାସ ପବିତ୍ର ପୂର୍ଣ୍ଣିମା ତିଥିରେ ସମ୍ବଲପୁର ହାଟପଡ଼ା ବୀର ବଜରଙ୍ଗ ସଂଘ ଏବଂ କୈବର୍ତ୍ତ ସମାଜର ମିଳିତ ଆନୁକୂଲ୍ୟରେ ତୃତୀୟ ମୀନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାନଦୀର ଅଯୋଧ୍ୟା ସରୋବରରେ ଆୟୋଜିତ ପ୍ରତିଯୋଗୀତାରେ ପଶ୍ଚିମଓଡିଶାର ବିଭିନ୍ନ ଜିଲାରୁ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ପଛରେ ପକାଇ ସମ୍ବଲପୁର ହଟପଡାର ବିକାଶ ସାହୁ ଓ ବିଶ୍ୱ ତନସନା ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । ସେହିପରି ସୁବର୍ଣ୍ଣପୁର ଜିଲାର ମୁକେଶ ତରିଆ ଓ ଗୌରବ ମହାଲିଙ୍ଗ ଯୋଡି ଦ୍ୱିତୀୟ, ସମ୍ବଲପୁର ଭତରାର ପ୍ରଦୀପ ବାଗ ଓ ଅଙ୍କିତ ସାହୁ ଯୋଡି ତୃତୀୟ ଏବଂ ସ୍ଥାନୀୟ ହାଟପଡାର ପ୍ରକାଶ ସାହୁ ଓ ଅଭିଷେକ ବଡ଼ାଇ ଯୋଡି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ତେବେ ଚଳିତ ବର୍ଷ ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୧୧,୦୦୦ ଟଙ୍କା, ଦ୍ୱିତୀୟ ବିଜେତାଙ୍କୁ ୭,୧୦୦ ଟଙ୍କା, ତୃତୀୟଙ୍କୁ ୫,୧୦୦ ଟଙ୍କା ଏବଂ ଚତୁର୍ଥ ସ୍ଥାନ ପାଇଁ ୩,୧୦୦ ଟଙ୍କା ସହ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ ଭଳି ଆକର୍ଷଣୀୟ ପୁରସ୍କାର ପ୍ରଦାନ




ସମ୍ବଲପୁର ହାଟପଡ଼ା ବୀର ବଜରଙ୍ଗ ସଂଘ ଏବଂ କୈବର୍ତ୍ତ ସମାଜ ଆୟୋଜିତ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତାରେ ଅତିଥିଙ୍କ ସହ ଚାମ୍ପିୟନ ଦଳ।

**ଭାଗନେଲେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୯୦ପ୍ରତିଯୋଗୀ**

କରାଯାଇଥିଲା। ସମ୍ବଲପୁର ସହରର ଏହି ପାରମ୍ପରିକ ଜଳକ୍ରୀଡ଼ା ଉତ୍ସବକୁ ଦେଖିବା ସହସ୍ରାଧିକ ମହିଳା, ପୁରୁଷ, ବାଳିକା, ବାଳିକ, ଶିଶୁମାନଙ୍କ ସମାଗମ ହୋଇଥିଲା। ସମସ୍ତେ ମହାନଦୀ କୂଳରେ ବସି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ସଂଘର ସଭାପତି ଦିଲୀପ ସାହୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି, ଏସପି ମୁକେଶ କୁମାର ଭାମୁ, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ସମ୍ମାନୀତ ଅତିଥି, ଭାଜପାର ପ୍ରାକ୍ତନ ଜିଲା ସଭାପତି ଗିରିଶ ପଟେଲ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କୈବର୍ତ୍ତ ସମାଜର ଶିଶିର ପାଣ୍ଡେ ଅତିଥି ସ୍ୱାଗତ କରିଥିବା ବେଳେ ରାଜା ବରାଡ ସୂଚନା ପ୍ରଦାନ ଏବଂ ବିଶ୍ୱଜିତ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାମାୟଣର କୈବର୍ତ୍ତ ପ୍ରସଙ୍ଗ ଉପରେ ସୁନ୍ଦର ନାଟକ ଶ୍ରୀରାମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରିବେଶିତ ହୋଇଥିଲା । ନାଟ୍ୟକାର ବବଲୁ ବାଗ ନିର୍ଦ୍ଦେଶନା ଦେଇଥିଲେ। ବୀର ବଜରଙ୍ଗ ସମ୍ପାଦକ ସୋମନାଥ ସେଠ, ରେଫରୀ ଦିଲୀପ ଜେନା, କୈବର୍ତ୍ତ ସମାଜର କିରଣ ସେଠ ପ୍ରମୂଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନୌକା ଚାଳନ ପ୍ରତିଯୋଗୀତାକୁ ସୁରେନ୍ଦ୍ର ନାଏକ, ଆଶୁତୋଷ ନାଏକ, ରଙ୍କନିଧି ସେଟ, ମନୋଜ ବନଛୋର, ରଞ୍ଜିତ କୁମାର ପୁରୋହିତ, ନିତେଶ ସେଟ, ରମୋ ବେରିହା, ବିମଳ ବେରିହା, କୁନୁ ମଟାରୀ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ସବୁଜ, ସୁନ୍ଦର ଓ ସ୍ୱଚ୍ଛ ମହାନଦୀର ବାର୍ତ୍ତାରେ ପ୍ରତିଯୋଗୀତା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲା ପ୍ରଶାସନ, ରାଜ୍ୟ ପର୍ଯ୍ୟଟନ ବିଭାଗ ସହଯୋଗ କରିଥିଲା। ଆଗାମୀ ଦିନରେ ପ୍ରତିଯୋଗୀତାକୁ ବ୍ୟାପକ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି।

# ମାନସିକ ପାଇଁ ଚୈତ୍ରାଦେବୀଙ୍କଠାରେ ଭକ୍ତଙ୍କ ଭିଡ଼

**କୁଚିଣ୍ଡା,୨।୪(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ନିକଟ ସଇଡାଠାରେ ଗୁରୁବାର ଚୈତ୍ର ପୂର୍ଣ୍ଣିମା ଅବସରରେ ମା' ଚୈତ୍ରାଦେବୀଙ୍କ ପୀଠରେ ଚୈତ୍ରା ବଳିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଚୈତ୍ର ପୂର୍ଣ୍ଣିମା ଯାତ୍ରା ଚୈତ୍ରା ପାହାଡର ପାଦଦେଶରେ ଥିବା ଭେଡେନ ନଦୀ ପାର୍ଶ୍ୱବର୍ତ୍ତୀ ଏକ ବୃକ୍ଷ ମୂଳରେ ପୂଜା ହୋଇଆସୁଛି। ମା' ଚୈତ୍ରାଦେବୀଙ୍କ ଏକ ବିଶେଷତ୍ୱ ସହ କିମ୍ବଦନ୍ତୀ ରହିଛି। ମା' ଚୈତ୍ରା ଦେବୀଙ୍କଠାରେ ମାନସିକ ରଖି ଅଧିଆ ପଡିଲେ ମା' ତାଙ୍କ ମନବାଞ୍ଛା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଚୈତ୍ର ପୂର୍ଣ୍ଣିମା ଦିନ ମାନସିକ ରଖିଥିବା ଭକ୍ତମାନେ ମା'ଙ୍କଠାରେ ପୂଜାର୍ଚ୍ଚନା କରି ବୋଦାବଳି ଅର୍ପଣ କରିଥାନ୍ତି। ଦୀର୍ଘ ବର୍ଷରୁ କୁଳମଣି ରାଉତ ପୂଜକ (କାଲୋ) କାର୍ଯ୍ୟ ତୁଲାଇ ଆସୁଛନ୍ତି। ମା' ଙ୍କ ଏହି ଚୈତ୍ରପୂଜା ବଳିଯାତ୍ରା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ପୂରଣ ପାଇଁ ମା'ଙ୍କ ପୀଠରେ ବହୁ ସଂଖ୍ୟକ ମହିଳାପୁରୁଷ ଭକ୍ତ ଅଧିଆ ପଡିଥିବା ଦେଖିବାକୁ ମିଳିଥିଲା। ମନବାଞ୍ଛା ପୂରଣ ହୋଇଥିବା ଭକ୍ତମାନେ ପୂଜାଦ୍ରବ୍ୟ ସହ ବୋଦା, କୁକୁଡ଼ା ଓ ନାରିକେଳ ମା'ଙ୍କୁ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସଇଡା ପୂଜା କମିଟି କଷ୍ଟୁ ପୃଷେଠ, କ୍ଷୀରୋଦ ଚିଲ, ରାଜେଶ ସାହୁ, ଚୈତନ କାଉଙ୍କ ସମେତ ପୂଜା କମିଟି ଓ ଗ୍ରାମବାସୀ ଏହି ଚୈତ୍ରାପୂଜାକୁ ଶୃଙ୍ଖଳାର ସହ ସମ୍ପନ୍ନ କରିଛନ୍ତି।



ମା'ଙ୍କ ପୀଠରେ ମାନସିକ ପୂରଣ ପାଇଁ ଅଧିଆ ପଡ଼ିଛନ୍ତି।



ମାନେଶ୍ୱର ବ୍ଲକ ବଡଁସରା ଗାଁ କଲ୍ୟାଣ ଆଶ୍ରମରେ ଗୁରୁବାର ପାରାୟଣ ଚାଲିଛି।

# କଲ୍ୟାଣ ଆଶ୍ରମରେ ପାରାୟଣ କାର୍ଯ୍ୟକ୍ରମ

**ସମ୍ବଲପୁର,୨।୪(ବି.ଶଙ୍କର)**

ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥିରେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବଡଁସରା ଗ୍ରାମର କଲ୍ୟାଣ ଆଶ୍ରମଠାରେ ଗୁରୁବାର ରାମ ଚରିତମାନସ ପାରାୟଣ କାର୍ଯ୍ୟକ୍ରମ ସମାପନ ହୋଇଛି । ମାର୍ଚ୍ଚ ୨୫ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସବିତ ବେହେରା ଓ ସଞ୍ଜିବ ପୁରୋହିତଙ୍କ ନିୟମିତ ପାରାୟଣ ପାଠ କରୁଥିବା ବେଳେ ରାହାସ ବିହାରୀ ପଣ୍ଡା ଏଥିରେ ସହଯୋଗ କରିଥିଲେ । ଇଞ୍ଜିନିୟର ବିଭୂତି ନାରାୟଣ ମାଝୀଙ୍କ ଦ୍ୱାରା ପ୍ରତିଦିନ ସ୍ୱରୋଚ୍ଚାରଣ ସହିତ ସମ୍ପୂର୍ଣ୍ଣ ଭଗବତ ଗୀତା ଓ ବିଷ୍ଣୁ ସହସ୍ରନାମ ପାଠ କରାଯାଇ ଆଶ୍ରମର ଆଧ୍ୟାତ୍ମିକ ପରିବେଶକୁ ଅଧିକ ତେଜୋମୟ କରିଥିଲା । ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ଓ ଇଞ୍ଜିନିୟର ବିବସ୍ୱ ପଣ୍ଡା ଏହି ଆଧ୍ୟାତ୍ମିକ ପରିବେଶରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକୁ ସଫଳ କରିବାରେ ପୁରନ୍ଦର ପାଣିଗ୍ରାହୀ, ସୁଧିର ପଣ୍ଡା, ଅଭେଦ ପାଣିଗ୍ରାହୀ, ସୂର୍ଯ୍ୟ ପଣ୍ଡା, ଦିଲୀପ ବେହେରା, ଅଶୋକ ପୋଢ଼ ପ୍ରମୁଖଙ୍କ ସହଯୋଗ ରହିଥିଲା। ସୂଚନାଯୋଗ୍ୟ ଯେ, ପବିତ୍ର ଅକ୍ଷୟ ତୃତୀୟା ଦିନ ୧୯୪୯ ମସିହାରେ ମହାନଦୀର ପବିତ୍ର ତଟରେ ଅବସ୍ଥିତ ମାନେଶ୍ୱର ବ୍ଲକର ବଡଁସରା ଗ୍ରାମରେ ପୁଣ୍ୟାତ୍ମା ଡାକ୍ତର ଜନାର୍ଦ୍ଦନ ପୂଜାରୀ ଓ ପୁଣ୍ୟାତ୍ମା ବ୍ରଜମୋହନ ପଣ୍ଡାଙ୍କ ଦ୍ୱାରା କଲ୍ୟାଣ ଆଶ୍ରମର ପ୍ରତିଷ୍ଠା ହୋଇଥିଲା। ଯାହା କି ଭକ୍ତି, ପରମ୍ପରା ଓ ଆଧ୍ୟାତ୍ମିକତାର ପ୍ରତୀକ ଭାବେ ପରିଚୟ ବହନ କରୁଛି । ସେହିପରି ୧୯୮୦ ମସିହାରୁ ଆରମ୍ଭ ହୋଇଥିବା ପବିତ୍ର ରାମ ଚରିତମାନସ ନବାହ୍ନ ପାରାୟଣ ବର୍ତ୍ତମାନ ୪୭ତମ ବର୍ଷରେ ପ୍ରବେଶ କରିଛି ।

# ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଜିଏମ୍ୟୁର କୃତିତ୍ୱ

**ସମ୍ବଲପୁର,୨।୪(ବି.ଶଙ୍କର)**

ଆନ୍ତଃବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ସମ୍ମେଳନ-୨୬ କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ବିଶ୍ୱବିଦ୍ୟାଳୟ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହିକ୍ରମରେ ସମ୍ବଲପୁର ସହରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ଅଂଶଗ୍ରହଣ କରି ୨୨ଟି ପ୍ରତିଯୋଗିତାରେ ନିଜସ୍ୱ ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୨ ଛାତ୍ରୀ ଓ ୨୧ ଛାତ୍ର, ନୋଡାଲ ଅଫିସର ଡ. ପି. ମୂରଲୀଧର ଶର୍ମା, ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ ଓ ଡ. ଲକ୍ଷ୍ମୀପ୍ରିୟା ବେହେରା ଯୋଗଦାନ କରିଥିଲେ। ମାର୍ଚ୍ଚ ୨୮ରୁ ୩୧ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି କାର୍ଯ୍ୟକ୍ରମ ହୋଇଥିଲା। ସଙ୍କେତ ସାହୁ, ଜିଗ୍ନେଶ ଦାସ, ହିମାଂଶୁ ଶେଖର ମେହେର, ଯୋଗେନ୍ଦ୍ର ପ୍ରଧାନ, ଆଦିତ୍ୟ ବାଗ, ଭାରତୀ କୁଅଁର, ପ୍ରାଚୀ ଚଲନ, ସଚି ପାଢ଼ୀ, ଅନୁପମା ଝାଙ୍କର ଓ ଦୀପ୍ତିମୟୀ ସାହୁ ଦଳଗତ ଲୋକନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କିରଣବାଳା ସାହୁ, ସ୍ୱାଧୀନ କୁମାର ଆଚାର୍ଯ୍ୟ, ସୁଶ୍ରୀତା ସାହୁ, ଆଶୁତୋଷ ସାହୁ, ରୁଦ୍ର ପ୍ରସାଦ ନାଏକ ଓ ବୁଦ୍ଧେଶ୍ୱର ତ୍ରିପାଠୀ କ୍ଷୁଦ୍ର ନାଟକ(ସ୍କିଟ)ରେ ତୃତୀୟ ସ୍ଥାନ ହୋଇଥିଲେ । ଶାସ୍ତ୍ରୀୟ ସଙ୍ଗୀତରେ ଗାୟତ୍ରୀ ତ୍ରିପାଠୀ ତୃତୀୟ, ଇଂଲିଶ ପ୍ରବନ୍ଧରେ ବିଶ୍ୱବନ୍ଦିତା ବେଦବାକ ତୃତୀୟ ଏବଂ ଓଡ଼ିଆ କ୍ଷୁଦ୍ର ଗଳ୍ପ ଲେଖନରେ ଯଜ୍ଞଦତ୍ତ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଛାତ୍ରୀଛାତ୍ରମାନେ ଏହି ସଫଳତାର ଶ୍ରେୟ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ, ସାଂସ୍କୃତିକ ଓ ସାହିତ୍ୟ ପରିଷଦକୁ ଦେଇଛନ୍ତି। ଜିଏମ୍ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, କୁଳସଚିବ ସନତ ନାଏକ ଗୁରୁବାର ସମସ୍ତ ପୁରସ୍କୃତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ସମ୍ମେଳନରେ କୃତୀ ଛାତ୍ରୀଛାତ୍ରମାନେ ।

# ରାମ ନବମୀ ମହୋତ୍ସବରେ ନୃତ୍ୟ ପ୍ରତିଯୋଗିତା

**ନାକଟିଦେଉଳ,୨।୪(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ଗ୍ରାମରେ ଥିବା ରାମ ମନ୍ଦିର, ଶ୍ରୀ ରଘୁନାଥଜୀଉ ମନ୍ଦିରରେ ନଅ ଦିନ ଧରି ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଶିଶୁ କଳାକାରଙ୍କ ମଧ୍ୟରେ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକ ତଥା ବାହାର ଜିଲାରୁ ୫୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୪ଟି ଦଳଗତ, ୩୬ଟି ଏକକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଦେବଗଡ଼ ଜିଲା ବାରକୋଟର ପୂଜା ପ୍ରିୟଦର୍ଶିନୀ ପ୍ରଥମ, ଦେବଗଡ଼ ସହରର ମାହାର କଳା ମଣ୍ଡପ ଦ୍ୱିତୀୟ ଏବଂ ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାକୁ ଡଇଁଚା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ସଂଯୋଜନା କରିଥିଲେ। ଏଥିରେ ବିଜାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ, ଅବସରପ୍ରାପ୍ତ କୃଷି ଅଧିକାରୀ ନାରାୟଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଜୟଦେବ ରାଉଳ ବିଚାରକଭାବେ ଯୋଗଦେଇଥିଲେ। କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ନାକଟୀଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ବିଚାରକ ବୃନ୍ଦ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ପୂଜା କମିଟି ସଭାପତି ନୀଳାଦ୍ରି ନାଥ ସାହୁ, ସମ୍ପାଦକ କାଶୀନାଥ ସାହୁ, କୋଷାଧ୍ୟକ୍ଷ ଝସକେତନ ଅଗ୍ରୱାଲା, ସଦସ୍ୟ ମୁନି ସାହ, ଜଗନ୍ନାଥ ପ୍ରସାଦ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ୪ଶହ ପ୍ରତିଶତରୁ ଉର୍ଦ୍ଧ୍ୱ ଆୟ ବହିର୍ଭୂତ ସମ୍ପତ୍ତି ଠାବ

## ଗିରଫ ଓପିଏଚ୍‌ଡବ୍ଲ୍ୟୁସି ଡିଏମ୍‌ଙ୍କୁ କୋର୍ଟରେ ହାଜର କଲା ଭିଜିଲାନ୍ସ

**ସମ୍ବଲପୁର,୨।୪(ପ୍ରମୋଦ ବହିଦାର)**

ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି)ର ଡେପୁଟି ମ୍ୟାନେଜର (ଡିଏମ୍) ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଗିରଫ କରିଛି। ସମ୍ବଲପୁର ଦୁର୍ନୀତି ନିବାରଣ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ତାଙ୍କ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଦୀର୍ଘଦିନରୁ ଭୋଳଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇ ଆସୁଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ଗତ ମଙ୍ଗଳବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେ ବିପୁଳ ଅର୍ଥରାଶି ସହିତ ଭୁବନେଶ୍ୱର ଯାଉଥିବାବେଳେ ସମ୍ବଲପୁର ରେଳ ଷ୍ଟେଶନ ନିକଟରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକ ରଖି ଯାଞ୍ଚ୍ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ମିଳିଥିବା ୫ ଲକ୍ଷ ୧୮ ହଜାର ଟଙ୍କା କେଉଁଠାରୁ ଆଣିଥିଲେ



ଭିଜିଲାନ୍ସ ଦ୍ୱାରା ଗିରଫ ଓପିଏଚ୍‌ଡବ୍ଲ୍ୟୁସି ଡିଏମ୍‌ଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

ସେ ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଉକ୍ତ ଟଙ୍କାକୁ ଜବତ କରି ଭିଜିଲାନ୍ସ ଦଳ ତାଙ୍କୁ ଅଟକ ରଖି ପଚାରଉଚରା କରିଥିଲା। ଏହାସହ ସମ୍ବଲପୁର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ତାଙ୍କର ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ବାସଭବନ, ସାକ୍ଷୀପଡ଼ା ଭଡ଼ାଘର, ଅଫିସ ଏବଂ ଗଞ୍ଜାମ ଜିଲାର ପୈତୃକ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଦଳ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ତାଙ୍କ ପାଖରୁ ସମୁଦାୟ ୪୮ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଏବଂ ପ୍ରାୟ ଏକ କିଲୋ ୧୪୦ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଛି। ସେଥିରେ ତାଙ୍କ ପୈତୃକ ଘରୁ ୩୪ ଭରିର ସୁନାଗହଣା, ସୁନା ବିସ୍କୁଟ ଓ ମୁଦ୍ରାକୁ ଜବତ କରାଯାଇଥିଲା। ଏହା ବ୍ୟତୀତ ଭୁବନେଶ୍ୱର ଓ ବ୍ରହ୍ମପୁର ଭଳି ସହରରେ ତାଙ୍କର ୨୯ଟି ବହୁମୂଲ୍ୟ ପ୍ଲଟ୍ ଏବଂ ଅନେକ ତିନିତାଲା ଅଟ୍ଟାଳିକା ଆଦି ସ୍ଥାବର ସମ୍ପତ୍ତିକୁ ମଧ୍ୟ ଠାବ କରାଯାଇଛି। ଖାଲି ସେତିକି ନୁହେଁ, ତାଙ୍କର ବ୍ୟାଙ୍କ ଜମା, ଇନ୍‌ସ୍ୟୁରାନ୍ସ ଏବଂ ପୋଷ୍ଟାଲ ନିବେଶକୁ ମିଶାଇ ମୋଟ୍ ପ୍ରାୟ ୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତିକୁ ମଧ୍ୟ ଠାବ କରାଯାଇଛି, ଯାହା ତାଙ୍କର ପ୍ରକୃତ ଆୟ ତୁଳନାରେ ପ୍ରାୟ ୪୦୦ ପ୍ରତିଶତ ଅଧିକ। ତାଙ୍କର ସମ୍ପତ୍ତିର ପରିମାଣ ବୃଦ୍ଧି ପାଇବାର ମଧ୍ୟ ସମ୍ଭାବନା ରହିଛି ବୋଲି ସେ କହିଥିଲେ। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନରେ ଏକ ମାମଲା(ନଂ.୩/୨୦୨୬)ରୁଜୁ କରି ଗୁରୁବାର ସମ୍ବଲପୁର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ପରେ ତାଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

ଧରିତ୍ରୀ DHARITRI 52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ | Bhubaneswar, Friday, April 3/2026 

ଆର୍ଟେମିସ୍-୨



ଆର୍ଟେମିସ୍-୨: ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ମହାକାଶଚାରୀମାନଙ୍କୁ ନେଇ ଚନ୍ଦ୍ର ଅଭିମୁଖେ ଯାତ୍ରା କରୁଛି।

# ଚନ୍ଦ୍ରକୁ ମହାକାଶଚାରୀ ପଠାଇଲା ନାସା

**କେପ୍ କାନାଭେରାଲ,୨।୪**

ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ପରେ ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ବୁଧବାର ଚନ୍ଦ୍ର ଅଭିମୁଖେ ୪ ଜଣ ମହାକାଶଚାରୀଙ୍କୁ ପଠାଇଛି। ଆର୍ଟେମିସ୍-୨ ନାମରେ ଏହି ଚନ୍ଦ୍ର ଅଭିଯାନ ୩ ଜଣ ଆମେରିକୀୟ ଏବଂ ଜଣେ କାନାଡୀୟ ମହାକାଶଚାରୀ ଯାଇଛନ୍ତି। ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ସେମାନଙ୍କୁ ନେଇ ମହାକାଶ ଅଭିମୁଖେ ଯାତ୍ରା କରିଛି। ରକେଟ ଉତ୍କ୍ଷେପଣ ବେଳେ ଏହାକୁ ଦେଖିବା ପାଇଁ ଆଖପାଖ ରାସ୍ତା ଓ ବେଳାଭୂମିରେ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ସୂଚନାଯୋଗ୍ୟ, ୬୦ ଦଶକରେ ନାସା ଚନ୍ଦ୍ରକୁ ଆପୋଲୋ ମହାକାଶ ଯାନ ସହାୟତାରେ ମହାକାଶଚାରୀଙ୍କୁ ପଠାଇଥିଲା। ଚନ୍ଦ୍ରରେ ମାନବ ଉପସ୍ଥିତି ଦିଗରେ ଏହା ନାସାର ସବୁଠୁ ବଡ଼ ପଦକ୍ଷେପ ହୋଇ ରହିଛି। ଆର୍ଟେମିସ୍-୨ ମଧ୍ୟ ସେହି ଫ୍ଲୋରିଡା ଲଞ୍ଚ୍ ସାଇଟ୍‌ରୁ ଅଭିଯାନ ଆରମ୍ଭ ☞ପୃଷ୍ଠା-୫

# ରିଲ୍ସ: ନଦୀକୁ ଡେଇଁ ଜୀବନ ଗଲା

**ସୋସିଆଲ ମିଡିଆରେ ରିଲ୍ସ ଓ ଭାଇରାଲ ଭିଡିଓ ପାଇଁ ଯୁବତୀଯୁବକମାନେ ବିପଦଜନକ ଷ୍ଟଣ୍ଟ କରି ଜୀବନ ହରାଉଛନ୍ତି। ଲାଇକ୍ସ, କମେଣ୍ଟ୍ସ ଓ ଶେୟାର ବଢ଼ାଇବା ପାଇଁ ଜୀବନକୁ ବାଜି ଲଗାଇବା ଏବେ ଏକ ବଡ଼ ସାମାଜିକ ସମସ୍ୟା ହୋଇପଡ଼ିଛି। ଗୁରୁବାର ଭଦ୍ରକରେ ଏଭଳି ଏକ ଅଘଟଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ବଞ୍ଚି ଯାଇଛନ୍ତି। ଗତ ୨ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରିଲ୍ସ କରୁଥିବା ସମୟରେ ୭ଜଣଙ୍କ ପ୍ରାଣହାନୀ ଘଟିଲାଣି। ବିପଦପୂର୍ଣ୍ଣ ଅବସ୍ଥାରେ ରିଲ୍ସ କରି ନିଜ ଜୀବନକୁ ବିପଦରେ ନ ପକାଇବାକୁ ସଚେତନତା ସୃଷ୍ଟି କରାଯାଉଥିଲେ ହେଁ ଯୁବପିଢ଼ି ଅମାନିଆ ହେବାରୁ ଏଭଳି ଗୋଟେ ପରେ ଗୋଟେ ଅକାଳରେ ଜୀବନ ଚାଲିଯାଉଛି।**

**ଭଦ୍ରକ/ପାଟଣା,୨।୪ (ସନାତନ ରାଉତ/ବୀରକିଶୋର ଦାଶ)**

ଭଦ୍ରକ ଜିଲା ଟାଉନ ଥାନା ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ପୋଲ ଉପରୁ ସାଳନ୍ଦୀ ନଦୀକୁ ଡେଇଁ ରିଲ୍ସ କରିବା ଜଣେ ଯୁବକଙ୍କ ପାଇଁ କାଳ ସାଜିଛି। ନଦୀରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅଧୀନ ବାଉଁଶୁଳି ପଞ୍ଚାୟତ ଭୁଲୁଦା ରାଜବନ୍ଧ ସାହିର ମିଥୁନ ନାଏକ(୨୫)। ସୂଚନା ଅନୁଯାୟୀ, ମିଥୁନ ଏବଂ ତୁରୁମୁଙ୍ଗା ଥାନା ଅଞ୍ଚଳର ଅନ୍ୟ ୨ଯୁବକ ଭଦ୍ରକର ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ଅଞ୍ଚଳରେ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ଗୁରୁବାର କୌଣସି କାମ ନ ମିଳିବାରୁ ପୂର୍ବାହ୍ନ ୧୧ଟା ବେଳେ ରିଲ୍ସ କରିବାକୁ ସାଳନ୍ଦୀ ନଦୀ ପୋଲକୁ ଆସିଥିଲେ। ୨ଜଣ ପୋଲ ଉପରୁ ନଦୀକୁ ଡେଉଁଥିବା ବେଳେ ଆଉ ଜଣେ ସାଥୀ ଯୁବକ ମୋବାଇଲରେ ଭିଡିଓ ଶୁଟିଂ କରିଥିଲେ। ଜଣେ ଯୁବକ ଡେଇଁବା ପରେ ଆଉ ଜଣେ ଯୁବକ ଡିଆଁ ମାରିଥିଲେ। ତେବେ ପ୍ରଥମ ଯୁବକ ଜଣକ ଉପରକୁ ଉଠି ଆସିଥିବାବେଳେ ମିଥୁନ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ ପାଣିରୁ ଉପରକୁ ନ ଆସିବାରୁ ସାଥୀ ୨ ଯୁବକ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ପୁରୁଣାବଜାର ପୋଲିସ ଓ ଭଦ୍ରକ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ନିଶାସକ୍ତ ଅବସ୍ଥାରେ ୨ ଯୁବକ ପୋଲ ଉପରୁ ନଦୀକୁ ଡେଇଁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏବେ ଉକ୍ତ ରିଲ୍ସ ଭାଇରାଲ ☞ପୃଷ୍ଠା-୫

## ୨ବର୍ଷରେ ଗଲାଣି ୭ ଜୀବନ

ଗତ ଦୁଇ ବର୍ଷ (ଏପ୍ରିଲ ୨୦୨୪ରୁ ୨ ଏପ୍ରିଲ ୨୦୨୬) ମଧ୍ୟରେ ଓଡ଼ିଶାରେ ସୋସିଆଲ ମିଡିଆ 'ରିଲ୍' ଶୁଟିଂ ସମୟରେ ଅତିକମ୍‌ରେ ୬ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କିତ ତଥ୍ୟ ରହିଛି। ଯଦିଓ ସରକାରୀ ଭାବେ 'ରିଲ୍‌ଜନିତ ମୃତ୍ୟୁ' ପାଇଁ କୌଣସି ସ୍ୱତନ୍ତ୍ର ବିଭାଗ ନାହିଁ, ତଥାପି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ପୋଲିସ ଏହି 'ରିଲ୍ ନିଶା'କୁ ଅଘଟଣର ଏକ ପ୍ରମୁଖ କାରଣ ଭାବେ ଚିହ୍ନଟ କରିଛନ୍ତି। ଏଭଳି ମୃତ୍ୟୁ ସଂଖ୍ୟାରେ ଓଡ଼ିଶା ଭାରତରେ ୮ମ ସ୍ଥାନରେ ରହିଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୨୪ ଅକ୍ଟୋବର ୧୪ରେ ବାଲେଶ୍ୱର ଜିଲା ସୋରୋ ନିକଟ ଅମ୍ବାହଟା କେନାଲରେ ରିଲ୍ସ କରିବା ସମୟରେ ଦୁଇ ନାବାଳକ ଦୀପୁ ନାୟକ ଏବଂ ଅଶୋକ ଦାସ ବୁଡ଼ି ଯାଇଥିଲେ। ଜଣଙ୍କର ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିବାବେଳେ ଅନ୍ୟଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପ୍ରାଣ ହରାଇଥିଲେ। ☞ପୃଷ୍ଠା-୫

# ୩୦ ଜିଲାରେ ୧,୮୮୯ ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ଲୋକାର୍ପିତ



ଅଙ୍ଗନୱାଡି କେନ୍ଦ୍ରର ଲୋକାର୍ପଣ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସହ ଅଧିକାରୀମାନେ।

**ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)**

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ରାଜ୍ୟର ୩୦ ଜିଲାରେ ୧,୮୮୯ଟି ନୂଆ ଅଙ୍ଗନୱାଡି କେନ୍ଦ୍ର ଖୋଲିଛି। ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଏସବୁ ଅଙ୍ଗନୱାଡି କେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡା କହିଛନ୍ତି, ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନୱାଡ଼ି ଗଠନ ହିଁ ଆମର ମୂଳ ଲକ୍ଷ୍ୟ। ଏହି ଅବସରରେ ସେ ବାଲେଶ୍ୱର,

### ସୁନ୍ଦର, ସକ୍ଷମ, ସୁଦୃଢ଼ ଅଙ୍ଗନୱାଡ଼ି ଆମର ଲକ୍ଷ୍ୟ: ପ୍ରଭାତୀ

ଗଞ୍ଜାମ, କଟକ, ଅନୁଗୋଳ ଏବଂ ଦେବଗଡ଼ ଭଳି ବିଭିନ୍ନ ଜିଲାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ଆଜିର ଶିଶୁମାନେ ହିଁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ତେଣୁ ଏସବୁ ନୂଆ ଅଙ୍ଗନୱାଡି କେନ୍ଦ୍ର ଶିଶୁ, ଗର୍ଭବତୀ ଏବଂ ପ୍ରସୂତି ମା'ମାନଙ୍କ ପାଇଁ ପୁଷ୍ଟିସାଧନ, ପ୍ରାରମ୍ଭିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ୩୦ ଜିଲାର ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ଜାରି ରହିବ କାଳବୈଶାଖୀ | ୫ଦିନ କଲବଲ କରିବ ଖରା, ଗୁଳୁଗୁଳି

**ଭୁବନେଶ୍ୱର,୨।୪ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କେତେକ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳୁଛି। ଗୁରୁବାର ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୦.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଏହା ତଳକୁ ଟିଟିଲାଗଡ଼ରେ ୪୦.୦ ଡିଗ୍ରୀ ରହିଥିଲା। ତେବେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟରେ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହେବ। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ୩ ତାରିଖ ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଅନ୍ୟପଟେ କୋରାପୁଟ, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ ଆଦି ଜିଲାରେ ଝଡ଼ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହିସବୁ ଜିଲାରେ



ବିଜୁଳି ଓ ଘଡ଼ଘଡ଼ି ଭୟ ଥିବାବେଳେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ୪ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାରେ ମଧ୍ୟ ଖରା ସହ ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ରହିଛି। ସେପଟେ କୋରାପୁଟ ଓ ମାଲକାନଗିରିରେ କାଳବୈଶାଖୀ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ୫ ତାରିଖରେ କୋରାପୁଟ, ମାଲାକାନଗିରି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ଖରା ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ରହିଛି। ସେହିପରି ଝଡ଼ବର୍ଷା ପାଇଁ ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡ଼ା ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୬ ଓ ୭ ତାରିଖରେ ମଧ୍ୟ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି।

# ଦେଶ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି:ଚିବ୍

**ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)**

ଦେଶ ଏବେ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି ବୋଲି ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି। ରାଜ୍ୟରେ ଛାତ୍ର, ଯୁବକ, ନାରୀ, ଚାଷୀ, ଆଦିବାସୀ ଆଦି କାହାରିକୁ ନ୍ୟାୟ ମିଳୁ ନଥିବା ପ୍ରତିବାଦରେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୋଗଦେଇ ଚିବ୍ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୨କୋଟି ନିଯୁକ୍ତି ଦେବାପାଇଁ ଘୋଷଣା କରିଥିଲେ। ମାତ୍ର ୧୨ବର୍ଷରେ ୨୪କୋଟିରୁ ଏପର୍ଯ୍ୟନ୍ତ କେତେ ନିଯୁକ୍ତି ଦିଆଯାଇଛି ତା'ର ଜବାବ ଦେଉନାହାନ୍ତି। କିନ୍ତୁ ଦେଶରେ ବେକାରି ସମସ୍ୟା ଉତ୍କଟ ହୋଇଚାଲିଛି। ଅପରପକ୍ଷେ ଓଡ଼ିଶାରେ ବିନା ଦାୟିତ୍ୱବୋଧରେ ଶାସନ ଚାଲିଛି। କଟକ ବଡ଼ ଡାକ୍ତରଖାନାରେ ରୋଗୀ ମୃତ୍ୟୁ ଘଟଣା ସ୍ୱାସ୍ଥ୍ୟସେବାର ଦୁରବସ୍ଥାକୁ ସ୍ପଷ୍ଟ କରିଛି । ଏପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି କି ଏହି ବ୍ୟବସ୍ଥାକୃତ ଅଘଟଣ ପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ସେମାନଙ୍କୁ ନରହତ୍ୟା ଅପରାଧରେ ଦଣ୍ଡିତ କରିବା କଥା। ସେହିପରି ରାଜ୍ୟରେ ନାରୀ ନିର୍ଯାତନା ସୀମା ଲଙ୍ଘିଛି। ସେ କହିଛନ୍ତି, ପଣ୍ଡିତ ଜବାହରଲାଲ

### ଦେଶରେ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି: ଭକ୍ତ

ନେହେରୁ ପ୍ରଧାନମନ୍ତ୍ରୀ ଥିବା ବେଳେ ରୁଷିଆ ଓ ଆମେରିକା କାହାକୁ ଖାତିର ନ କରି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ଭାରତ ଏହାର ନେତୃତ୍ୱ ନେଉଥିଲା। ହେଲେ ଏବେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭୟ କରୁଛନ୍ତି। କାଳେ ଏପଷ୍ଟିନ୍ ଫାଇଲ ଖୋଲିଯିବ କିମ୍ବା ଆଦାନୀଙ୍କ ଫାଇଲ ଟ୍ରମ୍ପ ଖୋଲିଦେବେ ସେହି ଡର ପ୍ରଧାନମନ୍ତ୍ରୀଙ୍କୁ ଘାରିଛି। ବର୍ତ୍ତମାନ ସରକାର ଚାଷୀ ବିରୋଧୀ ବୋଲି 'ଭାରତ ଆମେରିକା ବାଣିଜ୍ୟ ଚୁକ୍ତି' ତାହାର ପ୍ରମାଣ। ଏହି ଚୁକ୍ତି ଦ୍ୱାରା ଭାରତୀୟ ଚାଷୀଙ୍କର ଘୋର କ୍ଷତି ହେଉଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ତାହାକୁ ଗ୍ରହଣ କରିଛନ୍ତି। ଏଥିପାଇଁ ଦେଶର ଯୁବବର୍ଗ 'ପ୍ରଧାନମନ୍ତ୍ରୀ କମ୍ପ୍ରମାଇଜଡ' ବୋଲି କହୁଛନ୍ତି। ତେଣୁ ଏହି ଡବଲ ଇଞ୍ଜିନ ସରକାର ବିରୋଧରେ ଯୁବ କଂଗ୍ରେସକୁ ଲଢ଼େଇ କରିବାକୁ ପଡ଼ିବ। ଏମାନଙ୍କୁ ଗାଦିଚ୍ୟୁତ ନ କଲା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଚିବ୍ କହିଛନ୍ତି।

ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି,ଦେଶରେ ଲୋକଙ୍କୁ ଖାଇବାକୁ ଖାଦ୍ୟ ସାମଗ୍ରୀ ମିଳୁନାହିଁ। ଗ୍ୟାସ୍ ଅଭାବରୁ



ମାଷ୍ଟରକ୍ୟାଣ୍ଟିନ ଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଉଦ୍‌ବୋଧନ ଦେଉଛନ୍ତି।

ହୋଟେଲରେ ଖାଦ୍ୟ ଦର ବହୁଗୁଣ ବଢ଼ିଯାଇଥିବାବେଳେ ପାରମ୍ପରିକ ଶ୍ରମିକମାନେ ଦୁଇମୁଠା ଖାଇବାକୁ ପାଉନାହାନ୍ତି। ଏହାକୁ କେବଳ କୃତ୍ରିମ ଅଭାବ କୁହାଯିବନି, ଦେଶରେ ସଂପ୍ରତି ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି କହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ଏଥିସହ ସେ କହିଛନ୍ତି, ଏଠାରେ ଛାତ୍ର, ଯୁବକ, ନାରୀ, ଚାଷୀ ଓ ଆଦିବାସୀ କାହାରିକୁ ନ୍ୟାୟ ମିଳୁନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛନ୍ତି। ଓଡ଼ିଶାର ଯୁବକମାନଙ୍କ ଉପରେ ମୋର ଗଭୀର ଆସ୍ଥା ରହିଛି ଏବଂ ନିକଟ ଭବିଷ୍ୟତରେ ସେମାନେ ହିଁ ହେବେ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ଭକ୍ତ କହିଛନ୍ତି।

ସମାବେଶରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିଆନା ରାଜୁ, ସହ ପ୍ରଭାରୀ ଖୁସି ଟିଗା, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ସରକାରଙ୍କ କୃଷକ, ନାରୀ ଓ ଯୁବ ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ପ୍ରଥମେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଚିବ୍‌ଙ୍କୁ ଶ୍ରୀରାମ ମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ସମାବେଶ ପର୍ଯ୍ୟନ୍ତ ଏକ ବିଶାଳ ବାଇକ ରାଲି ଯୋଗେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପାଛୋଟି ଆଣିଥିଲେ। ଏହି ଅବସରରେ ୫ ଦଫା ଦାବିରେ ଯୁବ କଂଗ୍ରେସ ସଚିବାଳୟ ଘେରାଉ କରିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ କଂଗ୍ରେସ କର୍ମକର୍ତ୍ତାଙ୍କୁ ଗିରଫ କରି ପରେ ଛାଡ଼ି ଦେଇଛି। କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ମାଲକାନଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଯୁବକ୍ରାନ୍ତି ସମାବେଶ ଆୟୋଜିତ ହେବ ବୋଲି ସୂଚନା ଦେଇଛନ୍ତି।

# ଜିଏମ୍‌ଆର୍ କମ୍ପାନୀ ପକ୍ଷରୁ ପଥର ବ୍ଲାଷ୍ଟିଂ, ଜଣେ ଆହତ

**ଢେଙ୍କାନାଳ,୨।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା କମଳାଙ୍ଗ ଅଞ୍ଚଳରେ ଥିବା ଜିଏମ୍‌ଆର କାରଖାନା ନିକଟରେ କମ୍ପାନୀ ପକ୍ଷରୁ ଗୁରୁବାର ଦିନ ପ୍ରାୟ ସାଢେ ୧ଟା ସମୟରେ ଏକ ନୂତନ ସୋଲାର ୟୁନିଟ୍ ନିର୍ମାଣ ପାଇଁ ପଥର ବ୍ଲାଷ୍ଟିଂ କରାଯାଉଥିଲା। ଏହି ବ୍ଲାଷ୍ଟିଂ ଫଳରେ ନିକଟସ୍ଥ ଗ୍ରାମ ପୋଖରୀରେ ଗାଧୋଉଥିବା ଜଣେ ବ୍ୟକ୍ତିଙ୍କ ଦେହରେ ପଥର ବାଜିବାରୁ ସେ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳବାସୀ କମ୍ପାନୀ ଫାଟକ ସମ୍ମୁଖରେ ପ୍ରତିବାଦ କରିଥିଲେ। ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ କଣ୍ଟାବଣିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ଜିଏମ୍‌ଆର କାରଖାନାର ଏକ ୧୦ ମେଗାୱାଟ୍‌ର ସୋଲାର ୟୁନିଟ ନିମନ୍ତେ ବ୍ଲାଷ୍ଟିଂ ପାଇଁ ଅନୁମତିପ୍ରାପ୍ତ ହୋଇ ଏହି ବ୍ଲାଷ୍ଟିଂ କରାଯାଉଥିଲା ବୋଲି କମ୍ପାନୀ ସୂତ୍ରରୁ ଜଣାପଡ଼ିଛି। ଖବରପାଇ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ଘଟଣାସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି।

# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଶ୍ରୀକ୍ଷେତ୍ର ନଗର, ସମଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡକ ମେଳା ଶୁଭାରମ୍ଭ, ସ୍ଥାନ: ଚନ୍ଦନେଶ୍ୱରଜୀଉ ମନ୍ଦିର, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ନର୍ଥ ଓଡ଼ିଶା ମିଡ଼ିଆ କ୍ଲବର ବୈଠକ, ସ୍ଥାନ : ଶ୍ରୀହରି ହୋଟେଲ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଦିବସ ଉଦଯାପିତ, ସ୍ଥାନ: ଦେଉଳା ହାଟ ଓ ସାହାବାଜିପୁର ମଧୁମଣ୍ଡପ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଓଡ଼ିଆ ପକ୍ଷ ପାଳନ ଅବସରରେ ସହର ପରିକ୍ରମା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ ବେତଡ଼ା ବଜାର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ପୂଜାର ଉଦ୍‌ଯାପନୀ, ସ୍ଥାନ: ଏରଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଖଣ୍ଡଘର ପଞ୍ଚାୟତ ତଣ୍ଡିବେଡା ମହାନ୍ତ ସାହିରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୧ ଟା।
- ପାରମ୍ପରିକ ପରିଧାନ ଦିବସ, ସ୍ଥାନ: ପୌର କାର୍ଯ୍ୟାଳୟ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଳପାଳ, ବଡ଼ସାହି,ସମୟ:ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ଅଧିବାସ,ସ୍ଥାନ: ସିଂହଡିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଯୋଗ ଉତ୍ସବ, ସ୍ଥାନ: ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ସକାଳ ୬ ଟା ୪୫।
- ଆଇନଜୀବୀ ସଂଘର ଶପଥ ଗ୍ରହଣ, ସ୍ଥାନ: ବାର ଆଶୋସିଏଶନ୍ ହଲ, ସମୟ: ମଧ୍ୟାହ୍ନ ୧ଟା।

**ଗଞ୍ଜାମ**
- ନବ ନିର୍ବାଚିତ ଆଇନଜୀବୀଙ୍କ ଶପଥ ଗ୍ରହଣ, ସ୍ଥାନ: ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ , ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପାଳିକା ପକ୍ଷରୁ ହସ୍ତତନ୍ତ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଚଣ୍ଡିଆଗଡ଼ି, ଆଳି, ସମୟ: ସକାଳ ୮ଟା।
- ଶ୍ରୀମୁକ୍ତେଶ୍ୱର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀମୁକ୍ତେଶ୍ୱର ମନ୍ଦିର ପରିସର, ଜେନାଭଳି ଓ ଉଇବାଡ, କଳସପୁର, ଆଳି, ସମୟ: ସନ୍ଧ୍ୟା ୬ଟା
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥା ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।
- ବାସୁଦେବ ମେଲଣ ମହୋତ୍ସବ ଉପଲକ୍ଷେ ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ ପକ୍ଷରୁ ଏ କେମିତିକା ସମ୍ପର୍କ ନାଟକ ପରିବେଷଣ, ସ୍ଥାନ: କିଣିଲୋ, ପଦ୍ମପୁର, ଗରଦପୁର, ସମୟ: ସନ୍ଧ୍ୟା ୭ଟା।୦

**ଯାଜପୁର**
- ବିରଜା ହାଟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ : ବିରଜା ମନ୍ଦିର ନିକଟ ହାଟ ପରିସର, ସମୟ : ଅପରାହ୍ନ ୪ଟା।
- ଆହ୍ୱାନ ପକ୍ଷରୁ ରଙ୍ଗ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୧ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ: ସକାଳ ୭ଟାରୁ ଅପରାହ୍ନ ୨ଟା।
- ହାଣ୍ଡି ଭଙ୍ଗା ଯାତ୍ରାର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ମହୁଲପଡା, ସମୟ:ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ ଫକୀରଅତବୁଦ୍ଧି ପାଟଣା, ସମୟ: ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ କାଂସାରୀ ସାହିପାଟଣା, ସମୟ: ସକାଳ ୮ଟା ୩୦।
- ପାରମ୍ପରିକ ପୋଷାକ ଦିବସ, ସ୍ଥାନ: ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଅଷ୍ଟମ ଦିବସରେ ସୀତା ହରଣର ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା, କଣ୍ଟିଲୋ, ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ: ଅପରାହ୍ନ ୨ଟା।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ବେଶର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ଶ୍ରୀରାମ ନବମୀ ଯାତ୍ରା ଅବସରରେ ନବଦିନ ସନ୍ଧ୍ୟା ବେଶର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପନ ଦିବସରେ ଅଭିଷେକ ଓ କାକ ଭୂଷଣ୍ଡି ଗରୁଡ ସମ୍ବାଦ, କଳିଯୁଗ ବର୍ଣ୍ଣନା, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ୩୦।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୬ଷ୍ଠ ଦିବସ ରାତ୍ରରେ ମୁଖା ରାମଲୀଳାରେ ସୀତା ହରଣ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

**କୋରାପୁଟ**
- ଭାଜପା ପକ୍ଷରୁ ୨୪ଘଣ୍ଟିଆ ଦିନଦୟାଲ କର୍ମଶାଳା, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ଗ୍ରାମଦେବୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।

**ସମ୍ବଲପୁର**
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୮ଟା।
- ସେତୁ ଆୟୋଜନରେ ପଞ୍ଚମ ଇଞ୍ଜିନିୟର କରୁଣାକର ସୁପକାର ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ଜିଏମୟୁ ଅଧ୍ୟାପନା ପ୍ରକୋଷ୍ଠ–୧, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲୀଳା ଉତ୍ସବ, ସ୍ଥାନ : ଠେମରା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସାଂସ୍କୃତିକ ସଭା, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ସନ୍ଧ୍ୟା ୮ଟା।

**ରାଉରକେଲା**
- ହନୁମାନ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ବାସନ୍ତୀ କଲୋନୀ, କୁମ୍ଭାରପଡ଼ା ଛକ, ସମୟ: ସକାଳ ୮ଟା।
- ଗୁଡ୍ ଫ୍ରାଇଡେ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ଆର୍‌ସି ଚର୍ଚ୍ଚ, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ପକ୍ଷରୁ ଆମ ପୋଷାକ ଓ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣପୂର୍ବ ରେଳୱେ ଜିଏମ୍‌ଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗ୍ରୀଞ୍ଜାଳ ବଜାର ପ୍ରାଙ୍ଗଣ, ସୋହେଲା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ:ଛୁରିଆପାଲି, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଝାମୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ କର୍ଲାକୋଟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବୌଦ୍ଧ ଗଡଜାତର ପବିତ୍ର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତ୍ର ୯ଟା।

**ଦେବଗଡ଼**
- ମା' ସରଣୀପାଟ ପୀଠ ଯାତ୍ରା ମହୋତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ୍ ପାଇକନଗର, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୁରୁବୁଡ଼ା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକର ସପ୍ତମ ସନ୍ଧ୍ୟା, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୦ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପିପଲଛିଣ୍ଡି ଗାଁ, ସମୟ: ପ୍ରାତଃ ୫ଟା ଓ ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ ଫୁରସୁଣ୍ଡ ଗାଁ, ସମୟ: ସକାଳ ୭ଟା ୪୫।
- ବୋଲବମ କମିଟି ପକ୍ଷରୁ ୭ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ରେଙ୍ଗ ଗାଁ, ସମୟ: ସକାଳ ୮ଟା ୩୦।
- ଆଲୋଚନା ଚକ୍ର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା ସାଂସ୍କୃତିକ ସଭା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

**ଝାରସୁଗୁଡ଼ା**
- ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ର ନାମ ପଠନ, ସ୍ଥାନ: ଝାରସୁଗୁଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ରାମାୟଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।

# ସବୁ ସହରାଞ୍ଚଳରେ ଖୁବ୍‌ଶୀଘ୍ର ପିଏନ୍‌ଜି

**■ ସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନରେ ପିଏନ୍‌ଜି ସଂଯୋଗ ବାଧ୍ୟତାମୂଳକ: ନଗର ଉନ୍ନୟନ ମନ୍ତ୍ରୀ**
**■ ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର, ଡାକ୍ତରଖାନାକୁ ଅଗ୍ରାଧିକାର**

ଭୁବନେଶ୍ୱର,୨।୪(ରବିନାରାୟଣ ଜେନା)

ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ସହରାଞ୍ଚଳଗୁଡ଼ିକରେ ପାଇପ୍ଡ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ସଂଯୋଗୀକରଣକୁ ପ୍ରାଥମିକତା ଦିଆଯିବ। ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ତୁରନ୍ତ ପିଏନ୍‌ଜି ସଂଯୋଗ କରାଯିବ ବୋଲି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବା ନେଇ ଗୁରୁବାର ଲୋକସେବାଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ କହିଛନ୍ତି, ପିଏନ୍‌ଜି ସଂଯୋଗ ପାଇଁ ଯେଉଁମାନେ ଆବେଦନ କରିବେ ବିଭାଗ ତାକୁ ତ୍ୱରିତ୍ ଭିତ୍ତିରେ ଅନୁମତି ଦେବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନ୍‌ଜି ସଂଯୋଗ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ୍ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ(ଆଙ୍ଗୁଠି ଚିହ୍ନ ଓ ଆଇରିଶ ସ୍କାନ୍) ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି ସଂଯୋଗ ପାଇବେ ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଏଜେନ୍ସିଗୁଡ଼ିକୁ ଡିଏସି(ଡେଲିଭରି ଅଥେଣ୍ଟିକେଶନ କୋଡ୍) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଏବଂ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା କି ଗ୍ରାହକମାନେ ଭୂତ ଡେଲିଭରି (ମିଥ୍ୟା ମେସେଜ୍)ର ଶିକାର ହେବେ ନାହିଁ। ସେହିପରି ପାଇପ୍ ଲାଇନ ଯୋଗେ ସହରର ବିଭିନ୍ନ ଗୃହ, ଶିଳ୍ପାଞ୍ଚଳ ଓ ପ୍ରତିଷ୍ଠାନକୁ ବାଣିଜ୍ୟିକ ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣ ଆଦୌ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତି ଉପରେ ନଜର ରଖିଥିବା ସେ କହିଛନ୍ତି। ତୈଳ ଓ ଗ୍ୟାସ୍ କମ୍ପାନୀ ଅଧିକାରୀମାନେ ଜଣାଇଛନ୍ତି, ୫ଦିନର ଗ୍ୟାସ୍ ଷ୍ଟକ୍ ରହୁଛି। ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର ଓ ଡାକ୍ତରଖାନା ପରି ସରକାରୀ ଅନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ୟାସ୍ ଯୋଗାଇ ଦିଆଯାଉଛି ବୋଲି ସିଂ କହିଛନ୍ତି।

# ବୁଣାକାରଙ୍କ ଜୀବନଜୀବିକା ସଂଘର୍ଷକୁ ନେଇ ମେ'୧୪ରେ ମୁକ୍ତିଲାଭ କରିବ 'ମେହେରମୁଣ୍ଡା'

ଭୁବନେଶ୍ୱର,୨।୪(ସୌମ୍ୟରଞ୍ଜନ ରାଉତ)

ବୁଣାକାରଙ୍କ ରଙ୍ଗ ଓ ତନ୍ତ ସହ ମିଳନର ଏକ ଅଭୁତପୂର୍ବ ନିଦର୍ଶନର ନିଚ୍ଛକ ପ୍ରତିଫଳନକୁ ପରଦା ଉପରେ ପ୍ରଦର୍ଶନ କରିବ ଓଡ଼ିଆ ଚଳଚ୍ଚିତ୍ର 'ମେହେରମୁଣ୍ଡା'। ଓଡ଼ିଶା ଦିବସ ଅବସରରେ ଏହାର ଟିଜର୍ ରିଲିଜ ହୋଇଛି। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଜ୍ୟୋତିରଞ୍ଜନ ନାୟକ, ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ଦିଗଜ ରହିଛନ୍ତି। ରାକେଶ କୁମାର ପାଢ଼ୀଙ୍କ ପ୍ରଯୋଜନାରେ ଚଳଚ୍ଚିତ୍ରଟି ଜିଆର୍ ରେକର୍ଡସ ବ୍ୟାନରରେ ନିର୍ମିତ ହୋଇଛି। ନିର୍ଦ୍ଦେଶନା ଭାର ନିକୁଞ୍ଜ ହୋତା ତୁଲାଇ ଥିବାବେଳେ ସିନେମାଟୋଗ୍ରାଫିରେ ଶ୍ରୀକାନ୍ତ ପଟ୍ଟନାୟକ ରହିଛନ୍ତି। ଏହାକୁ ସଙ୍ଗୀତମୟ କରିବାର ଏକ ସଫଳ ପ୍ରୟାସ କରିଛନ୍ତି ଅମିତ ଯୁବରାଜ। ଅନ୍ତର୍ଜାତୀୟ ହସ୍ତତନ୍ତ ଦିବସରେ ଓଡିଶା ହସ୍ତତନ୍ତ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ଼ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳଚ୍ଚିତ୍ରର ଫାଷ୍ଟ୍ ଲୁକ୍ ଲୋକାର୍ପଣ କରିଥିଲେ। ଚଳଚ୍ଚିତ୍ର କାହାଣୀରେ ଭାରତର ୨୬ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା ଓ ସଂଘର୍ଷର କାହାଣୀକୁ ରୂପେଲି ପରଦା ଉପରକୁ ଆଣିବାକୁ ଚେଷ୍ଟା କରାଯାଇଛି। ଚଳଚ୍ଚିତ୍ରଟି ମେ ୧୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

# ସୀମାନ୍ତ ଗାଁରୁ ଦନ୍ତାହାତୀ ମୃତଦେହ ଜବତ

ଯୋଡ଼ା/ଚମ୍ପୁଆ,୨।୪(ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଯୋଡ଼ା ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ମାଣିକପୁର ଗାଁରେ ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଗୁରୁବାର ସକାଳୁ ମାଣିକପୁର ଗାଁ ମୁଣ୍ଡ ଆମ୍ବତୋଟା ନିକଟରେ ହାତୀର ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ସୂଚନା ଦେଇଥିଲେ। ଝାଡ଼ଖଣ୍ଡ ଚାଇଁବାସା ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛନ୍ତି। ହାତୀଟି ବୟସାଧିକ କାରଣରୁ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହୋଇପାରିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରଥମ ପୃଷ୍ଠାରୁ...

## ଶତ୍ରୁ ଆତ୍ମସମର୍ପଣ...

ଦେଇଛନ୍ତି। ସେ କହିଛନ୍ତି, ଆତଙ୍କବାଦର ପ୍ରାୟୋଜକ ଭାବେ ବିଶ୍ୱର ୧ ନମ୍ବର ରାଷ୍ଟ୍ର ଇରାନ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେଶନ ଏପିକ୍ ଫ୍ୟୁରି'କୁ ମାତ୍ର ଗୋଟିଏ ମାସ ହୋଇଛି। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ଆମେରିକାର ବିଜୟ ସୁନିଶ୍ଚିତ ବୋଲି ସେ ଦାବି କରିଛନ୍ତି। ଇରାନର ନୌସେନା ଯାଇଛି, ଏହାର ବାୟୁସେନା ଧ୍ୱଂସ ହୋଇଛି ଏବଂ ଅଧିକାଂଶ ନେତା ନିହତ ହୋଇଛନ୍ତି। ସେମାନଙ୍କ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର କମାଣ୍ଡ ଏବଂ ନିୟନ୍ତ୍ରଣ ଭୟଙ୍କର ଭାବେ ନଷ୍ଟ ହୋଇଯାଇଛି। ସେମାନଙ୍କ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରିବା ସାମର୍ଥ୍ୟ ନାଟକୀୟ ଭାବେ ହ୍ରାସ ପାଇଛି ଏବଂ ସେମାନଙ୍କ ଅସ୍ତ୍ରଶସ୍ତ୍ର, ଫ୍ୟାକ୍ଟ୍ରି ଓ ରକେଟ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଦିଆଯାଇଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଆମ ଶତ୍ରୁପକ୍ଷ କ୍ଷତି ସହିଛନ୍ତି। ମୋ ରାଷ୍ଟ୍ରପତିତ୍ୱର ୫ ବର୍ଷରେ ଆମେରିକା ଜିତିଆସିଥିଲା ଏବଂ ଏବେ ସବୁଠୁ ବଡ଼ ବିଜୟ ହାସଲ କରିବ ବୋଲି ଟ୍ରମ୍ପ ରାଷ୍ଟ୍ରକୁ ସମ୍ବୋଧନ କରି କହିଛନ୍ତି।

ଅନ୍ୟପକ୍ଷରେ ଇରାନ ସେନାର ଅପରେଶନାଲ କମାଣ୍ଡ ଖାତମ୍ ଅଲ୍-ଅନବିୟା ସରକାରୀ ଟିଭିକୁ ଏକ ବିବୃତି ଦେଇ କହିଛନ୍ତି, ସର୍ବଶକ୍ତିମାନ ଆଲ୍ଲାଙ୍କ ଉପରେ ଆସ୍ଥା ସହ ଏହି ଯୁଦ୍ଧ ଜାରି ରହିବ। ଶତ୍ରୁପକ୍ଷର ଅପମାନ, ଅପଯଶ, ସ୍ଥାୟୀ ତଥା ନିଶ୍ଚିତ ଅନୁଶୋଚନା ଏବଂ ଆତ୍ମସମର୍ପଣ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ। ଆମର ଆହୁରି ଧ୍ୱଂସକାରୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଅପେକ୍ଷା କର ବୋଲି ଆମେରିକା ଏବଂ ଇସ୍ରାଏଲ୍‌କୁ ସେ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପଙ୍କ ଭାଷଣ ପରେ ଇରାନ ତେଲ୍ ଆଭିଭ୍ ଉପରେ ମିଶାଇଲ୍ ମାଡ଼ କରିଛି। ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଇରାନ ଯୁଦ୍ଧ ମଧ୍ୟପ୍ରାଚ୍ୟକୁ ବ୍ୟାପିଛି ଓ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିଛି। ବିଶ୍ୱବ୍ୟାପୀ ବହୁ କୋଟି ଲୋକ ଯୁଦ୍ଧ ଯୋଗୁ ପ୍ରଭାବିତ ହୋଇଛନ୍ତି।

## ସରିଲା ମାଟ୍ରିକ୍...

ଆରମ୍ଭ ହୋଇଥିଲା। ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଥିଲା। ଖାତାଦେଖା କାର୍ଯ୍ୟରେ ପ୍ରାୟ ୧୫,୦୦୦ ପରୀକ୍ଷକ ନିଯୁକ୍ତ ହୋଇଥିଲେ। ଖାତାଦେଖା ସହିତ ମୂଲ୍ୟାୟନ କେନ୍ଦ୍ରରୁ ଅନ୍‌ଲାଇନ ଜରିଆରେ ପରୀକ୍ଷାର୍ଥୀମାନଙ୍କ ମାର୍କ ଅପଲୋଡ୍ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ବିଭିନ୍ନ ବିଷୟର ମାର୍କ ପ୍ରସେସିଂ ଫାର୍ମକୁ ସିଧାସଳଖ ଯିବା ପରେ ଏବେଠାରୁ ପରୀକ୍ଷାଫଳ ପ୍ରକାଶ ନେଇ ପ୍ରସ୍ତୁତି ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି।

## ସକାଳୁଆ ସ୍କୁଲ...

ସ୍କୁଲ୍ ଟ୍ୟୁବ୍‌ୱେଲ ମରାମତି କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା ଉପଲବ୍ଧ ହେବ। ନିର୍ଦ୍ଦିଷ୍ଟ ସମୟରେ 'ୱାଟର ବେଲ୍' ଦ୍ୱାରା ପାଣି ପିଇବା ବିରତି ରହିବ। ଆବଶ୍ୟକ ହେଲେ ଓଆର୍‌ଏସ୍ ପ୍ୟାକେଟ ଯୋଗାଣ ଇତ୍ୟାଦି ନିଶ୍ଚିତ କରିବାକୁ ପଡିବ। ଛାତ୍ରୀଛାତ୍ରଙ୍କୁ ଖରାରୁ ସୁରକ୍ଷା ଦେବା ପାଇଁ ବାହାର କାର୍ଯ୍ୟକଳାପ କମାଇବା ଓ ପିଲାମାନେ ସ୍କୁଲକୁ ଯେପରି ପାଣି ବୋତଲ ଧରି ଆସିବେ, ସେଥିପାଇଁ ଅଭିଭାବକମାନଙ୍କୁ ଜଣାଇବାକୁ କୁହାଯାଇଛି। ଏଥିସହ ସ୍କୁଲ ସମୟରେ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ଲହରି ସମ୍ବନ୍ଧୀୟ ସତର୍କତା ବିଷୟରେ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ବିଲେଇ କାହିଁକି ରୁଷୁ ?**
**ସେଇ ଭାଡ଼ି ତଳେ ପୁଣି ପଶୁ !**

ରାଗ, ରୁଷା ତଥା ଅଭିମାନର ମାତ୍ରା ଯେତେ କମ୍ ରହେ, ସମ୍ପର୍କର ସେତୁ ସେତେ ଦୃଢ଼ ଓ ମଧୁମୟ ହୋଇଥାଏ। ତେବେ ପରିସ୍ଥିତିରେ ପଡି ଯେଉଁଠି ଜଣେ ରୋଷ ଅଭିମାନରେ ପଳେଇ ଆସେ, ସେଇଠିକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ଉକ୍ତ ବ୍ୟକ୍ତି ପକ୍ଷେ ଗ୍ରହଣୀୟ ହୋଇନଥାଏ। ସେପରି ସ୍ଥଳେ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଇତଳିଆ ବେଉସା**
**ଛୋକାରୁଣୀ ମାଇପିଙ୍କ ଓଷା**
**ପାଣିବୁହାନ୍ତିଙ୍କ ମୁଣ୍ଡ ଖୋଷା**
**ସଖୀ ବଡ଼ ମନ୍ଦ ଏ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ। ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳି ନ ଥାଏ। ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ଯାତ୍ରାକାଳରେ ସତର୍କତା ଅଭାବରୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। ପୂର୍ବନିର୍ଦ୍ଧାରିତ ସମୟରେ ବନ୍ଧୁମିଳନଜନିତ ଖୁସିରେ ସମୟ କଟାଇବେ। ସାହିତ୍ୟକୃତିରୁ ପ୍ରଶଂସିତ ଓ ସନ୍ତାନଙ୍କ କୃତିତ୍ୱରୁ ଗୌରବାନ୍ୱିତ ହେବେ।

**ବୃଷ** — ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶରେ ସମସ୍ୟା ସମାଧାନ ପୂର୍ବକ ଅର୍ଥଲାଭର ମାର୍ଗ ଉନ୍ମୋଚନ ହେବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁତ ବିଳମ୍ବ ଘଟିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝମେଲା ଆସିପାରେ।

**ମିଥୁନ** — ଆଜିର ଗ୍ରହସ୍ଥିତି ଯାତ୍ରା, ବ୍ୟବସାୟ ଦିଗରେ ଅନୁପ୍ରେରିତ କରିପାରେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପ୍ରତିଯୋଗିତାରେ ପରାଜୟର ଗ୍ଳାନି ଭୋଗିବାକୁ ପଡ଼ିବ। ପ୍ରକୃତ ଘଟଣା ନ ବୁଝି କୌଣସି କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଅଧିକାଂଶ ସମୟ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଜିନିଷ ହଜିଯିବାର ଆଶଙ୍କା ରହିଛି।

**କର୍କଟ** — ବିଭିନ୍ନ ସମସ୍ୟା ପ୍ରଶମିତ ହେବାର ଅନୁଭବ କରିବେ। ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ମନୋବଳ ବୃଦ୍ଧି ପାଇବ। ସଭାସମିତି, ଆନୁଷ୍ଠାନିକ କାମ, ମନୋରଞ୍ଜନ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାର ସୂଚନା ରହିଛି।

**ସିଂହ** — ଆଜି ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ସହକର୍ମୀ ସହାୟକ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ। କଠିନ ଶ୍ରମ ଓ ଅନିଦ୍ରାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** — କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି ଓ ସାମାଜିକ ସ୍ତରରେ ସମ୍ମାନ ପ୍ରାପ୍ତିରେ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଉପଲବ୍ଧ ହେବ। ଆନୁଷ୍ଠାନିକ କାର୍ଯ୍ୟର ଶେଷପର୍ଯ୍ୟାୟରେ ବିବାଦୀୟ ବାତାବରଣ ସୃଷ୍ଟି ହେବ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ବିବାଦୀୟ ସ୍ଥିତିରେ ବିଜୟପ୍ରାପ୍ତ ହେବେ। ପାରିବାରିକ ଏବଂ ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାର ରହିବ।

**ତୁଳା** — ସାହାଯ୍ୟ, ସହଯୋଗ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ପାଇଁ ମାର୍ଗ ଉନ୍ମୁକ୍ତ କରିବ। ବିଭିନ୍ନ ଯୋଜନାର କାମ ହାତକୁ ନେବେ କିନ୍ତୁ ସାମୟିକ ଆର୍ଥିକସ୍ଥିତିକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନରୁ ଉତ୍ସାହିତ ହେବାର ସୁଯୋଗ ପାଇବେ।

**ବିଛା** — କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସହ ସମ୍ବର୍ଦ୍ଧିତ ହେବେ। ପୁତ୍ର, କନ୍ୟାଙ୍କ ବିବାହ ନିମନ୍ତେ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ସମ୍ପର୍କିତ ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ସାମାଜିକ ସ୍ତରରେ ବିଜାତୀୟ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** — ଆଜିର ଗ୍ରହସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ କରାଇପାରିବ। ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ସଜାଗ ରହି ଚେଷ୍ଟା କଲେ ନିଶ୍ଚିତ ଉପକୃତ ହେବ। ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ, ଭ୍ରମ କିମ୍ବା ଜ୍ୱରଜନିତ ରୋଗରେ କଷ୍ଟ ପାଇପାରନ୍ତି। କେତେକ କ୍ଷେତ୍ରରେ ଅବହେଳା ଯୋଗୁ କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡିପାରେ।

**ମକର** — ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଅନ୍ୟର ପ୍ରରୋଚନାରେ ପଡି ଜଣାଶୁଣା ବ୍ୟକ୍ତି କାମ ହାସଲରେ ବିଘ୍ନ ଘଟାଇପାରନ୍ତି। ଆର୍ଥିକ ଦୁରାବସ୍ଥା ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସ୍ଥିତି ବିଗାଡ଼ିପାରେ। ତଥାପି ନିଜର କାର୍ଯ୍ୟଦକ୍ଷତା ହେତୁ ନିଜ ପରିସରରେ ପ୍ରଶଂସିତ ହେବେ।

**କୁମ୍ଭ** — ଅନୁକୂଳ ଗ୍ରହ ସମ୍ପର୍କରୁ ଆଜି ଯାହା ଇଚ୍ଛା କରୁଛନ୍ତି ତାହା ଅବିଳମ୍ବେ ପ୍ରାପ୍ତ ହେବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରି ବନ୍ଧୁ,ପରିବାର ଓ ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମୀନ** — ସହୃଦୟତା ଅଭାବରୁ ପାରିବାରିକ ସ୍ଥିରତା ରକ୍ଷାରେ ଅସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ ଲଢ଼େଇ କଲେ ବାଦୀ ଓ ପ୍ରତିବାଦୀ ଉଭୟ କ୍ଷତିଗ୍ରସ୍ତ ହେବେ। କିନ୍ତୁ ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ପ୍ରତିଷ୍ଠା ଓ ପ୍ରଶଂସା ଅକ୍ଷୁଣ୍ଣ ରହିବ। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭକରି ଖୁସି ହେବେ।

ଆଜି ଏପ୍ରିଲ ୩ ତାରିଖ, ଗୁଡ୍‌ଫ୍ରାଇଡେ/ଇଷ୍ଟର ଶୁକ୍ରବାର, ବୈଶାଖ କୃଷ୍ଣପ୍ରତିପଦା ଯୁକ୍ତ ଦ୍ୱିତୀୟା, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, କଳା ଶୁକ୍ରବାର। ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୨ ଗତେ ଘ.୦୬।୩୧ ମଧ୍ୟେ, ଘ. ୦୭।୨୦ ଗତେ ଘ.୦୮।୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୮ ଗତେ ଘ. ୧୧।୫୦ ମଧ୍ୟେ ରାହୁ କାଳ।

# ହାଇକମାଣ୍ଡ ଏସ୍‌ସି, ଏସ୍‌ଟି ନେତାଙ୍କୁ କାଢ଼ିବେନି: କାଡାମ

**ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ମୋଟ୍ ୧୪ ଜଣ ବିଧାୟକ ବିଜୟୀ ହୋଇଥିଲେ। ସେଥିରୁ ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ୩ ଜଣ କଂଗ୍ରେସ ବିଧାୟକ କ୍ରସ୍ ଭୋଟିଂ କରିବା ଯୋଗୁ ଦଳରୁ ନିଲମ୍ବନ ହୋଇଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦକରିବା ଲାଗି ମଧ୍ୟ ଦଳ ତରଫରୁ ବାଚସ୍ପତିଙ୍କୁ ଲିଖିତ ଭାବେ ଦିଆଯାଇସାରିଛି। ଏବେ କଂଗ୍ରେସର ବିଧାୟକଙ୍କ ସଂଖ୍ୟା ୧୧ରେ ପହଞ୍ଚିସାରିଛି ବୋଲି କୁହାଯାଇପାରେ। ଏହି ୧୧ ଜଣ ବିଧାୟକଙ୍କ ନେତୃତ୍ୱ କୋରାପୁଟ ଜିଲା ଅନ୍ତର୍ଗତ ପଟ୍ଟାଙ୍ଗୀ ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇ ଆସିଥିବା ରାମଚନ୍ଦ୍ର କାଡାମଙ୍କ ହାତରେ ନ୍ୟସ୍ତ କରାଯାଇଛି। କାଡାମ ବର୍ତ୍ତମାନ କଂଗ୍ରେସ ବିଧାୟକ ଦଳ ନେତା ଦାୟିତ୍ୱରେ ଅଛନ୍ତି। ଏତେସବୁ ଘଟଣା ଭିତରେ କଂଗ୍ରେସର ପ୍ରାୟ ୮ ଜଣ ବିଧାୟକ କୁଆଡ଼େ ବିଧାୟକ ଦଳ ନେତାଙ୍କୁ ପରିବର୍ତ୍ତନ କରାଇବା ଲାଗି ମଙ୍ଗଳବାରଠାରୁ ନୂଆଦିଲ୍ଲୀ ଗସ୍ତରେ ରହିଥିବା ଜଣାପଡ଼ିଛି। ମାତ୍ର ରାମଚନ୍ଦ୍ର କାଡାମ ଏବଂ ବାସୁଦେବପୁର ବିଧାୟକ ଅଶୋକ ଦାସ ଏହି ଗସ୍ତରେ ନିଜକୁ

## ଦସ୍ତଖତ କରିଥିଲେ ୯, ଗଲେ ୮

ସାମିଲକରି ନ ଥିବା ଜଣାପଡ଼ିଛି। ରାଜନୈତିକ ମହଲରୁ ଯାହା ଶୁଣିବାକୁ ମିଳୁଛି, ତାରାପ୍ରସାଦ ବାହିନୀପତି କଂଗ୍ରେସ ବିଧାୟକ ଦଳ ନେତା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କର ଏହି ଇଚ୍ଛା ସମ୍ପର୍କରେ ରାଜ୍ୟ ସଭା ନିର୍ବାଚନ ପୂର୍ବରୁ କିଛି ଆଲୋଚନା ହୋଇଥିଲା। ତାଙ୍କୁ ଏନେଇ ରାଜ୍ୟ ନେତୃତ୍ୱଙ୍କ ତରଫରୁ ପ୍ରତିଶ୍ରୁତି ମିଳିଥିଲା ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଅପରପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା ଭବାନିପାଟଣା ବିଧାୟକ ସାଗର ଚରଣ ଦାସ ମଧ୍ୟ ଏହି ଗସ୍ତରେ ସାମିଲ ହୋଇଛନ୍ତି। ଭକ୍ତଙ୍କ ବିନା ଇଙ୍ଗିତ ବା ପରାମର୍ଶରେ ସାଗର ହାଇକମାଣ୍ଡଙ୍କୁ ଭେଟିବା ଲାଗି ସ୍ଥିର ହୋଇଥିବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବେ ସେକଥାକୁ ତାଙ୍କ ଦଳ ଭିତରେ କେହି ବିଶ୍ୱାସ କରୁନାହାନ୍ତି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି, ବିଧାୟକମାନେ ନୂଆଦିଲ୍ଲୀ ଗସ୍ତ କରୁଛନ୍ତି କି ହାଇକମାଣ୍ଡଙ୍କୁ ଭେଟିବେ ସେ ବିଷୟରେ କାଡାମଙ୍କୁ କିଛି ଜଣାଯାଇ ନାହିଁ। କଂଗ୍ରେସ ବିଧାୟକମାନଙ୍କ ନୂଆଦିଲ୍ଲୀ ଗସ୍ତ ନେଇ କାଡାମଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ହାଇକମାଣ୍ଡଙ୍କୁ ଭେଟିବା ଲାଗି ବିଧାୟକମାନେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ବିଭିନ୍ନ ରାଜ୍ୟର ବିଧାୟକମାନେ ଅନେକ ସମୟରେ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟନ୍ତି। ବିଧାୟକ ଦଳ ନେତା ପଦରେ ପରିବର୍ତ୍ତନ ହେବା କଥା କେବଳ ଗଣମାଧ୍ୟମର ଏକ ଆକଳନ। ଏଆଇସିସି ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ସମସ୍ତେ ସବୁ ସମୟରେ ଦେଶରେ ଏସ୍‌ସି,ଏସ୍‌ଟି ଏବଂ ଓବିସି, ସଂଖ୍ୟାଲଘୁ ବର୍ଗର ଲୋକମାନେ କିପରି ଆଗକୁ ବଢ଼ିବେ ସେକଥା ଚେଷ୍ଟା କରୁଛନ୍ତି। ଓଡ଼ିଶାର ମୋଟ୍ ଜନସଂଖ୍ୟାର ୪୦ ପ୍ରତିଶତ ହେଉଛନ୍ତି ଏସ୍‌ସି, ଏସ୍‌ଟି ବର୍ଗ। ସେମାନଙ୍କ ଭିତରୁ କିପରି ନେତୃତ୍ୱ ସୃଷ୍ଟି କରାଯାଇପାରିବ ସେଥିଲାଗି ହାଇକମାଣ୍ଡ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ଏହି ଦୃଷ୍ଟିକୋଣରୁ ଗଣମାଧ୍ୟମ ପକ୍ଷରୁ ବିଧାୟକ ଦଳ ନେତା ପରିବର୍ତ୍ତନ ନେଇ କରାଯାଉଥିବା ଆକଳନକୁ ବିଶ୍ୱାସ କରିପାରୁନାହାନ୍ତି ବୋଲି କାଡାମ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, କାଡାମଙ୍କୁ ତାଙ୍କ ପଦରୁ ହଟାଇବା ସକାଶେ ବିଧାୟକମାନଙ୍କ ଦସ୍ତଖତ ନିଆଯାଇଥିଲା। ସେଥିରେ ୯ ଜଣ ବିଧାୟକ ଦସ୍ତଖତ ଦେଇଥିଲେ। ସେମାନଙ୍କ ମଧ୍ୟରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ମଧ୍ୟ ରହିଥିଲେ। ମାତ୍ର ସାଉଁତା ଦିଲ୍ଲୀ ଗସ୍ତରେ ସାମିଲ ହୋଇନାହାନ୍ତି। ଦିଲ୍ଲୀ ଗସ୍ତରେ ଥିବା ୮ ବିଧାୟକ ଗୁରୁବାର ମଲିକାର୍ଜୁନ ଖାର୍ଗେଙ୍କୁ ଭେଟିଥିବା ବେଳେ ଅନ୍ୟ କାହାକୁ ଭେଟି ନ ଥିବା ଜଣାପଡ଼ିଛି। ବର୍ତ୍ତମାନ ଆସାମ, ପଶ୍ଚିମବଙ୍ଗ ଆଦି ବିଭିନ୍ନ ରାଜ୍ୟରେ ଚାଲିଥିବା ନିର୍ବାଚନ ପ୍ରଚାର ଲାଗି କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱମାନେ ଚାଲିଯାଇଥିବା କାରଣରୁ ଅନ୍ୟ କେନ୍ଦ୍ର ନେତୃତ୍ୱଙ୍କୁ ଓଡ଼ିଶାର ୮ ବିଧାୟକ ଭେଟିବାର ସୁଯୋଗ ପାଇ ନ ଥିବା ଯାହା ଶୁଣାଯାଉଛି। ନୂଆଦିଲ୍ଲୀ ଗସ୍ତ କରିଥିବା ବିଧାୟକମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।




# ସ୍ୱ-ଗଣନାରେ ସାମିଲ ହେଲେଣି ୧୭ ହଜାର ଲୋକ: ମୁଖ୍ୟସଚିବ

**ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)**

ରାଜ୍ୟରେ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ସ୍ୱ-ଗଣନାରେ ସାମିଲ ହେବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଲୋକସେବାଭବନରେ ଗୁରୁବାର ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ମୁଖ୍ୟ ସଚିବ ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଦିନରେ ୧୭ ହଜାର ଲୋକ ସ୍ୱ-ଗଣନାରେ ସାମିଲ ହୋଇଛନ୍ତି। ବୁଧବାର ବିଭିନ୍ନ ଜିଲାର ଜିଲାପାଳ, ଅଧିକାରୀମାନେ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜ ନିଜର ତଥ୍ୟ ଦାଖଲ ସହିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଏବଂ ଗୃହ ସୂଚୀକରଣ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସଫଳତାର ସହିତ ସମାପ୍ତ କରିବାନେଇ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ସଂଗ୍ରହ ପ୍ରକ୍ରିୟାର ସଠିକତା, ପ୍ରଶିକ୍ଷଣ ବ୍ୟବସ୍ଥା, ଡିଜିଟାଲ ଉପକରଣର ବ୍ୟବହାର ଏବଂ ମାନବ ସମ୍ବଳ ନିୟୋଜନ ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଜନଗଣନା ନିର୍ଦ୍ଦେଶକ ସୂଚନା ଦେଇଥିଲେ । ମୁଖ୍ୟ ଶାସନ ସଚିବ ଜନଗଣନା କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗ ଓ ଜିଲା ପ୍ରଶାସନକୁ ସକ୍ରିୟ ସହଯୋଗ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକର ପ୍ରାରମ୍ଭରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜନଗଣନା ୨୦୨୭ ଏବଂ ଗୃହ ଗଣନା ୨୦୨୬ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହା ପରେ ଜନ ଗଣନା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ।

# ଜନଗଣନା: ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କ ବଦଳି ହେବନାହିଁ

**ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)**

ରାଜ୍ୟରେ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏଥିଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ବିଭିନ୍ନ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ସବୁ ଜିଲାର ଜିଲାପାଳ ଏବଂ ମହାନଗର ନିଗମର କମିଶନର ତଥା ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଏହି ଜନଗଣନା ୨ଟି ପର୍ଯ୍ୟାୟରେ ଡିଜିଟାଲ ମାଧ୍ୟମରେ ସମ୍ପନ୍ନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ଆସନ୍ତା ୧୬ ତାରିଖଠାରୁ ମେ ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଅନୁଷ୍ଠିତ ହେବ। ଏହାସହ ସ୍ୱ-ଗଣନା କାର୍ଯ୍ୟକ୍ରମ ଗତ ୧ ତାରିଖରୁ ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀରେ କରାଯିବ। ଏହି କାର୍ଯ୍ୟର ସଫଳ ସମ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଜନଗଣନା ଅଧିକାରୀ ଓ କର୍ମଚାରୀମାନଙ୍କ ବଦଳି କରା ନ ଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗ, ଜିଲା ପ୍ରଶାସନ ଏବଂ ନଗର ନିଗମଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ପଶ୍ଚିମବଙ୍ଗର ୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ



ପଶ୍ଚିମବଙ୍ଗ ବୀରଭୂମ ଜିଲାର ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ ଅବସରରେ ଦଳୀୟ ନେତା ଓ ପ୍ରାର୍ଥୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)**

ପଶ୍ଚିମବଙ୍ଗରେ ଚାଲିଥିବା ନାମାଙ୍କନ ଦାଖଲ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସାମିଲ ହୋଇଛନ୍ତି। ପଶ୍ଚିମବଙ୍ଗ ବୀରଭୂମ ଜିଲାର ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲରେ ସେ ଯୋଗଦେଇଥିଲେ। ଏହି ଅବସରରେ ବୀରଭୂମ ଜିଲାର ରାମପୁରହାଟ ସ୍ଥିତ କାଳୀମନ୍ଦିର ନିକଟସ୍ଥ ସଂଘତା ମୋଡ଼ଠାରୁ ଏସ୍‌ଡିଓ ଅଫିସ୍ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏକ ବିଶାଳ ରାଲିରେ ଯାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ସାମିଲ ହୋଇଥିଲେ। ରାମପୁରହାଟ ଏସ୍‌ଡିଓ ଅଫିସ୍‌ରେ ନାମାଙ୍କନ ଦାଖଲ କରିଥିବା ଭାଜପାର ୪ ଜଣ ପ୍ରାର୍ଥୀ ହେଉଛନ୍ତି ରାମପୁରା ହାଟ ବିଧାନସଭା ପ୍ରାର୍ଥୀ ଧ୍ରୁବ ଶାହା, ହଂସନ ବିଧାନସଭା ପ୍ରାର୍ଥୀ ନିଖିଲ ବାନାର୍ଜୀ, ନଲହାଟୀ ବିଧାନସଭା ପ୍ରାର୍ଥୀ ଅନିଲ ସିଂହ ଏବଂ ମୁରାରଇ ବିଧାନସଭା ପ୍ରାର୍ଥୀ ରିଙ୍କି ଘୋଷ। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାଜପାର ୪ ପ୍ରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# କଙ୍ଗନାଙ୍କ କମ୍‌ବ୍ୟାକ୍

ମୁମ୍ବାଇ: ବଲିଉଡ୍‌ର ଭର୍ସାଟାଇଲ୍ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ କଙ୍ଗନା ରାଣାଓ୍ୱତ୍। ତାଙ୍କର ପ୍ରତିଟି ସିନେମା ପ୍ରାୟତଃ ନାରୀକେନ୍ଦ୍ରିକ। ୨୦୧୪ରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର 'କୁଇନ୍' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ବିକାଶ ବହଲଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କଙ୍ଗନାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବର୍ତ୍ତମାନ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ଅର୍ଥାତ୍ 'କୁଇନ୍ ୨'ର ଶୁଟିଂ ଏହି ମାସ ଶେଷ ସୁଦ୍ଧା ଆରମ୍ଭ ହେବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଏହି ସିକ୍ୱେଲ ପୂର୍ବ କାହାଣୀର ସିଧାସଳଖ ଅଂଶ ହେବ ନାହିଁ। ଏଥର କାହାଣୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଯେମିତିକି ଏଥର କଙ୍ଗନା ଏକ ସହରୀ ଝିଅ ଭୂମିକାରେ ନଜର ଆସିବେ, ଯାହା ପ୍ରଥମ ଭାଗର ଛୋଟ ସହରର ଝିଅ ଚରିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ପ୍ରଥମ ଭାଗରେ କଙ୍ଗନାଙ୍କୁ ପ୍ୟାରିସ ଏବଂ ଆମଷ୍ଟରଡାମ୍‌ରେ ଏକାକୀ ବୁଲୁଥିବାର ଦେଖାଯାଇଥିବା ବେଳେ, ଦ୍ୱିତୀୟ ଭାଗରେ ସେ ଭାରତର ବିଭିନ୍ନ ସହର ପରିଭ୍ରମଣ କରିବେ। ଏହି ଚଳଚ୍ଚିତ୍ରଟି ମୁଖ୍ୟତଃ ଆତ୍ମ-ସନ୍ଧାନ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଆଧାରିତ ହେବ। ସୂଚନାଯୋଗ୍ୟ, କଙ୍ଗନାଙ୍କ ଶେଷ ଚଳଚ୍ଚିତ୍ର 'ଏମରଜେନ୍ସି' ବକ୍ସ ଅଫିସରେ ବିଶେଷ ସଫଳତା ପାଇ ନ ଥିଲା। ଏଭଳି ପରିସ୍ଥିତିରେ 'କୁଇନ୍ ୨' ତାଙ୍କ କ୍ୟାରିୟରକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇଆଣିବ ବୋଲି ଆଶା କରାଯାଉଛି।



# ଅଟେଇ ସଫାରି ଜଙ୍ଗଲରୁ ନରକଙ୍କାଳ ଜବତ

**ଡେଙ୍କିକୋଟ/ ଘଟଗାଁ,୨।୪ (ନୀଳମଣି ମଣ୍ଡଳ / ରାଜେନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଘଟଗାଁ ଥାନା ଘଟଗାଁ ଫରେଷ୍ଟ ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ସଫାରି ଜଙ୍ଗଲରୁ ଗୁରୁବାର ଏକ ନରକଙ୍କାଳ ଜବତ ହୋଇଛି। ମୃତଦେହଟି ପୁଅ କି ଝିଅ ଜଣା ପଡୁ ନ ଥିବା ବେଳେ ଶରୀରରେ କୌଣସି ବସ୍ତ୍ର କିମ୍ବା ମାଂସ ନାହିଁ। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ପୂର୍ବାହ୍ନ ୧୦ଟାରେ ସଂରକ୍ଷିତ ଅଟେଇ ସଫାରିକୁ ବନ ବିଭାଗର କର୍ମଚାରୀମାନେ ନିଜ କାର୍ଯ୍ୟରେ ଜଙ୍ଗଲ ଭିତରକୁ ଯାଇଥିଲେ। ଏହି ସମୟରେ ଏକ ଗଛମୂଳରେ ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ତୁରନ୍ତ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନାଙ୍କୁ ଖବର ଦେଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ହାତରେ ଏକ ତାବିଜ ପିନ୍ଧିଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲା ହେଡ୍‌କ୍ୱାର୍ଟର୍ସରୁ ପୋଲିସ ସାଇଣ୍ଟିଫିକ ଟିମ୍‌ଙ୍କ ସହ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଘଟଗାଁ ଅତିରିକ୍ତ ତହସିଲଦାର ଠାକୁର ଦାସ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୨ ଘଣ୍ଟା ପରେ ବ୍ୟବଚ୍ଛେଦ କରାଯିବା ସହ ଡିଏନ୍‌ଏ ଟେଷ୍ଟ ପାଇଁ ଭୁବନେଶ୍ୱର ଲାବରେଟୋରିକୁ ପଠାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଘଟଗାଁ ଥାନାରେ ଏକ ମାମଲା(ନଂ. ୧୯/୨୬)ରୁଜୁ ହୋଇଥିବା ତଦନ୍ତକାରୀ ଅଫିସର ଅନୁପ ଲୁଗୁନ ପ୍ରକାଶ କରିଛନ୍ତି। ବନବିଭାଗ ତରଫରୁ ଘଟଗାଁ ଫରେଷ୍ଟର ଶରତ ପଟ୍ଟନାୟକ ସଦଳବଳ ଉପସ୍ଥିତ ଥିଲେ।

# ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ପରଲୋକ

**ଭୁବନେଶ୍ୱର,୨।୪ (ସୌମ୍ୟରଞ୍ଜନ ରାଉତ)**

ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦୁଇ ଭ୍ରାଇଁ ସୁଧାଂଶୁ



ଓ ପ୍ରିୟବ୍ରତ ମୁଖାର୍ଜି ଦେଇଥିବାବେଳେ ପରିବାରବର୍ଗ, ସମ୍ପର୍କୀୟ, ଶୁଭେଚ୍ଛୁ ପ୍ରମୁଖ ଉପସ୍ଥିତ ଥିଲେ। ସଦାନନ୍ଦ ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ୍‌ର କୃପାସିନ୍ଧୁପୁର ଶାସନ ଗ୍ରାମରେ ୧୯୫୫ ମସିହା ୧୬

## 'ସତୀ'ପାଇଁ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

ଏପ୍ରିଲରେ ଜନ୍ମଗ୍ରହଣ କରିଥିଲେ। ୨୦୦୩ ମସିହାରେ ଗଳ୍ପ ପୁସ୍ତକ 'ସତୀ' ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। 'ଅନ୍ୟ ଜଣେ ସଦାନନ୍ଦଙ୍କ ମୃତ୍ୟୁପରେ' ହେଉଛି ତାଙ୍କର ଏକ ଲୋକପ୍ରିୟ ଗଳ୍ପ ସଂକଳନ। ଏହି ଶୀର୍ଷକରେ ସେ ଲେଖିଥିବା ଗଳ୍ପଟିରେ ମାତ୍ର ତିନୋଟି ଶବ୍ଦ ଅଛି; ଏବଂ ଏହାକୁ ଓଡ଼ିଆ ଭାଷାର କ୍ଷୁଦ୍ରତମ ଗଳ୍ପ ବୋଲି ବିବେଚନା କରାଯାଏ। ସେହିପରି ତାଙ୍କର ଚର୍ଚ୍ଚିତ ଗଳ୍ପ ଭିତରେ 'ରଙ୍ଗନାଥ ଘଡେଇ', 'ଝଡ଼ି ପୋକର ପର', 'ଅନ୍ଧାରରେ ଦିନେ' ଏବଂ ତାଙ୍କର ଶେଷ ବହି 'ଦେଶାଚାର' ଥିଲା। ତାଙ୍କ ପରଲୋକରେ ସାରସ୍ୱତ ଜଗତରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ୩୪ ବର୍ଷ ଧରି ଚାକିରି କରିବା ପରେ ଅବସର ଗ୍ରହଣ କରିଥିଲେ। ଚାକିରି କାଳରୁ ଜୀବନର ଶେଷ ପର୍ଯ୍ୟନ୍ତ ସାରସ୍ୱତ ସାଧନା ଜାରି ରଖିଥିଲେ।

# କନ୍ୟା ସୁମଙ୍ଗଳ ଯୋଜନା ଲାଗି ଏସ୍‌ଓପି ଜାରି ହେବ

**ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)**

କନ୍ୟା ସୁମଙ୍ଗଳ ପରି ସୁଭଦ୍ରା ଓ୍ୱେଲନେସ ଓ ସୁଭଦ୍ରା ସମ୍ବାଦ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଏସ୍‌ଓପି ଜାରି ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗୁରୁବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କନ୍ୟା ସନ୍ତାନ ଜନ୍ମ ହେବାଠାରୁ ବିବାହ ପର୍ଯ୍ୟନ୍ତ ରାଜ୍ୟ ସରକାର ସେମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି। ସେମାନଙ୍କ ଶିକ୍ଷା କ୍ଷେତ୍ରରେ ଅନ୍ୟତମ ବଡ଼ ଯୋଜନା 'କନ୍ୟା ସୁମଙ୍ଗଳ' ଲାଗି ବଜେଟରେ ଘୋଷଣା ହୋଇଛି। ଗରିବ ତଥା ଆର୍ଥିକ ଦୁର୍ବଳ ବର୍ଗର ଝିଅଙ୍କ ଉଚ୍ଚଶିକ୍ଷା ପାଇଁ ଏହି ଯୋଜନା ବେଶ୍ ସହାୟକ ହେବ। ସେମାନଙ୍କ ନାମରେ ୨୦ ହଜାର ଟଙ୍କାର ସଞ୍ଚୟ ଉପକରଣ ସୃଷ୍ଟି ହେବ। ଝିଅ ଜନ୍ମ ହେବାର ବର୍ଷକ ମଧ୍ୟରେ ତାଙ୍କ ନାମରେ ଏହି ଟଙ୍କା ରଖାଯିବ। ଝିଅକୁ ୨୧ ବର୍ଷ ହେବା ପରେ ଅର୍ଥାତ୍ ସ୍ନାତକ ସମାପ୍ତ ପରେ ତାଙ୍କ ଆକାଉଣ୍ଟକୁ ୧ ଲକ୍ଷ ୧ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଅବଶିଷ୍ଟାଂଶ

### ରିଲ୍ସ: ନଦୀକୁ ...

ହୋଇଥିବା ବେଳେ ମୋବାଇଲରେ ଶୁଟିଂ କରୁଥିବା ଯୁବକ ଜଣକ ଅନ୍ୟ ୨ ଯୁବକଙ୍କୁ ପୋଲ ଉପରୁ ଡେଇଁବାକୁ ଉସ୍କାଉଥିବା ଭିଡିଓରେ ଦେଖିବାକୁ ମିଳୁଛି। 'ଡେଇଁବା ପାଇଁ ଦମ୍ ନାହିଁ, ତୁମେ ଡରୁଆ' ଏଭଳି କହି ସେ ପ୍ରରୋଚିତ କରିଥିଲେ। ଭିଡିଓ ଶୁଟିଂ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ମୃତକଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି। ତେବେ ସାଳନ୍ଦୀ ନଦୀରେ ଏହି ସମୟରେ ଜଳସ୍ତର କମ୍ ରହିଛି। ପ୍ରାୟ୨୦ ଫୁଟ୍ ଉଚ୍ଚ ପୋଲ ଉପରୁ ନଦୀକୁ ଡିଆଁ ମାରିଥିବା ବେଳେ ତଳେ କୌଣସି ସିମେଣ୍ଟ ଖମ୍ବ କିମ୍ବା ପଥରରେ ଯୁବକ ଜଣକ ବାଡ଼େଇ ହୋଇ ଗୁରୁତର ହୋଇଥିବାରୁ ପାଣି ଉପରକୁ ଉଠିପାରି ନ ଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

### ୨ବର୍ଷରେ ଗଲାଣି ...

୨୦୨୫ ମେ' ୧୧ରେ ସୁନ୍ଦରଗଡ଼ ଏନ୍‌ଏଚ୍ ୫୨୦ରେ ଏକ ବ୍ରିଜ୍ ଉପରେ ଚଳନ୍ତା ଟ୍ରକ୍‌ରେ ଡ୍ରାଇଭର ଫଟୋ ଉଠାଇ ରିଲ୍‌ସ କରୁଥିବାବେଳେ ଖସିପଡ଼ି ପ୍ରାଣ ହରାଇଥିଲେ। ସେହି ବର୍ଷ ଅଗଷ୍ଟରେ କୋରାପୁଟ ଡୁଡୁମା ଜଳପ୍ରପାତରେ ରିଲ୍ସ କରୁଥିବାବେଳେ ସୁଅରେ ଭାସିଯାଇ ସାଗର କୁଣ୍ଡୁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୫ ଅକ୍ଟୋବର ୨୧ରେ ମଙ୍ଗଳଘାଟର ବିଶ୍ୱଜିତ ସାହୁ ମା'ଙ୍କ ସହ ଦକ୍ଷିଣକାଳୀ ମନ୍ଦିର ଦର୍ଶନ କରି ଫେରୁଥିବାବେଳେ ଜାନକୀଦେଇପୁର ଷ୍ଟେଶନ ନିକଟସ୍ଥ ରେଳ ଟ୍ରାକ୍‌ରେ ରିଲ୍ସ କରୁଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ୍ ବିଶ୍ୱଜିତ୍‌ଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ମାର୍ଚ୍ଚ ୩୧ ତାରିଖରେ ଭୁବନେଶ୍ୱର ବିଜେବି କଲେଜର ୬ଜଣ ଛାତ୍ର ବାଲିଅନ୍ତା ଥାନା ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସାଇଫନ ନିକଟରେ ଗାଧୋଇବାବେଳେ ଶେଖ୍ ଇର୍‌ଫାନ ଅଲ୍ଲୀ ବୁଡ଼ିଯାଇ ପ୍ରାଣ ହରାଇଥିବାବେଳେ ଗୁରୁବାର ଭଦ୍ରକରେ ଶାଳନ୍ଦୀ ନଦୀ ବ୍ରିଜ୍ ଉପରୁ ଡେଇଁ ରିଲ୍ସ କରୁଥିବାବେଳେ ମିଥୁନ୍ ନାୟକ ନାମକ ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।

### ଚନ୍ଦ୍ରକୁ ମହାକାଶଚାରୀ ...

କରିଛି। ରକେଟ ଛଡ଼ାଯିବାର ୫ ମିନିଟ୍ ପରେ ମହାକାଶ ଯାନରୁ କମାଣ୍ଡର ରେଇଡ୍ ଓ୍ୱାଇଜ୍‌ମ୍ୟାନ୍ କହିଛନ୍ତି, ଆମେ ଏକ ସୁନ୍ଦର ଚନ୍ଦ୍ରୋଦୟ ଦେଖୁଛୁ ଏବଂ ଠିକ୍ ଦିଗରେ ଗତି କରୁଛୁ। ତାଙ୍କ ସହ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ କାନାଡାର ଜେରେମି ହାନ୍‌ସେନ ଅଛନ୍ତି। ନାସାର ଏହି ମହାକାଶ ଅଭିଯାନରେ ପ୍ରଥମ ଥର ପାଇଁ ଜଣେ ମହିଳା ଏବଂ ଅଣ ଆମେରିକୀୟ ସାମିଲ ହୋଇଛନ୍ତି। ନାସା ପୁନର୍ବାର ଚନ୍ଦ୍ରକୁ ମହାକାଶଚାରୀ ପଠାଇବା କାର୍ଯ୍ୟକୁ ଫେରିଥିବା ଏହାର ପ୍ରଶାସକ ଜାରେଡ୍ ଇସାକ୍‌ମ୍ୟାନ୍ ଖବରଦାତାମାନଙ୍କୁ କହିଛନ୍ତି। ଅର୍ଦ୍ଧଶତାବ୍ଦୀର ବିରତିକୁ ସେ ଏକ ସଂକ୍ଷିପ୍ତ ମଧ୍ୟାନ୍ତର ବୋଲି କହିଛନ୍ତି। ଉତ୍‌କ୍ଷେପଣ ପୂର୍ବରୁ ହାଇଡ୍ରୋଜେନ୍ ଇନ୍ଧନ ରକେଟ ମଧ୍ୟକୁ ପ୍ରବାହ ଆରମ୍ଭ କରିବା ବେଳେ ଉଦ୍‌ବେଗ ଖୁବ୍ ବଢ଼ିଯାଇଥିଲା। କାରଣ ଚଳିତ ବର୍ଷ ଆରମ୍ଭରେ ଏକ କାଉଣ୍ଟଡାଉନ୍ ପରୀକ୍ଷା ବେଳେ ବିପଜ୍ଜନକ ହାଇଡ୍ରୋଜେନ୍ ଲିକ୍ ହେବାରୁ ଏହାର ଉତ୍‌କ୍ଷେପଣ ରୋକିବାକୁ ଆମେ ବାଧ୍ୟ ହୋଇଥିଲୁ ବୋଲି ଇସାକ୍‌ମ୍ୟାନ୍ କହିଛନ୍ତି।



ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା

-ଗୁଡ୍ ଫ୍ରାଇଡେ ଓ ଲଙ୍କା ପୋଡ଼ି



# ଆଣବିକ ପ୍ରତିରୋଧ ଓ ମହାଶକ୍ତି



ଆଣ୍ଟୋନି ଡାବିଲା

ଆଣବିକ ଅସ୍ତ୍ରଶସ୍ତ୍ର ଯୋଗୁ ମହାଶକ୍ତିଙ୍କ ମଧ୍ୟରେ ଯୁଦ୍ଧର ବିଜୟ ଅସମ୍ଭବ ହୋଇଯାଇଛି। ଅର୍ଥାତ୍ ମହାଶକ୍ତିଙ୍କ ନିକଟରେ ଏତେ ଅଣୁ ଅସ୍ତ୍ରଶସ୍ତ୍ର ରହିଛି ଯେ, ଯଦି ସେମାନଙ୍କ ମଧ୍ୟରେ ଯୁଦ୍ଧ ହୁଏ ; ତେବେ ବିଜୟ ପରିବର୍ତ୍ତେ ବିନାଶ ସୁନିଶ୍ଚିତ। ତଥାପି ୧୯୪୫ ପରେ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ପରୋକ୍ଷ ଭାବେ ଛାୟାଯୁଦ୍ଧ ଏବଂ ଆଞ୍ଚଳିକ କ୍ଷେତ୍ରରେ ଆର୍ଥିକ, ରାଜନୈତିକ ଓ ସାମାଜିକ ଅସ୍ଥିରତା ସୃଷ୍ଟି କରି ଏହା କରିପାରୁଥିଲେ। ଯେତେ ହିଂସାତ୍ମକ ହେଲେ ବି ଏହିସବୁ ସଂଘର୍ଷ ବିଂଶ ଶତାବ୍ଦୀର ଦୁଇ ବିଶ୍ୱଯୁଦ୍ଧର ହିଂସାତ୍ମକ ସ୍ଥିତି ଆଡ଼କୁ ବଢ଼ିବ ବୋଲି ଆଶା କରାଯାଉ ନ ଥିଲା। ହେଲେ ୨୦୨୨ରୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ସେହି ବିଶ୍ୱାସକୁ ଧୂଳିସାତ୍ କରିଦେଇଛି। ୧୯୯୪ ବୁଦାପେଷ୍ଟ ମେମୋରାଣ୍ଡମ ଅନୁଯାୟୀ ଯେଉଁ ସ୍ୱାଧୀନ ଦେଶର ସୁରକ୍ଷାକୁ ରୁଷିଆ ନିଶ୍ଚିତ କରିଥିଲା, ତାହା ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇ ଭ୍ଲାଡିମୀର ପୁଟିନ୍ ବିଶ୍ୱ ବ୍ୟବସ୍ଥାର ମୌଳିକ ମାନ୍ୟତାକୁ ଅଣଦେଖା କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ଦର୍ଶାଇଛି, ଆଣବିକ ଅସ୍ତ୍ର ବଳରେ ଏକ ମହାଶକ୍ତି ପରମାଣୁ ଯୁଦ୍ଧକୁ ଅଗ୍ରାଧିକାର ନ ଦେଇ ଏକ ପୂର୍ଣ୍ଣ ପାରମ୍ପରିକ ଯୁଦ୍ଧ କରିପାରେ। ଏହାସହ ପରମାଣୁ ଯୁଦ୍ଧ ଆରମ୍ଭ ନ କରି ପ୍ରତିରୋଧୀ କାର୍ଯ୍ୟ କରାଯାଉଛି। ତେବେ ଆଣବିକ ପ୍ରତିରୋଧ ଅସ୍ତ୍ରଶସ୍ତ୍ରଗୁଡ଼ିକ ଉପରେ ନୁହେଁ, ବରଂ ସେସବୁର ବ୍ୟବହାର ସମ୍ପର୍କିତ ପ୍ରତ୍ୟାଶା ଉପରେ ନିର୍ଭର କରେ। ଅପରପକ୍ଷରେ, ଏହି ପଦକ୍ଷେପ ନୀତି ବଦଳାଇଥିବା ଦେଶଗୁଡ଼ିକୁ ସେମାନଙ୍କ ସ୍ୱାର୍ଥ ପାଇଁ ଅନ୍ତର୍ଜାତୀୟ ବ୍ୟବସ୍ଥାର ନିୟମଗୁଡ଼ିକର ପୁନର୍ଗଠନ କରିବା ସକାଶେ ଏକ ସୁଯୋଗ ସୃଷ୍ଟି କରିଛି। ସେମାନେ ବଳ ପ୍ରୟୋଗ କରି ଏହା କରିବାକୁ ଚାହୁଁଛନ୍ତି। କୌଣସି ଦେଶ ଅନ୍ୟର ସୀମା ଉଲ୍ଲଂଘନ କରିବା ଅନୁଚିତ, ଯାହା ଜାତିସଂଘ ବ୍ୟବସ୍ଥାର ଏକ ଆଧାରଶିଳା। କିନ୍ତୁ ଏହାକୁ ଏବେ ଏକ ସର୍ତ୍ତଗତ ନୀତି ଭାବେ ବିଚାର କରିବା ଛାଡ଼ ବରଂ ଏକ ନିୟମ ଭାବେ ବି ଗ୍ରହଣ କରାଯାଉନାହିଁ। ଏହାକୁ କେହି ଲାଗୁ କରିବାକୁ ଇଚ୍ଛୁକ ହେଲେ ହିଁ ଏହା ବୈଧ ହେବ। ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ବିବାଦ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ତରଫରୁ ଆରମ୍ଭ ହୋଇଛି। ୟୁକ୍ରେନ୍‌କୁ ଅଧୀନକୁ ନେବା ଲାଗି ରୁଷିଆ ଚେଷ୍ଟା କଲା। ୭ ଅକ୍ଟୋବର ୨୦୨୩ରେ ହମାସ୍ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଇସ୍ରାଏଲ ଗାଜା, ଲେବାନନ୍, ସିରିଆ, ୟେମେନ୍ ଓ ପରେ ଇରାନ୍ ଉପରେ ସାମରିକ ଆକ୍ରମଣ ଆରମ୍ଭ କରିଦେଲା।

ଆମେରିକା ବୈଶ୍ୱିକ ବ୍ୟବସ୍ଥା ଗଠନ କରିବାରେ ସାହାଯ୍ୟ କରିଥିଲା। ହେଲେ ସେହି ବ୍ୟବସ୍ଥାର ଗ୍ୟାରେଣ୍ଟର ନ ହୋଇ ତାହାର ଅଧିକ କ୍ଷତି କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବାକୁ ଧମକ ଦେଇଛନ୍ତି। ଏହାସହ ଭେନେଜୁଏଲାରେ ହସ୍ତକ୍ଷେପ କରି ତାହାର ରାଷ୍ଟ୍ରପତିଙ୍କୁ ଅପହରଣ କଲେ। ଏହା ପରେ ଏବେ ଇରାନ୍ ସହ ଯୁଦ୍ଧ କରିଛନ୍ତି। ଆମେରିକା କଂଗ୍ରେସର ବିନା ଅନୁମତି କିମ୍ବା ଉପରେ ଜାତିସଂଘର ସ୍ୱୀକୃତି ନଥାଇ ଏହା କରାଯାଇଛି। ବିଗତ ୪ ବର୍ଷ ମଧ୍ୟରେ ରୁଷିଆ ଦର୍ଶାଇଛି ଯେ, ଆର୍ଥିକ କଟକଣାକୁ ମୁକାବିଲା କିମ୍ବା ସହ୍ୟ କରାଯାଇପାରେ। ଆଉ ମଧ୍ୟ ଦର୍ଶାଇଛି ଯେ, ପାଶ୍ଚାତ୍ୟ ଯୁଦ୍ଧ ପଦକ୍ଷେପଗୁଡ଼ିକ ଶିଳ୍ପ ଓ ରାଜନୈତିକ କଟକଣାର ସମ୍ମୁଖୀନ ହୋଇଛି ଏବଂ ଆଣବିକ ସୁରକ୍ଷା ପୂର୍ବ ବିଶ୍ୱାସ ତୁଳନାରେ ଏବେ ଅଧିକ ଭୂଖଣ୍ଡ ଦଖଲ କରିବା ପାଇଁ ଅନୁମତି ଦେଉଛି। ପରିଣାମ ସ୍ୱରୂପ ସ୍ଥାନୀୟ ସଂଘର୍ଷ ବୃଦ୍ଧି ହେଉଛି, ଯାହା ସେହି ଅଞ୍ଚଳରେ ସୀମିତ ନ ରହି ବ୍ୟାପୁଛି। ଯଦି ଲଗାତର ପାରମ୍ପରିକ ହିଂସା ଜାରି ରହେ, ତେବେ ତାହା ତୃତୀୟ ବିଶ୍ୱଯୁଦ୍ଧ ଘଟିପାରେ।

ଏବେ ସଂଘର୍ଷଗୁଡ଼ିକ ସାମଗ୍ରିକ ଭାବେ ବିଶ୍ୱ ବ୍ୟବସ୍ଥାକୁ ଅଧିକ ଚାପଗ୍ରସ୍ତ କରୁଛି। ଏଭଳି ସ୍ଥିତିରେ ଯୁଦ୍ଧଗୁଡ଼ିକ ଏକ ରଣନୀତିକ ସଙ୍କଟ ଭାବେ କେନ୍ଦ୍ରିତ ହୋଇପାରେ। ଫ୍ରାନ୍ସର ସମାଜ ବିଜ୍ଞାନୀ ରେମଣ୍ଡ ଆରୋନ ଏହି ସମସ୍ୟାକୁ ଏକ ଦଶନ୍ଧି ପୂର୍ବରୁ ସୂଚିତ କରିଥିଲେ। ସେ ତାଙ୍କ ପୁସ୍ତକ 'ଦି ସେଞ୍ଚୁରୀ ଅଫ୍ ଟୋଟାଲ ୱାର୍ସ'ରେ ଯୁକ୍ତି ବାଢ଼ିଥିଲେ ଯେ, ଆମେରିକୀୟ ରଣନୀତିଜ୍ଞମାନେ ଦୁଇଟି ଭବିଷ୍ୟତ କଥା ଭାବିଛନ୍ତି। ଗୋଟିଏ ହେଉଛି ପ୍ରତ୍ୟକ୍ଷ ସଂଘର୍ଷ ବିନା ସାମରିକ ବଳରେ ଶାନ୍ତି କିମ୍ବା ପରମାଣୁ ବିନିମୟରେ ଯୁଦ୍ଧ ଶେଷ। ଶୀତଳଯୁଦ୍ଧର ଉଗ୍ର ସଂଘର୍ଷଗୁଡ଼ିକ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ପରମାଣୁ ଅସ୍ତ୍ରର ଶକ୍ତି ହିଂସାକୁ ସୀମିତ ରଖିବାରେ ସଫଳ ହୋଇଥିଲା। କିନ୍ତୁ ହିଂସାକୁ ସୀମିତ ରଖିବାର ସେହି କ୍ଷମତା ଏବେ କ୍ଷୀଣ ହେବାରେ ଲାଗିଛି। କାରଣ କୌଣସି ଗୋଟିଏ ବି ଶକ୍ତି ସ୍ଥାନୀୟ ସଂଘର୍ଷକୁ ନିୟନ୍ତ୍ରଣ କରିପାରୁ ନାହିଁ।

ଏଠାରେ ରହିଛି ଆଧିପତ୍ୟର ରହସ୍ୟ। ଆମେରିକାର ପ୍ରତିଦ୍ୱନ୍ଦ୍ୱୀମାନେ କେବଳ ସେମାନଙ୍କ ନିଜ ଅଞ୍ଚଳରେ ପ୍ରଭୁତ୍ୱ ବିସ୍ତାର କରୁଥିବାବେଳେ ଆମେରିକା ସବୁଠି ଆଧିପତ୍ୟ ରଖିବାକୁ ଚାହୁଁଛି। ତାଇୱାନ କିମ୍ବା ଅନ୍ୟତ୍ର ଦେଖାଯାଇଥିବା ସଙ୍କଟ ରଣନୀତିକ ଚାପ ସୃଷ୍ଟି କରିବା ପାଇଁ ଯଥେଷ୍ଟ ହୋଇପାରେ। ୟୁରୋପ ଏଯାବତ୍ ରାଜନୈତିକ ଦୃଷ୍ଟିରୁ ଏକାଠି ହୋଇନାହାନ୍ତି। ଚାଇନାର ପ୍ରଭାବ ବଢୁଥିଲେ ସୁଦ୍ଧା ଏହା ତାହା ସାମ୍ପ୍ରତିକ ସ୍ୱାର୍ଥକୁ ଦେଖି ବୈଶ୍ୱିକ ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହିଁ।

ଏହି ସ୍ଥିତିରେ କେବଳ ଆଣବିକ ଅସ୍ତ୍ରଶସ୍ତ୍ର ଏବଂ ପ୍ରତିରକ୍ଷାତ୍ମକ ମେଣ୍ଟ ଉପରେ ଆଧାରିତ ଏକ ଅପ୍ରତିରୋଧୀ ସୁରକ୍ଷା ନୀତି ଯଥେଷ୍ଟ ହେବ ନାହିଁ। ଆଣବିକ ପ୍ରତିରୋଧର ପୁନଃପ୍ରତିଷ୍ଠା ପାଇଁ ଉଦାରବାଦୀ ଗଣତନ୍ତ୍ରଗୁଡ଼ିକ ସେମାନଙ୍କର ସମ୍ମିଳିତ ପ୍ରତିରକ୍ଷା ବ୍ୟବସ୍ଥାଗୁଡ଼ିକୁ ପୁନର୍ଗଠନ କରିବା ଦରକାର। ନୀତିଗୁଡ଼ିକ ପୁନରୁଦ୍ଧାର, ଶକ୍ତି ବ୍ୟବହାରର ପରିଚାଳନା ଏବଂ ଆଞ୍ଚଳିକ ସମନ୍ୱୟ ଉପରେ ଆଧାରିତ ଏକ ନୂଆ ସୁରକ୍ଷା ବଳୟ ଗଢ଼ି ଏହା କରିବା ଉଚିତ। ଆର୍ଥିକ ଶକ୍ତି ବ୍ୟାପକ ଭାବେ ଅବ୍ୟବସ୍ଥିତ ହୋଇଯାଇଥିବାରୁ ଏକ 'ଅପରିହାର୍ଯ୍ୟ ଦେଶ' ଭାବେ ଗଣାଯାଉଥିବା ଆମେରିକା ଯୁଗର ଶେଷ ହେବାକୁ ଯାଉଛି। ତେବେ ଫ୍ରାନ୍ସର ସମାଜବିଜ୍ଞାନୀ ଜିନ ବେଚଲରଙ୍କ ମତରେ କେତେକ ହାତଗଣତି ଦେଶର ପ୍ରାଧାନ୍ୟ ରହୁଥିବା ଏକ ସମନ୍ୱିତ ବ୍ୟବସ୍ଥା କିମ୍ବା ଚାଇନା ଓ ଆମେରିକାର ପ୍ରଭାବ ରହୁଥିବା ଏକ ନୂତନ ବ୍ୟବସ୍ଥା ବୈଶ୍ୱିକ ବ୍ୟବସ୍ଥା ଆଡ଼କୁ ଗତିକରୁଛି। ଆଣବିକ ପ୍ରତିରୋଧ ଯଦି ଜାରି ରହେ, ତେବେ ଆଗକୁ କିଛି ପରିବର୍ତ୍ତନ ଘଟିପାରେ। ଯଦି ଏହା ବିଫଳ ହୁଏ, ତେବେ ପ୍ରକୃତ ବିପଦ ମହାଯୁଦ୍ଧ ନୁହେଁ, ବରଂ ନିରନ୍ତର ହିଂସା ବଢ଼ିଚାଲିବ, ଯାହାକୁ କେହି ବି ନିୟନ୍ତ୍ରଣ କରିପାରିବେ ନାହିଁ।

**ରିସର୍ଚ୍ଚ ଫେଲୋ, ପ୍ୟାରିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପଲିଟିକାଲ ଷ୍ଟଡିଜ୍**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| 5 | 9 | | | | 6 | | 3 | |
| | | | | 1 | | 9 | | |
| | | | | 5 | | 6 | | 8 |
| | | 3 | | | 1 | | | 5 |
| | 2 | | | | | | 7 | |
| 1 | | 2 | | | | 8 | | 3 |
| | | | 8 | | | | | |
| | | 7 | | | | | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 8 | 6 | 1 | 3 | 7 | 2 |
| 6 | 1 | 2 | 7 | 3 | 5 | 8 | 4 | 9 |
| 3 | 8 | 7 | 2 | 9 | 4 | 1 | 6 | 5 |
| 9 | 4 | 5 | 6 | 8 | 7 | 2 | 3 | 1 |
| 1 | 2 | 6 | 3 | 5 | 9 | 4 | 8 | 7 |
| 8 | 7 | 3 | 4 | 1 | 2 | 9 | 5 | 6 |
| 2 | 3 | 1 | 5 | 4 | 6 | 7 | 9 | 8 |
| 5 | 9 | 4 | 1 | 7 | 8 | 6 | 2 | 3 |
| 7 | 6 | 8 | 9 | 2 | 3 | 5 | 1 | 4 |

ଗତକାଲିର ଉତ୍ତର



# ଜନଜାତୀୟ ଖେଳ ପ୍ରତିଭା: ଆମ ଜାତୀୟ ଗୌରବ

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ଭାରତର ରାଷ୍ଟ୍ରପତି

ମୁଁ ଦେଖିଛି ଯେ ଆମ ଦେଶର ଗ୍ରାମାଞ୍ଚଳ ଓ ବନାଞ୍ଚଳରେ ପିଲାମାନେ ସେମାନଙ୍କ ଦୈନନ୍ଦିନ ଜୀବନର ଅଧିକାଂଶ ସମୟ ପ୍ରକୃତି କୋଳରେ ଅତିବାହିତ କରିଥା'ନ୍ତି। ସେମାନେ ପ୍ରାକୃତିକ ପରିବେଶରୁ ହିଁ ଖେଳକୁଦର ସହଜ ଉପାୟମାନ ଖୋଜି ନିଅନ୍ତି । ଭୂଇଁରେ ଗାର କାଟି, ଭଳିକି ଭଳି ଚିହ୍ନ ଆଙ୍କି ନିଜ ପାଇଁ କ୍ରୀଡ଼ାସ୍ଥଳୀ ପ୍ରସ୍ତୁତ କରିଥା'ନ୍ତି। ସେମାନେ ଫଳର ଶୁଖିଲା ମଞ୍ଜିକୁ ଖେଳର ଗୋଟି ଭାବରେ ବ୍ୟବହାର କରି ନିଅନ୍ତି। ଶୁଖିଲା ପତ୍ର, ଗଛର ଚେର ଏବଂ ପୁରୁଣା ଅବ୍ୟବହୃତ ପୋଷାକପତ୍ରରୁ ପେଣ୍ଡୁ ତିଆରି କରି ଖେଳନ୍ତି। ବାଉଁଶରେ ହକି ଓ ଫୁଟବଲ ଖେଳର ଗୋଲ ପୋଷ୍ଟ ତିଆରି କରନ୍ତି। ଏହିପରି ଭାବରେ ବିଭିନ୍ନ ପ୍ରାକୃତିକ ଉପାଦାନକୁ ଉପଯୋଗ କରି ସେମାନେ ନିଜନିଜର ଖେଳଦୁନିଆର ସର୍ଜନା କରିଥା'ନ୍ତି। ଅନେକ ପିଲା ବିନା ଜୋତା ଓ ଜର୍ସିରେ ବି ପ୍ରବଳ ଉତ୍ସାହର ସହ ଖେଳିଥାନ୍ତି। ଗାଡ଼ିଆପୋଖରୀରେ ପିଲାମାନେ ଖୁବ୍ ପହଁରନ୍ତି। ବର୍ତ୍ତମାନ ଉପଲବ୍ଧ ହେଉଥିବା ସମ୍ବଳ ଓ ପ୍ରଶିକ୍ଷଣ ସହାୟତାରେ ସନ୍ତରଣର ଏହି ପ୍ରକୃତିଦତ୍ତ ପ୍ରତିଭାର ବିକାଶ କରି ଯାଜପୁର ଝିଅ ଅଞ୍ଜଳି ମୁଣ୍ଡା ମାତ୍ର ୧୫ ବର୍ଷ ବୟସରେ ପ୍ରଥମ 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬'ର ପ୍ରଥମ ଦିବସରେ ହିଁ ତିନୋଟି ସ୍ୱର୍ଣ୍ଣ ପଦକ ଜିଣି ସାରା ଦେଶର ଯୁବାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ତୀରଚାଳନା ପ୍ରତି ଜନଜାତୀୟ ଲୋକଙ୍କର ଏକ ସ୍ୱତଃସ୍ଫୂର୍ତ୍ତ ଆକର୍ଷଣ ରହିଆସିଛି। ୧୮୫୫ ମସିହାରେ ଶୋଷଣ ବିରୁଦ୍ଧରେ ଭୀଷଣ ସଂଗ୍ରାମ କରିଥିଲା ସାନ୍ତାଳ ସମ୍ପ୍ରଦାୟ, ଯାହା 'ସାନ୍ତାଳ ହୁଲ' ନାମରେ ପରିଚିତ। ଯଦିଓ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ବ୍ରିଟିଶ ବାହିନୀ ଏହି ବିଦ୍ରୋହକୁ ଦମନ କରିବାରେ ସମର୍ଥ ହୋଇଥିଲା, ତେବେ ନିଜ ନିଜ ବିବରଣୀରେ ଇଂରେଜମାନେ ସାନ୍ତାଳ ବୀରମାନଙ୍କର ରଣକୌଶଳ, ବିଶେଷତଃ ତୀରଚାଳନା ଦକ୍ଷତା ବିଷୟରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରିଛନ୍ତି। ମୁଁ ରାଜ୍ୟପାଳ ଥିବା ସମୟରେ ସାନ୍ତାଳ ହୁଲ୍‌ର ନେତୃତ୍ୱ ନେଇଥିବା ବୀରପୁତ୍ର ସିଦ୍ଧ-କାହ୍ନୁ ଓ ଚାନ୍ଦ-ଭୈରବ ଏବଂ ବୀରାଙ୍ଗନା ଭଉଣୀ ଦ୍ୱୟ ଫୁଲ-ଝାନୋଙ୍କ ଗାଁ ଉରି-ମାରିକୁ ଯାଇ ସେମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର ସୌଭାଗ୍ୟ ଲାଭ କରିଥିଲି। ତୀରଚାଳନାରେ ଏକଲବ୍ୟଙ୍କ ମହାନତା କଥା ପ୍ରତ୍ୟେକ ଦେଶବାସୀଙ୍କୁ ଜଣା। ସେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ରୂପେ ବିଖ୍ୟାତ। ଦେଶବାସୀଙ୍କ ପାଇଁ, ବିଶେଷତଃ ଜନଜାତୀୟ ସମାଜ ଲାଗି ଏକଲବ୍ୟ ହେଉଛନ୍ତି ପ୍ରେରଣାର ଉତ୍ସ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡ଼ିକରେ ପ୍ରତିଷ୍ଠା କରାଯାଇଥିବା 'ଖେଳ ଉତ୍କୃଷ୍ଟତା କେନ୍ଦ୍ର' ଆଧୁନିକ କ୍ରୀଡ଼ା ଉପକରଣ ଓ ପ୍ରଣାଳୀ ମାଧ୍ୟମରେ ପିଲାମାନଙ୍କର ସାମର୍ଥ୍ୟ ବୃଦ୍ଧି କରୁଅଛି। ଏହିପରି ଭାବରେ ବିଦ୍ୟାଳୟର ଖେଳ-ବ୍ୟବସ୍ଥା ସଙ୍ଗେ ସଙ୍ଗେ ଅନ୍ୟତ୍ର ଥିବା ଖେଳ-ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଶିକ୍ଷିତ କରିବା କାର୍ଯ୍ୟକ୍ରମ ମଧ୍ୟ ଚାଲୁ ରହିଛି।

ମୋର ବ୍ୟକ୍ତିଗତ ପ୍ରଚେଷ୍ଟାରେ ମୋ ଗାଁର ବଞ୍ଚିତ ବର୍ଗର ପିଲାମାନଙ୍କ ନିମନ୍ତେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏହି ବିନମ୍ର ପ୍ରଚେଷ୍ଟା କ୍ରମରେ ବିଦ୍ୟାଳୟ ପରିସରରେ ତୀରଚାଳନା ପ୍ରଶିକ୍ଷଣର ବ୍ୟବସ୍ଥା ମଧ୍ୟ କରାଯାଇଛି। ସରକାରୀ ଉଦ୍ୟମ ସାଙ୍ଗକୁ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଛୋଟ ଛୋଟ ପ୍ରୟାସ ମଧ୍ୟ ଜନଜାତୀୟ ପିଲାମାନଙ୍କ ଭିତରେ ଥିବା କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ସହାୟକ ହେବ।

ମୋ ଗାଁର ଜନଜାତୀୟ ସମାଜର ଅନ୍ୟମାନଙ୍କ ପରି ମୋ ଭିତରେ ମଧ୍ୟ ସନ୍ତରଣ ସାଙ୍ଗକୁ କ୍ରୀଡ଼ା ଓ ବ୍ୟାୟାମ ପ୍ରତି ବେଶ୍ ଆଗ୍ରହ ଥିଲା। ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ମୁଁ ପ୍ରାୟତଃ ପ୍ରଥମ ହେଉଥିଲି। ଥରେ ପ୍ରତିଯୋଗିତାରେ ମୋ ସାଙ୍ଗ କିପରି ପ୍ରଥମ ହେବ, ସେଥିପାଇଁ ମୁଁ ଜାଣିଜାଣି ପଛେଇ ଯାଇଥିଲି। ଖେଳକୁଦରେ ଟିମ୍-ସ୍ପିରିଟର ଉନ୍ମେଷ ଘଟିଥାଏ ଏବଂ ସାମାଜିକ ସମ୍ପର୍କ ସୁଦୃଢ଼ ହୋଇଥାଏ। ସାଧାରଣତଃ ଖେଳାଳିମାନଙ୍କ ମଧ୍ୟରେ ଖେଳପଡ଼ିଆରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ଖେଳପଡ଼ିଆ ବାହାରେ ଗଭୀର ବନ୍ଧୁତା ଦେଖିବାକୁ ମିଳିଥାଏ।

ମୋ ଭାଇ ଜଣେ ବହୁତ ଭଲ ଫୁଟବଲ ଖେଳାଳି ଥିଲେ କିନ୍ତୁ ଗଭୀର ଆଘାତ ଯୋଗୁ ଆଉ ଖେଳିପାରିଲେ ନାହିଁ। ମୋ ପରିବାରର ଅନ୍ୟ କେତେଜଣ ମଧ୍ୟ ବିଭିନ୍ନ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ବ୍ୟକ୍ତିଗତ ଆଲେଖ୍ୟରେ ମୁଁ କହିବାକୁ ଚାହେଁ ଯେ ଜନଜାତୀୟ ପରିବାରଗୁଡ଼ିକରେ କ୍ରୀଡ଼ାର ଏକ ଜୀବନ୍ତ ପରମ୍ପରା ବିଦ୍ୟମାନ। ସେମାନଙ୍କ ଭିତରେ କ୍ରୀଡ଼ାର ଅସରନ୍ତି ପ୍ରତିଭା ରହିଛି, ଉତ୍ସାହ ରହିଛି, ରୁଚି ରହିଛି ଏବଂ ଆଗକୁ ବଢ଼ିବାର ଆଗ୍ରହ ବି ରହିଛି। ସୁବିଧାସୁଯୋଗ ଓ ପ୍ରଶିକ୍ଷଣ ମାଧ୍ୟମରେ ଏପରି ପ୍ରତିଭାମାନଙ୍କର ଉପଯୁକ୍ତ ବିକାଶ କରାଯାଇପାରିଲେ କ୍ରୀଡ଼ା, ସେମାନଙ୍କ ପାଇଁ କେବଳ ମନୋରଞ୍ଜନ ଓ ସାମାଜିକ ମିଳାମିଶାର ମାଧ୍ୟମ ନ ହୋଇ ସେମାନଙ୍କର ଉନ୍ନତି ଓ ଆର୍ଥିକ ସ୍ୱାବଲମ୍ବନ ତଥା ସାମାଜିକ ପ୍ରତିଷ୍ଠାର ମାଧ୍ୟମ ହୋଇପାରିବ। ଏ ପରିପ୍ରେକ୍ଷୀରେ ୨୦୧୮ ମସିହାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ରାଜ୍ୟ ସରକାର ଓ କ୍ରୀଡ଼ା ପ୍ରତିଷ୍ଠାନର ସହଭାଗିତାରେ ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା 'ଖେଲୋ ଇଣ୍ଡିଆ' ଅଭିଯାନ ଦେଶର କ୍ରୀଡ଼ା ବିକାଶ କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି।

କିଛିବର୍ଷ ତଳେ ଆମ ଦେଶରେ କ୍ରୀଡ଼ାର ଉତ୍ତମ ସୁବିଧାସୁଯୋଗ କେବଳ ମହାନଗରଗୁଡ଼ିକ ଭିତରେ ସୀମିତ ଥିଲା। ଅଥଚ ଅନେକ ପ୍ରତିଭାବାନ ଖେଳାଳି ଆମ ଗ୍ରାମାଞ୍ଚଳ ଓ ବନାଞ୍ଚଳରେ ରହିଛନ୍ତି। ଜନଜାତି ଅଧ୍ୟୁଷିତ ଅଞ୍ଚଳରେ କ୍ରୀଡ଼ା ଏକାଡେମୀ ଏବଂ ପ୍ରଶିକ୍ଷଣ ସୁବିଧାମାନ ପୂର୍ବେ ସୁଲଭ ନ ଥିଲା। ଅଧୁନା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କର ଖେଳକୁଦ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବାଠାରୁ ଆରମ୍ଭ କରି 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ' ପରି ପ୍ରୟାସ ବଳରେ ଜନଜାତୀୟ ପ୍ରତିଭାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳୁଛି।

ମୋର ମନେଅଛି ଯେ ମୋର ଛାତ୍ରୀ ଜୀବନରେ ଗ୍ରାମ୍ୟ ସ୍ତରରେ ପାଞ୍ଚ-ସାତ ଖଣ୍ଡ ଗାଁର ଲୋକେ ମିଶି ଖେଳ ପ୍ରତିଯୋଗିତା ଆୟୋଜନ କରୁଥିଲେ। କେତେକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟ ଜନଜାତୀୟ ଅଞ୍ଚଳରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇଆସିଛନ୍ତି। ତେବେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଉଥିବା ଭଲ ଭଲ ଖେଳାଳିମାନେ ଗ୍ରାମ୍ୟ ସ୍ତରରୁ ଉପରକୁ ଉଠି ପାରୁ ନ ଥିଲେ। ବିଗତ କିଛି ବର୍ଷ ହେବ ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ ପ୍ରଶଂସନୀୟ ଉଦ୍ୟମ କରାଯାଇଅଛି। ଏହି ଉଦ୍ୟମକୁ ଆଗକୁ ନେଇ 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬'ର ଆୟୋଜନ କରାଯାଇଛି। ଏହାଦ୍ୱାରା ତୃଣମୂଳ ସ୍ତରର ଜନଜାତୀୟ ଖେଳାଳିମାନଙ୍କୁ ପରିଚୟ ମିଳିପାରିଛି ଏବଂ ସେମାନଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ଓ ପ୍ରଶିକ୍ଷଣ ଉପଲବ୍ଧ କରାଯାଇଛି। ଏହି ରାଷ୍ଟ୍ରୀୟ କ୍ରୀଡ଼ାରେ ପ୍ରାୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ନିଜନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି।

ଆମ ଖେଳାଳିମାନଙ୍କର ସ୍ୱାଭାବିକ ପ୍ରତିଭା ବଳରେ ଭାରତ ୧୯୨୮ ମସିହାରେ ଆୟୋଜିତ ଅଲିମ୍ପିକ୍ସ କ୍ରୀଡ଼ାରେ ହକିରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିଣିଥିଲା। ଭାରତର ସେହି ଐତିହାସିକ ବିଜୟରେ ଜନଜାତୀୟ ଖେଳାଳିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେବେଠାରୁ ଏ ପର୍ଯ୍ୟନ୍ତ ଦିଲୀପ ତିର୍କୀ, ସୁବୋଧ ଲାକ୍ରା ଓ ସଲିମା ଟେଟେଙ୍କ ପରି ହକି-ତାରକା ଖେଳାଳିମାନେ ଭାରତର ପୁରୁଷ ଓ ମହିଳା ଟିମ୍‌କୁ ନିଜ ପ୍ରତିଭା ଦ୍ୱାରା ସମୃଦ୍ଧ କରିଆସିଛନ୍ତି।

ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ହୋଇଆସୁଥିବା 'ଖେଲୋ ଇଣ୍ଡିଆ' ନାମକ ରାଷ୍ଟ୍ରୀୟ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସବୁ ଭୌଗୋଳିକ କ୍ଷେତ୍ର, ସାମାଜିକ ବର୍ଗ ଓ ଅନୁଷ୍ଠାନଗୁଡ଼ିକ ନିମନ୍ତେ ଏକ ସମୁଚିତ କ୍ରୀଡ଼ା ଇକୋ-ସିଷ୍ଟମ ଉପଲବ୍ଧ କରାଯିବା ନେଇ ସମାବେଶୀ ପ୍ରୟାସ କରାଯାଉଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ାରେ ଝିଅମାନଙ୍କର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାରି ରହିଥିବା 'ଅସ୍ମିତା' ଯୋଜନା ବଳରେ ଜନଜାତୀୟ ଝିଅମାନଙ୍କର କ୍ଷମତା ମଧ୍ୟ ବିକଶିତ ହେଉଛି। 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬' ମାଧ୍ୟମରେ ଆରମ୍ଭ କରାଯାଇଥିବା ପ୍ରୟାସଗୁଡ଼ିକ ସୁଦୃଢ଼ କରି ଜନଜାତୀୟ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେଲେ ଖେଳାଳିମାନଙ୍କର ଏପରି ଗୋଷ୍ଠୀ ଗଢ଼ାଯାଇପାରିବ, ଯାହାଦ୍ୱାରା ବିଶ୍ୱ ଦରବାରରେ ଭାରତ କ୍ରୀଡ଼ା-ମହାଶକ୍ତି ରୂପେ ପ୍ରତିଷ୍ଠିତ ହୋଇପାରିବ।

କିଛି ମାସ ତଳେ ଆୟୋଜିତ ବସ୍ତର ଓ ସରଗୁଜା ଅଲିମ୍ପିକ୍‌ରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଏପରି କେତେକ ଖେଳାଳି ଥିଲେ ଯେଉଁମାନେ ନକ୍ସଲବାଦର ପଥ ପରିତ୍ୟାଗ କରି କ୍ରୀଡ଼ାର ସତ୍‌ପଥରେ ଅଗ୍ରସର ହୋଇଛନ୍ତି। ଖେଳକୁଦ ଯୁବଶକ୍ତିକୁ ସକାରାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିଥାଏ। ଯୁବାଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରି ତାହାର ବିକାଶ କରିବା ଦିଗରେ ସରକାରଙ୍କ ପ୍ରଚେଷ୍ଟାର ସୁପରିଣାମ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାଗୁଡ଼ିକରେ ପରିଦୃଷ୍ଟ ହେବା ଆରମ୍ଭ ହୋଇଛି।

ଜନଜାତୀୟ ଯୁବତୀଯୁବକଙ୍କ ସମେତ ଆମ ଯୁବବର୍ଗଙ୍କ କ୍ରୀଡ଼ା ପ୍ରତିଭା ଆମର ଅମୂଲ୍ୟ ରାଷ୍ଟ୍ରୀୟ ପୁଞ୍ଜି। ମୋର ବିଶ୍ୱାସ, ଏହି ଅମୂଲ୍ୟ ସମ୍ବଳର ସଦୁପଯୋଗ କରି ଆମ ଦେଶ କ୍ରୀଡ଼ା-ଉତ୍କୃଷ୍ଟତାର ଅନେକ ଗୌରବଶାଳୀ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିବ। ଏହି ବିଶ୍ୱାସ ସହିତ ମୋର ବାର୍ତ୍ତା ଏହି ଯେ, ଖେଲୋ ଇଣ୍ଡିଆ ! ଖୁବ୍ ଖେଲୋ ଇଣ୍ଡିଆ !



# ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା

ହରିଶ୍ଚନ୍ଦ୍ର ଅରିଶଲ୍ୟ

ପ୍ରଭୁ ଯିଶୁଖ୍ରୀଷ୍ଟ ଦୁଇ ହଜାରରୁ ଅଧିକ ବର୍ଷ ତଳେ, ରୋମୀୟ ସାମ୍ରାଜ୍ୟ ସମୟରେ, ନିଜର ପରିଚୟ ଓ ବ୍ୟକ୍ତିତ୍ୱକୁ ଖୋଲାଖୋଲି ଭାବେ ପ୍ରକାଶ କରିଥିଲେ। ତାଙ୍କ ବିରୋଧରେ ରାଜଦ୍ରୋହର ମିଥ୍ୟା ଅଭିଯୋଗ ଆଣି କ୍ରୁଶବିଦ୍ଧ କରାଗଲା। କିନ୍ତୁ ବିଚାରପତିମାନେ ତାଙ୍କଠାରେ କୌଣସି ଦୋଷ ପାଇ ନ ଥିଲେ। ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ହୋଇ ମଧ୍ୟ ଆମ୍ଭମାନଙ୍କ ପାପ ପାଇଁ ପ୍ରଭୁଯିଶୁ ମୃତ୍ୟୁଦଣ୍ଡ ଭୋଗ କଲେ। ବାଇବେଲ କହେ, 'ସମସ୍ତେ ପାପ କରି ଈଶ୍ୱରଙ୍କ ମହିମାରୁ ଊଣା ପଡ଼ିଅଛନ୍ତି।' 'ପାପର ବେତନ ମୃତ୍ୟୁ'। ପ୍ରଭୁ ଯିଶୁ ଶାରୀରିକ ମୃତ୍ୟୁର ଅଳ୍ପ ସମୟ ପୂର୍ବରୁ କ୍ରୁଶ ଉପରୁ ୭ଟି ନିଗୂଢ଼ ବାକ୍ୟ ଉଚ୍ଚାରଣ କରିଥିଲେ। ୧) ହେ ପିତା ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ, ୨) ମୁଁ ତୁମକୁ ସତ୍ୟ କହୁଛି, ଆଜି ତୁମେ ମୋ ସହିତ ପାରଦୀଶରେ ରହିବ, ୩) ହେ ମୋହର ଈଶ୍ୱର ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ, ୪) ହେ ପିତା ତୁମ ହସ୍ତରେ ମୋର ଆତ୍ମାକୁ ସମର୍ପଣ କରୁଛି, ୫) ଗୋନାରୀ, ଏଠାରେ ତୁମ୍ଭର ପୁତ୍ର, ତୁମ୍ଭର ମା, ୬) ମୋତେ ତୃଷା ଲାଗୁଛି, ୭) ଏହା ସମାପ୍ତ ହେଲା।

ହେ ପିତା, ଏମାନଙ୍କୁ କ୍ଷମାକର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ। ଏହାଥିଲା ଏକ ଦୁର୍ଲଭ ବାକ୍ୟ। ନିର୍ଦ୍ଦୋଷରେ ଦଣ୍ଡ ପାଇବା ଅବସରରେ କ୍ଷମାଦେବା ଇତିହାସରେ ଏକ ବିରଳ ଘଟଣା। ପ୍ରଭୁ ଯିଶୁ କ୍ଷମାର ସାଗର। କେବଳ ସେ ହିଁ କ୍ଷମା ଦେଇପାରନ୍ତି। ମନୁଷ୍ୟ ସମାଜର ପାପ କ୍ଷମା ନିମନ୍ତେ ପବିତ୍ର ନରବଳିକୁ ପ୍ରଭୁ ଯିଶୁ ସମ୍ପୂର୍ଣ୍ଣ କରିଥିଲେ। ବାଇବେଲ କହେ, ପ୍ରଭୁଯିଶୁ ଆମ୍ଭମାନଙ୍କ ପିତା ଈଶ୍ୱରଙ୍କ ଇଚ୍ଛାନୁସାରେ ଏହି ବର୍ତ୍ତମାନ ପାପର କ୍ରୀତଦାସରୁ ଉଦ୍ଧାର କରିବା ପାଇଁ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ପ୍ରଦାନ କଲେ। ପବିତ୍ର ଓ ନ୍ୟାୟବାନ ଈଶ୍ୱର କାହାରି ମୁଖା ପେକ୍ଷା କରନ୍ତି ନାହିଁ। ଦୋଷୀକୁ ଦଣ୍ଡ ଦେଇ ନ୍ୟାୟ ବିଚାର କରନ୍ତି। ଯେଣୁ ଆମ୍ଭମାନଙ୍କୁ ଈଶ୍ୱର ନିକଟକୁ ଆଣିବା ନିମନ୍ତେ ଯିଶୁଖ୍ରୀଷ୍ଟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ବଳିକୃତ ହେଲେ ଓ ମୃତ୍ୟୁ ଭୋଗ କଲେ। ସେ ଶରୀରରେ ମୃତ୍ୟୁ ଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ। ପ୍ରଭୁ ଯିଶୁ ମନୁଷ୍ୟ ସମାଜ ପାଇଁ 'କ୍ଷମା'ର ଦ୍ୱାର ଖୋଲିଦେଲେ। ପ୍ରଭୁଯିଶୁଙ୍କ ଦ୍ୱାରା ଓ ତାଙ୍କ ଦେଇ ସମସ୍ତେ ଈଶ୍ୱରଙ୍କ ନିକଟକୁ ଯାଇପାରିବେ। ପ୍ରଭୁଯିଶୁ କ୍ରୁଶାର୍ପିତ ଅବସ୍ଥାରେ ସମସ୍ତଙ୍କ କ୍ଷମା ପାଇଁ ପିତା ଈଶ୍ୱରଙ୍କୁ ନିବେଦନ କଲେ। ବର୍ତ୍ତମାନ ପ୍ରଭୁଯିଶୁ ଆହ୍ୱାନ କରୁଛନ୍ତି, ''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।'' ବାଇବେଲ କହେ, ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ।



କ୍ଷମା କରିବା କ୍ଷମା ଦେବା ଏକ ସାଧାରଣ ବିଷୟ ନୁହେଁ। ଯେଉଁମାନେ କ୍ଷମା ଦିଅନ୍ତି ଏବଂ କ୍ଷମା ପାଆନ୍ତି ସେମାନେ ଏହାର ଗୁରୁତ୍ୱ ଅନୁଭବ କରନ୍ତି। ବାଇବେଲ କହେ, ଯାହାଙ୍କଠାରେ ପାପର ଲେଶ ମାତ୍ର ନ ଥିଲା ତାହାଙ୍କୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପେ କଲେ, ଯେପରି ଆମ୍ଭେମାନେ ପ୍ରଭୁଯିଶୁଙ୍କ ଦ୍ୱାରା ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେଉ। ଜଣେ ମଣିଷ (ଆଦମ)ର ପାପରେ ମନୁଷ୍ୟ ଜାତି ପାପୀ ହେଲା ଏବଂ ଜଣେ ମଣିଷ (ମନୁଷ୍ୟ ଅବତାର ପ୍ରଭୁଯିଶୁଙ୍କ) ବଳିଦାନରେ ମନୁଷ୍ୟ ସମାଜ କ୍ଷମା, ମୁକ୍ତି ଓ ପରିତ୍ରାଣ ମୋକ୍ଷର ଅଧିକାରୀ ହେଲେ। ପ୍ରଭୁଯିଶୁ ସମସ୍ତଙ୍କ ପାପକ୍ଷମା ପାଇଁ ବଳିଦାନ ଦେଇ କ୍ରୁଶ ଉପରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଏହା ହିଁ ଶୁଭ ଶୁକ୍ରବାରର ମହାନ୍ ବାର୍ତ୍ତା।

ବାଇବେଲ ପ୍ରମାଣିତ, ପ୍ରଭୁଯିଶୁ ତିନିଦିନ ପରେ କବରରୁ ପୁନରୁତ୍ଥିତ ହେଲେ। ଏହା ପୃଥିବୀ ଇତିହାସରେ ପ୍ରଥମ ଓ ଶେଷ ଘଟଣା। ପୁଣି ୪୦ ଦିନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ଦେଖାଦେଇଥିଲେ। ନିଜକୁ ସ୍ପର୍ଶ କରିବାକୁ ସୁଯୋଗ ଦେଲେ ଏବଂ ସମସ୍ତଙ୍କ ଗୋଚରରେ ସ୍ୱର୍ଗାରୋହଣ କଲେ। ତାହାଙ୍କ ସ୍ୱର୍ଗାରୋହଣ ସମୟରେ ଆକାଶରୁ ଦୂତଙ୍କ ବାଣୀ ଥିଲା, ପ୍ରଭୁ ଯିଶୁ ଯେପରି ସ୍ୱର୍ଗାରୋହଣ କଲେ ଠିକ୍ ସେହିପରି ଦ୍ୱିତୀୟ ଥର ପୃଥିବୀକୁ ବିଚାର କରିବା ପାଇଁ ଦ୍ୱିତୀୟ ଆଗମନ କରିବେ। ପ୍ରଭୁଯିଶୁଙ୍କ ଦ୍ୱିତୀୟ ଆଗମନ ପୂର୍ବରୁ ଯାହା ସବୁ ଲକ୍ଷଣ ବାଇବେଲରେ ଉଲ୍ଲେଖ ଅଛି, ତାହାସବୁ ଆଜି ପୃଥିବୀରେ ଦେଖାଯାଉଛି।

ପ୍ରଭୁଯିଶୁ କହିଥିଲେ, କେହି ମୋଠାରୁ ମୋର ଜୀବନ ନେଇଯାଇ ନାହିଁ, ମାତ୍ର ମୁଁ ଆପେ ତାହା ଦାନ କରେ। ଜୀବନଦାନ କରିବାକୁ ଓ ସେହି ଜୀବନକୁ ପୁନର୍ବାର ଗ୍ରହଣ କରିବାକୁ ମୋର ଅଧିକାର ଅଛି। ମୁଁ ମୋର ପିତାଙ୍କଠାରୁ ଏହି ଆଜ୍ଞା ପାଇଛି। ପ୍ରଭୁଯିଶୁ ସମସ୍ତଙ୍କୁ ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ଓ ଭୌଗୋଳିକ ସୀମା ନିର୍ବିଶେଷରେ ଆହ୍ୱାନ ଦେଇଛନ୍ତି- 'ମୁଁ ପଥ, ସତ୍ୟ ଓ ଜୀବନ। ମୋ ଦେଇ ନ ଗଲେ କେହି ପରମ ପିତାଙ୍କ ନିକଟକୁ ଯାଇପାରିବ ନାହିଁ।' ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ପ୍ରଭୁ ଯିଶୁଖ୍ରୀଷ୍ଟ ଏକମାତ୍ର ମଧ୍ୟସ୍ଥ। ପ୍ରଭୁ ଯିଶୁ ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା। କ୍ଷମାର ଆବଶ୍ୟକତା ଅତି ଜରୁରୀ ଥିଲା ଏବଂ ବର୍ତ୍ତମାନ ମଧ୍ୟ ଅଛି। ଆମ ପରିବାରରେ ସମାଜରେ ରାଜ୍ୟରେ ଦେଶରେ ଏବଂ ପୃଥିବୀରେ ପରସ୍ପର କ୍ଷମା କରିଦେଲେ, ଅନେକ ଜଟିଳ ସମସ୍ୟା ଦୂରେଇ ଯିବ। କ୍ଷମା କରିଦେଲେ ମଣିଷ ଓ ମଣିଷ ମଧ୍ୟରେ ଦୂରତା କମିଯିବ। ଘନିଷ୍ଠତା ବଢ଼ିଯିବ। ସୁସ୍ଥ ମାନବ ସମାଜ ଗଢ଼ି ଉଠିବ।

**ଅହମଦାବାଦ, ଗୁଜରାଟ**
**ମୋ:୯୪୯୪୭୮୨୭୭୭**

## ଏଇ ଭାରତରେ

ଅସହାୟ ପିଲାଙ୍କ ଆଶାବାଡ଼ି ପୋର୍ତ୍ତିଆ ପୁଟାଟୁଣ୍ଡା। ସେ ତାଙ୍କ ପିତାଙ୍କ ସ୍ମୃତିରେ ଏକ ଆବାସିକ ସ୍କୁଲ ଖୋଲି ମାଗଣାରେ ପିଲାମାନଙ୍କୁ ପଢାଉଛନ୍ତି। ସେମାନଙ୍କୁ ଖାଦ୍ୟ, ଚିକିତ୍ସା, ପୋଷାକ ମାଗଣାରେ ଯୋଗାଉଛନ୍ତି। ପୋର୍ତ୍ତିକା ଭାରତର ସବୁଠୁ ଉଚ୍ଚ ଗାଁ କୋମିକରେ ଏହି ସ୍କୁଲ ଖୋଲିଛନ୍ତି। ସେ ପ୍ଲାନେଟ ସ୍ପିତି ଫାଉଣ୍ଡେଶନ ପ୍ରତିଷ୍ଠା କରି ତା' ମାଧ୍ୟମରେ ଉକ୍ତ ସ୍କୁଲ ପରିଚାଳନା କରୁଛନ୍ତି। ପୋର୍ତ୍ତିକା ସେହି ପିଲାମାନଙ୍କ ପାଇଁ ମା'ପାଲଟିଯାଇଛନ୍ତି। ସ୍କୁଲରେ ୮ରୁ ୧୦ ବର୍ଷ ବୟସର ପିଲା ରହୁଛନ୍ତି । ପିଲାମାନଙ୍କ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ଆଉ ଯେଉଁମାନେ ରହିଲେ ଅଭିଭାବକ ସେମାନଙ୍କ ଯତ୍ନ ନେବାରେ ଅକ୍ଷମ। ଏହି ସ୍କୁଲରେ ପିଲାମାନଙ୍କ ପାଇଁ ଏକ ପାଠାଗାର ଓ ଖେଳିବାର ବ୍ୟବସ୍ଥା କରାଯାଇଛି। ପୋର୍ତ୍ତିକା ପେସାରେ ଜଣେ ସାମ୍ବାଦିକ। ସେ ସିଏନ୍‌ଏନ୍‌ରୁ ୨୦୨୦ରେ ଚାକିରି ଛାଡ଼ି ଏହି କାର୍ଯ୍ୟ କରୁଛନ୍ତି। ସାମ୍ବାଦିକ ଥିବାବେଳେ ସେ କୋମିକ୍‌କୁ ବହୁବାର ଯିବାର ସୁଯୋଗ ପାଇଥିଲେ ଓ ସେଠାରେ ପିଲାଙ୍କ ଦୁର୍ଦ୍ଦଶାକୁ ଦେଖିଥିଲେ। ଏଣୁ ତାଙ୍କ ପିତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିରେ ସେଠାରେ ଏହି ସ୍କୁଲ ଖୋଲିବାର ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଏପ୍ରିଲ ୧୯୭୭

- ପଶ୍ଚିମବଙ୍ଗ ବିଧାନସଭା ସଭ୍ୟା ଭବାନୀ ଶଙ୍କର ମୁଖାର୍ଜୀ କଂଗ୍ରେସ ଦଳ ତ୍ୟାଗ କରି ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।
- ଏସ୍.ଭି. ଗୁପ୍ତେଙ୍କୁ ଭାରତର ନୂଆ ଆଟର୍ଣ୍ଣି ଜେନେରାଲ ରୂପେ ନିଯୁକ୍ତି ପ୍ରଦାନ।
- ତ୍ରିପୁରାରେ ଗଣତାନ୍ତ୍ରିକ କଂଗ୍ରେସ ଦଳ ଓ ମାର୍କ୍ସପନ୍ଥୀ କମ୍ୟୁନିଷ୍ଟ ପାର୍ଟିର ଏକ ମିଳିତ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳା ଏବଂ ଶିଶୁ ହେଲ୍‌ପ ଲାଇନ୍ ଡେସ୍କ ପୁନଃ ପ୍ରଚଳନ ହେଉ

ମହାଶୟ,

ରାଜଧାନୀ ଭୁବନେଶ୍ୱର ସମେତ ପ୍ରାୟ ଅନେକ ବଡ଼ ସହରରେ ଅତୀତ ସରକାରଙ୍କ ଅମଳରେ ଶିଶୁ ଏବଂ ମହିଳା ହେଲ୍ପ ଡେସ୍କ ପରିଚାଳିତ ହେଉଥିଲା । ଏହି ସବୁ ଡେସ୍କଗୁଡ଼ିକ ମହିଳା ଏବଂ ଶିଶୁମାନଙ୍କର ଆପଦ ଓ ବିପଦକାଳୀନ ସହାୟତା ଯୋଗାଇ ଆସୁଥିଲା । ତଦନୁଯାୟୀ ନିୟମିତ ସହରରେ ମହିଳା ଓ ଶିଶୁମାନେ ସେମାନଙ୍କ କ୍ଷେତ୍ରରେ ଦୈନନ୍ଦିନ ବ୍ୟବଧାନରେ ଘଟୁଥିବା ସମସ୍ୟାଗୁଡ଼ିକର ଅଭିଯୋଗ କରିପାରୁଥିଲେ । ରାସ୍ତାଘାଟରେ କୌଣସି ଅଘଟଣ ଏବଂ ସମସ୍ୟା ପ୍ରତି ଏହି ଡେସ୍କଗୁଡ଼ିକ ସଫଳତାର ସହ ପରିଚାଳିତ ହୋଇ ଆସୁଥିଲା । ସମୟର ବ୍ୟବଧାନ ଅନୁଯାୟୀ ବର୍ତ୍ତମାନ ଏଗୁଡ଼ିକ ପ୍ରାୟ ଅକାମୀ ହୋଇ ପଡିରହିଥିବାର ରାଜଧାନୀରେ ଦେଖିବାକୁ ମିଳୁଛି । ପରିବର୍ତ୍ତିତ ସରକାରଙ୍କର କ'ଣ ଏହା ନାରୀ ଏବଂ ଶିଶୁମାନଙ୍କର ବିକାଶ ଦିଗରେ ଉପଯୁକ୍ତ ପରିପନ୍ଥୀ କୁହାଯିବ କି ? ତେଣୁ ପୂର୍ବବତ୍ ଏହି ହେଲ୍ପ ଡେସ୍କଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ସରକାରଙ୍କୁ ଅନୁରୋଧ ଏବଂ ଏଗୁଡ଼ିକର ଉପଯୁକ୍ତ ପରିଚାଳନା ମଧ୍ୟ କରାଯିବା ଅତ୍ୟନ୍ତ ଜରୁରୀ ମନେହୁଏ ।

**–ଧର୍ମରାଜ ପଟ୍ଟନାୟକ, ସହୀଦନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟା-ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା ।

–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶିକ୍ଷକ ନିଯୁକ୍ତି କର, ନଚେତ୍ ପିଲାଙ୍କ ଟିସି ଦିଅ

## ନାକଟିଦେଉଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ


ସ୍କୁଲକୁ ଟିସି ନେବାକୁ ଆସିଥିବା ଅଭିଭାବକମାନେ।

**ନାକଟିଦେଉଳ,୨।୪(ବୈକୁଣ୍ଠନାଥ ସାହୁ)**

ଶିକ୍ଷାବର୍ଷ ୨୦୨୬-୨୭ ଆରମ୍ଭରୁ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ଥିବା ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ନିଜ ପିଲାଙ୍କୁ ଅନ୍ୟ ବିଦ୍ୟାଳୟକୁ ନେଇ ନାମ ଲେଖାଇବା ପାଇଁ ଅଭିଭାବକମାନେ ତତ୍ପର ହେଉଛନ୍ତି। ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକଙ୍କୁ ସେମାନଙ୍କ ପିଲାଙ୍କ ଟ୍ରାନ୍ସଫର ସାର୍ଟିଫିକେଟ(ଟିସି) ମାଗୁଛନ୍ତି। ବୁଧବାର ଏବଂ ଗୁରୁବାର ଦୁଇଦିନ ଧରି ୧୫ ଅଭିଭାବକ ସ୍କୁଲ ଆସି ଟିସି ନେବା ପାଇଁ କହିଥିବା ଜଣାପଡିଛି।

ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ୮ମ ଶ୍ରେଣୀ ଯାଏ ରହିଛି। ହେଲେ ଏଠାରେ ଶିକ୍ଷାଦାନ ପଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ୩ଜଣ ଶିକ୍ଷକ ରହିଛନ୍ତି। ୩ଜଣ ଶିକ୍ଷକ ୯ଟି ଶ୍ରେଣୀର ପିଲାଙ୍କୁ କିପରି ପାଠ ପଢାଉଥିବେ ସହଜରେ ଅନୁମେୟ। ପୁନଶ୍ଚ ପ୍ରଧାନଶିକ୍ଷକ କୌଣସି ସରକାରୀ କାର୍ଯ୍ୟରେ ବାହାରକୁ ଗଲେ ସେ ଦିନ ପାଠପଢା ପ୍ରଭାବିତ ହେଉଛି । ଶିକ୍ଷକ ଅଭାବ ଯୋଗୁ ଶିଶୁ ବାଟିକାରୁ ୩ୟ ଶ୍ରେଣୀର ପିଲାଙ୍କୁ ଗୋଟିଏ କୋଠରିରେ, ୪ର୍ଥ ଏବଂ ୫ମ ଶ୍ରେଣୀର ପିଲା ଗୋଟିଏ କୋଠରି ଏବଂ ୬ଷ୍ଠ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅନ୍ୟ ଏକ କୋଠରିରେ ଏକାଠି ବସୁଛନ୍ତି। ପ୍ରଧାନଶିକ୍ଷକ ନ ରହିବା ଦିନ ଶିଶୁ ବାଟିକାରୁ ୪ର୍ଥ ଶ୍ରେଣୀ ଏବଂ ୫ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଗୋଟିଏ କୋଠରିରେ ବସୁଛନ୍ତି। ଦୀର୍ଘବର୍ଷ ହେଲା ଏହି ସମସ୍ୟା ଲାଗି ରହିଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏହି ବିଦ୍ୟାଳୟରେ ପାଠ ପଢାଇବାକୁ ଉଚିତ ମଣୁ ନାହାନ୍ତି। ଗତ ଦୁଇଦିନ ହେଲା ବହୁ ଅଭିଭାବକ ବିଦ୍ୟାଳୟ ଆସି ପ୍ରଧାନଶିକ୍ଷକଙ୍କୁ ସେମାନଙ୍କ ପିଲାଙ୍କ ଟିସି ମାଗିଥିଲେ। ଏହି ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, କେଉଁ ଭରସାରେ ଆମେ ଏଠାରେ ପିଲାଙ୍କୁ ପଢାଇବୁ ବୋଲି କହିଥିଲେ। ସରକାର ତୁରନ୍ତ ଏଠାରେ ଅଧିକ ଶିକ୍ଷକ ଦିଅନ୍ତୁ ନହେଲେ ଆମ ପିଲାର ଟିସି ଦିଅ ବୋଲି ନରୋତ୍ତମ ପ୍ରଧାନ, ମଙ୍ଗଳୁ ପ୍ରଧାନ, ଭୀମସେନ ସେଠୀ, ରଷିନ୍ଦ୍ର ବିଶ୍ୱାଳ, ଶାନ୍ତିଲତା ପ୍ରଧାନଙ୍କ ସମେତ ବହୁ ଅଭିଭାବକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ଅଞ୍ଜନା ମହାପାତ୍ର, ବିଦୁସ୍ମିତା ମହାପାତ୍ର ଏବଂ ତରଙ୍ଗିନୀ ସେଠ ପ୍ରମୁଖ କହିଥିଲେ। ଅନ୍ୟପକ୍ଷରେ ଏଠାରେ ଥିବା ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ନିଆଯାଉଥିଲେ ମଧ ଆଉ କାହାକୁ ନିଯୁକ୍ତି ଦିଆଯାଉନାହିଁ। ପାଠପଢା ବାଧାପ୍ରାପ୍ତ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଉଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ଦାସ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ନିୟମ ଅନୁସାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅତିକମ୍‌ରେ ୨୧ଜଣ ଛାତ୍ରୀଛାତ୍ର ରହିବା କଥା। କିନ୍ତୁ ଏହି ବିଦ୍ୟାଳୟରୁ ଅଭିଭାବକମାନେ ଯଦି ଟିସି ନେଇ ଯାଆନ୍ତି ଏବଂ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୧ରୁ କମ୍ ରୁହେ, ତେବେ ବିଦ୍ୟାଳୟ ବନ୍ଦ ହୋଇଯିବା ସମ୍ଭାବନା ଦେଖାଦେଇଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଶୀଘ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ଏଠାରେ ନିଯୁକ୍ତି ନ ଦେଲେ ଆଗାମୀ ଦିନରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ପରିଚାଳନା କମିଟି ସଭାପତି ଦାସ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଏହି ବିଦ୍ୟାଳୟକୁ ତୁରନ୍ତ ଶିକ୍ଷକ ଯୋଗାଇ ଦେବାକୁ ସେ ଜିଲା ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି। ଖୁବ୍‌ଶୀଘ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# କୁଲିହାମାଲ ଜଙ୍ଗଲରେ ନିଆଁ


ଅଗ୍ନିକାଣ୍ଡରେ ଜଙ୍ଗଲ ଜଳୁଛି।

**କୋଲାବିରା,୨।୪(ସଞ୍ଜୟ ପୂଜାରୀ)**

ଝାରସୁଗୁଡ଼ା ଜିଲା କୋଲାବିରା ଫରେଷ୍ଟ ରେଞ୍ଜ୍ ଅଧୀନ କୁଲିହାମାଲ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଗୁରୁବାର ଦିନତମାମ ନିଆଁ ଜଳୁଥିବାବେଳେ ଅପରାହ୍ନ ସୁଦ୍ଧା ବନ ବିଭାଗ କର୍ମଚାରୀ ଲିଭାଇ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ଏହା ପୂର୍ବରୁ କୋଲାବିରା, ବଡ଼ବାହାଲ, ପରମାଣପୁର, ସିରିଆପାଲି, ଗୁଡ଼ିଗାଁ ଇତ୍ୟାଦି ଜଙ୍ଗଲରେ ନିଆଁ ଲାଗିଥିଲା। ପରବର୍ତ୍ତୀ ସମୟରେ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରାଯାଇଥିଲା । ପୁଣି କିଛିଦିନ ବ୍ୟବଧାନରେ କୁଲିହାମାଲ ଜଙ୍ଗଲରେ ନିଆଁ ଲାଗିବା ଖବର ପ୍ରଚାରିତ ହେବା ପରେ ପରିବେଶବିତ୍‌ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହାର ଉପରେ ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଓଲଟିଲା, ୫ ଗୋରୁ ମୃତ


ରାସ୍ତାରେ ଓଲଟି ପଡିଥିବା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍।

**ଲଖନପୁର,୨।୪(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର କଦମଡ଼ିହି ନିକଟରେ ଗୁରୁବାର ସକାଳେ ଗୋରୁ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡିଛି। ଫଳରେ ଏଥିରେ ଥିବା ୫ଟି ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ୩ଟି ଆହତ ହୋଇଛନ୍ତି। ଏଥିସହ ଅନ୍ୟ ଗୋରୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ବିଲରେ ଛାଡି ଦେଇଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ୍(ନଂ.ଓଡ଼ି୧୪ଇ-୨୧୭୦)ରେ କେତେକ ଗୋରୁଙ୍କୁ ବେଆଇନ ଭାବେ ଚାଲାଣ କରାଯାଉଥିଲା। ହେଲେ କଦମଡ଼ିହି ନିକଟରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାପରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

**ସମ୍ବଲପୁର ରେଳ ମଣ୍ଡଳ**

# 'ମାଲ ପରିବହନ, ଯାତ୍ରୀସେବାରେ ଅଭିବୃଦ୍ଧି ଘଟିଛି'

**ସମ୍ବଲପୁର,୨।୪(ପ୍ରମୋଦ ବହିଦାର)**

ପୂର୍ବତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ସଫଳତାପୂର୍ଣ୍ଣ ରହିଛି। ଏହି ସମୟ ମଧ୍ୟରେ ମାଲ୍ ପରିବହନ, ଯାତ୍ରୀ ସେବା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ନୂତନ କୀର୍ତ୍ତିମାନ ସ୍ଥାପିତ ହୋଇଛି ବୋଲି କହିଛନ୍ତି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ। ଏହି ସଫଳ ଉପଲବ୍ଧି ପାଇଁ ସେ ସମ୍ବଲପୁର ରେଳ ମଣ୍ଡଳର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ତାଙ୍କ ସୂଚନା ଅନୁଯାଇ, ଗତ ଆର୍ଥିକବର୍ଷରେ ମାଲ୍‌ଲୋଡିଂ କ୍ଷେତ୍ରରେ ୯.୩୮ପ୍ରତିଶତ ଅଭିବୃଦ୍ଧି ଘଟିଥିବା ବେଳେ ଏହା ୨୨.୯୧ ନିୟୁତ ଟନରୁ ୨୫.୦୬ନିୟୁତ ଟନକୁ ବୃଦ୍ଧି ପାଇଛି। ସେହିପରି ମାଲ୍ ଅନଲୋଡିଂ କ୍ଷେତ୍ରରେ ମଧ ୨୨.୬୭ପ୍ରତିଶତର ଆଖିଦୃଶିଆ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଯାହା ପୂର୍ବତଟ ରେଳପଥରେ ବିଗତ ୧ବର୍ଷ ମଧ୍ୟରେ ସର୍ବାଧିକ ୨୮୬.୩ ନିୟୁତ ଟନ୍ ମାଲ ପରିବହନ କରି ଏକ ରେକର୍ଡ କରିଛି। ଯାତ୍ରୀ ପରିବହନ ସେବା କ୍ଷେତ୍ରରେ ମଧ ସମ୍ବଲପୁର ମଣ୍ଡଳ ଉନ୍ନତ ପ୍ରଦର୍ଶନ କରିଛି। ଯାତ୍ରୀଙ୍କ ସଂଖ୍ୟା ୧୧.୩୫ ନିୟୁତରୁ ୩.୫୨ ପ୍ରତିଶତ ବୃଦ୍ଧି ଘଟି ୧୧.୭୫ ନିୟୁତ ଛୁଇଁଛି। ଏହାସହିତ ରେଳ କୋଚିଂରେ ସେବା କ୍ଷେତ୍ରରେ ରାଜସ୍ୱ ୭.୦୨ ପ୍ରତିଶତ ଅଭିବୃଦ୍ଧି ଘଟି ୨୪୧.୫୨ କୋଟିରୁ ୨୫୮.୪୮କୋଟି ରାଜସ୍ୱ ଆୟ ହୋଇଛି। ଏହି ବର୍ଷ ସମ୍ବଲପୁର ରେଳ ମଣ୍ଡଳ ମୋଟ ୩୫୪୯.୯୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛି । ସୂଚନା ଦେଇ ସେ କହିଛନ୍ତି, ରେଳସେବାକୁ ଅଧିକ ଆଧୁନିକ କରିବା ଲକ୍ଷ୍ୟରେ ସମ୍ବଲପୁର-ରାୟଗଡ଼ା, ସମ୍ବଲପୁର-ପୁରୀ ଏବଂ ସମ୍ବଲପୁର-ନାନ୍ଦେଡ଼ ଏକ୍ସପ୍ରେସ୍ ଭଳି ପ୍ରମୁଖ ଟ୍ରେନଗୁଡ଼ିକରେ ବର୍ତ୍ତମାନ ଏଲ୍‌ଏଚ୍‌ବି କୋଚ୍ ସଂଯୋଗ କରାଯାଇଛି। ଏହାଦ୍ୱାରା ସମ୍ବଲପୁର ମଣ୍ଡଳର ସମସ୍ତ ମେଲ୍ ଓ ଏକ୍ସପ୍ରେସ ଟ୍ରେନ ଏବେ ଅତ୍ୟାଧୁନିକ କୋଚ୍ ସହ ଚାଲୁଛି। ଏହାସହିତ ସମ୍ବଲପୁର-ବୌଦ୍ଧ ଓ ବୌଦ୍ଧ-ଭୁବନେଶ୍ୱର ମଧ୍ୟରେ ଦୁଇଟି ନୂତନ ଟ୍ରେନ ସେବା ଆରମ୍ଭ କରାଯାଇଥିବା ବେଳେ ଭୁବନେଶ୍ୱର-ସୋନପୁର ଟ୍ରେନ୍‌କୁ ପୁରୁଣାକଟକ ଓ ଇସ୍ପାତ ଏକ୍ସପ୍ରେସକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି ବୋଲି ମଣ୍ଡଳ ପ୍ରବନ୍ଧକ ଚୌଧୁରୀ କହିଛନ୍ତି। ସେ କହିଛନ୍ତି, ଭିତ୍ତିଭୂମି କ୍ଷେତ୍ରରେ ବରପାଲି ଷ୍ଟେଶନର ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ବିଭିନ୍ନ ଷ୍ଟେଶନରେ ଫୁଟ୍‌ଓଭର ବ୍ରିଜ୍, ଲିଫ୍ଟ ଓ ପ୍ଲାଟଫର୍ମ ସେଡ୍ ନିର୍ମାଣ କରାଯାଇଛି। ସୁରକ୍ଷାକୁ ପ୍ରାଥମିକତା ଦେଇ ୫ଟି ମାନବଯୁକ୍ତ ଲେଭେଲକ୍ରସିଂ ଉଚ୍ଛେଦ କରାଯାଇଛି। ସେହିପରି ସୁରକ୍ଷାଜନିତ ନିରୀକ୍ଷଣ ପାଇଁ ସମ୍ବଲପୁର ରେଳ ମଣ୍ଡଳ ଅଧୀନ ବିଭିନ୍ନ ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକରେ ୨୦୯ଟି ଅତିରିକ୍ତ ସିସି କ୍ୟାମେରା ଲଗାଯାଇଛି। ଏହି ଉଲ୍ଲେଖନୀୟ ସଫଳତା ହାସଲ ରେଳ ପ୍ରବନ୍ଧକ ଚୌଧୁରୀ ଆଗାମୀ ଦିନରେ ସମ୍ବଲପୁର ମଣ୍ଡଳ ଆହୁରି ନୂଆ ସଫଳତା ହାସଲ କରିବ ବୋଲି ଆଶାପ୍ରକଟ କରିଛନ୍ତି।

**ସାର୍ବଜନୀନ ସୂଚନା**
**(ପରିବେଶୀୟ ସ୍ୱୀକୃତି)**

ସମସ୍ତ ଆଗ୍ରହୀଙ୍କୁ ଅବଗତ କରାଯାଉଛି ଯେ, World Green Energy Pvt. Ltd., ଗୋପାଳପୁର, ଟାଟା SEZ, ଗଞ୍ଜାମ, ଓଡ଼ିଶା, ସୋଲାର PV ସେଲ୍ ଏବଂ ମୋଡ୍ୟୁଲ ଉତ୍ପାଦନ ଶିଳ୍ପ ପାଇଁ SEIAA, ଓଡ଼ିଶା ଦ୍ୱାରା ପରିବେଶୀୟ ସ୍ୱୀକୃତି (EC) ପ୍ରଦାନ କରାଯାଇଛି, ଯାହାର ଉତ୍ପାଦନ କ୍ଷମତା ବାର୍ଷିକ 2.0 GW ସୋଲାର ସେଲ୍ ଏବଂ 1.2 GW ସୋଲାର PV ମୋଡ୍ୟୁଲ୍ ଅଟେ।

EC ସଂଖ୍ୟା:
**EC25C3806OR5874998N**
ଫାଇଲ ସଂଖ୍ୟା:
**549680/140-MINB1/09-2025**
ତାରିଖ: **30.03.2026**
ବିସ୍ତୃତ ବିବରଣୀ:
**https://parivesh.nic.in**
**Sd./- Gobind Chandra Nayak**
**V.P. (Project)**

**OFFICE OF THE CDM & PHO &**
**DISTIRCT MISSION DIRECTOR, BHADRAK**
**DISTRICT HEALTH MISSION**
**(Department of Health & FW, Govt. of Orissa)**
**Advt. No. 04/2026** **Date: 31.03.2026**

**TENDER CANCELLATION NOTICE**

**Ref.: RFP No. 11/2025** **Dated: 05.07.2025**

No. 10001/4/2627: It is for information of all concerned that due to non finalization of the tender relating to housekeeping services under NIRMAL within 180 days from the date of opening of bid, the tender is hereby cancelled.

**Sd./- CDM & PHO, Bhadrak**
**OIPR-10001/10123/1/26-27/0001**

International Year of Cooperatives 2025
Cooperatives Build a Better World

**SAMBALPUR DISTRICT CO-OPERATIVE CENTRAL BANK LTD.**
HEAD OFFICE: BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com
**Ref. No. 7449 /TCN/CB/Estt./2025-26** **Date : 31.03.2026**

**Tender Call Notice**

**Notice for inviting tender of contract for providing services of Armed Guards, Drivers and Support Staffs to S.D.C.C. Bank Ltd., Bargarh.**

Sealed tenders are invited under two bid system from manpower providing agencies / service providers registered under Partnership / Companies Act to provide services of Support Staff, Armed Guards and Drivers for their deployment in Head office and different Branches of the Bank on outsourced basis from April 2026 for a period of one year or till regular recruitment is made in Drivers and Support Staff grade in the Bank, whichever comes earlier.

The last date and time for submission of Tender documents is 13.04.2026 by 2.00 PM. The documents submitted through any other mode shall not be accepted and documents received after the scheduled date and time shall not be entertained.

The undersigned reserves the right to accept or reject any or all quotations without assigning any reason thereof.

For more details please visit our website: https//sambalpurdccb.bank.in

E-mail: headoffice@sambalpurdccb.bank.in

**Sd./- Chief Executive Officer**

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା**
**ଓ.ଏ. ନଂ. ୪୪୪/୨୦୨୫**

**ଇଣ୍ଡିଆନ୍ ବ୍ୟାଙ୍କ, ଶହୀଦ ପାର୍କ ଶାଖା, ମୋତିଗଞ୍ଜ**
**ଜିଲ୍ଲା: ବାଲେଶ୍ୱର-୭୫୬୦୦୩** .....ଆବେଦନକାରୀ
-ବନାମ-
**ଶ୍ରୀମତୀ ଅମିତା ରାଣୀ ମାଇତି ଏବଂ ଅନ୍ୟମାନେ** ....ପ୍ରତିବାଦୀ(ମାନେ)
**ପ୍ରାପ୍ତେଷୁ,**
**ପ୍ରତିବାଦୀ-୪ ବନଜା ବେହେରା,** ସ୍ୱାମୀ: ସତ୍ୟନାରାୟଣ ବେହେରା, ସା: କୁରୁଡ଼ା, ପୋ: କୁରୁଡ଼ା, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର-୭୫୬୦୫୬

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ. ୪୪୪/୨୦୨୫** ଦ୍ୱାରା **ଟ.୨୭,୧୩,୩୯୭/-** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା୦୨.୦୬.୨୦୨୬ରିଖ, ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣଙ୍କ ସହି ମୋହର ସହ ଅଦ୍ୟ ଦିନାଙ୍କ **୧୧ ମାର୍ଚ୍ଚ, ୨୦୨୬**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
(ରେଜିଷ୍ଟ୍ରାର)

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL, CUTTACK**
**SHORT TENDER CALL NOTICE**

No. 10001/3/2627: Sealed tenders are invited by the undersigned from the experience National/International manufacturing firms/ agencies or their authorized distributors/dealers for **Breakdown repair & maintenance of the PSA Oxygen Plant, SCB Medical College Hospital, Cuttack**. The tender paper along with detail terms and conditions will be available in the official website **www.scbmch.in** and also in the account section during the office hours on payment of Rs.1,000/- (Rupees one thousand) only in cash. The bidder who participated in the previous tender process shall also be eligible for consideration in the forthcoming tender process. The tender will be received on or before Dt.20.04.2026 upto 5.00 P.M. though Speed Post/Courier service only which will be opened on next working day i.e. **21.04.2026 upto 4.00 P.M.** in the office chamber of the Superintendent in presence of tenderers or their authorized representative. The authority reserves the right to accept/cancel/reject any or all the tenders without assigning any reason thereof. The authority is not responsible for any postal delay.

**Sd./- Superintendent**
**OIPR-10001/10186/1/26-27/0001** **SCB Medical College Hospital, Cuttack**

**OFFICE OF THE JUDGE**
**FAMILY COURT, RAYAGADA**
**Dated: 2nd Day of April, 2026**
**ADVERTISEMENT No. 01 of 2026**

Applications are invited for the Post of counsellor in the Family Court, Rayagada from desirous candidates having Master's Degree in Social Science (preferably in Sociology or Psychology) with minimum experience of three years in Family Counselling or persons above the age of 35 years working in the field of Social Service and Welfare Activities and engaged in promoting the welfare of Family and Child Care with a Degree in Social Science (preferably in Sociology or Psychology) [See - Rule-5 and 6 of family Courts (Orissa) Rules, 1990]. Applications along with necessary documents are to be submitted to the Judge, Family Court, Rayagada, At/P.O.: Rayagada, Dist.: Rayagada, PIN - 765001 by Registered Post/Speed Post or through the Drop Box provided in the Office of the Family Court, Rayagada by 23rd April, 2026.

For further details, please visit the link.
**https://rayagada.dcourts.gov.in/notice-category/recruitments/**

Last date of receipt of application : **23.04.2026 (5.00 P.M.)**
Appointing authority : Hon'ble High Court of Orissa, Cuttack

**Sd./- Judge, Family Court, Rayagada**

**ନଂ.ଟି-୧୭/୧/୨୦୨୪-ଟିଆର୍‌ଜି.**

**ଜାତୀୟ ମାନବ ଅଧିକାର ଆୟୋଗ**
ମାନବ ଅଧିକାର ଭବନ, ବ୍ଲକ୍-ସି, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-୧୧୦୦୨୩
ତାରିଖ: ୩୦ ମାର୍ଚ୍ଚ, ୨୦୨୬

**ଶିକ୍ଷାଗତ ପହଞ୍ଚ ଓ ପ୍ରଶିକ୍ଷଣ ନିୟୋଜନ – ୨୦୨୬-୨୭**

ମାନବ ଅଧିକାରର ସୁରକ୍ଷା ଅଧିନିୟମ, ୧୯୯୩ ଅଧୀନରେ ପ୍ରତିଷ୍ଠିତ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ମାନବ ଅଧିକାରକୁ ସୁରକ୍ଷା ଦେବା ଓ ପ୍ରୋତ୍ସାହିତ କରିବା ତଥା ସମଗ୍ର ଦେଶରେ ମାନବ ଅଧିକାର ସାକ୍ଷରତାକୁ ବ୍ୟାପ୍ତ କରିବା ପାଇଁ ଆଜ୍ଞାପିତ ଅଟେ । ଏହି ଅଧାଦେଶ ଅନୁଯାୟୀ ଏନ୍‌ଏଚ୍‌ଆର୍‌ସି ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଏସ୍‌ଏଚ୍‌ଆର୍‌ସି, ଏନ୍‌ଜିଓ, ପ୍ରଶାସନିକ ଓ ପୋଲିସ ପ୍ରଶିକ୍ଷଣ ଅନୁଷ୍ଠାନ, ନ୍ୟାୟିକ ପ୍ରଶିକ୍ଷଣ ଅନୁଷ୍ଠାନ ତଥା ଅନ୍ୟାନ୍ୟ ଯୋଗ୍ୟ ଅନୁଷ୍ଠାନଗୁଡ଼ିକୁ ଏହାର ଶିକ୍ଷାଗତ ଓ ପ୍ରଶିକ୍ଷଣଗତ ପ୍ରୟାସରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରିତ କରୁଛି ।

**୧. ପ୍ରସ୍ତାବଗୁଡ଼ିକର ଆହ୍ୱାନ - ସମ୍ମିଳନୀ/ ଆଲୋଚନାଚକ୍ର/ କର୍ମଶାଳାର ପ୍ରାୟୋଜନ**
ବର୍ଷ ୨୦୨୬-୨୭ ପାଇଁ ସମ୍ମିଳନୀ, ଆଲୋଚନାଚକ୍ର ଓ କର୍ମଶାଳା ଆୟୋଜନ କରିବା ଲାଗି ପ୍ରସ୍ତାବ ଆମନ୍ତ୍ରଣ କରାଯାଉଛି ।
- ପୋର୍ଟାଲ ଖୋଲା: ୧୬ ଫେବୃଆରୀ ୨୦୨୬
- ଶେଷ ତାରିଖ: ୩୦ ଏପ୍ରିଲ ୨୦୨୬
- ଦାଖଲ: ଅନ୍‌ଲାଇନ୍ ଭାୟା ଏନ୍‌ଏଚ୍‌ଆର୍‌ସି ପୋର୍ଟାଲ (www.nhrc.nic.in)

ଅସମ୍ପୂର୍ଣ୍ଣ କିମ୍ବା ବିଳମ୍ବିତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । ସବିଶେଷ ମାର୍ଗଦର୍ଶିକା ୱେବ୍‌ସାଇଟରେ ଉପଲବ୍ଧ ।

**୨. ଶିକ୍ଷାଗତ ଅର୍ଦ୍ଧ ଦିବସୀୟ ପରିଭ୍ରମଣ**
ଅଭିଯୋଗ ନିରାକରଣ ବ୍ୟବସ୍ଥା, ତଦନ୍ତ ପ୍ରକ୍ରିୟା, ସଦ୍ୟତମ ଆଡଭାଇଜରୀକୁ ବୁଝିବା ତଥା ବରିଷ୍ଠ ପଦାଧିକାରୀଙ୍କ ସହ ପ୍ରଶ୍ନୋତ୍ତର ଅଧିବେଶନରେ ଅଂଶଗ୍ରହଣ କରିବାରେ ଛାତ୍ରଛାତ୍ରୀମାନଙ୍କୁ ସକ୍ଷମ କରିବା ପାଇଁ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଏନ୍‌ଏଚ୍‌ଆର୍‌ସି ନିକଟରେ ଶିକ୍ଷାଗତ ପରିଭ୍ରମଣ ପାଇଁ ଆବେଦନ କରିପାରନ୍ତି ।
ଆବେଦନଗୁଡ଼ିକୁ କେବଳ ଏନ୍‌ଏଚ୍‌ଆର୍‌ସି ପୋର୍ଟାଲରେ ଦାଖଲ କରାଯାଇପାରିବ ।

**୩. ସହଯୋଗମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (୧-୩ ଦିନ)**
ବିଭିନ୍ନ ଏଟିଆଇ, ପିଟିଆଇ, ଜେଟିଆଇ, ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ, ଏସ୍‌ଏଚ୍‌ଆର୍‌ସି, ଏନ୍‌ଜିଓ ଏବଂ ସିଏସ୍‌ଓଗୁଡ଼ିକ ସହ ମିଶି ଏନ୍‌ଏଚ୍‌ଆର୍‌ସି ସହଯୋଗମୂଳକ କାର୍ଯ୍ୟକ୍ରମମାନ ସଞ୍ଚାଳନ କରିଥାଏ:
- ଏକଦିନିଆ (ମୌଳିକ) - ମୌଳିକ ସଚେତନତା
- ଦୁଇଦିନିଆ (ଉନ୍ନତ) - ବିଷୟଗତ କାର୍ଯ୍ୟ
- ତିନିଦିନିଆ (ଟିଓଟି) - କ୍ଷମତା ନିର୍ମାଣ

ପୋର୍ଟାଲ ଖୋଲିବ: ୩ ମାର୍ଚ୍ଚ, ୨୦୨୬
ଶେଷ ତାରିଖ: ୩୦ ଏପ୍ରିଲ, ୨୦୨୬
ଆବେଦନ କେବଳ ଏନ୍‌ଏଚ୍‌ଆର୍‌ସି ପୋର୍ଟାଲ ମାଧ୍ୟମରେ ।

**୪. ପ୍ରସ୍ତାବ ଆହ୍ୱାନ - କଳ୍ପିତ ଅଦାଲତ ପ୍ରତିଯୋଗିତା**
ବର୍ଷ ୨୦୨୬-୨୭ ପାଇଁ ମାନବ ଅଧିକାର ପ୍ରସଙ୍ଗଗୁଡ଼ିକ ଉପରେ କଳ୍ପିତ ଅଦାଲତ ପ୍ରତିଯୋଗିତା (Moot Court Competitions) ଆୟୋଜନ କରିବା ଲାଗି ପ୍ରସ୍ତାବ ଆହ୍ୱାନ କରାଯାଉଛି ।
ଆବେଦନ କେବଳ ଏନ୍‌ଏଚ୍‌ଆର୍‌ସି ପୋର୍ଟାଲ ମାଧ୍ୟମରେ ଦାଖଲ କରାଯିବ ।
ଆୟୋଗଙ୍କ ୱେବସାଇଟ୍‌ରେ ଖୁବ୍‌ଶୀଘ୍ର ବିଜ୍ଞାପନ ପ୍ରକାଶିତ ହେବ ।

**୫. ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ**
ବ୍ୟକ୍ତିଗତ ଇଣ୍ଟର୍ନଶିପ୍ (୪ ସପ୍ତାହ - ଏସ୍‌ଆଇପି / ଡବ୍ଲ୍ୟୁଆଇପି)
- ଗ୍ରୀଷ୍ମକାଳୀନ (ଜୁନ୍) | ଶୀତକାଳୀନ (ଡିସେମ୍ବର-ଜାନୁଆରୀ)
- ଏନ୍‌ଏଚ୍‌ଆର୍‌ସି, ନୂଆଦିଲ୍ଲୀରେ ୪ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ
- ଷ୍ଟାଇପେଣ୍ଡ: ₹୧୨,୦୦୦ + ୩ୟ ଶ୍ରେଣୀ ଏସି ଟ୍ରେନ୍ ଭଡ଼ା

**ଆଗାମୀ ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ୨୦୨୬: ୧-୨୫ ଜୁନ୍** (ଆବେଦନ ଆହ୍ୱାନ ପାଇଁ ପୋର୍ଟାଲ ଖୁବ୍ ଶୀଘ୍ର ଖୋଲିବ) ।

**ଅନଲାଇନ୍ ସ୍ୱଳ୍ପମିଆଦୀ ଇଣ୍ଟର୍ନଶିପ୍ (ଓଏସ୍‌ଟିଆଇ - ୨ ସପ୍ତାହ)**
- ବର୍ଷରେ ପ୍ରାୟ ୬ ଥର ଆୟୋଜିତ ହୋଇଥାଏ (ସାଧାରଣତଃ ଗୋଟିଏ ଛାଡ଼ି ଗୋଟିଏ ମାସରେ)
- ଷ୍ଟାଇପେଣ୍ଡ: ₹୨,୦୦୦

**ଆଗାମୀ ଓଏସ୍‌ଟିଆଇ ମେ, ୨୦୨୬:** ଆବେଦନ ଆହ୍ୱାନ ପାଇଁ ପୋର୍ଟାଲ ଖୁବ୍ ଶୀଘ୍ର ଖୋଲିବ ।
**ସବିଶେଷ ଯୋଗ୍ୟତା, ନିର୍ଦ୍ଦେଶାବଳୀ ଏବଂ ସମୟସୂଚୀ www.nhrc.nic.in ରେ ଉପଲବ୍ଧ**
**ସମସ୍ତ ଦରଖାସ୍ତ କେବଳ ଏନ୍‌ଏଚ୍‌ଆର୍‌ସି ଅନ୍‌ଲାଇନ୍ ପୋର୍ଟାଲ ଜରିଆରେ ଦାଖଲ କରାଯିବା ଜରୁରୀ।**

**ସ୍ୱା./- (ମୋନିକା ଜୁନ)**
**ସେକ୍ସନ ଅଫିସର (ଟିଆର୍‌ଜି.)**
**ଟେଲି: ୦୧୧-୨୪୬୬୩୨୩୩/୩୩୭୧**
**CBC 53101/11/0001/2627** **ଇମେଲ: srotrg.nhrc@nic.in**

**ଶକ୍ତି ସରବରାହ ଆରମ୍ଭ ସଂକ୍ରାନ୍ତରେ ସର୍ବସାଧାରଣ ଅଧିସୂଚନା**

ଏତଦ୍ୱାରା ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ସୂଚିତ କରିଦିଆଯାଉଛି ଯେ, ଉକ୍ତ ସେକ୍ସନ ନିମନ୍ତେ ବିନିର୍ଦ୍ଦିଷ୍ଟ ତାରିଖ କିମ୍ବା ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ୱାୟାରଗୁଡ଼ିକରେ ଶକ୍ତି ସରବରାହ ଆରମ୍ଭ କରିଦିଆଯିବ । ଉକ୍ତ ତାରିଖରେ ଓ ତାହା ପରଠାରୁ ସବୁ ସମୟରେ ଓଭରହେଡ୍ ଟ୍ରାକ୍ସନ ଲାଇନକୁ ଜୀବନ୍ତ ବିବେଚନା କରାଯିବ ଏବଂ ଉକ୍ତ ଓଭରହେଡ୍ ଲାଇନ୍‌ର ପରିସର ମଧ୍ୟକୁ କୌଣସି ଅନଧିକୃତ ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ । ● **ସେକ୍ସନର ନାମ:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ମଣ୍ଡଳର ରାଉରକେଲା-ଝାରସୁଗୁଡ଼ା ମଧ୍ୟରେ ରାଉରକେଲା – ଝାରସୁଗୁଡ଼ା ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ରାଉରକେଲା (ୟାର୍ଡକୁ ଛାଡ଼ି) କିମି ୪୧୪/୮ବି (ସିଏଚ୍. ୪୧୪/୨୫୧.୫୦)ରୁ ପାନପୋଷ (ୟାର୍ଡକୁ ଛାଡ଼ି) କିମି ୪୧୭/୧୪ଏ/୧ (ସିଏଚ୍. ୪୧୭/୪୯୯.୦୦) ପର୍ଯ୍ୟନ୍ତ ନୂଆ ଜଏଣ୍ଟ ଲାଇନ (ବୀରମିତ୍ରପୁର ଲାଇନ୍)ର ୨୫କେଭି ଓଏଚ୍‌ଇର ଶକ୍ତି ସରବରାହ ଆରମ୍ଭ; ● **ଶକ୍ତି ସରବରାହ ଆରମ୍ଭର ଆନୁମାନିକ ତାରିଖ: ୦୫।୦୪।୨୦୨୬ ।**

**ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ**

ଏତଦ୍ୱାରା ସର୍ବସାଧାରଣଙ୍କ ସୂଚନା ପାଇଁ ଅଧିସୂଚିତ କରିଦିଆଯାଉଛି ଯେ, ଦକ୍ଷିଣ ପୂର୍ବ ରେଳପଥର ବଣ୍ଡମୁଣ୍ଡା ଏ କ୍ୟାବିନ୍ – ରାଉରକେଲା ସେକ୍ସନ ମଧ୍ୟରେ ନୂତନ ୪ର୍ଥ ଲାଇନ୍ ପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରଚଳନ ସଂକ୍ରାନ୍ତରେ ଅତ୍ୟଧିକ ଉଚ୍ଚତାର ଭାରଗୁଡ଼ିକୁ ଜୀବନ୍ତ ଟ୍ରାକ୍ସନ୍ ୱାୟାର୍ (**କଣ୍ଟାକ୍ଟ ଓ୍ୱାୟାର୍**) ସଂସ୍ପର୍ଶ କିମ୍ବା ବିପଜ୍ଜନକ ସାମିପ୍ୟରେ ଆସିବାରୁ ପ୍ରତିରୋଧ କରିବା ପାଇଁ ସଡ଼କ ସ୍ତରରୁ ସ୍ପଷ୍ଟ ସର୍ବାଧିକ **୪.୬୮ ମିଟର** ଉଚ୍ଚତାରେ ହାଇଟ୍ ଗେଜ୍‌ଗୁଡ଼ିକୁ ସ୍ଥାପନ କରାଯାଇଛି, **ଯେଉଁଗୁଡ଼ିକ ଲେଭଲ କ୍ରସିଂଗୁଡ଼ିକରେ ରେଳ ଧାରଣା ସ୍ତରରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ ।** ଏତଦ୍ୱାରା ସର୍ବସାଧାରଣଙ୍କୁ ଅଧିସୂଚିତ କରିଦିଆଯାଉଛି ଯେ ଯାନବାହନରେ ସାମଗ୍ରୀ ବୋଝେଇ କରିବା ସମୟରେ ଉପରୋକ୍ତ ନିର୍ଦ୍ଧାରିତ ଉଚ୍ଚତାକୁ ଧ୍ୟାନରେ ରଖିବା ଆବଶ୍ୟକ ଏବଂ ସଡ଼କ ଯାନର ଭାରଗୁଡ଼ିକ ଯେପରି କୌଣସି ପରିସ୍ଥିତିରେ ମଧ ଉଚ୍ଚତା ଗେଜ୍‌ଗୁଡ଼ିକୁ ଉଲ୍ଲଂଘନ ନ କରେ ସେଥିପ୍ରତି ନଜର ରଖିବା ଆବଶ୍ୟକ । ମାତ୍ରାଧିକ ଉଚ୍ଚତାରେ ସାମଗ୍ରୀ ବୋଝେଇ କରିବାର ବିପଦ ନିମ୍ନ ଅନୁଯାୟୀ ଅଟେ: ● **ଆର୍‌ଓୟୁଡବ୍ଲୁଇଏଆର୍‌ଡି ମଧ୍ୟରେ ଅବସ୍ଥିତ ଲେଭଲ କ୍ରସିଂ ଫାଟକ:** ଏଲ୍‌ସି ଗେଟ୍ ନଂ. ୨୦୯, ଜଏଣ୍ଟ ଲାଇନ୍ ଓଏଚ୍‌ଇ ସ୍ଥାନ ଅବସ୍ଥିତି ନଂ. ୪୧୪/୧୨ବି-୪୧୪/୧୪ବି (ବଣ୍ଡମୁଣ୍ଡା ଏ କ୍ୟାବିନ୍-ରାଉରକେଲା); ● **ଶକ୍ତି ସରବରାହ ଆରମ୍ଭ ତାରିଖ: ୦୫।୦୪।୨୦୨୬; (i)** ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ତତ୍-ପରବର୍ତ୍ତୀ ସଡ଼କ ତଥା ରେଳ ଧାରଣାର ଅବରୋଧ । **(ii)** ବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନ ପ୍ରତି ବିପଦ । **(iii)** କଣ୍ଡକ୍ଟରର ସଂସ୍ପର୍ଶ କିମ୍ବା ବିପଜ୍ଜନକ ପରିସରରେ ଆସିବା କାରଣରୁ ଅଗ୍ନିକାଣ୍ଡ ଏବଂ ଜୀବନ ପ୍ରତି ବିପଦ।

**(PR-13)** **ଉପ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ନିର୍ମାଣ)/ରାଉରକେଲା**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES **No. 4001/2/2627**

**OFFICE OF THE DIVISIONAL HEAD (ELECTRICAL) - I, IDCO, IDCO TOWER, BHUBANESWAR**

**Tender Call Notice No. BBSR/ELECT/E-4637/24-25/872 Dated: 24.03.2026**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Supply, Installation, Testing & commissioning of 11KV OH line for power supply to Workers' Hostel, Basantpur, Sambalpur.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-155/ 2025-26 | 02.04.2026 at 17.00 hrs. | 13.04.2026 at 17.00 hrs. |

Further details can be seen from the e-Procurement Portal **www.tendersodisha.gov.in**. Corrigendum or addendum if any will not be published in News Papers and can be seen in e-procurement portal as well as in IDCO website.

**Sd./- Divisional Head (Elect)-I**
**OIPR: 4001/4075/1/26-27/0001** **IDCO, Bhubaneswar**

**ODISHA HYDRO POWER CORPORATION LTD**
CIN: U40101OR1995SGC003963 **No. 4001/1/2627**
*(GOVERNMENT OF ODISHA UNDERTAKING)*
OHPC
**OFFICE OF THE GENERAL MANAGER (EL.)**
**CHIPLIMA HYDRO ELECTRIC PROJECT, CHIPLIMA**
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
**WEB: www.ohpcltd.com ☎ (0663) 2460661,**
**Email-hpschiplima@yahoo.in, Fax No. (0663) 2460505**

**No.-CHEP/TW-102 (Vol.-V)/1294** **Date: 30.03.2026**

**TENDER CALL NOTICE NO.-CHEP-59/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from Reputed Firms / Agencies for the following work as mentioned below;

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Providing Under water diving & salvage works at Chiplima Power House | Rs.7,080.00 (Rs.6,000.00 + GST @18%) | Rs.10,31,800.00 / EMD=Rs.10,320.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** **from dtd.04.04.2026 up to 11:00 AM of dtd.17.04.2026.**

**OIPR-4001/4006/1/26-27/0001** **Sd/- C & P Head, CHEP, Chiplima**



କାର୍‌ଗୁଡ଼ିକ ଟାଙ୍କିରେ ଗ୍ୟାସ୍ ଭରିବା ପାଇଁ ଲସ୍ ଏଞ୍ଜେଲ୍ସର କୋଷ୍ଟକୋ ଗ୍ୟାସ୍ ଷ୍ଟେଶନ ଆଗରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଲୋକ ସଭା ଆସନ ୮୧୬କୁ ବଢ଼ିବ

## ୧୬ରୁ ୩ ଦିନ ପାଇଁ ପୁଣି ବଜେଟ ଅଧିବେଶନ

ନୂଆଦିଲ୍ଲୀ,୨୧୪(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପକାଳୀନ ଅବକାଶ ପରେ ଏପ୍ରିଲ ୧୬ରୁ ପୁଣି ଚାଲିବ। ବିଶେଷକରି ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ସଂକ୍ରାନ୍ତ ବିଧେୟକକୁ ଏହି ସମୟରେ ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ। ମହିଳା ସଂରକ୍ଷଣ ଆଇନକୁ ଯଥାଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଇବା ପାଇଁ ଆସନ ସଂଖ୍ୟା ବଢ଼ାଯାଉଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ୪ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇପାରନ୍ତି।



ସରକାର ମହିଳା ସଂରକ୍ଷଣ ବିଲ୍ ବା ନାରୀ ବନ୍ଦନ ଅଧିନିୟମ, ୨୦୨୩ରେ ସଂଶୋଧନ ସମେତ କେତେକ ବିଲ୍‌କୁ ଗୃହୀତ କରାଇବା ପାଇଁ ଆଗ୍ରହୀ। ତେବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ରାଜନୈତିକ ଫାଇଦା ହାସଲ ପାଇଁ ଅତି ତରବରିଆ ଭାବେ ସଂଶୋଧନଗୁଡ଼ିକୁ ପାରିତ କରାଇବାକୁ ଉଦ୍ୟମ ଚଳାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ ପ୍ରସ୍ତାବିତ ଆଇନଗୁଡ଼ିକ ପାଇଁ ଏହି ଅଧିବେଶନ ୩ ଦିନ ଚାଲିବ। ଏନେଇ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ଜଣାଇ ଦିଆଯାଇଛି। ପ୍ରଥମେ ମହିଳା ସଂରକ୍ଷଣ ବିଧେୟକ ଆଗତ କରାଯିବ। ରାଜ୍ୟ ସଭାରେ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମ୍ବୋଧନ ବେଳେ ଏ ସଂକ୍ରାନ୍ତରେ ସଙ୍କେତ ଦେଇଥିଲେ। ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ, ବିଧାନସଭା ନିର୍ବାଚନ ଶେଷ ହେବା ପରେ ଏପ୍ରିଲ ୨୯ରେ ଏକ ସର୍ବଦଳୀୟ ବୈଠକ କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁହେବା ସତ୍ତ୍ୱେ ସରକାର ଏହି ବିଲ୍‌ଗୁଡ଼ିକୁ ଆଣୁଥିବା ସେ ଅଭିଯୋଗ କରିଥିଲେ।

# ୭ ନ୍ୟାୟିକ ଅଧିକାରୀଙ୍କୁ ୯ ଘଣ୍ଟା ପଣବନ୍ଦୀ

## ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବିଭ୍ରାଟ

କୋଲକାତା,୨୧୪

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଜାରି ରହିଥିବାବେଳେ ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଯିବା ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ଯୋଗୁ ମାଲଦା ଜିଲାରେ ଯେଉଁମାନଙ୍କ ନାମ କଟିଯାଇଛି, ସେମାନଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତି ବୁଧବାର ଅପରାହ୍ଣରେ କାଲିଆଚକରେ ୭ ନ୍ୟାୟିକ ଅଧିକାରୀଙ୍କୁ ଦୀର୍ଘ ୯ ଘଣ୍ଟା ଧରି ପଣବନ୍ଦୀ ରଖିଥିଲେ। ପଣବନ୍ଦୀ ଥିବା ଅଫିସରଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଗୁରୁବାର ରାତି ପ୍ରାୟ ୧ଟାରେ ପୋଲିସ ଓ ଅର୍ଦ୍ଧସାମରିକ ବଳର ଏକ ବଡ଼ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ହଟାଇବା ସହ ଜୁଡିସିଆଲ ଅଫିସରମାନଙ୍କୁ ଉଦ୍ଧାର କରିଥିଲେ। ଏଥିସହ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ।

ପଶ୍ଚିମବଙ୍ଗ ବିଧାନସଭାର ୨୯୪ ଆସନ ପାଇଁ ଏପ୍ରିଲ ୨୩ ଓ ୨୯ରେ ନିର୍ବାଚନ ହେବାକୁ ଥିବାରୁ ଜୁଡିସିଆଲ ଅଫିସରମାନେ ବର୍ତ୍ତମାନ ବିବାଦୀୟ ପ୍ରସଙ୍ଗର ସମାଧାନ କାର୍ଯ୍ୟ ଶେଷ ପାଇଁ ତତ୍ପରତା ଦେଖାଉଛନ୍ତି। ମାଲଦାରେ ଅନେକ ଭୋଟରଙ୍କ ନାମ କଟିଯାଇଥିବାରୁ ବୁଧବାର ଏକ ବଡ଼ ବିକ୍ଷୋଭ କରାଯାଇଥିଲା। ଭୋଟରଙ୍କ ଏକ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଚାରବିଭାଗୀୟ ଅଧିକାରୀମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ରିପୋର୍ଟ ଅନୁଯାୟୀ ନ୍ୟାୟିକ ଅଧିକାରୀମାନଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରି ଅନ୍ୟତ୍ର ନିଆଯାଉଥିବାବେଳେ ସେମାନଙ୍କ ଗାଡ଼ିକୁ ଆକ୍ରମଣ ଉଦ୍ୟମ ହୋଇଥିଲା। ଏପରି କି ଉତ୍ତ୍ୟକ୍ତ ଲୋକଙ୍କ ଟେକାମାଡ଼ରେ ଏକ କାର୍‌ର କାଚ ଭାଙ୍ଗିଯାଇଥିବା ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି। ନିର୍ବାଚନ କମିଶନ (ଇସି) ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ଏହି ଅଭାବନୀୟ ଘଟଣା ପାଇଁ ବିରୋଧୀ ଭାଜପା ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ଭାଜପାର ପୂର୍ବତନ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି, ଏସ୍‌ଆଇଆର୍ ବିବାଦ ଉପରେ ଇସିଙ୍କ ବିରୋଧରେ ଟିଏମ୍‌ସି ନେତାମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବାରୁ ଏହାର ଫଳସ୍ୱରୂପ ନ୍ୟାୟିକ ଅଧିକାରୀମାନଙ୍କୁ ଏପରି ହଇରାଣ ହେବାକୁ ପଡ଼ିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସୁକାନ୍ତ ଆହୁରି କହିଛନ୍ତି, ଏସ୍‌ଆଇଆର୍ ଏକ ସର୍ବଭାରତୀୟ ପ୍ରକ୍ରିୟା। କିନ୍ତୁ ଅନ୍ୟ ରାଜ୍ୟରେ ଏପରି କି ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ମଧ୍ୟ ଏଭଳି ଅରାଜକତା ଦେଖିବାକୁ ମିଳୁନାହିଁ। ପଶ୍ଚିମବଙ୍ଗରେ ଶାସକ ଦଳ ଓ ରାଜ୍ୟ ପ୍ରଶାସନ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଆରମ୍ଭରୁ ବିରୋଧ କରିଆସିଥିବାରୁ ଏଠାରେ ଏପରି ବ୍ୟତିକ୍ରମ ଘଟୁଛି। ଏହାର ଜବାବରେ ଟିଏମ୍‌ସି କହିଛି, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ନ୍ୟାୟିକ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ଇସିଙ୍କ ଦାୟିତ୍ୱ। ଶାସକ ଦଳ ଆଇନ ହାତକୁ ନେବାରେ ବିଶ୍ୱାସ କରେନାହିଁ। ତେବେ ଭୋଟର ତାଲିକାରୁ ବହୁସଂଖ୍ୟକ ମତଦାତାଙ୍କ ନାମ ବାଦ୍ ଦିଆଯାଇଥିବାରୁ ଆମେ ଏହାର ବିରୋଧ କରୁଛୁ ବୋଲି ଟିଏମ୍‌ସି ସାଧାରଣ ସମ୍ପାଦକ ତଥା ବେଲେଘାଟା ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହୋଇଥିବା କୁନାଲ ଘୋଷ କହିଛନ୍ତି।



ମାଲଦାରେ ଲୋକେ ପଣବନ୍ଦୀ କରି ରଖିଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଅର୍ଦ୍ଧସାମରିକ ବଳ ଉଦ୍ଧାର କରି ନେଉଛି।

### ରାଷ୍ଟ୍ରପତି ଶାସନ ପାଇଁ ଷଡ଼ଯନ୍ତ୍ର କରୁଛି ଭାଜପା: ମମତା



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ମାଲଦା ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହ ଜୁଡିସିଆଲ ଅଫିସରଙ୍କୁ ଘେରାଉ ପାଇଁ ଭାଜପା ଏବଂ ନିର୍ବାଚନ କମିଶନଙ୍କୁ ଦାୟୀ କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ମୁର୍ଶିଦାବାଦର ସୁତି ଓ ସାଗରଡ଼ିହିରେ ପ୍ରଚାରବେଳେ କହିଛନ୍ତି, ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଅସମୟରେ ରାଷ୍ଟ୍ରପତି ଶାସନ ଜାରି କରାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଘଟଣାର ଷଡ଼ଯନ୍ତ୍ର ରଚିଥିଲେ। ତେବେ ଘଟଣା ଘଟିବାବେଳେ କେହି ତାଙ୍କୁ ଏନେଇ ଅବଗତ କରାଇ ନ ଥିବା ମମତା କହିଛନ୍ତି।

# ସିବିଆଇ/ଏନ୍‌ଆଇଏ ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧୪(ପି.ଟି./ଲାଇଭ୍ ଲ)

ପଶ୍ଚିମବଙ୍ଗ ମାଲଦା ଜିଲାର ଏକ ସରକାରୀ ଅଫିସରେ ୭ ନ୍ୟାୟିକ ଅଧିକାରୀଙ୍କୁ ଅନେକ ଘଣ୍ଟା ଧରି ଘେରାଉ କରାଯିବା ଉପରେ ଗୁରୁବାର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା କେବଳ ଭୋଟର ତାଲିକାର ଏସ୍‌ଆଇଆର୍‌କୁ ଭଣ୍ଡୁର କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ସର୍ବୋଚ୍ଚ ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ସଦୃଶ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଆର୍ ସମ୍ପର୍କିତ ବିବାଦ ଏବଂ ଭୋଟରଙ୍କ ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରୂପେ ଅନେକ ଶହ ଜୁଡିସିଆଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ବିନା ଖାଦ୍ୟପେୟରେ ଏକ ସରକାରୀ ଅଫିସରେ ଅନେକ ଘଣ୍ଟା ଧରି ଅଟକ ରଖାଯିବା ଘଟଣା ପଶ୍ଚିମବଙ୍ଗରେ ପୋଲିସ ପ୍ରଶାସନର ସମ୍ପୂର୍ଣ୍ଣ ବିଫଳତାକୁ ପଦାରେ ପକାଇଛି ବୋଲି ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ବିପୁଲ ଏମ୍. ପାଞ୍ଚୋଲି ସାମିଲ ଥିବା ଖଣ୍ଡପୀଠ ଉକ୍ତ ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବାକୁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି। ଏଥିସହ ରାଜ୍ୟ ଗୃହ ସଚିବ, ଡିଜିପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ସେମାନଙ୍କ ନିଷ୍କ୍ରିୟତା ଉପରେ ଜବାବ ମାଗିଛନ୍ତି। ଖଣ୍ଡପୀଠରେ ଅଧ୍ୟକ୍ଷତା କରୁଥିବା ସିଜେଆଇ ସୂର୍ଯ୍ୟ କାନ୍ତ ଏହା ଉପରେ ଜରୁରୀ ଶୁଣାଣି ବେଳେ କହିଛନ୍ତି, ନ୍ୟାୟିକ ଅଧିକାରୀମାନଙ୍କୁ ଦୀର୍ଘ ସମୟ ଧରି ପଣବନ୍ଦୀ ରଖାଯିବାବେଳେ ରାଜନେତାମାନେ କ'ଣ କରୁଥିଲେ। ସେମାନେ କ'ଣ ଘଟଣାସ୍ଥଳକୁ ଯାଇ ସ୍ଥିତି ଶାନ୍ତ କରାଇପାରି ନ ଥାଆନ୍ତେ?

ଏହି ଘଟଣାକୁ ନେଇ ଚକିତ ହୋଇଯାଇଥିବା ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ସୋମବାର ଅପରାହ୍ଣ ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅଟକ ଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଶେଷରେ ପୋଲିସ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଥିବାବେଳେ ସେମାନଙ୍କ ଉପରକୁ ଟେକାମାଡ଼ କରାଯାଇଥିଲା। ଏହା ଏକ ଯୋଜନାବଦ୍ଧ ଓ ପ୍ରାୟୋଜିତ ଘଟଣା, ଯାହାକି ଜୁଡିସିଆଲ ଅଫିସରମାନଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଉଦ୍ଦିଷ୍ଟ ଥିଲା। ଜୁଡିସିଆଲ ଅଫିସରଙ୍କ ମନରେ ଭୟ ସୃଷ୍ଟି କରି ଆଇନ ହାତକୁ ନେବାକୁ ଦିଆଯିବ ନାହିଁ ବୋଲି ସିଜେଆଇ କହିଛନ୍ତି। ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି, ନେତାମାନେ ଶାସକ ଦଳର ହୁଅନ୍ତୁ କି ବିରୋଧୀ, ଏହି ଘଟଣାକୁ ଏକ ସ୍ୱରରେ ନିନ୍ଦା କରିବା ଜରୁରୀ। ଜୁଡିସିଆଲ ଅଫିସରମାନଙ୍କ ଅର୍ଡରକୁ ସୁପ୍ରିମକୋର୍ଟଙ୍କ ରାୟ ବୋଲି ଗ୍ରହଣ କରାଯିବା ଆବଶ୍ୟକ। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଜୁଡିସିଆଲ ଅଫିସରମାନଙ୍କ ଜୀବନ, ସ୍ୱାଧୀନତା ଓ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ବଳ ମଗାଇବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, କଲିକତା ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲ ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନକୁ ଅବଗତ କରାଇଥିଲେ। କିନ୍ତୁ ରାତି ୮ଟା ୩୦ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହା ପରେ ଅଫିସରମାନେ ଗୃହ ସଚିବ, ଡିଜିପି ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଯୋଗାଯୋଗ କରିଥିଲେ। ତତ୍କାଳ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନା ଦିଆଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ପଡ଼ିଲା।

### ଏସ୍‌ଆଇଆର୍‌କୁ ଭଣ୍ଡୁର, ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ଉଦ୍ୟମ: ସିଜେଆଇ



# ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ଅପ୍‌ଡେଟ୍ ଆବଶ୍ୟକ: ମୋଦି



ନୂଆଦିଲ୍ଲୀ,୨୧୪(ପି.ଟି.)

ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ନିରନ୍ତର ଅପ୍‌ଡେଟ୍ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। 'ସାଧନା ସପ୍ତାହ' ଶୁଭାରମ୍ଭ ଅବସରରେ ଏକ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଶାସନ ଲୋକମାନଙ୍କ ଜୀବନଯାପନକୁ ସହଜ କରିବା ଏବଂ ଦୈନନ୍ଦିନ ଭିତ୍ତିରେ ନାଗରିକଙ୍କ ଜୀବନଧାରଣ ମାନ ବଢ଼ାଇବା ଆବଶ୍ୟକ। ଆମ ଦେଶରେ ଶାସନର ସିଦ୍ଧାନ୍ତ 'ନାଗରିକ ଦେବୋ ଭବଃ' ମନ୍ତ୍ର ଉପରେ ଆଧାରିତ। ଏହି ମନ୍ତ୍ର ସାମୂହିକ ମନୋଭାବ ସହିତ ଜନସେବାକୁ ଅଧିକ ସମର୍ଥ କରିବା ଏବଂ ନାଗରିକମାନଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ କରିବା ପାଇଁ ଉଦ୍ଦିଷ୍ଟ।

# କଂଗ୍ରେସ ଇସ୍ତାହାରରେ ୧୧ ସଂକଳ୍ପନାମା

## ଆସାମ ନିର୍ବାଚନ ପାଇଁ ଜାରିକଲେ ରାହୁଲ

ବୋକାଜାନ୍,୨୧୪

ଆସାମ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଦଳର ଇସ୍ତାହାର ଜାରି କରିଛନ୍ତି। ସେଥିରେ ୧୧ଟି ସଂକଳ୍ପନାମା ରହିଛି। ଶାସନ, ପରିଚୟ, ଭିତ୍ତିଭୂମି ବିକାଶ, ଉଦ୍ୟୋଗୀକରଣ, କୃଷି, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା ଏବଂ ଆସାମର ସୁରକ୍ଷା ଆଦି ୧୧ଟି ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଛି। ବୋକାଜାନ୍‌ଠାରେ ଏକ ନିର୍ବାଚନୀ ରାଲିରେ ରାହୁଲଙ୍କ ସହ ଦଳର ଆସାମ ସଭାପତି ଗୌରବ ଗୋଗୋଇ ଓ ଅନ୍ୟ ବରିଷ୍ଠ ନେତାମାନେ କଂଗ୍ରେସ ଇସ୍ତାହାର ଉନ୍ମୋଚନ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗତ ୨୯ ତାରିଖରେ ଆସାମ ଗସ୍ତରେ ଯାଇଥିବାବେଳେ ଦଳର ୫ଟି ଗ୍ୟାରେଣ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଉକ୍ତ ଗ୍ୟାରେଣ୍ଟି ମଧ୍ୟରେ ରହିଛି ମହିଳାଙ୍କ କଲ୍ୟାଣ, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଜମି ଅଧିକାର ଏବଂ ଜୁବିନ୍ ଗର୍ଗ ମୃତ୍ୟୁ ମାମଲାରେ ନ୍ୟାୟ ପ୍ରଦାନ। ମହିଳାଙ୍କୁ ଆର୍ଥିକ ସହାୟତା ସମେତ ଯେଉଁମାନେ ବ୍ୟବସାୟ ବଢ଼ାଇବାକୁ ଚାହିଁବେ ସେମାନଙ୍କୁ ଅତିରିକ୍ତ ୫୦,୦୦୦ ଟଙ୍କା ଯୋଗାଇ ଦିଆଯିବ ବୋଲି ଉକ୍ତ ଗ୍ୟାରେଣ୍ଟିରେ କୁହାଯାଇଥିଲା।

# ରାଜ୍ୟ ସଭା ଉପନେତା ପଦରୁ ରାଘବ ଚଢ଼ାଙ୍କୁ ବିଦାକଲା ଆପ୍

ନୂଆଦିଲ୍ଲୀ,୨୧୪

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁରୁବାର ରାଜ୍ୟ ସଭା ସଚିବାଳୟକୁ ଏକ ପତ୍ର ଲେଖି ଏହାର ଏମ୍‌ପି ରାଘବ ଚଢ଼ାଙ୍କୁ ଗୃହରେ ଦଳର ଉପନେତା ପଦରୁ ବହିଷ୍କାର କରିବା ପାଇଁ କହିଛି। ତାଙ୍କ ସ୍ଥାନରେ ପଞ୍ଜାବ ଏମ୍‌ପି ଅଶୋକ ମିତ୍ତଲଙ୍କୁ ଦଳର ଉପନେତା କରାଯିବାକୁ ଆପ୍ ପ୍ରସ୍ତାବ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଥିବା ଚଢ଼ାଙ୍କୁ ଦଳୀୟ କୋଟାରେ ଗୃହରେ କହିବା ପାଇଁ ସମୟ ନ ଦେବାକୁ ମଧ୍ୟ ଆପ୍ କହିଛି।

ଆପ୍ ସମ୍ପର୍କିତ ପ୍ରସଙ୍ଗରେ ଚଢ଼ା ଦୀର୍ଘଦିନ ହେଲା ନୀରବ ରହିଛନ୍ତି।



ଆପ୍ ନେତା ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଜନସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ସେ ଅନୁପସ୍ଥିତ ରହୁଛନ୍ତି। ତେଣୁ ତାଙ୍କୁ ଉଚ୍ଚ ସଦନରେ ଦଳୀୟ ଉପନେତା ପଦରୁ ହଟାଇବା ପାଇଁ ଆପ୍ ନିଷ୍ପତ୍ତି ନେଇଛି।

# ଜୁନ୍ ଯାଏ ପେଟ୍ରୋକେମିକାଲ୍ ଉତ୍ପାଦ ଉପରୁ ଆମଦାନୀ ଶୁଳ୍କ ଛାଡ଼

ନୂଆଦିଲ୍ଲୀ,୨୧୪(ପି.ଟି.)

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଥିବାବେଳେ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ପେଟ୍ରୋକେମିକାଲ୍ ଉତ୍ପାଦଗୁଡ଼ିକର ଆମଦାନୀ ଉପରୁ ଶୁଳ୍କ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ ୩ ମାସ ପାଇଁ ଆମଦାନୀ ଶୁଳ୍କ ଛାଡ଼ କରାଯିବ। ସରକାର ଗୁରୁବାର ଏହା ଘୋଷଣା କରିବା ପରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀ, ରାସାୟନିକ ଓ ପୋଷାକ ଶିଳ୍ପଗୁଡ଼ିକୁ ଆଶ୍ୱସ୍ତି ମିଳିଛି। ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଯୋଗାଣ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ୩ ମାସିଆ ରିହାତି ପାଇଁ ସରକାରଙ୍କୁ ୧,୮୦୦ କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିବ।

# ବିଦେଶରେ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୧୪(ପି.ଟି.)

ବିଦେଶରେ ରହୁଥିବା ଭାରତୀୟ କର୍ମଚାରୀମାନଙ୍କ ଅବସ୍ଥା ସମ୍ପର୍କିତ ଉଦ୍‌ବେଗଜନକ ତଥ୍ୟ ସାମ୍‌ନାକୁ ଆସିଛି। ଗତ ୫ ବର୍ଷ ହେଲା ବିଦେଶ ମାଟିରେ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟୁଛି। ଅଧିକାଂଶ ମୃତ୍ୟୁ ଉପସାଗରୀୟ ଦେଶଗୁଡ଼ିକରେ ହେଉଥିବା ରାଜ୍ୟ ସଭାରେ ପୂର୍ବରୁ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରଖିଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି। ସେ ଉପସ୍ଥାପନ କରିଥିବା ସରକାରୀ ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମଧ୍ୟରେ ବିଦେଶରେ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁସଂଖ୍ୟା ୩୭,୭୪୦। ତେବେ ମୃତ୍ୟୁର କାରଣ ସମ୍ପର୍କରେ ସବିଶେଷ ବିବରଣୀ ଦିଆଯାଇନାହିଁ।

ତଥ୍ୟ ଅନୁଯାୟୀ, ୨୦୨୧ରେ ବିଦେଶରେ ସର୍ବାଧିକ ୮,୨୩୪ ଜଣ ଭାରତୀୟ କର୍ମଚାରୀ ପ୍ରାଣ ହରାଇଥିଲେ। ୨୦୨୨ରେ ଏହି ସଂଖ୍ୟା ୬,୬୧୪କୁ ହ୍ରାସ ପାଇଥିଲା। ୨୦୨୩ରେ ବିଦେଶରେ ଭାରତୀୟଙ୍କ ମୃତ୍ୟୁସଂଖ୍ୟା ୭,୨୯୧, ୨୦୨୪ରେ ୭,୭୪୭ ଏବଂ ୨୦୨୫ରେ ୭,୮୫୪ ରହିଛି। ଉକ୍ତ ମୃତ୍ୟୁସଂଖ୍ୟାର ୮୬ ପ୍ରତିଶତରୁ ଅଧିକ ଉପସାଗରୀୟ ଦେଶଗୁଡ଼ିକରେ ବୋଲି ଜଣାପଡ଼ିଛି। ୫ ବର୍ଷରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ସର୍ବାଧିକ ୧୨,୩୮୦ ଜଣ ଏବଂ ସାଉଦି ଆରବରେ ୧୧,୭୫୭ ଜଣ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେହିପରି କୁଏତ୍‌ରେ ୩,୮୯୦, ଓମାନରେ ୨,୮୨୧, ମାଲେସିଆରେ ୧,୯୧୫ ଏବଂ କାତାରରେ ୧,୭୬୦ ଜଣ ଭାରତୀୟ ପ୍ରାଣ ହରାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଉକ୍ତ ସମୟ ମଧ୍ୟରେ ବିଦେଶରେ ଥିବା ଭାରତୀୟ ମିଶନଗୁଡ଼ିକୁ ଭାରତୀୟଙ୍କଠାରୁ ଆକ୍ରମଣ, ଶୋଷଣ ଏବଂ କାର୍ଯ୍ୟସ୍ଥଳରେ ହଇରାଣ ସମ୍ପର୍କିତ ୮୦,୯୮୫ଟି ଅଭିଯୋଗ ମିଳିଥିଲା। ୟୁଏଇରୁ ସର୍ବାଧିକ ୧୬,୯୬୫ ଅଭିଯୋଗ ଆସିଥିବାବେଳେ କୁଏତ୍‌ରୁ ୧୫,୨୩୪, ଓମାନ୍‌ରୁ ୧୩,୨୯୫ ଏବଂ ସାଉଦି ଆରବରୁ ୧୨,୯୮୮ଟି ଅଭିଯୋଗ ଆସିଥିଲା।

## ସଂକ୍ଷେପରେ

### ଖଡ଼ିଆଳ ଏନ୍ଏସି ପକ୍ଷରୁ ଖୋଲିଲା ଜଳଛତ୍ର

**ଖଡ଼ିଆଳ,୨୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଏନ୍ଏସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ଲୋକଙ୍କୁ ଥଣ୍ଡା ପାନୀୟଜଳ ଯୋଗାଇବା ଉଦ୍ଦେଶ୍ୟରେ ଏନ୍ଏସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସାଧାରଣ ଲୋକେ ଏହାର ସୁବିଧା ନେବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ସୁନୀଲ କୁମାର ସାହୁ, ଚନ୍ଦନ ସାହୁ, ସାମାଜିକ କର୍ମୀ ରିତେଶ ପଟ୍ଟନାୟକ, ହେମନ୍ତ ମନହରେ ପ୍ରମୁଖ ଯୋଗଦେଇଥିଲେ।

### ଶିଶୁ କବିତା ସଙ୍କଳନ 'ଅର୍ପଣ' ଲୋକାର୍ପିତ

ନୂଆପଡ଼ା, ୨୪ (ମକାରୁ ବେମାଲ) ମାରାଗୁଡ଼ା ଲୋକ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଜିଲା ସଦର ମହକୁମାସ୍ଥିତ ନ୍ୟାଶନାଲ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଜିଲାପାଳ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁସାହିତ୍ୟିକା ଦୀପିକା ହୋତାଙ୍କ ଶିଶୁ କବିତା ସଙ୍କଳନ 'ଅର୍ପଣ' ଔପନ୍ୟାସିକ ବାସୁଦେବ ସୁନାନୀ ମୁଖ୍ୟ ଅତିଥି, ପ୍ରଫେସର କାଳିଦାସ ମିଶ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ଉପ ସଚିବ ସଞ୍ଜୟ ଟୁଆଲ ସିଂଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଶିଶୁଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଉପାଦେୟ କବିତା ସ୍ଥାନ ପାଇଛି। ଶିଶୁ ସାହିତ୍ୟର ବିକାଶ ପାଇଁ ଏହି ପୁସ୍ତକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ସାହିତ୍ୟିକ ମହଲରେ ଚର୍ଚ୍ଚା ହେଉଛି।

### ବିଭିନ୍ନ ଦାବି ନେଇ ପିସିସିଏଫ୍‌ଙ୍କ ସହ ଆଲୋଚନା

**ନୂଆପଡ଼ା, ୨୪ (ମକାରୁ ବେମାଲ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ଭୁବନେଶ୍ୱରସ୍ଥିତ ରାଜ୍ୟ ଅରଣ୍ୟ ଭବନରେ ପିସିସିଏଫ୍ (କେନ୍ଦୁପତ୍ର) ଉମା ନାନ୍ଦୁରୀ ଦେବୀଙ୍କ ସହିତ ପୂର୍ବରୁ ଉତ୍‌ଥାପନ କରାଯାଇଥିବା ବିଭିନ୍ନ ଦାବି କିଭଳି ଶୀଘ୍ର ପୂରଣ ହୋଇପାରିବ ସେ ଉପରେ ଆଲୋଚନା କରିଛନ୍ତି। ୧୫ଏପ୍ରିଲ ସୁଦ୍ଧା ମୁଖ୍ୟ ସଚିବଙ୍କ ନେତୃତ୍ୱରେ କେଏଲ୍‌ସିସି ବୈଠକ ଓ ପରେ କେଏଲ୍‌ଡିବି ବୈଠକ ଅନୁଷ୍ଠିତ ହେବ। ଏଥିରେ ଦାବି ଉପରେ ଆଲୋଚନା ହୋଇ ନିଷ୍ପତ୍ତି ହେବ ବୋଲି ନାନ୍ଦୁରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଢୋଲ ନିଶାନ ତାଶାରେ ଦୁଲୁକିଲା ମଞ୍ଚ



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**ମାରାଗୁଡ଼ା ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ନୂଆପଡ଼ା, ୨୪ (ମକାରୁ ବେମାଲ)

ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ ମାରାଗୁଡା ଲୋକ ମହୋତ୍ସବ ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଢୋଲ ନିଶାନ ତାଶା ଓ ସମ୍ବଲପୁରୀ ନାଚଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ଆଯୁକ୍ତ ସମ୍ବଲପୁର ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ ବଗର୍ତ୍ତି, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ, ସଦର ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ନୂଆପଡ଼ା ଏନ୍ଏସି ଅଧକ୍ଷ ମହମ୍ମଦ ଆଦମ, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଲେଖିକା ପ୍ରଫେସର ବାସନ୍ତୀ ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ମାରାଗୁଡା ସଭ୍ୟତା ଉପରେ ଆଲୋକପାତ କରିଥିଲେ। ଅଭ୍ୟୁଦୟ ବିଦ୍ୟା ନିକେତନ ନୂଆପଡା, ମା' ଠାକୁରାଣୀ ଘୁମୁରା ଦଳ ଭାଲୁଡ଼ୁଙ୍ଗରି, ଜବାହର ନବୋଦୟ ବିଦ୍ୟାଳୟ ତରବୋଡ଼, ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ଗଣ୍ଡାବାହାଲି, ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ବୋଡ଼େନ, ମା' ବୀଣାପାଣି ବଜାଶାଲ କୋନାବିରା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନାଚଗୀତ ଓ ଢୋଲ ନିଶାନ ପରେ ସ୍ୱୟମ ପାଢ଼ୀ ଓ ସାଥୀଙ୍କ ଦ୍ୱାରା ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମା' ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ସମ୍ପନ୍ନ

ଥୁଆମୂଳ ରାମପୁର, ୨୪ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟରେ ମା' ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ସମ୍ପନ୍ନ ହୋଇଯାଇଛି। ଦୀର୍ଘ ୮ ଦିନ ଧରି ବିଭିନ୍ନ ପଡ଼ା ଓ ସାହି ପରିକ୍ରମା କରିବା ପରେ ମା' ନିଜ ସ୍ଥାୟୀ ଆସନରେ ବିରାଜମାନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୪ ତାରିଖ ଚୈତ୍ର ଶୁକ୍ଳ ଷଷ୍ଠୀ ତିଥିରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ମା'ଙ୍କ ପବିତ୍ର ଘଣ୍ଟକୁ ମୁଖ୍ୟ ପୂଜକଙ୍କ ଗୃହକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ ଡମ୍ବରୁଧର ପୂଜାରୀ ମା'ଙ୍କ ଘଣ୍ଟକୁ ନିଜ କନ୍ଧ (ଖନ୍ଦ)ରେ ବହନ କରିଥିବା ବେଳେ ଭୈରବ ଦେବଙ୍କ ପୂଜାରୀ ମା'ଙ୍କ ଛତ୍ର ବହନ କରି ବିଭିନ୍ନ ସାହି ପଡ଼ା ବୁଲି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଦୀର୍ଘ ୭ ଦିନ ଧରି ବିଭିନ୍ନ ପଡ଼ାରେ ପୂଜା ପାଇବା ପରେ ଅଷ୍ଟମ ଦିବସରେ ମା'ଙ୍କ ଘଣ୍ଟ ସହର ପରିକ୍ରମା କରି ମନ୍ଦିର ଅଭିମୁଖେ ଯିବା ସମୟରେ ମୁଖ୍ୟ ରାସ୍ତାର ଛକଗୁଡ଼ିକରେ ଶ୍ରଦ୍ଧାଳୁମାନେ ଝୁଣା, ପଣାପାଣି ଓ ଗଜାମୁହାଁ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ମହିଳାମାନଙ୍କ ହୁଳହୁଳି ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ମା' ନିଜ ମନ୍ଦିରରେ ପ୍ରବେଶ କରିଥିଲେ। ଲୋକକଥା ଅନୁଯାୟୀ, ମା'ଙ୍କ ଏହି ଚୈତ୍ର ଯାତ୍ରା ଦ୍ୱାରା ଅଞ୍ଚଳରୁ ରୋଗବ୍ୟାଧି ଦୂରହେବା ସହ ସର୍ବମଙ୍ଗଳ ସାଧିତ ହୁଏ। ଏହି ଯାତ୍ରା ପରିଚାଳନାରେ ପୂଜକ ଡମ୍ବରୁଧର ପୂଜାରୀ, ଭୈରବ ଦେବଙ୍କ ପୂଜାରୀ ଯୁବକ ଲାଲ ପରିଚ୍ଛା, ଉଦ୍ଧବ ପାତ୍ର, ପ୍ରହ୍ଲାଦ ପୂଜାରୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସମାପନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ପରିବେଷଣ କରାଯାଇଥିଲା।

# ୨୦୩୬ ସୁଦ୍ଧା ବିକଶିତ ହେବ ଓଡ଼ିଶା

ଟିଟିଲାଗଡ଼,୨୪(ଶରତ ମିଶ୍ର)

୨୦୩୬ ସୁଦ୍ଧା ଓଡିଶାକୁ ଏକ ବିକଶିତ ରାଜ୍ୟ ଭାବରେ ଗଠନ କରିବାକୁ ଡବଲ ଇଞ୍ଜିନ ସରକାରଙ୍କ ଲକ୍ଷ୍ୟ ରହିଛି। ସ୍ଥାନୀୟ ପୌର କଲ୍ୟାଣମଣ୍ଡପଠାରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହା କହିଛନ୍ତି। ଏହି ପରିପ୍ରେକ୍ଷୀରେ ମହାମନିଷୀଙ୍କ ପଦାଙ୍କ ଅନୁସରଣ କରିବା ସହ ସମସ୍ତେ ସହଯୋଗ କରିବା ପାଇଁ ବିଧାୟକ ଆହ୍ୱାନ କରିଥିଲେ। ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ତହସିଲଦାର ଶଙ୍କର ବାଗ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଉପଖଣ୍ଡ ଯୋଗାଣ ଅଧିକାରୀ ଗୋକୁଳ ଚନ୍ଦ୍ର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଚିନ୍ତାମଣି ମହାପାତ୍ର ସଭା ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷାର ମହଲା ଧନ୍ୟବାଦ ଅର୍ପଣ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଶ୍ୟାମ ସେଠ, ଶୁଭମ ରଥ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ, ତ୍ରିନାଥ ସରାଫ, ଧୂଳେଶ୍ୱର ଦଳବେହେରାଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ନିର୍ଦ୍ଦେଶିକା ଧରିତ୍ରୀ ମହାନ୍ତି ଏବଂ ନୃତ୍ୟଗୁରୁ ଟୁଲୁ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କ୍ଲାସିକ ଡ୍ୟାନ୍ସ ଗ୍ରୁପ, ଗୁରୁ ରୋହନ ମାଝୀଙ୍କ ନେତୃତ୍ୱରେ ଶିଶୁ ମନ୍ଦିର ଛାତ୍ରୀଛାତ୍ର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

# ସୀତା ସନ୍ଧାନ, ଲଙ୍କା ଦହନ ମଞ୍ଚସ୍ଥ

**ବୌଦ୍ଧ ରାମଲୀଳାର ସପ୍ତମ ଦିବସ**

ବୌଦ୍ଧ,୨୪(ଅଜିତ କୁମାର ବାରିକ)



ପରିବେଷିତ ରାମଲୀଳା ନାଟକର ଦୃଶ୍ୟ।

ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରାର ଗୁରୁବାର ଥିଲା ସପ୍ତମ ଦିବସ। କିଷ୍କିନ୍ଧ୍ୟାର ବାନର ରାଜା ବାଳୀଙ୍କୁ ବଧ କରିବା ପରେ ଶ୍ରୀରାମଚନ୍ଦ୍ର ମିତ୍ର ସୁଗ୍ରୀବଙ୍କ ରାଜାଭିଷେକ କରାଇଛନ୍ତି। ସୀତାଙ୍କ ବିଚ୍ଛେଦରେ ଅଧିର ରାମ ଲକ୍ଷ୍ମଣ ତାଙ୍କର ଅନୁସନ୍ଧାନ ପାଇଁ ଚିନ୍ତିତ ଥିବାବେଳେ ବାନର ରାଜା ସୁଗ୍ରୀବଙ୍କ ଆଦେଶକ୍ରମେ ବାନର ବୀରମାନେ ଚାରିଦିଗକୁ ସୀତାଙ୍କ ସନ୍ଧାନରେ ଯାତ୍ରା କରିଛନ୍ତି। ତିନି ଦିଗରୁ ସୀତାଙ୍କ କୌଣସି ସନ୍ଧାନ ମିଳି ନ ଥିବାବେଳେ ଯୁବରାଜ ଅଙ୍ଗଦଙ୍କ ନେତୃତ୍ୱରେ ହନୁମାନ, ଜାମ୍ବବାନ ଆଦି ସେନା ସମୁଦ୍ର କୂଳରେ ପହଞ୍ଚିଛନ୍ତି। ବୀର ହନୁମାନ ସାତ ସମୁଦ୍ର ଲଂଘନ କରି ରାବଣର ସ୍ୱର୍ଣ୍ଣମୟୀ ଲଙ୍କାଗଡରେ ପହଞ୍ଚିଛନ୍ତି ଏବଂ ଅଶୋକ ବାଟିକାରେ ସୀତାମାତାଙ୍କ ଦର୍ଶନ କରିଛନ୍ତି। ଅଶୋକ ବାଟିକା ହନୁମାନଙ୍କ ଦ୍ୱାରା ଧ୍ୱଂଶ ହେବା ପରେ ରାବଣର ପୁତ୍ର ଅକ୍ଷୟ କୁମାର ହନୁମାନଙ୍କୁ ବନ୍ଦୀ କରିବାକୁ ଆସି ତାଙ୍କ ଦ୍ୱାରା ବଧ ହୋଇଛନ୍ତି। ଏଥିରେ ଉତ୍‌କ୍ଷିପ୍ତ ରାବଣ ଇନ୍ଦ୍ରଜିତକୁ ପଠାଇ ହନୁମାନଙ୍କୁ ବନ୍ଦୀ କରି ରାଜ ଦରବାରରେ ଉପସ୍ଥିତ କରାଇବା ପରେ ହନୁମାନ ସୀତାମାତାଙ୍କୁ ସସମ୍ମାନେ ଫେରାଇ ଦେବାକୁ ରାବଣକୁ ବୁଝାଇବାକୁ ଉଦ୍ୟମ କରିଛନ୍ତି। କିନ୍ତୁ ରାବଣ ହନୁମାନଙ୍କ ଲାଙ୍ଗୁଡରେ ନିଆଁ ଲଗାଇ ଛାଡିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଙ୍କପତିଙ୍କ ଆଦେଶରେ ରାକ୍ଷସମାନେ ହନୁମାନଙ୍କ ଲାଙ୍ଗୁଡରେ ନିଆଁ ଲଗାଇଦେବା ପରେ ସେ ଲଙ୍କା ନଗରୀରେ ନିଆଁ ଲଗାଇ ସୀତାଙ୍କ ସନ୍ଦେଶ ନେଇ ପୁଣିଥରେ ସାତ ସମୁଦ୍ର ପାରି ହୋଇ ଫେରିଯାଇଛନ୍ତି। ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ଓ ଭବାନୀଶଙ୍କର ମହାପାତ୍ର ବଳିଷ୍ଠ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ପୌରାଣିକ କଥାବସ୍ତୁର ଚରିତ୍ର ଗୁଡିକୁ ନିଖୁଣ ଭାବେ ଅଭିନୟ କରିଥିଲେ। ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ସପ୍ତମ ଦିବସରେ ବରିଷ୍ଠ କଳାକାର ଶିରିଶ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ଜୟ ନାରାୟଣ ମହାନ୍ତି, ସିପୁନ ସାହୁ, ସୁଜ୍ଞାନ ଜେନା, ଦିବାକର ଜେନା, ଶାନ୍ତନୁ ବେହେରା ଓ ସତ୍ୟଜିତ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

### ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ଲାଞ୍ଜିଗଡ଼,୨୪ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ବ୍ଲକ୍ ବିଶ୍ୱନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ଦ୍ୱିଦିବସୀୟ ଶିକ୍ଷଣ ସାମଗ୍ରୀ (ଟିଏଲ୍ଏମ୍) ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦ୍ଧଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ ଓ ୧୩ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ଥିଲେ। ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜିବ କୁମାର ନାଏକ ଓ ସମ୍ମାନିତ ଅତିଥି ଭାବେ ବିଇଓ ମେହେର, ଏବିଇଓ ଭାରତ ଭୂଷଣ ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ବୌଦ୍ଧରେ ହନୁମାନ ଜୟନ୍ତୀ ଉତ୍ସବ



ମନ୍ଦିରରେ ପୂଜାକାର୍ଯ୍ୟ ଚାଲିଛି।

**ବୌଦ୍ଧ,୨୪(ଅଜିତ କୁମାର ବାରିକ):** ବୌଦ୍ଧ ସହର ମହାନଦୀ ଜଳରାଶିର ମଝିରେ ଥିବା ଶ୍ରୀ ଶ୍ରୀ ସିଦ୍ଧ ହନୁମାନ ମନ୍ଦିରରେ ଗୁରୁବାର ଶ୍ରୀ ହନୁମାନ ଜୟନ୍ତୀ ଉତ୍ସବ ମନ୍ଦିର ବୋର୍ଡ ପକ୍ଷରୁ ପାଳିତ ହୋଇଛି। ପ୍ରଥମେ ମନ୍ଦିରରେ ଧ୍ୱଜା ରୋପଣ ପରେ ସ୍ନାନ, ସୂର୍ଯ୍ୟପୂଜା, ସାମୂହିକ କଳସ ଯାତ୍ରା, ହନୁମାନଙ୍କ ଚଳନ୍ତି ପ୍ରତିମା ନେଇ ସହର ପରିକ୍ରମା, ଶୁଭ କଳସ ସ୍ଥାପନ, ୧୦୮ ସାମୂହିକ ହନୁମାନ ଚାଳିଶା ପାଠ, ଘୃତ ଯଜ୍ଞ, ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୂଜକ ବିଭୂତି ଶଙ୍କର ପାଢୀ, ଅଙ୍ଗିରା ମିଶ୍ର, ଗରିବ ମିଶ୍ର, ମାନସ ମିଶ୍ର, ରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ଶତପଥୀ ପୂଜା କରିଥିଲେ। କର୍ତ୍ତା ଭାବେ ରାଧେଶ୍ୟାମ ସାହୁ ଓ ଉମେଶ ବାଘ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ବୋର୍ଡ ଉପଦେଷ୍ଟା ଅନିଲ ଦଲାଲ, ବିଶ୍ୱଜିତ ମିଶ୍ର, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ରଘୁନାଥ ଷଡ଼ଙ୍ଗୀ, ଗଜେନ୍ଦ୍ର ସାହୁ, ସଭାପତି କୃତ୍ତିବାସ ପଲିଅ, ସମ୍ପାଦକ ସରୋଜ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୧୨ ଘଣ୍ଟିଆ କଣ୍ଟାମାଳ ବନ୍ଦ ସଫଳ, ଜୀବନଯାତ୍ରା ପ୍ରଭାବିତ

**ସଦର ମହକୁମାର ୫କି.ମିରେ ଷ୍ଟାଡିୟମ ନିର୍ମାଣ ଦାବି**

କଣ୍ଟାମାଳ/ପଲଶାଗୋରା,୨୪
(ଆଦିତ୍ୟେଶ୍ୱର ମିଶ୍ର/ଅଶ୍ୱିନୀ ନନ୍ଦ)



ଲୋକମାନେ ପିକେଟିଂ କରି ବନ୍ଦ କରୁଛନ୍ତି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ମହକୁମାର ୫ କିଲୋମିଟର ପରିଧି ମଧ୍ୟରେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ଦାବିରେ ଗୁରୁବାର କଣ୍ଟାମାଳ ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ କଣ୍ଟାମାଳ ବନ୍ଦ ଡାକରା ସମ୍ପୂର୍ଣ୍ଣ ସଫଳ ହୋଇଛି। ଆବାହକ ଯଦୁହାରୀ ବାଘଙ୍କ ନେତୃତ୍ୱରେ ସକାଳ ୬ଟାରୁ ଆନ୍ଦୋଳନକାରୀମାନେ ଡୁମାଳପାଲି ଛକରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପିକେଟିଂ କରି ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, କୋର୍ଟ, ପେଟ୍ରୋଲ ପମ୍ପ ସମେତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ସେମାନେ କଣ୍ଟାମାଳରେ ଷ୍ଟାଡିୟମ ନିର୍ମାଣ ଦାବି ସମ୍ପର୍କିତ ସ୍ଲୋଗାନ ଦେଇଥିଲେ। ସେହିପରି ବ୍ଲକର ଡୁମାଳପାଲି ଛକ, ହାଟପଦା ଛକ, ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ତହସିଲ ଛକ, ଖଲିଆପାଲି ଛକରେ ବିକ୍ଷୋଭକାରୀମାନେ ଚାରିଚକିଆ ଯାନବାହନ ଅଟକାଇଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଗୁଡ଼ିକର ଲମ୍ବା ଲାଇନ ଲାଗିଥିଲା। ବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଡାକ୍ତରଖାନା, ଔଷଧ ଦୋକାନ, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ, କ୍ଷୀର ଗାଡି ଆଦିକୁ ଏଥିରୁ ବାଦ୍ ଦିଆଯାଇଥିଲା। ସରକାର କଣ୍ଟାମାଳ ବ୍ଲକର ୫ କିଲୋମିଟର ପରିଧି ମଧ୍ୟରେ ଷ୍ଟାଡିୟମ ନିର୍ମାଣ ପାଇଁ ନିଷ୍ପତ୍ତି ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆବାହକ ବାଘ ଚେତାବନୀ ଦେଇଛନ୍ତି।


**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

**PR 376507 Urban Development and Housing(25-26)#D**

**Executive Officer,**
**Nagar Parishad, Dumka**


# କଣ୍ଟାବାଞ୍ଜିରେ ଭବ୍ୟ ସ୍ୱାଗତ, ବାଇକ୍ ରାଲି

**କଣ୍ଟାବାଞ୍ଜି ବିଧାୟକ ହେଲେ ବଲାଙ୍ଗୀର ଜିଲା ଯୋଜନା ବୋର୍ଡ ଅଧକ୍ଷ**

କଣ୍ଟାବାଞ୍ଜି,୨୪(ଗୁରୁଦୟାଲ ହଂସ)



କଣ୍ଟାବାଞ୍ଜିରେ ସମର୍ଥକଙ୍କ ଗହଣରେ ବିଧାୟକ ରାଲିରେ ଯାଉଛନ୍ତି।

ରାଜ୍ୟର ୩୦ ଜିଲା ଯୋଜନା କମିଟି ଅଧକ୍ଷମାନଙ୍କ ନାଁ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ବଲାଙ୍ଗୀର ଜିଲାର ଅଧକ୍ଷ ଭାବେ ନିଯୁକ୍ତି ମିଳିଛି। ବାଗ ଗୁରୁବାର ସନ୍ଧ୍ୟାରେ ପହଞ୍ଚିବା ପରେ କଣ୍ଟାବାଞ୍ଜି ଉପକଣ୍ଠସ୍ଥ କୁର୍ଲି ଗ୍ରାମ ନିକଟରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଜିଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ନିଯୁକ୍ତି ମିଳିବା ପରେ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ଗୁରୁତ୍ୱ ଦେବେ ବୋଲି ବିଧାୟକ ଏହି ଅବସରରେ କହିଛନ୍ତି। ଏହି ଅବସରରେ ନିର୍ବାଚନ ମଣ୍ଡଳୀର ତୁରେକେଲା,ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ସହ କଣ୍ଟାବାଞ୍ଜି ଏନଏସିର ଭାଜପା କର୍ମକର୍ତ୍ତା, ବିଭିନ୍ନ ମଣ୍ଡଳର କର୍ମକର୍ତ୍ତା ଓ ସାମାଜିକ କର୍ମୀମାନେ ଏକ ବାଇକ୍ ରାଲିରେ ନଗର ପରିକ୍ରମା କରିଥିଲେ। ବରିଷ୍ଠ ଭାଜପା ନେତା ତଥା ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ଘାସିରାମ ଜୈନ, ଏ. ଯାଦବ, ଗଙ୍ଗାଧର ହେର୍ଣ୍ଣା, ଜିଲା ସରପଞ୍ଚ ସଂଘ ସଭାପତି ତଥା ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ମେହେରଙ୍କ ସମେତ ସମର୍ଥକମାନେ ସାମିଲ ଥିଲେ। ଆଇନଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ସହ ପୋଲିସ ଫୋର୍ସ ମୁତୟନ ଥିଲେ।


**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई0 अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA    दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | *RWD/ CHAIBASA/ 05/2023-24* | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | *30208200* | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

# କୁଳତା ସମାଜର ଐତିହ୍ୟ ଉପରେ ଆଲୋଚନା

ସୁନ୍ଦରଗଡ଼,୨।୪(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା କୁଳତା ସମାଜ (ଟାଉନ ଶାଖା) ଦ୍ୱାରା ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ରାସ୍ତା ସ୍ଥିତ ସି-ନେଟ କମ୍ପ୍ୟୁଟର୍ସଠାରେ ବାର୍ଷିକ କୁଳତା ଦିବସ ପାଳିତ ହୋଇଯାଇଛି। କୁଳତା ସମାଜର ଐତିହ୍ୟ, ସଂସ୍କୃତି ଏବଂ କୃଷିକେନ୍ଦ୍ରିକ ଜୀବନ ଶୈଳୀର ଅମୂଲ୍ୟ ଅବଦାନକୁ ସ୍ମରଣ କରିବା ଓ ଆଗାମୀ ପୀଢ଼ିଙ୍କୁ ପ୍ରେରିତ କରିବା ଏହି ଉତ୍ସବର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ସଭାରେ ଡ. ସୌରୀ ନାରାୟଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଡ. ଚିତ୍ତ ବାରିକ, ଡ. ନାରାୟଣ ପ୍ରଧାନ, କୁନୁ ବିଶ୍ୱାଳ, ଅମାତ୍ୟ ପ୍ରଧାନ, ଆତ୍ମାରାମ ବାରିକ, ରଶ୍ମିରଞ୍ଜନ ବାରିକ, ଅଧ୍ୟାପକ ଡ. ନୂତନ ଖମାରୀ, ପବିତ୍ର ମୋହନ ପ୍ରଧାନ, ଡ. ପ୍ରଦୀପ ଭୋଇ, ଦିବ୍ୟ ସ୍ୱରୂପ ନାୟକ ଓ ଅଧିବକ୍ତା ପୁରୁଷୋତ୍ତମ ପ୍ରଧାନ ଉପସ୍ଥିତ ଥିଲେ। ମହିଳା ଶାଖା ପକ୍ଷରୁ ତୃପ୍ତି ସାହୁ, କଲ୍ୟାଣୀ ଭୋଇ, ମାମୀ ପ୍ରଧାନ, ରୋଜି ପ୍ରଧାନ, ସଂଯୁକ୍ତା ବାରିକ, ରୋଜି


ସମାରୋହରେ କୁଳତା ସମାଜର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟ।

ନାୟକ, ସ୍ନେହଲତା ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ଉତ୍ସବର ଆରମ୍ଭ କୁଳଦେବୀ ମା' ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ଓ ପ୍ରାର୍ଥନା ମାଧ୍ୟମରେ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ସମାଜର ପାରମ୍ପରିକ ସଂସ୍କୃତି ଓ ଏକତାର ଅଦ୍ଭୁତ ପ୍ରତିଚ୍ଛବି ପ୍ରଦର୍ଶନ କରାଯାଇଥିଲା। ସଭାରେ ଅତିଥିମାନେ କୁଳତା ସମାଜର ଐତିହ୍ୟ ଓ କୃଷି ଆଧାରିତ ଜୀବନ ପ୍ରଣାଳୀର ଗୁରୁତ୍ୱ ବିଷୟରେ ଆଲୋକପାତ କରି ଯୁବପିଢ଼ୀ ଏହାକୁ ଅନୁସରଣ ଓ ସୁରକ୍ଷିତ ରଖିବାକୁ ଆହ୍ୱାନ କରିଥିଲେ। ଏହି କୁଳତା ଦିବସ ଉତ୍ସବ ସମାଜର ଏକତା, ସଂସ୍କୃତିକ ଗରିମା ଓ ପାରମ୍ପରିକ ମୂଲ୍ୟବୋଧକୁ ଆହୁରି ଦୃଢ଼ କରିଥିବା ଯୋଗୁ ସମାଜ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦନ ଜ୍ଞାପନ କରାଯାଇଥିଲା।

# ସାରହୁଲ ପୂଜା ମହୋତ୍ସବ ପାଳିତ

କୁଆଁରମୁଣ୍ଡା,୨।୪(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ମେଳା ପଡିଆରେ ଗୁରୁବାର ସାରହୁଲ ପୂଜା ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବ ପାଳନର ମୂଳମନ୍ତ୍ର ହେଉଛି ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ, ସାଂସ୍କୃତିକ ପରମ୍ପରାର ସୁରକ୍ଷା ଓ ସାମୂହିକ ଏକତା ରକ୍ଷା କରିବା ବୋଲି ଉପସ୍ଥିତ ଅତିଥିମାନେ ମତପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ମୁଲୀ ଡ଼ାଡହା ପଡହା ପକ୍ଷରୁ ଆୟୋଜିତ ହୋଇଥିଲା। ସକାଳ ୮ଟାରେ ଆଦି ଧରମ ଧର୍ମାବଲମ୍ବୀମାନେ ମେଳା ପଡ଼ିଆରେ ଥିବା ପୂଜାସ୍ଥଳୀରେ ଏକତ୍ରିତ ହୋଇଥିଲେ। ଏହାପରେ ୯ଟାରେ ପୂଜା ଆରମ୍ଭ ହୋଇଥିଲା। ଅତିଥିମାନେ ସଂସ୍କୃତି ଓ ପରମ୍ପରାକୁ ମଜଭୁତ କରିବା ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ରାଜି ପାଡହା, ଭାରତ ଉପ ଦେୱାନ, ଚାମାନନ୍ଦ ଓରାମ ମୁଖ୍ୟ ଅତିଥି


କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶା ପାଦା ପାଡ଼ହା ବେଲ ମାଙ୍ଗେ ଏକ୍କା ଯୋଗ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ପୂର୍ବତନ ବିଧାୟକ ଶଙ୍କର ଓରାମ, ପୁନମ କଚ୍ଛପ, ଉଷାରାଣୀ ଟପ୍ପୋ, ବୀରମିତ୍ରପୁର ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, ରାଜିପଡ଼ାହା ଭାରତ ସଲହକାର କୁବା କିଣ୍ଡୋ, ବୁଲୁ ଓରାମ, ମକଲୁ ଏକ୍କା, ବାରିଆ ବେକ, ହରି ଚରଣ ଖାଲଖୋ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ବସନ୍ତ ଓରାମ, ରଥୁ ଓରାମ, ଲଛୁ ଓରାମ, ମନୋଜ ବାର୍ଲା, ମକଲୁ ଏକ୍କା, ରୁପୁ ଓରାମ, ଦାସ ଓରାମ, ଆଶା ମିଞ୍ଜ, ମହାଦେବ ନାନୱାର, ହରିଲାଲ ଟପ୍ପୋ, ରାମ ଏକ୍କା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ହଳଦୀକୁଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଲହୁଣୀପଡା,୨।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ହଳଦୀକୁଦର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ମନ୍ତ୍ରୀ ଅଚ୍ୟୁତାନନ୍ଦ କର, ସିପିଆଇଏମ ସୁନ୍ଦରଗଡ଼ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ଲହୁଣୀପଡା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ମୁଣ୍ଡା, ଗୁରୁଣ୍ଡିଆ ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ଦଣ୍ଡିଆ, ମହୁଲପଦା ଥାନା ଅଧିକାରୀ ଶିବ ଶଙ୍କର ଆଲଦା, ସରପଞ୍ଚ ବିଜୟ ସିଂ ମୁଣ୍ଡା, ଖୁଣ୍ଟଗାଁ ଟସର ସମ୍ପାଦକ ସୁକାନ୍ତ କୁମାର ବେହେରା, ସମାଜସେବୀ ପ୍ରଦୀପ ଜିତ, ମାନସ ସାହୁ, ସମୀର ନାୟକ, ମନୋଜ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଦୟ ନାଥ ବର୍ଗତି ଅଧକ୍ଷତା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ଧରୁଆ ବିବରଣୀ ପାଠ କରିଥିଲେ। ସମ୍ପାଦକ ଯୁଗଳ କିଶୋର ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସଙ୍ଗୀତ ଗାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ହନୁମାନ ମନ୍ଦିରର ଭୂମି ପୂଜନ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।


ସେକ୍ଟର-୬ ସ୍ଥିତ ମା' ତାରା ତାରିଣୀଙ୍କ ନଗର ଭ୍ରମଣ ସମୟରେ କଳାକାରମାନେ ବିଭିନ୍ନ ବେଶରେ ନୃତ୍ୟ କରୁଛନ୍ତି।

# ମା' ତାରା ତାରିଣୀଙ୍କ ନଗର ଭ୍ରମଣ ସମ୍ପନ୍ନ

ରାଉରକେଲା,୨।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୬ ସ୍ଥିତ ମା' ତାରା ତାରିଣୀଙ୍କ ନଗର ଭ୍ରମଣ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ସାତଦିନ ପର୍ଯ୍ୟନ୍ତ ଚାଲୁରହିଥିଲା। ରାଉରକେଲାର ଆଖପାଖ ସହରାଞ୍ଚଳ, ଶିଳ୍ପାଞ୍ଚଳ, କୋଏଲ ନଗର, ଛେଣ୍ଡ କଲୋନୀ, ଝିରପାଣି, ସାର ନଗରୀ, ଜଗଦା, ବାଲୁଘାଟ, ପାନପୋଷ ଛକର ଏକ ଶହରୁ ଉର୍ଦ୍ଧ୍ୱ ପରିବାର ମା'ଙ୍କୁ ଆମନ୍ତ୍ରଣ କରିଥିଲେ। ବ୍ରହ୍ମପୁରର ଭାଟକୁମରଡା ଶ୍ରୀକୃଷ୍ଣ ଚିତ୍ରାଳୟର ନାଟ୍ୟକାରମାନେ ମା' ଦୁର୍ଗା, ମହିଷାସୁର, ବାଘ ବେଶ ଧାରଣ କରି ଅଭିନୟ କରିଥିଲେ। ମନ୍ଦିର ପରିଚାଳନା ସମିତି ତରଫରୁ ବିଜୟ ପାଢ଼ୀ, ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ, ରମାକାନ୍ତ ମହାରଣା, ଭାସ୍କର ନନ୍ଦ, ଶ୍ରବଣ ଦଳେଇ, ଲୋକେଶ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ୍‌ର ପ୍ରତିଷ୍ଠା ଦିବସ

ରାଉରକେଲା,୨।୪
(ସଙ୍ଗୀତା ଜେନା)

ଆରଏସ୍‌ପି ରିଟାୟାର୍ଡ ଆସୋସିଏଶନ୍‌ର ୩୮ତମ ପ୍ରତିଷ୍ଠା ଦିବସ ଓ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଅଭୟ ଦାସ ପୌରୋହିତ୍ୟ କରିଥିଲେ। ରାଉରକେଲା ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ପ୍ରଫେସର ଡ. ଅଶ୍ୱିନୀ ରାୟ, ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ, ସାଧାରଣ ସମ୍ପାଦକ ଧନଞ୍ଜୟ ଦାସ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।



କାର୍ଯ୍ୟକ୍ରମରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଅତିଥିମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଯୋଗଦାନ ଦେଇଥିବା ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଗଠନ ହେବା ପାଇଁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏଥିରେ ମଧୁବାବୁଙ୍କ ସମେତ ଅନ୍ୟମାନେ ପ୍ରମୁଖ ସହଯୋଗ ଦେଇଥିଲେ। ସେମାନଙ୍କ ବଳିଷ୍ଠ ନେତୃତ୍ୱ ରାଜ୍ୟକୁ ନୂତନ ଆକାର ଦେବାରେ ସହାୟକ ହୋଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଧାମୋହନ ନାୟକ ମଞ୍ଚ ସଞ୍ଚାଳନ କରିଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି

ରାଜଗାଙ୍ଗପୁର,୨।୪(ଅଶୋକ ପାଣି):

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ ସୁନ୍ୟାନୀ ଗତ ୧ତାରିଖରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଗୁରୁବାର ତାଙ୍କର ପାର୍ଥିବ ଶରୀରକୁ ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ ସମିତି ଅଧକ୍ଷା ସାବିନା ମିଞ୍ଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ବାଘ, ସହକାରୀ ନିର୍ବାହୀ ଅଧିକାରୀ ପ୍ରତ୍ୟୁଷ ଆଚାର୍ଯ୍ୟ, ବିଧାୟକଙ୍କ ପ୍ରତିନିଧି ଅରୁଣ ସାମଲଙ୍କ ସହ ବିଭିନ୍ନ ସରପଞ୍ଚ ଓ ସମିତି ସଭ୍ୟ ତଥା ବ୍ଲକର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ପ୍ଲେଟ୍ ମିଲ୍ ବିଭାଗକୁ ଚାମ୍ପିୟନ୍ସ ଟ୍ରଫି

ରାଉରକେଲା,୨।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ପ୍ଲେଟ୍ ମିଲ୍ ୨୦୨୫-୨୬ ବର୍ଷ ପାଇଁ ଚାମ୍ପିୟନ୍ସ ଅଫ୍ ଦି ଇୟର ଟ୍ରଫି ହାସଲ କରିଛି। ସେହିପରି ବ୍ଲାଷ୍ଟ ଫର୍ନେସ୍ ରନର୍ସ ଅପ୍ ବିବେଚିତ ହୋଇଛି। ଏପ୍ରିଲ ପହିଲାରେ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ ପୁରସ୍କାର ବିତରଣ ଉତ୍ସବରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। କାରଖାନାର ଚାରୋଟି ଜୋନ୍ ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ବିଭାଗଗୁଡ଼ିକୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଏବଂ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କାର ପ୍ରଦାନ କରିଥିଲା। ଏଥିପାଇଁ ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୫-୨୬କୁ ସଫଳତାର ସହ ସମାପ୍ତ କରିଛି।



ପ୍ଲେଟ୍ ମିଲ୍ ବିଭାଗକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

ଆର୍‌ଏମ୍‌ଏଚ୍‌ପି ବିଭାଗକୁ ଲୌହ ଏବଂ କଞ୍ଚାମାଲ ଜୋନ୍‌ରୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା। ସେହିପରି ଇସ୍ପାତ ଏବଂ ସହାୟକ ଜୋନ୍‌ରୁ ଷ୍ଟିଲ ମେଲ୍‌ଟିଙ୍ଗ ଶପ-୨ ବିଜେତା ହୋଇଥିଲା। ରୋଲିଂ ମିଲ୍ ଜୋନ୍‌ରୁ ନୂତନ ପ୍ଲେଟ୍ ମିଲ୍ ପ୍ରଥମ ସ୍ଥାନ ହାସଲ କରିଛି। ସର୍ଭିସେସ କ୍ଷେତ୍ରରୁ ପିପିସି ବିଭାଗ ବିଜେତା ଥିଲାବେଳେ ଓଡ଼ିଶା ଖଣି ଗୋଷ୍ଠୀରୁ ବଲାଣୀ ଓର୍ ମାଇନ୍ସକୁ ବିଜେତା ଭାବେ ବିବେଚିତ କରାଯାଇଥିଲା।

## ଜନଗଣନା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ସୁନ୍ଦରଗଡ଼,୨।୪
(ଜୟ ନାରାୟଣ ମେଣ୍ଟୁଲି)

ସବ୍‌ଡେଗା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିବା ଜନ ଗଣନା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସବ୍‌ଡେଗା ତହସିଲଦାର ତଥା ଚାର୍ଜ ଅଫିସର ମାନସୀ ନାଏକଙ୍କ ତତ୍ତ୍ୱାବଧାନରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ତହସିଲଦାର ଅରମାନ ଲାକ୍ରା ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଏହି ତାଲିମ ଶିବିର ମାଧ୍ୟମରେ ଜନ ଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିବା ୧୧୯ ଜଣ ଜନ ଗଣନା ଅଧିକାରୀ ଓ ୨୦ ଜଣ ସୁପର ଭାଇଜର ତାଲିମ ଗ୍ରହଣ କରିଥିଲେ। କ୍ଷେତ୍ର ତାଲିମଦାତା (ଫିଲଡ ଟ୍ରେନର) ମନୋଜ ଭିତ୍ରିଆ ଓ ଅର୍ଜୁନ ରୋହିଦାସ ତାଲିମ ପ୍ରଦାନ କରିଥିଲେ।

**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka

# ସାରହୁଲ ପୂଜା: ଶୋଭାଯାତ୍ରାରେ ଶ୍ରଦ୍ଧାଳୁ

ରାଉରକେଲା,୨।୪(ବିପ୍ଳବ ରଞ୍ଜନ ଦାଶ)

ସାରହୁଲ ପୂଜା ନେଇ ବୁଧବାର ନୂଆଗାଁ ବ୍ଲକ ଅନ୍ତର୍ଗତ ହାତିବାଡ଼ି ଗ୍ରାମରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ହାତୀବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରୁ ବାହାରି ମାନ୍ଦ୍ରାଟୋଲୀ, ଢୋକାଟୋଲୀ, କୁମ୍ଭାର ବସ୍ତି ଦେଇ ପୂଜା ସ୍ଥଳକୁ ଫେରିଥିଲା। ପୂଜାସ୍ଥଳରେ ବହୁ ଭକ୍ତଙ୍କ ଭିଡ ଜମିଥିଲା। ଏହି ପୂଜାରେ ପୂର୍ବତନ ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ସଭାପତି ରମେଶ ଲାକ୍ରା, ବିର୍ସା ଓରାମ, ସୋନିକା ଏକ୍କା ଓ ସୁନ୍ଦର ବଡାଇକ ପ୍ରମୁଖ ସହଯୋଗ କରିଥିଲେ। ଶୋଭାଯାତ୍ରାରେ ୧୦ ଗ୍ରାମର ଶ୍ରଦ୍ଧାଳୁ ଭକ୍ତ ସାମିଲ ହୋଇ ନୂତନ ଧାନ, ଫଳ, ସାରାଇ ଏବଂ ଫୁଲ ପ୍ରଦାନ


ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

କରିଥିଲେ। ଏହି ପୂଜା ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା।

ସେହିପରି ଲୋରେଟୋ ସ୍କୁଲ ପଛରେ ଥିବା ସାରନା ଠାକୁରାଣୀଙ୍କ ପୂଜା ଏବଂ ଶୋଭାଯାତ୍ରା ବୁଧବାର ଆୟୋଜିତ ହୋଇଥିଲା। ଓରାମପଡା ସାରନା ପୂଜା କମିଟିର ଲୋକମାନେ ନୂତନ ଧାନ, ଫଳ, ସାରାଇ ଏବଂ ଫୁଲ ପ୍ରଦାନ କରିଥିଲେ। ଗହନୁ ଏକ୍କା, ଚାମରା ମିଞ୍ଜ, ହରବୁ ଓରାମ, ଭୀମା ଟପ୍ପୋଙ୍କ ନେତୃତ୍ୱରେ ପୂଜା କରାଯାଇଥିଲା। ଏହାପରେ ପୂଜାପାଠ ସ୍ଥାନରେ ପତାକା ଉତ୍ତୋଳନ କରାଯାଇଥିଲା। ରୀତିନୀତି ଅନୁଯାୟୀ ପୂଜା କରାଯିବା ପରେ ଏକ ଶୋଭାଯାତ୍ରା ବାହାରି ଉଦିତନଗର ବିରଜାପାଲି, ଉଦିତନଗର ଆମ୍ବେଦକର ଛକ ଦେଇ ଓରାମ ପଡାରେ ପହଞ୍ଚିଥିଲା। ବୁଦ୍ଧନାଥ କେର୍କେଟ୍ଟା, ଫାଗୁ କେର୍କେଟ୍ଟା, ଅମରନାଥ ଓରାମ, ଗଜେନ୍ଦ୍ର ତିର୍କୀ, ଦୀପକ ଓରାମ, ଲାଖୋ ଟପ୍ପୋ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟଗୀତ କାର୍ଯ୍ୟକ୍ରମ ହୋଇଥିଲା।

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

## ସଂକ୍ଷେପରେ

### ଭିମ୍ସାର ଅଧୀକ୍ଷକ ଦାୟିତ୍ୱ ନେଲେ ପ୍ରଫେସର ଡା. ସୁନୀଲ ଶର୍ମା



ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମସାର)ର ନୂତନ ସୁପରିଣ୍ଟେଣ୍ଡେଣ୍ଟ(ଅଧୀକ୍ଷକ) ଭାବେ ନିଯୁକ୍ତ ହୋଇଛନ୍ତି ବରିଷ୍ଠ ହୃଦରୋଗ ବିଶେଷଜ୍ଞ ତଥା ବିଭାଗର ମୁଖ୍ୟ ପ୍ରଫେସର ଡା. ସୁନୀଲ ଶର୍ମା। ଭିମସାର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏପ୍ରିଲ୍ ୨ ତାରିଖରେ ପତ୍ରସଂଖ୍ୟା ୧୩୨ରେ ଜାରି ଏକ ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରଫେସର ଡା. ଶର୍ମାଙ୍କୁ ଭିମସାରର ନୂତନ ଅଧୀକ୍ଷକଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତନ ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାୟକ ଭିମ୍ସାରର ନିର୍ଦ୍ଦେଶକ ନିଯୁକ୍ତ ହେବା ପରେ ଏହି ପଦବୀଟି ଖାଲି ରହିଥିଲା। ତେବେ ଗୁରୁବାର ପ୍ରଫେସର ଡା. ଶର୍ମା ପୂର୍ବତନ ଅଧୀକ୍ଷକ ପ୍ରଫେସର ଡା. ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭିମସାରର ସୁପରିଚାଳନା ତଥା ରୋଗୀ ସେବାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ତୁରନ୍ତ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଇଛି। ଏହି ନୂତନ ନିଯୁକ୍ତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ, ସଚିବ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସମ୍ବଲପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶନାମାର ନକଲ ପ୍ରଦାନ କରାଯାଇଛି।

### ବରିଷ୍ଠ ନାଗରିକ ପରିଷଦ କର୍ମକର୍ତ୍ତାଙ୍କ ଶପଥଗ୍ରହଣ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନକଉଡ଼ା ବରିଷ୍ଠ ନାଗରିକ ପରିଷଦ ଭବନ ପରିସରରେ ବୁଧବାର ସନ୍ଧ୍ୟାରେ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଅଧ୍ୟାପକ ଧନେଶ୍ୱର ମେହେର ଓ ଡାକ୍ତର ଅଶ୍ୱିନୀ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଯାଇଥିଲା। ପୂର୍ବତନ ସମ୍ପାଦକ ଆଶୁତୋଷ ଦେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଷଦର ସଭାପତିଭାବେ ଭକ୍ତ ପ୍ରସାଦ ପଣ୍ଡା, ଉପସଭାପତି ଭାବେ ରାମନାରାୟଣ ପାଢ଼ୀ, ସମ୍ପାଦକ ରବିନାରାୟଣ ମିଶ୍ର ଏବଂ କୋଷାଧକ୍ଷ ଭାବେ ଅଶ୍ୱିନୀ କୁମାର ପାଢ଼ୀ ଶପଥ ଗ୍ରହଣ କରିଛନ୍ତି। ସମସ୍ତ କର୍ମକର୍ତ୍ତା ସଚ୍ଚୋଟତା, ଦକ୍ଷତା ଓ ପକ୍ଷପାତବିହୀନ ଭାବେ ଆଗାମୀ ଏକ ବର୍ଷ ପାଇଁ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ସଂକଳ୍ପ କରିଥିଲେ। ସେହିପରି କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟଭାବେ ରାମନାରାୟଣ ମିଶ୍ର, ସତ୍ୟପ୍ରକାଶ ଗୁପ୍ତା, ଆଶୁକବି ସଚ୍ଚିଦାନନ୍ଦ ପ୍ରଧାନ, ହାଡ଼ିବନ୍ଧୁ ନାଇକ ଓ ଇଦ୍ରିଶ ମଲ୍ଲିକ ମଧ୍ୟ ଶପଥ ନେଇଥିଲେ। ପରିଷଦର ପୂର୍ବତନ ସଭାପତି ନିତ୍ୟାନନ୍ଦ ଦାସଙ୍କ ସୁବନ୍ଦୋବସ୍ତ ପାଇଁ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଅଚଳ ନଳକୂପର ଯୁଦ୍ଧକାଳୀନଭିତ୍ତିରେ ମରାମତି

## ଗ୍ରୀଷ୍ମରେ ଜଳକଷ୍ଟ ଦୂରୀକରଣ ପାଇଁ ପ୍ରସ୍ତୁତି

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ଗ୍ରୀଷ୍ମଋତୁରେ ସମ୍ବଲପୁର ଜିଲାର ଗ୍ରାମାଞ୍ଚଳରେ ଦେଖା ଦେଉଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍ଏସ୍) ଖଣ୍ଡ ସମ୍ବଲପୁର ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ଇଂ. ରିତେଶ ସାହୁ କହିଛନ୍ତି, ଜିଲାର ବ୍ଲକର ଗ୍ରାମମାନଙ୍କର ବିଭିନ୍ନ ସ୍ଥାନରେ ଥିବା ଅଚଳ ନଳକୂପଗୁଡ଼ିକର ମରାମତି ଯୁଦ୍ଧକାଳୀନଭିତ୍ତିରେ ଚାଲିଛି। ଏଥିପାଇଁ ସ୍ୱତନ୍ତ୍ର ଭ୍ରାମ୍ୟମାଣ ରକ୍ଷଣାବେକ୍ଷଣ ଭ୍ୟାନ୍ ନିୟୋଜିତ କରାଯାଇଛି। ବିଶେଷ କରି ଜଳକଷ୍ଟ ଭୋଗୁଥିବା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତରେ ବର୍ତ୍ତମାନ ୨୬ଟି ଟ୍ୟାଙ୍କର ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯାଉଛି। ତେବେ ଆସନ୍ତା ଏପ୍ରିଲ ୧୫ ତାରିଖ ପରଠାରୁ ଜିଲାର ବିଭିନ୍ନ ପଞ୍ଚାୟତରେ ପ୍ରାୟ ୯୮ଟି ଟ୍ୟାଙ୍କର ଯୋଗେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାରେ ଜଳକଷ୍ଟ ଭାଗୁଥିବା ବିଭିନ୍ନ ଅଞ୍ଚଳରେ ପ୍ରାଥମିକସ୍ତରରେ ୫୦ଟି ନୂତନ ନଳକୂପ ଖନନ କରାଯାଇଥିବା ବେଳେ ଆଗାମୀ ଦିନରେ ଆହୁରି ୯୦୦ଟି ନୂତନ ନଳକୂପ ଖନନ କରାଯାଇ ଅଞ୍ଚଳବାସୀଙ୍କ ଜଳକଷ୍ଟ ଦୂର କରିବାକୁ ଯୋଜନା କରାଯାଇଛି। ବିଶେଷ କରି ଜଳକ୍ଲିଷ୍ଟ ଅଞ୍ଚଳଭାବେ ପରିଚିତ ରେଢ଼ାଖୋଲ ଅଞ୍ଚଳରେ ବର୍ତ୍ତମାନ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି। ଏହାଦ୍ୱାରା ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟହୋଇଥିବା ୧୨୦ ଗ୍ରାମ ମଧ୍ୟରୁ ଏପର୍ଯ୍ୟନ୍ତ ୧୧୦ ଗ୍ରାମକୁ ଜଳ ଯୋଗାଣ ଆରମ୍ଭ ହୋଇଛି। ଅବଶିଷ୍ଟ ଗ୍ରାମକୁ ମଧ୍ୟ ଖୁବ୍‌ଶୀଘ୍ର ପାନୀୟ ଜଳ ଯୋଗାଣ ହୋଇଯିବ। ଏଥିପାଇଁ ପାଇପ୍ ବିଛା କାର୍ଯ୍ୟ ଜାରି ରହିଛି। ସେହିପରି ରେଙ୍ଗାଲି ବ୍ଲକ ପଧାନପାଲି କ୍ଷୁଦ୍ର ପାନୀୟ ଜଳ ପ୍ରକଳ୍ପ ଜରିଆରେ ୨୦ଟି ଗ୍ରାମର ଲୋକଙ୍କୁ ସ୍ୱଚ୍ଛ ଜଳ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି। ସେ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ଜିଲାର ଲୋକଙ୍କ ଜଳକଷ୍ଟ ଦୂର କରିବା ପାଇଁ ବିଭିନ୍ନ ସ୍ଥାନରେ ୨୬୨ଟି କ୍ଷୁଦ୍ର ପାନୀୟ ଜଳ ପ୍ରକଳ୍ପ ସହ ୮୮୭ଟି ସୌର ଶକ୍ତି ଚାଳିତ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଛି। ସରକାରଙ୍କ ଜଳ ଜୀବନ ମିଶନର ହର ଘର ଜଳ ଯୋଜନା ଅନ୍ତର୍ଗତ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରାଯାଇଛି। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହି ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଏହାର ନିର୍ମାଣକାରୀ ଠିକାସଂସ୍ଥା ବହନ କରିବ ହୋଲି ଅଧିକ୍ଷଣ ଯନ୍ତ୍ରୀ ଇଂ. ସାହୁ କହିଛନ୍ତି।



ଆରଡବ୍ଲ୍ୟୁଏସ୍ଏସ୍ ଦ୍ୱାରା ନଳକୂପଗୁଡ଼ିକର ମରାମତି କରାଯାଉଛି।

# ରାଜ୍ୟପାଳଙ୍କ ଦୁଇଦିନିଆ ସମ୍ବଲପୁର ଗସ୍ତ ଆଜିଠାରୁ

## ୪ରେ ଆଇଆଇଏମ୍ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ରାଜ୍ୟପାଳ ହରିବାବୁ କମ୍ଭମପାଟି ଏପ୍ରିଲ୍ ୩ ତାରିଖ ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ରାଜ୍ୟପାଳ ଭୁବନେଶ୍ୱରରୁ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ବୁର୍ଲାସ୍ଥିତ ଅଶୋକ ନିବାସକୁ ଆସି ଏଠାରେ ରାତ୍ରି ଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଶନିବାର ପୂର୍ବାହ୍ନରେ ସେ ଆଇଆଇଏମ ସମ୍ବଲପୁରର ୧୦ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ରାଜ୍ୟପାଳଙ୍କ ସହ ତାଙ୍କର ସ୍ୱତନ୍ତ୍ର ସଚିବ କୁଲଦୀପ ମିନା, ଏଡିସି ଲେଫ୍ଟନାଣ୍ଟ ହର୍ଷିତ ଦେଓ, ଓଏସ୍‌ଡି ସୌରଭ ଖାମର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ରାଜ୍ୟପାଳଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମାବର୍ତ୍ତନ ଉତ୍ସବ ପରେ ସେହିଦିନ ସେ ପୁଣି ଥରେ ଝାରସୁଗୁଡ଼ା ଦେଇ ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି।

# ନିଆଁଲାଗି ଜଳିଗଲା ବସ୍ ଡିଜାଇନିଂ ଗ୍ୟାରେଜ୍



ଅଗ୍ନିକାଣ୍ଡ ପରେ ଜଳୁଥିବା ଗ୍ୟାରେଜ।

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ପାଞ୍ଚଗଛିଆ ନିକଟରେ ଥିବା ଏକ ବସ୍ ଡିଜାଇନିଂ ଗ୍ୟାରେଜ୍ ନିଆଁ ଲାଗି ଜଳି ଯାଇଛି। ଗୁରୁବାର ରାତି ପ୍ରାୟ ସାଢ଼େ ୮ଟାରେ ଗ୍ୟାରେଜ୍ ମାଲିକ ବସନ୍ତ ଓଝା ପ୍ରତିଦିନ ଭଳି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଏହାର କିଛି ଘଣ୍ଟା ପରେ ଗ୍ୟାରେଜ୍‌ରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ, ଅଗ୍ନିଶମ ବିଭାଗ ଓ ଗ୍ୟାରେଜ୍ ମାଲିକଙ୍କୁ ଖବର ଦେଇଥିଲେ। ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ଗ୍ୟାରେଜ୍‌ରେ ଥିବା ବହୁମୂଲ୍ୟ ବ୍ୟାଟେରୀ, ବସ୍ ତିଆରି ପାଇଁ ବ୍ୟବହୃତ ଅନ୍ୟାନ୍ୟ ଯନ୍ତ୍ରାଂଶ, ଉପକରଣ ଓ ଗାଡ଼ ପାର୍ଟସ୍ ପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।



ଜବରଦଖଲ ଉଚ୍ଛେଦ ଅଭିଯାନରେ ନିୟୋଜିତ ବୁଲଡୋଜର।

# ବୁର୍ଲା ପ୍ରବେଶ ପଥ ପିସି ବ୍ରିଜ୍ ନିକଟରୁ ହଟିଲା କଂସେଇଖାନା

## ଏସ୍ଏମ୍ସି ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ବୁର୍ଲା ସହର ପ୍ରବେଶ ପଥ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପିସି ବ୍ରିଜ୍ ନିକଟରୁ ସମସ୍ତ କଂସେଇଖାନାକୁ ଗୁରୁବାର ଉଚ୍ଛେଦ କରାଯାଇଛି। ସମ୍ବଲପୁର ମନାନଗର ନିଗମ ପକ୍ଷରୁ ଦୀର୍ଘଦିନ ଧରି ଅନଧିକୃତଭାବେ ଜବରଦଖଲ କରି ଚାଲିଥିବା କଂସେଇଖାନାଗୁଡ଼ିକ ଉପରେ ବୁଲଡୋର ଚାଲିଥିଲଣ। ଏହି କଂସେଇ ଖାନା ମାଲିକଙ୍କ ଦ୍ୱାରା ଏଣେତେଣେ ପକାଯାଉଥିବା ମୃତ ଛେଳି, ମେଣ୍ଢାଙ୍କ ଅବଶେଷ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସହ ବାତାବରଣ ମଧ୍ୟ ପ୍ରଦୂଷିତ ହେବାଦ୍ୱାରା ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥିଲା। ଉପରେ ଏଠାରେ ଗ୍ରାହକଙ୍କ ଭିଡ଼ ଯୋଗୁଁ ରାସ୍ତାରେ ଟ୍ରାଫିକ ସମସ୍ୟା ହେଉଥିଲା। ଯଦ୍ୱାରା ପଥଚାରୀଙ୍କ ସହିତ ଜନସାଧାରଣଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଦୀର୍ଘ ଦିନରୁ ବିଭିନ୍ନ ସଙ୍ଗଠନ ଓ ଜନସାଧାରଣଙ୍କ ପକ୍ଷରୁ ଏହାକୁ ଉଚ୍ଛେଦ କରିବାକୁ ଦାବି ହୋଇ ଆସୁଥିଲା। ଏହି ଜନ ଅସନ୍ତୋଷକୁ ଗୁରୁତ୍ୱର ସହ ଗ୍ରହଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏସ୍ଏମ୍ସି ପକ୍ଷରୁ ଉପାୟୁକ୍ତ ତଥା ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପ୍ରବର୍ତ୍ତନ ସ୍କ୍ୱାଡ୍ ଗଠନ କରାଯାଇ ଏହି ଉଚ୍ଛେଦ ଅଭିଯାନକୁ ରୂପ ଦିଆଯାଇଛି।

ଉଚ୍ଛେଦ ଅଭିଯାନରେ ବୁର୍ଲା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ, ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ ସୁଗମ ମିଶ୍ର ଓ ଶ୍ରୀକାନ୍ତ ପାତ୍ରଙ୍କ ସମେତ ପ୍ରବର୍ତ୍ତନ ସ୍କ୍ୱାଡ ଓ ପୋଲିସ ସୁରକ୍ଷା ବାହିନୀ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରବର୍ତ୍ତନ ଅଧିକାରୀ ସାହୁ କହିଛନ୍ତି ଯେ, ସହରର ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ସମସ୍ତ ଅନଧିକୃତ ନିର୍ମାଣକୁ ଅପସାରଣ ଅଭିଯାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ଯେପରି ଏହି ସ୍ଥାନରେ ପୁନର୍ବାର ବେଆଇନ ଜବର ଦଖଲ ନ ହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯିବା ସହ ନିୟମିତ ଯାଞ୍ଚ କରାଯିବ ବୋଲି ସେ ସୂଚନା କହିଛନ୍ତି।

### ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

କୁଚିଣ୍ଡା,୨।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା କିନାବଗାଠାରେ ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କିନାଗାର ଉପେନ୍ଦ୍ର ଲୁହାର(୫୦)। ଗୋବିନ୍ଦପୁର ପୋଲିସ ଗୁରୁବାର ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୫/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ କିନାବଗା ଗ୍ରାମର ଉପେନ୍ଦ୍ର ବୁଧବାର ସନ୍ଧ୍ୟାରେ ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇ ଆଉ ଫେରି ନଥିଲେ। ଗୁରୁବାର ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ବାନ୍ଧୁବାସ କ୍ୟାଥୋଲିକ ଚର୍ଚ୍ଚରେ ବିଶ୍ୱଶାନ୍ତି ଯଜ୍ଞ

କୁଚିଣ୍ଡା,୨।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପକଣ୍ଠସ୍ଥିତ ବାନ୍ଧୁସ କ୍ୟାଥୋଲିକ ଚର୍ଚ୍ଚରେ ଗୁରୁବାର ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଫାଦର ଅନିଲ ଖାଲକୋ ଏବଂ ଫାଦର ଜନ ଡୁଙ୍ଗଡୁଙ୍ଗଙ୍କ ଦ୍ୱାରା ହୋଇଥିବା ଯଜ୍ଞ କାର୍ଯ୍ୟରେ ବହୁସଂଖ୍ୟକ ଖ୍ରୀଷ୍ଟ ଧର୍ମୀ ସାମିଲ ହୋଇଥିଲେ। ପ୍ରଭୁ ଯୀଶୁଖ୍ରୀଷ୍ଟ ତାଙ୍କ ମରଣର ଠିକ ପୂର୍ବ ଦିନ ଗୁରୁବାର ୧୨ଜଣ ପଟ୍ଟଶିଷ୍ୟଙ୍କ ପଦଧୌତ ପୂର୍ବକ ଭ୍ରାତୃ ପ୍ରେମର ନିଦର୍ଶନ ଦେଇଥିଲେ ଓ ସେମାନଙ୍କ ସହ ଭୋଜନ କରିଥିବା କିମ୍ବଦନ୍ତୀ ରହିଛି। ତେଣୁ ଭସ୍ମ ବୁଧବାରଠାରୁ ଖ୍ରୀଷ୍ଟଧର୍ମୀମାନେ ୪୦ଦିନର ତପସ୍ୟା କରି ପ୍ରଭୁ ଯୀଶୁଙ୍କ ସାନିଧ୍ୟରେ ରହି ନିଜ ପାପର ପ୍ରାୟଶ୍ଚିତ କରିବା ବିଧି ରହିଛି। ଶୁକ୍ରବାର ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ ବଳିଦାନ ଦିବସ ଅବସରରେ ବହୁସଂଖ୍ୟକ ଖ୍ରୀଷ୍ଟଧର୍ମୀ ଶ୍ରଦ୍ଧାଳୁ ପବିତ୍ର ଯଜ୍ଞରେ ଅଂଶଗ୍ରହଣ କରି ଯୀଶୁଖ୍ରୀଷ୍ଟଙ୍କ ଉପାସନା କରିବା କାର୍ଯ୍ୟକ୍ରମ ରହିଛି।

**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

**PR 376507 Urban Development and Housing(25-26)#D**

**Executive Officer,**
**Nagar Parishad, Dumka**

# ପୃଥକ୍ ଘଟଣାରେ ୫୦ବୋତଲ କଫ୍ ସିରପ ଜବତ, ୫ ଗିରଫ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଧନୁପାଲି ଥାନା ପୋଲିସ ଗୁରୁବାର ଦୁଇଟି ପୃଥକ ସ୍ଥାନରେ ଚଢ଼ାଉ କରି ନକଲି ନିଷିଦ୍ଧ ନିଶା କଫ୍ ସିରପ୍ ଓ ଦେଶୀ ମଦ ଜବତ କରିଛି। ଉଭୟ ସ୍ଥାନରୁ ୫ଜଣଙ୍କୁ ଗିରଫ କରାଯାଇଛି। ସନ୍ଧ୍ୟାରେ ଧନୁପାଲି ଥାନା ଚାରଭାଟି ଶ୍ମଶାନ ନିକଟରେ ଚାଲିଥିବା ନିଶା କଫ୍ ସିରପ୍ ଓ ବେଆଇନ ମଦ କାରବାର ଉପରେ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୂତାପଡ଼ାର ଆଶିଷ ମୁଣ୍ଡା(୨୩) ଏବଂ ଚାରଭାଟିର ସୁରୁ ଓରାମ(୨୦)। ସେମାନଙ୍କ ନିକଟରୁ ପୋଲିସ ୨୨ ଲିଟର ଦେଶୀ ମଦ, ଶହ ମିଲିଲିଟ୍ର ବିଶିଷ୍ଟ ୨୮ ବୋତଲ କଫ୍‌ସିରପ୍ ବୋତଲ, ୭୦୦ ମିଲିଲିଟର ଅପମିଶ୍ରିତ ନିଶା କଫ୍ ସିରପ୍, ୪ଟି ନାଇଟ୍ରାଜେପାମ୍ ନିଶା ବଟିକା, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ଏକ ସ୍କୁଟି(ଓଡି–୧୫–ଏଏ୭୮୫୮)କୁ ଜବତ କରିଛି। ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ଚାରଭାଟି ଶ୍ମଶାନ ପଛ ପଟେ ଚଢ଼ାଉ କରିଥିଲା। ସେଠାରେ ଅଭିଯୁକ୍ତମାନେ କଫ୍‌ସିରପ ସହିତ ଅନ୍ୟ କିଛି ତରଳ ପଦାର୍ଥ ମିଶାଇ ଅଧିକ ଦାମରେ ବିକ୍ରି କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଜେରା ବେଳେ ସେମାନେ ଦେଶୀ ମଦରେ ଯୁରିଆ ଭଳି ଦ୍ରବ୍ୟ ମିଶାଇ ବିକ୍ରି କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ଧନୁପାଲି ଥାନାରେ ଏକ ମାମଲା(ନଂ.୧୩୩/୨୬)ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଅନ୍ୟ ଏକ ଘଟଣାରେ କଫସିରପ କାରବାରରେ ୩ ଜଣଙ୍କୁ ଗିରଫ କରିଛି ଧନୁପାଲି ଥାନା ପୋଲିସ। ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଠେଲ୍‌କୋଲିପଡ଼ାର ମାନା କାଂସା, ସାକ୍ଷୀପଡାର ରଞ୍ଜିତ ସାହୁ, ପ୍ରଦୀପ ଗୋପ। ସେମାନଙ୍କ ନିକଟରୁ ପୋଲିସ ଶହେ ମିଲିଲିଟର ବିଶିଷ୍ଟ ୨୨ ବୋତଲ ସିଲ୍ଡ କଫ୍ ସିରପ୍, ୫୦୦ ମିଲି ଲିଟର ଅପମିଶ୍ରିତ ନିଶା କଫ୍ ସିରପ, ୩୨ ଲିଟର ଦେଶୀ ମଦ, ୩ ଷ୍ଟ୍ରିପ୍ ନିଶା ବଟିକା, ଏକ ବୁଲେଟ୍ ବାଇକ୍(ଓଡି–୧୫–ଏବି–୦୬୪୬), ଦୁଇଟି ମୋବାଇଲ୍ ଫୋନ୍ ଏବଂ ନଗଦ ୧୫୦୦ ଟଙ୍କାକୁ ଜବତ କରିଛି।

ଧନୁପାଲି ଥାନା ଅନ୍ତର୍ଗତ କୁଲଥକାନୀ ମାଉଲି ନଗର ପଡ଼ିଆ ନିକଟସ୍ଥ ଏକ ନିର୍ଜନ ସ୍ଥାନରେ ଚାଲିଥିବା ଏହି ବେଆଇନ କାରବାର ସମ୍ପର୍କରେ ସୂଚନା ପାଇ ପୋଲିସ ସେଠାରେ ଚଢ଼ାଉ କରି ୩ଜଣଙ୍କୁ ଧରିଥିଲା। ଏକ ମାମଲା(ନଂ.୧୩୪/୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ।

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | *RWD/ CHAIBASA/ 05/2023-24* | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | **30208200** | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्‌न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्‌न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

# ସୁଇମିଂ ସେନ୍‌ସେଶନ ଅଞ୍ଜଳି

**ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। ସମ୍ପ୍ରତି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଉଥିବା ଅଞ୍ଜଳି ଭାରତୀୟ ସନ୍ତରଣର ପାୱାର ହାଉସଭାବେ ପରିଚିତ କର୍ନାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଇଥିଲେ କଡ଼ା ଟକ୍କର। ରାଜ୍ୟର ଏହି ସୁଇମିଂ ସେନ୍‌ସେଶନଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...** —ତପନ କୁମାର ସ୍ୱାଇଁ

## ଗୌରବ ବଢ଼ାଉଛି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'



୫ ସ୍ୱର୍ଣ୍ଣ ପଦକ ସହ ଅଞ୍ଜଳି ମୁଣ୍ଡା

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ ଅଞ୍ଜଳି ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ରାତାରାତି ତାରକା ପାଲଟି ଯାଇଛନ୍ତି। ସଭିଙ୍କ ମୁହଁରେ ଏବେ ତାଙ୍କ ପ୍ରଶଂସା। ଟ୍ରାଇବାଲ ଗେମ୍ସର ସୁଇମିଂ ପୁଲ୍‌ରେ ଏକପ୍ରକାର ରାଜୁତି କରିଥିଲେ ଅଞ୍ଜଳି। ଭାରତୀୟ ସୁଇମିଂର ପାୱାର ହାଉସଭାବେ ପରିଚିତ କର୍ନାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ ଦେଇଥିଲେ କଡ଼ା ଟକ୍କର। ୨୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଜିତି ନିଜ ବହୁମୁଖୀ ପ୍ରତିଭା ଏବଂ ସହନଶକ୍ତି ପ୍ରତିପାଦନ କରିଥିଲେ। ଏହା ବ୍ୟତୀତ ସେ ୪x୧୦୦ ମିଟର ମିଡ୍‌ଲେ ରିଲେ ଦଳର ସଦସ୍ୟାଭାବେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଦଳରେ ଅଞ୍ଜଳିଙ୍କ ସହିତ ତାଙ୍କ କିଟ୍-କିସ୍ ସାଥୀ ଅଞ୍ଜଳି ମଲିକ, ରିତିକା ମିଞ୍ଜ ଓ ରୂପାଲି ହେମ୍ବ୍ରମ ସଦସ୍ୟା ଥିଲେ। ଏମାନେ ସମସ୍ତେ 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଇ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ଯୋଗୁ ଅଞ୍ଜଳି ପ୍ରତିଯୋଗିତାର ଅନ୍ୟତମ ସଫଳ ଆଥଲେଟ୍‌ର ମାନ୍ୟତା ପାଇଥିଲେ।

୧୫ ବର୍ଷୀୟା ଅଞ୍ଜଳି ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ପ୍ରଥମ ମହିଳା ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ଏହା ପୂର୍ବରୁ ସେ ଅସ୍ମିତା ଲିଗ୍‌ରେ ପଦକ ଜିତି ପ୍ରତିଭା ଦେଖାଇଥିଲେ। କ୍ରୀଡ଼ା ଶିକ୍ଷକଙ୍କ ସହ ଭାବ ବିନିମୟ ଅବସରରେ ସନ୍ତରଣ କରିବାକୁ ଇଚ୍ଛା କରିଥିଲେ ଅଞ୍ଜଳି। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଅଞ୍ଜଳି ଜଣେ ଭ୍ୟାନ୍ ଡ୍ରାଇଭରଙ୍କ ଝିଅ ଏବଂ କିସ୍‌ରେ ସମ୍ପ୍ରତି ତାଲିମପ୍ରାପ୍ତ। ଛୋଟବେଳେ ଯେତେବେଳେ ଜଣେ କ୍ରୀଡ଼ା ଶିକ୍ଷକ ରୁଟିନ କ୍ଲାସ୍ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କ୍ରୀଡ଼ାରୁ ମନ ପସନ୍ଦର ଖେଳ ବାଛିବାକୁ କହିଥିଲେ, ସେତେବେଳେ ୧୧ ବର୍ଷୀୟା ଅଞ୍ଜଳି ଚୁପଚାପ୍ ହାତ ଉପରକୁ ଉଠାଇ ସନ୍ତରଣକୁ ପସନ୍ଦ କରିଥିଲେ। କାରଣ ଏହି କ୍ରୀଡ଼ା ସହିତ ସେ ପୂର୍ବରୁ ଅଭ୍ୟସ୍ତ ଥିଲେ।

ଅଞ୍ଜଳି ଭୁବନେଶ୍ୱରରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ଯାଜପୁର ଜିଲାର ଗହିରାଗାଡ଼ିଆ ଗ୍ରାମର ବାସିନ୍ଦା। ପହଁରିବାକୁ ଏକ ମଜାଦାର ଇଭେଣ୍ଟ ଭାବେ ସେ ନେଇଥିଲେ, ଯେଉଁଥିରେ କି ପାଣିରେ ଅଧିକାଂଶ ସମୟ ବିତାଇବାକୁ ପଡ଼େ। ମାତ୍ର କେବେ କୌଣସି ସଂଗଠିତ ତାଲିମ ପାଇ ନ ଥିଲେ। ଚାରି ଭଉଣୀଭାଇଙ୍କ ମଧ୍ୟରୁ ସବୁଠାରୁ ସାନ ଅଞ୍ଜଳିଙ୍କ ବାପା ଏକ କାରଖାନାରେ ଭ୍ୟାନ୍ ଡ୍ରାଇଭର ଭାବରେ କାର୍ଯ୍ୟ କରନ୍ତି। ୧୦ ବର୍ଷର ହୋଇଥିବା ବେଳେ ସେ କିସ୍‌କୁ ଅଧ୍ୟୟନ ପାଇଁ ଆସିଥିଲେ, ଯେଉଁଠାରେ ରାଜ୍ୟର ବିଭିନ୍ନ ସ୍ଥାନର ଆଦିବାସୀ ପିଲାମାନେ ମାଗଣା ଶିକ୍ଷା ଏବଂ ରହିବା ସୁବିଧା ପାଇଥାନ୍ତି।

କ୍ୟାରିୟର ଆରମ୍ଭରେ ସେ ବଡ଼ ଭଉଣୀଙ୍କଠାରୁ ପ୍ରେରଣା ପାଇଥିଲେ। ତାଙ୍କ ଭଉଣୀ ଜଣେ ତୀରନ୍ଦାଜ। ମାତ୍ର ଅଞ୍ଜଳି ଚୟନ ସୁଯୋଗ ପାଇବାମାତ୍ରେ ନିଜ ପ୍ରିୟ ଖେଳ ସୁଇମିଂକୁ ବାଛିଥିଲେ ଏବଂ ଆତ୍ମବିଶ୍ୱାସର ସହ ଏଥିରେ ମନୋନିବେଶ କରିଥିଲେ। ଆତ୍ମବିଶ୍ୱାସକୁ ଦୃଢ଼ କରିବା ପାଇଁ ଯଦିଓ ସମୟ ଲାଗିଥିଲା ତେବେ ଗୋଟିଏ ବର୍ଷ ପରେ ଏକ ସ୍ଥାନୀୟ କ୍ଲବ୍ ଟୁର୍ନାମେଣ୍ଟରେ ରୌପ୍ୟ ପଦକ ଜିତିବା ପରଠାରୁ ଆଉ କେବେ ପଛକୁ ଫେରି ଚାହିଁ ନାହାନ୍ତି।

''କ୍ୟାରିୟର ଆରମ୍ଭରେ ପ୍ରଥମେ ରୌପ୍ୟ ପଦକ ହାସଲ କରିଥିବାରୁ ଏହା ମୋ ପାଇଁ ବହୁତ ସ୍ୱତନ୍ତ୍ର। ଏହା ମୋତେ ଆତ୍ମବିଶ୍ୱାସ ଦେଇଥିଲା ଯେ ମୁଁ ଏହି ଖେଳରେ ଭଲ କରିପାରିବି। ଟ୍ରେନିଂ ସେସନ ସମୟରେ ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ କୋଚ୍‌ମାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି'' ବୋଲି ୧୫ ବର୍ଷୀୟା ଅଞ୍ଜଳି ପ୍ରକାଶ କରିଛନ୍ତି। ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ପ୍ରଥମ ଦିବସରେ ହିଁ ଅଞ୍ଜଳି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ସେ ଯଦି ୨:୩୯:୦୨ ସେକେଣ୍ଡ ସମୟ ନେଇ ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣରେ ସ୍ୱର୍ଣ୍ଣ ଜିତି ନ ଥାନ୍ତେ ତେବେ ଭାରତର ସୁଇମିଂ ପାୱାର ହାଉସ କର୍ନାଟକ ପ୍ରଥମ ଦିନରେ ସମସ୍ତ ୬ଟି ଯାକ ସ୍ୱର୍ଣ୍ଣ ପଦକ ଜିତି ଯାଇଥାନ୍ତା।

କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟଦ୍ୱାରା ଆରମ୍ଭ କରାଯାଇଥିବା ଅସ୍ମିତା ଲିଗ୍‌ରୁ ହିଁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଥିଲା ବୋଲି ଅଞ୍ଜଳି ଜୋର୍‌ଦେଇ କହିଛନ୍ତି। ଅସ୍ମିତା ଲିଗ୍ ମହିଳା କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ସୁଯୋଗ ସୃଷ୍ଟି କରୁଛି। ''୨୦୨୪ ରେ, ମୁଁ ସମ୍ବଲପୁରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍‌ରେ ୨ଟି ରୌପ୍ୟ ପଦକ ଜିତିଥିଲି। ଅନ୍ୟ ଦୁଇଟି ଇଭେଣ୍ଟରେ ମୁଁ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲି। ଏହି ପ୍ରଦର୍ଶନ ମୋର ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଥିଲା। ଆଗାମୀ ଟୁର୍ନାମେଣ୍ଟ ଗୁଡ଼ିକରେ ମୁଁ ଆହୁରି ଭଲ କରିପାରିବି ବୋଲି ବିଶ୍ୱାସ ଦୃଢ଼ ହୋଇଥିଲା'' ବୋଲି ଅଞ୍ଜଳି କହିଛନ୍ତି। ଗୁଆହାଟୀରେ ମାର୍ଚ୍ଚ ୨୧ ଏବଂ ୨୨ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପୂର୍ବାଞ୍ଚଳ ଅସ୍ମିତା (୧୫ ଓ ୧୮ ବର୍ଷରୁ କମ୍) ସୁଇମିଂ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସେ ୨ଟି ରୌପ୍ୟ ପଦକ ଜିତିଥିଲେ। ଏହି ଫର୍ମକୁ ସେ ବଜାୟ ରଖି ଛତିଶଗଡ଼ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମକ ଦେଖାଇଥିଲେ।

ଏପରି ଐତିହାସିକ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶାର ଏହି ସନ୍ତରଣ ପ୍ରତିଭା ଆହୁରି ଭଲ ପ୍ରଦର୍ଶନ କରି ପାରିଥାନ୍ତେ ବୋଲି ସ୍ୱୀକାର କରିଛନ୍ତି। ସେ ନିଜ ବ୍ୟକ୍ତିଗତ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିଲେ, ଯାହାକି ସମ୍ଭବ ହୋଇ ନ ଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦିଗ୍‌ଦର୍ଶନରେ ଏହି ଅନୁଷ୍ଠାନରେ ପାଠପଢ଼ା ସହ କ୍ରୀଡ଼ାରେ ଉତ୍କର୍ଷ ହାସଲ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉଛି। ଏଠାରୁ ଅନେକ କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିସାରିଛନ୍ତି। ଅଞ୍ଜଳି ମୁଣ୍ଡା ହେଉଛନ୍ତି ଏହାର ଏକ ସଦ୍ୟତମ ଉଦାହରଣ।


ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ସହଭାଗୀତା ଚୁକ୍ତି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ମୁଖ୍ୟ ନେହା ସାଲଦାନହା, ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ ଏବଂ ଅନ୍ୟମାନେ।

## 'ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପଭାବେ ନିଆଯାଉଛି'


କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ

କିଟ୍ ଓ କିସ୍‌ରେ ସମୁଦାୟ ୧୫ଟି ସୁଇମିଂ ପୁଲ୍ ରହିଛି। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ୮୦୦ ଆଦିବାସୀ ପିଲା ଟ୍ରେନିଂ ନେଉଛନ୍ତି। ସେମାନଙ୍କୁ ଟ୍ରେନିଂ ଦେବାପାଇଁ ୫୨ କୋଚ୍/ଟ୍ରେନର ନିଯୁକ୍ତ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପ (life-saving activities) ଭାବେ ବିବେଚନା କରନ୍ତି। ତେଣୁ କିଟ୍ ଓ କିସ୍‌ର ସମସ୍ତ ଆଥଲେଟ୍‌ଙ୍କ ପାଇଁ ସୁଇମିଂ ଓ ଯୋଗକୁ ବାଧ୍ୟତାମୂଳକ କରାଯାଇଛି। କାରଣ ଆବଶ୍ୟକ ପଡ଼ିଲେ ସେମାନେ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନ ମଧ୍ୟ ରକ୍ଷା କରିପାରିବେ। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ବିଗ୍‌ନରଙ୍କଠାରୁ ଆରମ୍ଭ କରି ତାରକା ସୁଇମରଙ୍କୁ ଉଚ୍ଚସ୍ତରର ପ୍ରଶିକ୍ଷଣ ଦିଆଯାଉଛି। ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ କୋଚିଂ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ସୁଇମିଂ ଇଭେଣ୍ଟ ଓପନ ଥିଲା। ଏଥିରେ ସିନିୟର ସୁଇମରମାନେ ମଧ୍ୟ ଭାଗ ନେଇଥିଲେ। ସେମାନଙ୍କୁ ଟକ୍କର ଦେଇ ଏତେ ଛୋଟ ବୟସରୁ ଅଞ୍ଜଳି ଏକାକୀ ୫ ସ୍ୱର୍ଣ୍ଣ ପଦକ ହାସଲକରି ପାରିଛନ୍ତି। ଟ୍ରାଇବାଲ ଗେମ୍ସରେ କିଟ୍ ଓ କିସ୍‌ର ସୁଇମରମାନେ ମୋଟ ୭ ପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ କେଉଁଭଳି ପ୍ରଶିକ୍ଷଣ ଦିଆଯାଉଛି ତାହା ଏଥିରୁ ଅନୁମେୟ'' ବୋଲି କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ଏଠାକାର ସୁଇମିଂ ଏକାଡେମୀ କୋଚିଂ ଟିମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଆରମ୍ଭ କରି ଦେଶ ଓ ବିଦେଶର ଅନ୍ୟ ନାମୀଦାମୀ କୋଚ୍ ରହିଛନ୍ତି ବୋଲି ଗଗନେନ୍ଦୁ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ତୃଣମୂଳ ସ୍ତରରୁ ଆରମ୍ଭ କରି ପ୍ରତିଦ୍ୱନ୍ଦ୍ୱିତା ପର୍ଯ୍ୟନ୍ତ ସୁଇମିଂର ବିକାଶ ଲାଗି ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ୧୨ ବର୍ଷପାଇଁ ସହଭାଗୀତା ଚୁକ୍ତି ହୋଇଥିଲା। ଏହି ଅବସରରେ ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ (ଜିଏଏଫ୍) ମୁଖ୍ୟ ନେହା ସାଲଦାନହା, ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ପ୍ରମୁଖ ଉପସ୍ଥିତ ଥିଲେ।

# ନିକି ପ୍ରଧାନଙ୍କ ମାଇଲଖୁଣ୍ଟ



**ଭାରତୀୟ ମହିଳା ହକିର ଜଣେ ପରିଚିତ ଚେହେରା ହେଲେ ନିକି ପ୍ରଧାନ। ଝାଡ଼ଖଣ୍ଡର ପ୍ରଥମ ମହିଳା ହକି ଖେଳାଳିଭାବେ ଭାରତ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଥିବା ନିକି ନିକଟରେ କ୍ୟାରିୟରର ୨୦୦ତମ ମ୍ୟାଚ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି...**


ନିକି ପ୍ରଧାନ

ହାଇଦ୍ରାବାଦରେ ମାର୍ଚ୍ଚ ୧୧ରେ ଅନୁଷ୍ଠିତ ଏଫ୍ଆଇଏଚ୍ ହକି ବିଶ୍ୱକପ କ୍ୱାଲିଫାୟର୍ସର ୱେଲ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଛନ୍ତି ଭାରତର ମହିଳା ହକି ତାରକା ନିକି ପ୍ରଧାନ। ଭାରତର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ଭାବେ ବିବେଚିତ ହେଉଥିବାରୁ ସେ ଏପରି ଏକ ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସକ୍ଷମ ହୋଇଛନ୍ତି। ଫଳରେ ଜିଏମ୍‌ସି ବାଲାଯୋଗୀ ହକି ଗ୍ରାଉଣ୍ଡ (କାଜିବାଓଲି ହକି କମ୍ପ୍ଲେକ୍ସ) ତାଙ୍କ ଲାଗି ସ୍ମରଣୀୟ ହୋଇଛି। ତାଙ୍କର ଏହି ମାଇଲଖୁଣ୍ଟ ମ୍ୟାଚରେ ଭାରତ ୪-୧ ଗୋଲରେ ୱେଲ୍ସକୁ ପରାସ୍ତ କରିଥିଲା। ନଭନୀତ କୌର ୩ଟି ଗୋଲ ଦେଇ ହ୍ୟାଟ୍ରିକ୍ କରିଥିବା ବେଳେ ସାକ୍ଷୀ ରାଣା ଅନ୍ୟତମ ଗୋଲଟି ସ୍କୋର କରିଥିଲେ।

ବିହାରର ରାଞ୍ଚିସ୍ଥିତ ହେସେଲ (ଏବେ ଝାଡ଼ଖଣ୍ଡର ଖୁଣ୍ଟି)ରେ ୧୯୯୩ ଡିସେମ୍ବର ୮ରେ ଜନ୍ମଗ୍ରହଣ କରିଥିବା ନିକି ୨୦୧୬ରୁ ଭାରତୀୟ ଦଳ ପକ୍ଷରୁ ଖେଳି ଆସୁଛନ୍ତି। ଏହି ବର୍ଷ ଭାରତର ଦକ୍ଷିଣ ଆଫ୍ରିକା ଟୁର୍‌ଥିଲା ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ। ସେବେଠାରୁ ସେ ଭାରତୀୟ ରକ୍ଷଣଭାଗର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଛନ୍ତି। ସମ୍ପ୍ରତି ସେ ଝାଡ଼ଖଣ୍ଡରୁ ପ୍ରତିନିଧିତ୍ୱ କରୁଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ମହିଳା ଖେଳାଳି। ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳି ସେ ଏହି କୃତିତ୍ୱର ଅଧିକାରୀ ହୋଇଥିଲେ। ଏହା ପରେ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ଦଳର ସଦସ୍ୟା ଥିଲେ।

୩୨ ବର୍ଷୀୟା ନିକି ଭାରତୀୟ ଦଳର ଅନେକ ସ୍ମରଣୀୟ ସଫଳତାର ଅଂଶୀଦାର ରହିଛନ୍ତି। ୨୦୧୭ ମହିଳା ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୨୫ ମହିଳା ଏସିଆ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହା ବ୍ୟତୀତ ସେ ୨୦୨୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୮ ମହିଳା ହକି ବିଶ୍ୱକପ ଆଦି ଗ୍ଲୋବାଲ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଜାକର୍ତ୍ତାର ପାଲେମବାଙ୍ଗରେ ଅନୁଷ୍ଠିତ ୨୦୧୮ ଏସିଆନ ଗେମ୍ସରେ ଐତିହାସିକ ରୌପ୍ୟ ଏବଂ ୨୦୧୯ରେ ହିରୋଶିମାରେ ଆୟୋଜିତ ଏଫ୍ଆଇଏଚ୍ ମହିଳା ସିରିଜ ଫାଇନାଲରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ଆମେରିକାରେ ଅନୁଷ୍ଠିତ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଭାରତର ସଫଳ ଅଭିଯାନରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଭାରତ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନରେ ତାଙ୍କ ଭୂମିକା ଅନବଦ୍ୟ ରହିଥିଲା। ୨୦୨୨ରେ ସ୍ପେନ୍‌ରେ ଅନୁଷ୍ଠିତ ଏଫ୍ଆଇଏଚ୍ ମହିଳା ନେସନ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳରେ ମଧ୍ୟ ସେ ସାମିଲ ଥିଲେ।

## ଅଯୋଗ୍ୟପଣ

ଫିଫା ୱାର୍ଲଡ କପ ଲାଗି ଚାଲିଥିବା
ଯୋଗ୍ୟତା ପର୍ଯ୍ୟାୟ ଶେଷ
ମଣ୍ଟେରିଠି ବଲିଭିଆକୁ ହରାଇ
ଅଠଚାଳିଶ ତମ ଦେଶ
ଇରାକ ମୁହଁରେ ହସ
ୱାର୍ଲଡ କପରୁ ବାଦ ପଡି ତିନିଥର
ଇଟାଲୀ ଖୋଜଇ ଦୋଷ।

ମେକ୍ସିକୋ, କାନାଡ଼ା ସହ ଆୟୋଜକ
ରହିଅଛି ଆମେରିକା
ଆସନ୍ତା ଜୁନ ଏଗାରରେ ହେବ
ଫିଫା ବିଶ୍ୱ କପ ପକ୍କା
ଇଣ୍ଡିଆ ନାଁ ନାହିଁ ଦେଖା
କ୍ରିକେଟ ପାଗଳ ଦେଶେ ଫୁଟବଲ
ସ୍ୱାସ୍ଥ୍ୟ ଢିଲା ଅଛି ଲେଖା।




ଚେକ୍ ରିପବ୍ଲିକ, ସ୍ୱିଡେନ, ସ୍ପେନ
ଉରୁଗୁଏ, ସ୍କଟ ଲାଣ୍ଡ
ଇକ୍ୱେଡର, କଙ୍ଗୋ, ଆଇଭରି କୋଷ୍ଟ
ବଡ଼ ସହ ଛୋଟ ମୁଣ୍ଡ
ଅଯୋଗ୍ୟ ପଣରେ ଷଣ୍ଢ
ଟିମ ଇଣ୍ଡିଆ କନ୍ଧରାରେ ଶୁଏ
ଦର୍ଶକ ପାଆନ୍ତି ଦଣ୍ଡ।

—ସୁବାସ ଚନ୍ଦ୍ର ପ୍ରଧାନ



ଠିକ୍ ନିଷ୍ପତ୍ତି ନେବା ବିଷୟକୁ ମୁଁ ବିଶ୍ୱାସ କରେ ନାହିଁ, ବରଂ ନିଷ୍ପତ୍ତି ନେବା ପରେ ଏହାକୁ ଠିକ୍ କରିବାକୁ ଉଦ୍ୟମ କରେ ।

– ରତନ୍ ଟାଟା





ବିଏସ୍‌ଇ ସେନ୍‌ସେକ୍ସ
୭୩,୩୧୯(+୧୮୬)



୧ ଡଲାର = ୯୨.୯୭ ଟଙ୍କା



ବ୍ରେଣ୍ଟ୍ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୭.୬ ଡଲାର

# ‘ବାଏ ବ୍ୟାକ୍ ଶେୟାର’ ବ୍ୟବସ୍ଥା ଲାଗୁ କରିପାରେ ସେବି



**ମୁମ୍ବାଇ, ୨।୪**

ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ପୁଣିଥରେ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରିବ ବୋଲି ସୂଚନା ମିଳିଛି । ଏଥିପାଇଁ ଗୁରୁବାର ପ୍ରସ୍ତାବ ଦିଆଯିବା ସହ ସାମ୍ପ୍ରତିକ ସ୍ଥିତିରେ ଏହି ବ୍ୟବସ୍ଥାର ବିଭିନ୍ନ ଦିଗକୁ ତର୍ଜମା କରାଯାଉଛି । ବାଏ ବ୍ୟାକ୍ ବ୍ୟବସ୍ଥାରେ ସାଧାରଣତଃ ଷ୍ଟକ୍ ଏକ୍ସଚେଞ୍ଜ ମାଧ୍ୟମରେ ଯେକୌଣସି କମ୍ପାନୀ ଖୋଲା ବଜାରରୁ ନିଜର ବଳକା ଶେୟାର କିଣିବାକୁ ସୁଯୋଗ ମିଳିଥାଏ । ସାମ୍ପ୍ରତିକ ଟିକସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହାର ପୁନଃ ପ୍ରଚଳନ ପାଇଁ ସେବି ପ୍ରସ୍ତାବ ଦେଇଛି । ପୂର୍ବରୁ ଟିକସ ବ୍ୟବସ୍ଥାକୁ ନେଇ ୨୦୨୫, ଏପ୍ରିଲ ୧ରେ ଏହାକୁ ବନ୍ଦ କରିଦିଆଯାଇଥିଲା । କିନ୍ତୁ ବର୍ତ୍ତମାନ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିବାରୁ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରାଗଲେ କମ୍ପାନୀଙ୍କୁ ସୁବିଧା ମିଳିପାରିବ ବୋଲି ସେବି କହିଛି ।

## ସୁଧୁରୁଛି ଶେୟାର ବଜାର

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅସ୍ଥିର ରହିଆସିଥିବା ଭାରତୀୟ ଶେୟାର ବଜାରରେ ଗୁରୁବାର ସାମାନ୍ୟ ସୁଧାର ପରିଲକ୍ଷିତ ହୋଇଛି । କାରବାର ଆରମ୍ଭ ହେବା ମାତ୍ରେ ଏସୀୟ ବଜାର ପ୍ରଭାବରେ ମଧ୍ୟାହ୍ନ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ଦ୍ରୁତ ଅବନତି ଘଟିଥିଲେ ହେଁ ପରବର୍ତ୍ତୀ ସମୟରେ ସ୍ଥିତିରେ ସୁଧାର ଆସିଛି । ବୁଧବାର କାରବାର ତୁଳନାରେ ସେନ୍‌ସେକ୍ସରେ ୧୮୬ ପଏଣ୍ଟ ବୃଦ୍ଧି ଘଟିବା ସହ କାରବାର ଶେଷବେଳକୁ ଏହା ୭୩,୩୧୯ରେ ବନ୍ଦ ରହିଛି । ସେହିପରି ନିଫ୍ଟି ୩୩ ପଏଣ୍ଟ ବୃଦ୍ଧିରେ ଏହା ୨୨,୭୧୩ ପଏଣ୍ଟରେ ବନ୍ଦ ରହିଛି । ଗୁରୁବାର କାରବାରରେ ଆଇଟି କ୍ଷେତ୍ରର ଶେୟାର ଭଲ ପ୍ରଦର୍ଶନ କରିଛି । ଆସନ୍ତାକାଲି ଗୁଡ୍ ଫ୍ରାଇଡେ ଯୋଗୁ ଷ୍ଟକ୍ ମାର୍କେଟ ବନ୍ଦ ରହୁଥିବାରୁ ମଧ୍ୟାହ୍ନ ପରେ ବିଭିନ୍ନ କ୍ଷେତ୍ରର କାରବାର ପୂର୍ବ ତୁଳନାରେ ଉନ୍ନତ ରହିଥିବା କୁହାଯାଇଛି ।

# ଡଲାର–ଟଙ୍କା ବିନିମୟ ମୂଲ୍ୟରେ ସର୍ବାଧିକ ଉନ୍ନତି

## ୧୨ ବର୍ଷରେ ପ୍ରଥମ

**ନୂଆଦିଲ୍ଲୀ , ୨।୪**



ବିଭିନ୍ନ କାରଣକୁ ନେଇ ଭାରତୀୟ ଶେୟାର ବଜାର ଗତବର୍ଷଠାରୁ ଅସ୍ଥିର ରହିଆସିବା ସହ ଚଳିତ ବର୍ଷ ପ୍ରାରମ୍ଭରେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆହୁରି ପ୍ରଭାବିତ ରହିଛି । ବିଶେଷକରି ବିଦେଶୀ ନିବେଶକଙ୍କ ଦ୍ୱାରା ବିପୁଳ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଶେୟାର ବଜାର ସ୍ଥିତି ଦୁର୍ବଳ ହୋଇଛି । ସେପଟେ ଯୁଦ୍ଧ ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଦ୍ୱାରା ଆମଦାନୀ କ୍ଷେତ୍ର ପ୍ରଭାବିତ ହେବା ସହ ଆମେରିକୀୟ ଡଲାର ଏବଂ ଭାରତୀୟ ଟଙ୍କା ବିନିମୟ ସ୍ଥିତି ମଧ୍ୟ ପ୍ରଭାବିତ ହୋଇଛି । ଏହାଦ୍ୱାରା ଗତ କିଛିଦିନ ହେଲା ଡଲାର ତୁଳନାରେ ଟଙ୍କା ମୂଲ୍ୟ ଲଗାତର ଅବମୂଲ୍ୟାୟନ ସହ ଏହାର ସର୍ବାଧିକ ମୂଲ୍ୟ ହ୍ରାସ ଘଟିଛି । ତେବେ ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଯେଭଳି ଉନ୍ନତି ଦେଖାଯାଇଛି ତାହା ୧୨ ବର୍ଷ ମଧ୍ୟରେ ସର୍ବାଧିକ । ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ପାଇବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ବଜାରରେ ଡଲାର ବିତରକଙ୍କ ଉପରେ ନିୟନ୍ତ୍ରଣ ପରେ ଟଙ୍କା ମୂଲ୍ୟରେ ଉନ୍ନତି ଘଟିଥିବା କୁହାଯାଇଛି । ଗତ ୨ ଦିନ ଶେୟାର ବଜାର ବନ୍ଦ ରହିଥିଲାବେଳେ ଗୁରୁବାର କାରବାର ଆରମ୍ଭ ହୋଇଥିଲା । ଏହାପରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୧.୮ ପ୍ରତିଶତ ବୃଦ୍ଧି ଘଟିବା ସହ ୧ ଡଲାର ମୂଲ୍ୟ ୯୩.୧୪୧୩ ରହିଛି ; ଯାହାକି ୨୦୧୩ ପରେ ପ୍ରଥମଥର ପାଇଁ ମୂଲ୍ୟାୟନ ବୃଦ୍ଧି ବୋଲି କୁହାଯାଇଛି । ଇରାନ୍–ଆମେରିକା ଯୁଦ୍ଧକୁ ନେଇ ଏବେ ବି ଉତ୍ତେଜନା ଲାଗି ରହିବା ସହ ମଧ୍ୟପ୍ରାଚ୍ୟ ସ୍ଥିତି ଅଶାନ୍ତ ରହିଛି । ଏହାକୁ ନେଇ ପାକିସ୍ତାନ ଟଙ୍କା ଏବଂ ଅନ୍ୟାନ୍ୟ ଆଞ୍ଚଳିକ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ହ୍ରାସ ପାଇଥିଲେ ହେଁ ଭାରତୀୟ ଟଙ୍କା ମୂଲ୍ୟରେ ବୃଦ୍ଧି ଘଟିଛି । ଉଲ୍ଲେଖଯୋଗ୍ୟ, ଫେବୃଆରୀ ୨୮ରେ ଇରାନ୍ ଉପରେ ଆକ୍ରମଣ ହେବା ପରେ ଅନ୍ତର୍ଜାତୀୟ ତୈଳ ବଜାର ପ୍ରଭାବିତ ହେବା ସହ ବୈଶ୍ୱିକ ନିବେଶ କ୍ଷେତ୍ର ମଧ୍ୟ ପ୍ରଭାବିତ ହେବା ଆରମ୍ଭ ହୋଇଥିଲା । ଏହାପରଠୁ ଡଲାର ତୁଳନାରେ ଟଙ୍କା ମୂଲ୍ୟର କ୍ରମାଗତ ଅବମୂଲ୍ୟାୟନ ଘଟିଚାଲିଥିଲା । ଗତ ୨ ମାସ ମଧ୍ୟରେ ଡଲାର–ଟଙ୍କା ବିନିମୟ ମୂଲ୍ୟରେ ଅନ୍ୟୁନ ୪ ପ୍ରତିଶତ ହ୍ରାସ ଘଟିବା ସହ ୧ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ୯୪ ଅତିକ୍ରମ କରିଥିଲା ।

## ଅପରିବର୍ତ୍ତିତ ରହିପାରେ ରେପୋ ହାର

**ମୁମ୍ବାଇ, ୨।୪**

ସାମ୍ପ୍ରତିକ ପୁଞ୍ଜିବଜାର ସ୍ଥିତି ଏବଂ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାର(ବ୍ୟାଙ୍କ ସୁଧ) ଅପରିବର୍ତ୍ତିତ ରଖିପାରନ୍ତି ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି । ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି । ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ସ୍ୱାଭାବିକ ହୋଇନାହିଁ । ଏହାବ୍ୟତୀତ ଘରୋଇ ସ୍ତରରେ ମୁଦ୍ରାସ୍ଫୀତିକୁ ନେଇ ମଧ୍ୟ ଚିନ୍ତା ରହିଛି । ତେଣୁ ଡଲାର ଉପରେ ନିୟନ୍ତ୍ରଣ ରଖିବା ସହ ଦେଶର ପୁଞ୍ଜିବଜାର ଧାରାରେ ଅବନତି ନ ଆଣିବାକୁ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ରେପୋ ହାର ଅପରିବର୍ତ୍ତିତ ରଖିବେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି ।

# ସଚେତନତା ହିଁ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ



ଦୁର୍ଗା ପ୍ରିୟଦର୍ଶିନୀ

**‘ଗୋମାୟା ପେଣ୍ଟ୍‌ସ’ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରିୟଦର୍ଶିନୀ ତାଙ୍କ ବ୍ୟବସାୟିକ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜଣେ ଗୃହିଣୀ ଭାବେ ସମାଜ ଓ ପରିବେଶ ପାଇଁ କିଛି କରିବାର ସ୍ୱପ୍ନ ଦେଖୁଥିଲେ । ୨୦୨୦ ମସିହାରେ ଡେଏରୀ ଫାର୍ମିଂ ବିଷୟରେ ଅନୁସନ୍ଧାନରୁ ଜାଣିପାରିଥିଲେ ଯେ ବଜାରରେ କ୍ଷୀରର ମୂଲ୍ୟ ଥିବାବେଳେ ଗୋବରକୁ ପ୍ରାୟତଃ ଅବହେଳା କରାଯାଉଛି, ଯଦିଓ ଏହାକୁ ନେଇ ଅନେକ ସମ୍ଭାବନା ରହିଛି । ସେହି ଚିନ୍ତାଧାରା ତାଙ୍କ ଜୀବନ ବଦଳାଇଦେଲା । ସେ ସ୍ଥିର କରିଥିଲେ ଯେ, ଲୋକେ ଯାହାକୁ ଆବର୍ଜନା ବୋଲି ବିବେଚନା କରନ୍ତି, ତାହାକୁ ଏକ ମୂଲ୍ୟବାନ୍ ପରିବେଶ ଅନୁକୂଳ ଉତ୍ପାଦରେ ରୂପାନ୍ତରିତ କରିବେ । ଏଥିପାଇଁ ସେ ଗୋମାୟା ପେଣ୍ଟ୍‌ସ ପ୍ରତିଷ୍ଠା କରିଥିଲେ । ଏହା କେବଳ ଏକ ରଙ୍ଗ କମ୍ପାନୀ ନୁହେଁ, ଏହା କୃଷକଙ୍କୁ ସମର୍ଥନ କରିବା, ପରିବେଶକୁ ସୁରକ୍ଷିତ ରଖିବାର ଏକ ମିଶନ । ଦୁର୍ଗାଙ୍କ ବ୍ୟବସାୟିକ ଯାତ୍ରା ସମ୍ପର୍କରେ ତାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର...**

**ପ୍ର– ପରିବେଶ ଅନୁକୂଳ ଗୋବର ପେଣ୍ଟ ତିଆରି କରିବାର ଚିନ୍ତାଧାରା ଆପଣଙ୍କୁ କେଉଁଠାରୁ ମିଳିଲା ଏବଂ ଏହି ଧାରଣା କିପରି ଏକ ବ୍ୟବସାୟର ରୂପ ନେଲା?**

ଉ– ଡେଏରୀ ଟ୍ରେନିଂ ସମୟରେ ମୁଁ ଦେଖିଲି ଯେ ବୟସ୍କ ଗାଈମାନେ କ୍ଷୀର ନ ଦେବା ଫଳରେ ଚାଷୀମାନଙ୍କ ରୋଜଗାର ପ୍ରଭାବିତ ହେଉଛି । ଗୋବର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲେ ମଧ୍ୟ ଏହାର କୌଣସି ବାଣିଜ୍ୟିକ ମୂଲ୍ୟ ପ୍ରାୟ ନ ଥିଲା । ଏହି ବର୍ଜ୍ୟକୁ ଏକ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦରେ କିପରି ପରିଣତ କରାଯାଇପାରିବ, ସେ ନେଇ ମନରେ ପ୍ରଶ୍ନ ଉଠିଥିଲା । ଚାଷୀ ଏବଂ ପରିବେଶ ଉଭୟକୁ ଲାଭଦାୟକ କରିବା ଉଦ୍ଦେଶ୍ୟରେ ଗୋବରର ପାରମ୍ପରିକ ବ୍ୟବହାର ଏବଂ ଆଧୁନିକ ପେଣ୍ଟ କେମିଷ୍ଟ୍ରି ଉପରେ ଗବେଷଣା କରି ଏକ ପରିବେଶ–ଅନୁକୂଳ ରଙ୍ଗ ବିକଶିତ କରିଥିଲୁ । ଏନେଇ ଅନେକ ପରୀକ୍ଷା, ବିଫଳତା ଏବଂ ସଂସ୍କାର ପରେ ଆମେ ସଫଳତା ପାଇଥିଲୁ । ଗୋମୟ ପେଣ୍ଟ୍‌ସ କେବଳ ରଙ୍ଗ ଉତ୍ପାଦନ କରେ ନାହିଁ, ବରଂ ଚାଷୀମାନଙ୍କଠାରୁ ଗୋବର କିଣି ଏକ ଗ୍ରାମୀଣ ଅର୍ଥନୈତିକ ଇକୋସିଷ୍ଟମ ମଧ୍ୟ ନିର୍ମାଣ କରିଛି, ଯାହାକି ସେମାନଙ୍କୁ ଅତିରିକ୍ତ ଆୟ ପ୍ରଦାନ କରୁଛି ।

**ପ୍ର– ଗୋମୟ ପେଣ୍ଟ୍‌ସ ଅନ୍ୟ ସାଧାରଣ ଏବଂ ପରିବେଶ ଅନୁକୂଳ ପେଣ୍ଟ ବ୍ରାଣ୍ଡଠାରୁ କିପରି ଅଲଗା? ୧୫ ବର୍ଷ ପର୍ଯ୍ୟନ୍ତ ରହୁଥିବା ଏହି ଉତ୍ପାଦ ପାଇଁ କିପରି ଗବେଷଣା କରାଯାଇଛି?**

ଉ– ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ପ୍ରଯୁକ୍ତିର ମିଶ୍ରଣ ହେଉଛି ଆମର ସବୁଠାରୁ ବଡ଼ ଶକ୍ତି । ଗୋବରର ପ୍ରାକୃତିକ ଆଣ୍ଟି–ବ୍ୟାକ୍ଟେରିଆଲ ଏବଂ ଆଣ୍ଟି–ଫଙ୍ଗାଲ ଗୁଣ ବ୍ୟବହାର କରି କମ୍–ଭିଓସି (ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ୍‌ସ) ଏବଂ ବିଷାକ୍ତ ଦ୍ରବ୍ୟମୁକ୍ତ ଫର୍ମୁଲେଶନ ପ୍ରସ୍ତୁତ କରିଛୁ । ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ହୋଇଥିବାରୁ ୧୫ ବର୍ଷ ପର୍ଯ୍ୟନ୍ତ ସ୍ଥାୟିତ୍ୱ ପ୍ରଦାନ କରେ । ଆମର ଗବେଷଣା ଓ ବିକାଶ କାର୍ଯ୍ୟରେ ବହୁତ ସମୟ ଲାଗିଥିଲା । ଆମେ ଏହାର ସ୍ଥିରତା, ମଜଭୁତ ଶକ୍ତି, ପାଣିପାଗ ପ୍ରତିରୋଧକ ଶକ୍ତି ଏବଂ ଜୀବାଣୁ ପ୍ରତିରୋଧ ଉପରେ କାମ କରିଥିଲୁ । ଏନେଇ ଅନେକଥର ବିଫଳ ହୋଇଥିଲୁ । ଲାବ୍ ଟେଷ୍ଟିଂ ଏବଂ ଫିଲ୍ଡ ଫିଡ୍‌ବ୍ୟାକ୍ ମାଧ୍ୟମରେ ଏହାକୁ ଆମେ କ୍ରମାଗତ ଭାବେ ଉନ୍ନତ କରିଛୁ ।

**ପ୍ର– ସହରାଞ୍ଚଳ ବଜାରରେ ଗୋବର ଆଧାରିତ ରଙ୍ଗ ବିଷୟରେ ଗ୍ରାହକଙ୍କ ଆଶଙ୍କାକୁ କିପରି ଦୂର କରନ୍ତି?**

ଉ– ପ୍ରାରମ୍ଭରେ ଅନେକ ଗ୍ରାହକ ଗୋବର ରଙ୍ଗ ବିଷୟରେ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ । ପରେ ଏହାର ଉତ୍କୃଷ୍ଟତା ଦେଖି ଧାରଣା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି । ଆମେ ପ୍ରତ୍ୟକ୍ଷ ପ୍ରଦର୍ଶନ, ସାମ୍ପଲ ବ୍ୟବହାର, ପ୍ରକ୍ରିୟାକରଣ ପ୍ରଯୁକ୍ତିର ବୈଜ୍ଞାନିକ ବ୍ୟାଖ୍ୟା, ଗ୍ରାହକ ପ୍ରଶଂସାପତ୍ର ଏବଂ ପ୍ରକୃତ ପ୍ରୋଜେକ୍ଟର ଉଦାହରଣ ମାଧ୍ୟମରେ ସନ୍ଦେହ ଦୂର କରୁ । କଞ୍ଚାମାଲ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ ହୋଇଛି ଏବଂ ସ୍ୱାସ୍ଥ୍ୟକର ବୋଲି ବୁଝିବା ପରେ ଗ୍ରାହକଙ୍କର ଆଶଙ୍କା ଦୂର ହୋଇଯାଏ । ବାସ୍ତବରେ ଶିଶୁ, ବୟସ୍କ ଲୋକ ଏବଂ ପରିବେଶ ପାଇଁ ସୁରକ୍ଷିତ ହୋଇଥିବାରୁ ସହରାଞ୍ଚଳ ଗ୍ରାହକ ଏହାକୁ ବେଶି ପସନ୍ଦ କରୁଛନ୍ତି । ସଚେତନତା ହିଁ ଲୋକଙ୍କ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ ।

**ପ୍ର– ଗୋମୟ ପେଣ୍ଟ୍‌ସର ଜାତୀୟ ସ୍ତରରେ ସମ୍ପ୍ରସାରଣ, ରପ୍ତାନି କିମ୍ବା ଉତ୍ପାଦ ବିବିଧତା ଭଳି କିଛି ଯୋଜନା ରହିଛି କି?**

ଉ– ସାରା ଭାରତରେ ବ୍ୟବସାୟ ସମ୍ପ୍ରସାରଣ ସହ ରପ୍ତାନି ବଜାରରେ ପ୍ରବେଶ କରିବା, ଅଧିକ ସ୍ଥାୟୀ ନିର୍ମାଣ ସାମଗ୍ରୀ ବିକାଶ କରିବା ଯୋଜନା ରହିଛି । ଆମର ଗବେଷଣା ଏବଂ ବିକାଶ କ୍ଷମତାକୁ ସୁଦୃଢ଼ କରିବା ମଧ୍ୟ ଲକ୍ଷ୍ୟ ରଖିଛୁ । ଆମେ ଚାହୁଁ ଗୋମୟ ପେଣ୍ଟ୍‌ସ ଏକ ପ୍ରତୀକ ହେଉ ଯେ, କିପରି ଗ୍ରାମୀଣ ନୂତନତ୍ୱ ଜାତୀୟ ସ୍ତରରେ ପ୍ରଭାବ ପକାଇପାରେ ।

**ପ୍ର– ଯୁବୋଦ୍ୟୋଗୀଙ୍କୁ ଏହି କ୍ଷେତ୍ରରେ କ’ଣ ପରାମର୍ଶ ଦେବେ?**

ଉ– ଯୁବୋଦ୍ୟୋଗୀମାନଙ୍କୁ କହିବି ଯେ, କେବଳ ଲାଭ ଉପରେ ଧ୍ୟାନ ଦେଇ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ କାର୍ଯ୍ୟ ଆରମ୍ଭ କରନ୍ତୁ । ବିଫଳତାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ । ନିରନ୍ତର ଶିଖିବା ଜାରି ରଖିବା, ପ୍ରକୃତ ସମସ୍ୟା ସମାଧାନ ଉପରେ ଧ୍ୟାନ ଦେବା ଏବଂ ଏକ ଦୃଢ଼ ସମର୍ଥନ ଦଳ ଗଠନ କରିବା ଉଚିତ । ପ୍ରତିକୂଳ ପରିସ୍ଥିତିରେ ଆଦୌ ହାର୍ ମାନିବା ଉଚିତ ନୁହେଁ । ସଫଳତା ରାତାରାତି ଆସିବ ନାହିଁ– ଏହା ସ୍ଥିରତା, ଧୈର୍ଯ୍ୟ ଏବଂ ଆପଣଙ୍କ ଦୃଷ୍ଟିକୋଣ ପ୍ରତି ଗଭୀର ବିଶ୍ୱାସରୁ ଆସିଥାଏ ।

# ଏନ୍‌ଏମ୍‌ଡିସି ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଅନୁରାଗ କପିଲ



ଅନୁରାଗ କପିଲ

**ହାଇଦ୍ରାବାଦ, ୨।୪**

୧୯୯୮ ବ୍ୟାଚ୍‌ର ଆଇଆର୍‌ଏଏସ୍ ଅଧିକାରୀ ଅନୁରାଗ କପିଲ ଜାତୀୟ ଖଣିଜ ବିକାଶ ନିଗମ(ଏନ୍‌ଏମ୍‌ଡିସି)ର ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ରେଳବାଇ ସମେତ ବହୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଗତ ୨୬ ବର୍ଷ ଧରି କାର୍ଯ୍ୟକରି ଅନୁରାଗ ବିତ୍ତୀୟ ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ର ପରିଚାଳନା ଦିଗରେ ଦୃଢ଼ ଅଭିଜ୍ଞତା ହାସଲ କରିଛନ୍ତି । ସେ ରେଳବାଇ ବିଭାଗରେ ବରିଷ୍ଠ ଡିଭିଜନାଲ ଫାଇନାନ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରିବା ସହ ଏଫ୍‌ଏ ଆଣ୍ଡ ସିଏଓ(ଟ୍ରାଫିକ୍), ଏଫ୍‌ଏ ଆଣ୍ଡ୍ ସିଏଓ( ଫାଇନାନ୍ସ ଓ ଜେନେରାଲ) ସମେତ ଡେପୁଟି ଚିଫ୍ ଭିଜିଲାନ୍ସ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି । ଏନ୍‌ଏମ୍‌ଡିସିରେ ଯୋଗଦେବା ପୂର୍ବରୁ ସେ ରେଳବୋର୍ଡରେ ଫାଇନାନ୍ସ (ବ୍ୟୟ) ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ ।

# ଚାନ୍ଦି ଭଣ୍ଡାରର ଅକ୍ଷୟତୃତୀୟା ଅଫର ଘୋଷଣା



**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

ରୁପା ଅଳଙ୍କାର ଓ କଳାକୃତି ପାଇଁ ପ୍ରସିଦ୍ଧ ଚାନ୍ଦି ଭଣ୍ଡାର ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି । ଗୁରୁବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ତଥା ପ୍ରତିଷ୍ଠାତା ଲିପ୍‌ସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ହଂସ ବିସ୍ତୃତ ସୂଚନା ଦେଇଛନ୍ତି । ଲିପ୍‌ସା କହିଛନ୍ତି, ଓଡ଼ିଆଙ୍କ ପର୍ବ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରୁପା ଗହଣା ଓ କଳାକୃତି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ । ଏହି ଅଫର ଏପ୍ରିଲ୍ ୧୯ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଚାନ୍ଦି ଭଣ୍ଡାରର ବ୍ୟବସାୟ ସମ୍ପ୍ରସାରଣ ନେଇ ଲିପ୍‌ସା କହିଛନ୍ତି, ଜାତୀୟ ବ୍ରାଣ୍ଡ୍ ଭାବେ ଯାତ୍ରା ଆରମ୍ଭ କରିଥିବା ଚାନ୍ଦି ଭଣ୍ଡାର ରାଜ୍ୟ ବାହାରେ ରାୟପୁରରେ ୨ଟି ଷ୍ଟୋର ଖୋଲିଛି । ଅନ୍ୟପଟେ ରାଜ୍ୟର ବରଗଡ଼ରେ ୨୮ତମ ଷ୍ଟୋର ଖୋଲିବାକୁ ଯାଉଛି । ଗହଣା କଲେକ୍ସନ ସମ୍ପର୍କ ସୂଚନା ଦେଇ ମାଣିକ୍ କହିଛନ୍ତି, ମହିଳାମାନଙ୍କ ପାଇଁ ଜିରଖନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ ଏବଂ ପାଉଁଜି ଆଦି ରହିଛି । ପୁରୁଷଙ୍କ ପାଇଁ ଆମୋଘ କଲେକ୍ସନ ଏବଂ ଶିଶୁମାନଙ୍କ ପାଇଁ ପ୍ରିମିୟମ କିଡସ୍ କଲେକ୍ସନ ରହିଛି । ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ୱାଇନ୍ ଗ୍ଲାସ୍,ବୋତଲ, ଚା’ ସେଟ୍ ଓ ଉଡେନ୍ ସିଲ୍‌ଭର ୱାର୍କ ଟ୍ରେ ସହ ବହୁ କିଛି ରହିଛି ।

# ବେଦାନ୍ତ ଆଲୁମିନିୟମ ପାଳିଲା ଓଡ଼ିଶା ଦିବସ



**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳନ କରାଯାଇଛି । ଉତ୍ସବରେ ୩,୦୦୦ରୁ ଅଧିକ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟ ଏକାଠି ହୋଇଥିଲେ । ସଂଗୀତ, ନୃତ୍ୟ ଏବଂ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତି ସମେତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ଚିକିତ୍ସକ ଡା. ସଞ୍ଜୀବ କୁମାର ମିଶ୍ରଙ୍କୁ ଏହି ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଏବଂ ସାମୁଦାୟିକ ସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ଅଞ୍ଜଳି ଦତ୍ତ ଏବଂ ସଚିନ ରାଉତଙ୍କ ମନୋରମ ପ୍ରଦର୍ଶନ ପ୍ରଦର୍ଶିତ ହୋଇଥିଲା । ଦେବଦାସୀ ଅନୁଷ୍ଠାନ ଏବଂ ଏକ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଆମେ ରାଜ୍ୟର ପରିଚୟକୁ ପରିଭାଷିତ କରୁଥିବା ପରମ୍ପରାଗୁଡ଼ିକୁ ପାଳନକରି ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ସ୍ଥାୟୀ ସୁଯୋଗ ସୃଷ୍ଟିକରିବା ନିମନ୍ତେ ସମ୍ପ୍ରଦାୟଗୁଡ଼ିକ ସହିତ ସହଭାଗୀ ହେବାକୁ ପ୍ରତିବଦ୍ଧ ।

# ‘ଅରେଞ୍ଜ ଇକୋନୋମି’କୁ ପ୍ରୋତ୍ସାହନ

**୧୫,୦୦୦ ସ୍କୁଲ, ୫୦୦ କଲେଜରେ ହେବ କଣ୍ଟେଣ୍ଟ କ୍ରିଏଟର ଲାବ୍**

**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

‘ଅରେଞ୍ଜ ଇକୋନୋମି’ କ୍ଷେତ୍ର ଭାବେ ପରିଚିତ ଆନିମେସନ୍, ଭିଜୁଆଲ୍ ଇଫେକ୍ଟ୍‌ସ୍, ଗେମିଂ ଏବଂ କମିକ୍ସ(ଏଭିଜିସି) କ୍ଷେତ୍ର ସମେତ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ବଜେଟରେ ବ୍ୟାପକ ଅର୍ଥ ବ୍ୟବସ୍ଥା କରିଛନ୍ତି । ଭାରତକୁ ବିଶ୍ୱସ୍ତରୀୟ କଣ୍ଟେଣ୍ଟ କ୍ରିଏସନ୍ ହବ୍ ଭାବରେ ପରିଚିତ କରାଇବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରାଯାଇଛି । ନିକଟରେ ସଂସଦରେ ପାରିତ ହୋଇଥିବା କେନ୍ଦ୍ରୀୟ ବଜେଟ ୨୦୨୬–୨୭ ଘୋଷଣା ଅନୁଯାୟୀ, ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଏବଂ ୫୦୦ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ଲାବ୍(ସିସିଏଲ୍ ) ପ୍ରତିଷ୍ଠା କରାଯିବ । ଏହି ପଦକ୍ଷେପ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଭିଜିସି – ଏକ୍ସଆର କ୍ଷେତ୍ର ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବରେ ଆଇଆଇସିଟି ଗଠନ କରାଯାଇଛି । ୨୦୨୫ ଜୁଲାଇରୁ ଏହା ମୁମ୍ବାଇର ଆଇଆଇସିଟି–ନ୍ୟାଶନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏଫ୍‌ଡିସି) ପରିସରରୁ କାର୍ଯ୍ୟ କରୁଛି । ଏହା ଅଧୀନରେ ବର୍ତ୍ତମାନ ୧୮ଟି ପାଠ୍ୟକ୍ରମ ଆରମ୍ଭ କରାଯାଇଛି, ଯେଉଁଥିରେ ୧୩୬ ଜଣ ଛାତ୍ର ନାମ ଲେଖାଇଛନ୍ତି ଏବଂ ୧୫ ଜଣ ଅଂଶଗ୍ରହଣକାରୀ ‘ଟ୍ରେନ୍–ଦି–ଟ୍ରେନର’ କାର୍ଯ୍ୟକ୍ରମ ସମାପ୍ତ କରିଛନ୍ତି । ମୁମ୍ବାଇର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି(ଆଇଆଇସିଟି)କୁ କଣ୍ଟେଣ୍ଟ କ୍ରିଏଟର ଲ୍ୟାବର ଯୋଜନା, ସମନ୍ୱୟ ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତ କରାଯାଇଛି । ଲୋକସଭାରେ କୃତି ଦେବୀ ଦେବବର୍ମନ ଏବଂ ଶ୍ରୀ ଏଟାଲା ରାଜେନ୍ଦ୍ରଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନଙ୍କ ଦ୍ୱାରା ଏକ ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି ।

# ଓଡ଼ିଶାରେ ପ୍ରଥମ ପେଡିଆଟ୍ରିକ୍ କ୍ରିଟିକାଲ କେୟାର ସିଏମ୍‌ଇ ଆୟୋଜିତ

**ଭୁବନେଶ୍ୱର, ୨।୪**

ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଥମ ‘ପେଡିଆଟ୍ରିକ୍ କ୍ରିଟିକାଲ କେୟାର କଣ୍ଟିନୁଇଂ ମେଡିକାଲ ଏଜୁକେଶନ (ସିଏମ୍‌ଇ)’ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଓଡ଼ିଶା ଶାଖା ଓ ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ଚାପ୍ଟର ପକ୍ଷରୁ ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍‌ଡ୍ରେନ ସହଭାଗିତାରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ, ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ରାଜ୍ୟର ବିଭିନ୍ନ ଭାଗର ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ସହଯୋଗୀଙ୍କ ସମେତ ୧୦୦ରୁ ଅଧିକ ଡାକ୍ତର ଯୋଗ ଦେଇଛନ୍ତି । ଏହାଛଡ଼ା ରାଜ୍ୟ ଓ ଜାତୀୟସ୍ତରର ୩୦ରୁ ଅଧିକ ପ୍ରତିଷ୍ଠିତ ଅଧ୍ୟାପକଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ଉନ୍ନତ କରିଛି । ଉକ୍ତ ସିଏମ୍‌ଇରେ ସହଭାଗିତା କରି ଅଙ୍କୁରା ନିରବଚ୍ଛିନ୍ନ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଓଡ଼ିଶାକୁ ଅତ୍ୟାଧୁନିକ ଶିଶୁ ଚିକିତ୍ସା ପଦ୍ଧତି ଆଣିବା ଏବଂ ଏକ ସହଭାଗୀ ମେଡିକାଲ ଇକୋସିଷ୍ଟମ ଗଠନ କରିବାର ନିଜର ଦୃଷ୍ଟିକୋଣକୁ ସୁଦୃଢ କରିବା ଜାରି ରଖିଛି । ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍‌ଡ୍ରେନ୍ ଭଳି ଅନୁଷ୍ଠାନଗୁଡିକ ସକ୍ରିୟ ଭାବେ ଏଭଳି ପ୍ରୟାସକୁ ପରିଚାଳନା କରୁଥିବା ବେଳେ ଶିଶୁ ସ୍ୱାସ୍ଥ୍ୟସେବା ଓ ଜରୁରିକାଳୀନ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠାଲାଭ କରିବାକୁ ଓଡ଼ିଶା ପ୍ରସ୍ତୁତ ରହିଥିବା କୁହାଯାଇଛି ।

# ତ୍ରିଶୂଳିଆରେ କାନାରା ବ୍ୟାଙ୍କର ନୂଆ ଶାଖା



**ଭୁବନେଶ୍ୱର, ୨।୪**

କଟକ ଜିଲା ତ୍ରିଶୂଳିଆସ୍ଥିତ ପଦ୍ମନାଭନଗରରେ କାନାରା ବ୍ୟାଙ୍କର ଏକ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି । ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ସୁମନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି । ଏହି ଶାଖାକୁ ମିଶାଇ କାନାରା ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ରାଜ୍ୟରେ ୨୮୭ରେ ପହଞ୍ଚିବା ସହ କଟକ କ୍ଷେତ୍ରର ଶାଖା ସଂଖ୍ୟା ୬୧ରେ ପହଞ୍ଚିଛି । ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଯୋଗଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କ ଉପ ମହାପ୍ରବନ୍ଧକ ନେତ୍ରମୋହନ ପାତ୍ର, କଟକ ଅଗ୍ରଣୀ ଜିଲା ପ୍ରବନ୍ଧକ(ଏଲ୍‌ଡିଏମ୍) ସତ୍ୟରଞ୍ଜନ ମହାନ୍ତି, କଟକ କ୍ଷେତ୍ରୀୟ ମୁଖ୍ୟ ଟି. ଅକିଲା, କଟକ କ୍ଷେତ୍ର ଡିଭିଜନାଲ ମ୍ୟାନେଜର ଏସ୍.ସି.ମଲ୍ଲ ଏବଂ ନୂତନ ଶାଖା ପ୍ରବନ୍ଧକ ତାପସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ଧୁକ ସହ ବନ୍ଧାହେଲେ କାହ୍ନା

ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)

ବନ୍ଧୁକ ରଖି ସୁନ୍ଦରପଦା ଅଞ୍ଚଳରେ ଭାଇଗିରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରପଦା ତଳସାହିର ଅମରେଶ ରାଉତ ଓରଫ କାହ୍ନା। ସେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବୁଧବାର ଅପରାହ୍ନ ୨ଟାରେ ବସିଥିବାବେଳେ ଖବରପାଇ ପୋଲିସ ଅତର୍କିତ ଚଢ଼ାଉ କରି ମାଡ଼ି ବସିଥିଲା। କାହ୍ନାଙ୍କ ଅଣ୍ଟା ଯାଞ୍ଚ ପରେ ଦୁଇଟି ସେମି ଅଟୋମେଟିକ୍ ବନ୍ଧୁକ ସହ ୧୦ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ନେଇ ସନ୍ଦେହ କରାଯାଉଛି ବୋଲି ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏସିପି ମାନସ କୁମାର ସ୍ୱାଇଁ କହିଛନ୍ତି।

୨୦୨୧ରେ ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ଅଭିଯୁକ୍ତ କାହ୍ନା ଗିରଫ ହୋଇଥିଲେ। ଝରାଫୁଲଙ୍କୁ ରାଜଧାନୀରେ ଏକ ହୋଟେଲରେ ହତ୍ୟା କରି କୁଆଖିଆ ଥାନା ଅଞ୍ଚଳରେ



ଗିରଫ କାହ୍ନା ଏବଂ ଜବତ ବନ୍ଧୁକ, ଗୁଳି, ମୋବାଇଲ୍ ଓ ଟଙ୍କା।

- **ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ**
- **ସୁନ୍ଦରପଦାରେ ଭାଇଗିରି କରୁଥିଲେ**
- **୨ ସେମି ଅଟୋମେଟିକ ପିସ୍ତଲ,୧୦ ରାଉଣ୍ଡ ଗୁଳି ଜବତ**

କାହ୍ନା ଫିଙ୍ଗି ଦେଇଥିଲେ। କୁଆଖିଆ ପୋଲିସ ତଦନ୍ତ କରିବା ପରେ ଅଭିଯୁକ୍ତ କାହ୍ନାଙ୍କୁ ସୁନ୍ଦରପଦାରୁ ଗିରଫ କରିଥିଲା। ସେ ଜେଲରେ କିଛି ବର୍ଷ ରହିବା ପରେ ଜାମିନ୍‌ରେ ବାହାରିଥିଲେ। ତେବେ ସେ ଜେଲରେ ଥିବା ସମୟରେ କିଛି ଆନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କ ସହ ସମ୍ପର୍କରେ ଆସିଥିଲେ। ଜେଲରୁ ବାହାରିବା ପରେ ସେ ଜମି ବିକ୍ରି ମାର୍କେଟିଂ କରୁଥିଲେ। ଏହାସହ ଜମି ପଜେଶନ୍ ଦେବାରେ ସେ ମଧ୍ୟସ୍ଥତା କରୁଥିଲେ। ସେଥିପାଇଁ ସେ ବନ୍ଧୁକ କିଣି ନିଜ ପାଖରେ ରଖିବା ସହ ଏହାକୁ ବିକ୍ରି କରୁଥିଲେ। ଜେଲରୁ ଫେରିଥିବାରୁ କାହ୍ନା ମଧ୍ୟ ଆଉ ପୋଲିସକୁ ଭୟ କରି ନ ଥିଲେ। ସୁନ୍ଦରପଦା ଅଞ୍ଚଳରେ ଅଣ୍ଟାରେ ବନ୍ଧୁକ ଖୋସି ଦାଦାଗିରି ଦେଖାଉଥିଲେ। ଏପରି କି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକମାନଙ୍କୁ ନେଇ ଏକ ଗ୍ୟାଙ୍ଗ୍ କରି ଭାଇଗିରି କରୁଥିଲେ। ଇତିମଧ୍ୟରେ କାହ୍ନାଙ୍କ ନିକଟରେ ୨ଟି ଚୋରା ବନ୍ଧୁକ ଥିବା ନେଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ସୁନ୍ଦରପଦା ଅଞ୍ଚଳରେ ଜାଲ ବିଛାଇଥିଲେ। କାହ୍ନା ବୁଧବାର ଅପରାହ୍ନରେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବସିଥିବାବେଳେ ସ୍ପେଶାଲ୍ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି କାହ୍ନା ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ତାଙ୍କ ଅଣ୍ଟାରେ ଖୋସା ହୋଇଥିବା ଦୁଇଟି ସେମି ଅଟୋମେଟିକ ପିସ୍ତଲ ସହ ୧୦ ରାଉଣ୍ଡ ଅଫୁଟା ଗୁଳି, ୨ଟି ମାଗାଜିନକୁ ଜବତ କରିଥିଲା। ଏହାସହ ଏକ ବାଇକ ମଧ୍ୟ ଜବତ ହୋଇଛି। ଏହି ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଠାବ କରାଯିବ ବୋଲି ପୋଲିସ କହିଛି। ଗତ ଦେଢ଼ ବର୍ଷରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୬ରୁ ଅଧିକ ବନ୍ଧୁକ ଜବତ କରିଥିବା ସୂଚନା ମିଳିଛି।

# କମ୍ପାନୀର ମ୍ୟାନେଜର ଲୁଟିଲେ ୪.୫୬କୋଟି

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁକଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)

ନୀଳଚକ୍ର ମେଟାଲ ପ୍ରୋସେସର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ମ୍ୟାନେଜର ସାଜି ନକଲି ବିଲ୍ ଏବଂ ଜିଏସ୍‌ଟି ଇନ୍‌ଭଏସ୍ ମାଧ୍ୟମରେ କମ୍ପାନୀର ମ୍ୟାନେଜର ପ୍ରଦୀପ କୁମାର ସାହୁ ୪.୫୬କୋଟି ଟଙ୍କା ଠକି ନେଇଛନ୍ତି। ଏନେଇ ଅଭିଯୋଗକାରୀ କୁମାର ଅଭିଜିତ ସାହୁ ଲକ୍ଷ୍ମୀସାଗର ଥାନାରେ ପ୍ରଥମେ ଅଭିଯୋଗ କରିଥିଲେ। ହେଲେ ସେଠାରୁ କିଛି ସୁଫଳ ନ ମିଳିବାରୁ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ତଦନ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ପରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏକ ମାମଲା( ନଂ.୭/୨୬ ମାମଲା ରୁଜୁ କରିଛି। ଅଭିଯୁକ୍ତ ପ୍ରଦୀପଙ୍କ ବିରୋଧରେ ଆଇପିସି ଦଫା ୪୦୮, ୪୪୮, ୪୬୮,୫୦୬ ଲଗାଇ ତଦନ୍ତ କରାଯାଉଛି। ଇଓଡବ୍ଲ୍ୟୁ ଇନ୍ସପେକ୍ଟର ସୁବ୍ରତ ପଣ୍ଡା ଏହି ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି। ତଦନ୍ତ ଅଧିକାରୀ ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବା ସହ ଟଙ୍କା ଯାଇଥିବା ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି।

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ଆସିକା,୨।୪(ସୁରେନ୍ଦ୍ର ନାଥ ସାହୁ)

## ଛାତ୍ରୀଙ୍କ ଆତ୍ମାହୁତି ଘଟଣା

ଗଞ୍ଜାମ ଜିଲା ଆସିକା ବ୍ଲକ କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମରେ ଗତ ଶନିବାର ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଯୁକ୍ତ ୩ ଛାତ୍ରୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ଘଟିଥିଲା। ପ୍ରେମରେ ପ୍ରତାରଣାର ଶିକାର ହୋଇଥିବା ପୂର୍ବରୁ ଛାତ୍ରୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ପ୍ରକାରେ ପୋଲିସ ଗତ ଶନିବାର କୋଦଳା ନିକଟସ୍ଥ ଶାଳବଣି ଗ୍ରାମର କାହ୍ନୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଛାତ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ବାପା କୋଟିନଡ଼ା ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କାହ୍ନୁ ଝିଅକୁ ପ୍ରତାରିତ କରିବା ସହ ଟେଲିଫୋନରେ ତାଙ୍କୁ କଟୁ ମନ୍ତବ୍ୟ ଦେବାରୁ ହତୋତ୍ସାହିତ ହୋଇ ଝିଅ ଜୀବନ ହାରିଲା ବୋଲି ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏଥିରେ ଅଭିଯୁକ୍ତଙ୍କ ଭାଇଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରାଯାଇଛି। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ଛାତ୍ରୀଙ୍କୁ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ନଂ.୧୦୭/୨୬ରେ ଆଉ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ କାହ୍ନୁଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଆକ୍ରମଣ, ପ୍ରତି ଆକ୍ରମଣରେ ୨ ଆହତ

ଅତାବିରା,୨।୪(ଯୁଧିଷ୍ଠିର ମହାପାତ୍ର)

## ଦିନ ଦ୍ୱିପ୍ରହରରେ ଭୁଜାଲି ମାଡ଼

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା ଫାଣ୍ଡି ଅଞ୍ଚଳରେ ଗତ ବୁଧବାର ଦିନ ଦ୍ୱିପ୍ରହରରେ ବିଚ ରାସ୍ତାରେ ଭୁଜାଲି ମାଡ଼ ହୋଇଛି। ଭୁଜାଲି ମାଡ଼ରେ ଜଣେ କୁକୁଡ଼ା ଦୋକାନୀ ଆହତ ହୋଇଥିବା ବେଳେ ପ୍ରତି ଆକ୍ରମଣରେ ଅଭିଯୁକ୍ତ ଜଣକ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ଗୋବର୍ଦ୍ଧନ ପାଣ୍ଡେ (୩୮) ଏବଂ ଗୋଡଭଗା ନିବାସୀ ପିଙ୍କୁଲ ଦାଶ(୩୫)। ଦୋକାନୀ ଗୋବର୍ଦ୍ଧନଙ୍କ ଏତଲା କ୍ରମେ ଅତାବିରା ପୋଲିସ ଗୁରୁବାର ଏକ (ନଂ. ୧୩୨/୨୬) ମାମଲା ରୁଜୁ କରି ଘଟଣାରେ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଦ୍ୱିପ୍ରହରରେ ଗୋଡଭଗା କ୍ୟାମ୍ପରୁ ଗୋଡ଼ଭଗା ଗ୍ରାମକୁ ସଂଯୋଗ କରୁଥିବା ପୁରୁଣା ରାସ୍ତା ପାର୍ଶ୍ୱରେ ଥିବା ଏକ କୁକୁଡ଼ା ଦୋକାନକୁ ପିଙ୍କୁଲ ଆସିଥିଲେ। ଦୋକାନରେ ଗୋବର୍ଦ୍ଧନ ଓ ପିଙ୍କୁଲଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ପିଙ୍କୁଲ ରାଗିଯାଇ ଗୋବର୍ଦ୍ଧନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୋବର୍ଦ୍ଧନ ଆହତ ହୋଇଥିଲେ। ପ୍ରତି ଆକ୍ରମଣରେ ପିଙ୍କୁଲ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଚିକିତ୍ସା ପରେ ଗୋବର୍ଦ୍ଧନ ଘରକୁ ଫେରିଛନ୍ତି। ପିଙ୍କୁଲଙ୍କୁ ଚିକିତ୍ସା ପାଇଁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋବର୍ଦ୍ଧନ ସ୍ଥାନୀୟ ଥାନାରେ ଏତଲା ଦେଇଥିବା ବେଳେ ପ୍ରତିପକ୍ଷରୁ ଏପର୍ଯ୍ୟନ୍ତ ଏତଲା ହୋଇ ନ ଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

ପ୍ରକାଶଥାଉକି, ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଥମିବାର ନାଁ ନେଉନି। ନିଶାକାରବାର ବୃଦ୍ଧି ପାଉଥିବାରୁ ଏଭଳି ଅପରାଧ ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏଥିପ୍ରତି ଦୃଷ୍ଟି ଦେଇ ବରଗଡ଼ ଏସପି ଏଠାରେ ନିଶା କାରବାର ଦମନ କରିବା ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସମ୍ବଲପୁର କୋର୍ଟକୁ ପୁଣି ବୋମା ଧମକ

## କୋର୍ଟ ପରିସର ଯାଞ୍ଚ କଲେ ବୋମା ନିଷ୍କ୍ରିୟକାରୀ ଦଳ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାଜଜ୍‌ଙ୍କ କୋର୍ଟକୁ ପୁଣି ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି। କୋର୍ଟ ରେଜିଷ୍ଟ୍ରାରଙ୍କ ନିକଟକୁ ଧମକପୂର୍ଣ୍ଣ ଇ-ମେଲ୍ ବାର୍ତ୍ତା ମିଳିବା ଜଣାପଡ଼ିବା ପରେ ପୋଲିସ ପ୍ରଶାସନ ତତ୍ପର ହୋଇଥିଲା। ତତ୍ପରତା ପ୍ରକାଶ ପୂର୍ବକ ପୋଲିସ ସୁରକ୍ଷା ବାହିନୀ, ଦମକଳ ବାହିନୀ ସହ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଜିଲାଜଜ୍‌ଙ୍କ କୋର୍ଟ ପରିସର ସହିତ ସିଭିଲ କୋର୍ଟ, ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଦି ସମଗ୍ର ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ତେବେ ୩ ଘଣ୍ଟାର ଯାଞ୍ଚ ପରେ ମଧ୍ୟ କୋର୍ଟ ପରିସର ବା ଆଖପାଖ ଅଞ୍ଚଳରୁ ସେଭଳି କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ଆଜିକୁ ମିଶାଇ ଗତ ୪ମାସ ମଧ୍ୟରେ ୩ଥର ଏଭଳି ଧମକ ମିଳି ସାରିଲାଣି। ଏଥିପୂର୍ବରୁ ଗତ ଜାନୁଆରୀ ୮, ମାର୍ଚ୍ଚ ୧ରେ ଧମକପୂର୍ଣ୍ଣ ମେଲ୍ ବାର୍ତ୍ତା ଆସିଥିଲା।

ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି, ଜିଲାଜଜ୍‌ଙ୍କ କୋର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ଏଠାରେ ବୋମା ଖଞ୍ଜା ଯାଇଛି ବୋଲି ଜିଲାଜଜ୍‌ଙ୍କ କୋର୍ଟର ରେଜିଷ୍ଟ୍ରାରଙ୍କ ନିକଟକୁ ଏକ ଇ-ମେଲ୍ ବାର୍ତ୍ତା ଆସିଥିବା ସମ୍ପର୍କରେ ଖବର ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ପୋଲିସ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି। କୋର୍ଟର ପ୍ରତ୍ୟେକ ପ୍ରବେଶ ପଥରେ ଲୋକଙ୍କର ସ୍କ୍ରିନିଂ କରାଯାଉଛି। ଡିଏଫ୍‌ଏମ୍‌ଡି ଏବଂ ଏଚ୍‌ଏଚ୍‌ଏମ୍‌ଡି ଭଳି ଅତ୍ୟାଧୁନିକ ଉପକରଣ ସାହାଯ୍ୟରେ କଡ଼ା ଯାଞ୍ଚ କରାଯାଇଛି। କୋର୍ଟ ପରିସର ସହିତ ଆଖପାଖ ଅଞ୍ଚଳରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ହୋଇଛନ୍ତି। ପୂର୍ବ ମେଲ୍ ବାର୍ତ୍ତାକୁ ନେଇ ପୋଲିସ ପକ୍ଷରୁ ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମେଲ୍‌ଗୁଡ଼ିକ ବିଦେଶରୁ ଆସୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ତଦନ୍ତକାରୀ ଦଳ ଏଭଳି ଇ-ମେଲ୍ ବାର୍ତ୍ତା ପ୍ରେରଣ କରିଥିବା ନେଦରଲାଣ୍ଡ ଏବଂ ଜର୍ମାନୀ ଭଳି ଦେଶରୁ ଆଇପି ଆଡ୍ରେସ ଚିହ୍ନଟ କରିସାରିଛି। ମାତ୍ର ପ୍ରକୃତ ଅପରାଧୀଙ୍କ ପାଖରେ ପହଞ୍ଚିବା ପାଇଁ ଅନ୍ତର୍ଜାତୀୟ ନିୟମ ଅନୁସାରେ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ସମ୍ବଲପୁର ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଡ. ପ୍ରମୋଦ ରଥ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଏହି ରହସ୍ୟ ଉପରୁ ପରଦା ହଟାଇବା ଜରୁରି ବୋଲି କହିଛନ୍ତି।



ଜିଲାଜଜ୍‌ଙ୍କ କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରୁଛନ୍ତି।

# ଚୌଦ୍ୱାର ଜେଲରୁ ଫେରାର ଅନ୍ୟତମ କଏଦୀ ରାଜା ଗିରଫ

## ପୂର୍ବରୁ ଗିରଫ ହୋଇଥିଲେ ମଧୁକାନ୍ତ ରାଣା

କଟକ/ଚୌଦ୍ୱାର୨।୪(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)

ଚୌଦ୍ୱାର ଜେଲ ପାଚେରି ଡେଇଁ ଫେରାର ହୋଇଥିବା ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ପୋଲିସର ସ୍ୱତନ୍ତ୍ର ଟିମ୍ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରିଛି। ଗିରଫ ରାଜାଙ୍କୁ ଓଡ଼ିଶା ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି। ଚୌଦ୍ୱାର ଜେଲରୁ ଫେରାର ୨ ହାର୍ଡକୋର ଅପରାଧୀଙ୍କ ମଧ୍ୟରୁ ମଧୁକାନ୍ତ ରାଣାଙ୍କୁ କମିଶନରେଟ୍ ପୋଲିସ ଗତ ଫେବୃଆରୀ ୧୪ରେ ଉତ୍ତର ପ୍ରଦେଶର ବୃନ୍ଦାବନରୁ ଗିରଫ କରିଥିବା ବେଳେ ରାଜା ପୋଲିସ ଆଖିରୁ ଖସି ବୁଲୁଥିଲେ। ପୋଲିସ ବିଭିନ୍ନ ଆଡ଼େ ଜାଲ ବିଛାଇ ରାଜାଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ପ୍ରୟାସ କରିଆସୁଥିଲା।



ରାଜା ସାହାଣୀ

ସୂଚନାଯୋଗ୍ୟ, ଚୌଦ୍ୱାର ଜେଲରେ ରହୁଥିବା ହାର୍ଡକୋର ଅପରାଧୀ ରାଜା ଓ ମଧୁକାନ୍ତ ଗତ ଅକ୍ଟୋବର ୨ ତାରିଖ ରାତିରେ ଜେଲର ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଗତ ଫେବୃଆରୀ ୧୪ରେ ତୀର୍ଥକ୍ଷେତ୍ର ବୃନ୍ଦାବନରୁ ମଧୁକାନ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ୬ ମାସ ପରେ ରାଜାଙ୍କୁ ଧରିଛି। ଉଭୟ ଅପରାଧୀ କର୍ଣ୍ଣାଟକ, ବିହାର, ଓଡ଼ିଶା ଆଦି ପୋଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ରହିଥିଲେ। ଜେଲରୁ ଫେରାର ହେବାପରେ ରାଜା ଓ ତାଙ୍କ ସହଯୋଗୀମାନେ ମହୀଶୂରରେ ଏକ ଗହଣା ଦୋକାନ ଲୁଟ କରିଥିଲେ ବୋଲି ଜଣାଯାଇଛି। ରାଜାଙ୍କୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ କଟକ କମିଶନରେଟ ପୋଲିସ୍ ଟିମ୍ ଚଢ଼ାଉ କରିଥିଲା। ଏଥିସହ ବିଶେଷ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଉତ୍ତରାଖଣ୍ଡ ପୋଲିସ ସହଯୋଗରେ ରାଜାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜାନୁଆରୀରେ ଯାଜପୁର ଜିଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନ ଡକାୟତି ମାମଲାରେ ମଧୁକାନ୍ତ ଓ ରାଜା ଗିରଫ ହୋଇ ଚୌଦ୍ୱାର ଜେଲରେ ରହୁଥିଲେ।


# Classified Everyday

0674-2580101, 9692975378



REAL ESTATE

**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3



Four bed-ed working women hostel with attached toilet/ bathroom available on Janpath Saheed Nagar, Bhubaneswar. Contact: N.K. Mohanty, 7609861226, 7077703443. D-17



All types of physiotherapy and massage contact 9556924059 / 7656969134. D-06

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open spa positively health benefits (Expert therapist). Kalpana - 8984846329. D-76957

**AFFIDAVIT**

By virtue of an affidavit sworn before Notary, Bhubaneswar, Dated-30.03.2016, I, Rama Soren, Address: At-G.G.P, Kimbhiria Basti, Pandara Near Jagannath Temple, Rasulgarh, Bhubaneswar, Dist.-Khorda, Odisha, PIN-751025 declare that I have changed the name of my daughter from Barsha Soren to Sita Soren. Henceforth, she shall be known as Sita Soren for all purposes.
Rama Soren D-11

By virtue of an affidavit dtd.- 23.03.2026 sworn before Executive Magistrate, Bhadrak, I, Prabhuparameswar Malik, S/o.- Prakash Chandra Malik, Vill.- Jahata, P.O.- Jalanga, P.S.- Bhadrak (R), Dist.- Bhadrak, Odisha, PIN-756181 declare that I have changed my name from Prabhu Prameswar Malik to Prabhuparameswar Malik. Henceforth, I shall be known as Prabhuparameswar Malik for all future purposes. D-16

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମନେ ପଡ଼ନ୍ତି

**୧୯ତମ ଶ୍ରାଦ୍ଧବାର୍ଷିକୀ**
୦୩।୦୪।୨୦୨୬ (ଶୁକ୍ରବାର)



**୰ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୦

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ ଇଂ ଲଲାଟେନ୍ଦୁ ପଟ୍ଟନାୟକ**
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ**
(ପୂର୍ବତନ ରାଜ୍ୟ ସୂଚନା କମିଶନର )
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୩

**୧୯ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶରଦଶଶୀ ନାୟକ**
ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
:ଶୋକସନ୍ତପ୍ତ:
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର।
ଧ-୦୯

**ଶ୍ରଦ୍ଧାଞ୍ଜଳି**



**୰ ବିମ୍ବାଧର ମିଶ୍ର**
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
୨୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଚୁ,ଡୁଡୁଲ, ନାତୁଣୀ-ଗୁଗୁଲ, ନନ୍ଦୁ
ଧ-୭୫୮୬୮

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ସଂକ୍ଷେପରେ

### ଶିକ୍ଷକ-ଅଭିଭାବକଙ୍କ ବୈଠକ

**ବୋଡ଼େନ,୨।୪ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ କେଶରାଜପୁର ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ମଟାରୀ ଅଧକ୍ଷତା କରିଥିବା ବେଳେ ନରୋତ୍ତମ ବାଗ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଲିଲି ପଟେଲ, ଦେବସ୍ମିତା ହାଁସଦା, ସୁନିତା ସାହୁ, ରାମଚନ୍ଦ୍ର ମାଝୀ, ସତ୍ୟ ପ୍ରକାଶ ଦଣ୍ଡସେନାଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ବୈଠକରେ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଫଳାଫଳ, ନୂଆ ଶିକ୍ଷା ପାଇଁ ଶିକ୍ଷା ପ୍ରତିଷ୍ଠାନ, ଛାତ୍ରୀଛାତ୍ରଙ୍କ ସୁରକ୍ଷା, ବିଦ୍ୟାଳୟର ଉନ୍ନତି ଆଦି ବିଷୟରେ ଆଲୋଚନା ହୋଇଥିଲା। ଅଭିଭାବକମାନେ ବିଭିନ୍ନ ପ୍ରସଙ୍ଗରେ ନିଜର ମତାମତ ଦେଇଥିଲେ। ଶେଷରେ ପଙ୍କଜ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ସିଆର୍‌ପିଏଫ୍ ପକ୍ଷରୁ ସିଭିକ ଆକ୍ସନ ଜନସମ୍ପର୍କ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୨।୪ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ସିଆର୍‌ପିଏଫ୍ କ୍ୟାମ୍ପ ପରିସରରେ ୧୨ ବାଟାଲିଆନ ପକ୍ଷରୁ ସିଭିକ ଆକ୍ସନ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏସ ଏଚ ଏନ କେକେ ପ୍ରସାଦ ମୁଖ୍ୟ ଅତିଥି ଓ ବିଜେପୁର ସରପଞ୍ଚ ଜନନୀ ମାଝୀ, ଜିଲା ପରିଷଦ ପରକ୍ଷିତ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକେ ଉପସ୍ଥିତ ଥିଲେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଛତୁ ଚାଷ ଉପକରଣ, ମହୁ ଚାଷ ଉପକରଣ, ଧୂପ କାଠି ଓ ଖଲି ପ୍ରସ୍ତୁତ ମେଶିନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଏହି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

### ଶୃଙ୍ଖଳିତ ଜୀବନ ଗଠନ ପାଇଁ ପରାମର୍ଶ

**ଥୁଆମୂଳ ରାମପୁର, ୨।୪ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ଅନ୍ତର୍ଗତ ଶ୍ରୀମସ୍କାସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ବୈରାଗୀ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ତପିମଣି ଯାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଜୀବନ ଗଠନ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ସଂଯୋଜକ ମକୁନ୍ଦ ବାଗ, ଗ୍ରାମ ବିକାଶ ଶିକ୍ଷାନିକେତନ ଶିକ୍ଷକ ରାମଚନ୍ଦ୍ର ନାୟକ, ଥୁଆମୂଳ ରାମପୁର ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ କୃତ୍ତିବାସ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହ ଶିକ୍ଷୟିତ୍ରୀ ତପସ୍ୱିନି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅର୍ଥନୀତି ଅଧାପକ ଦିନେଶ ଦୁର୍ଗା ମଞ୍ଚ ପରିଚାଳନା କରିଥିଲେ।

# ଭବାନୀପାଟଣା ସହରରେ ପାର୍କିଂ ବ୍ୟବସ୍ଥା ନାହିଁ

## ବିଭିନ୍ନ ସ୍ଥାନରେ ଗହଳି ଯୋଗୁ ସହରବାସୀ ନାକେଦମ

**ଭବାନୀପାଟଣା, ୨।୪ (ଉତ୍ତମ କୁମାର ଦାଶ)**


ସହରରେ ସୃଷ୍ଟି ହୋଇଥିବା ଟ୍ରାଫିକ ସମସ୍ୟା।

କଳାହାଣ୍ଡି ଜିଲାର ସଦର ମହକୁମା ଭବାନୀପାଟଣା ପୌର ପରିଷଦରେ ପାର୍କିଂ ବ୍ୟବସ୍ଥା ନାହିଁ। ଫଳରେ ଟ୍ରାଫିକରେ ଜନଗହଳି ଲାଗିରହି ସହରବାସୀଙ୍କୁ ନାକେଦମ ହେବାକୁ ପଡୁଛି। ପୌର ପରିଷଦ କେବଳ ଟିକସ ଆଦାୟ କରୁଥିବାବେଳେ ଲୋକଙ୍କ ପାଇଁ ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇନାହିଁ। ସହରର ସ୍କୁଲ କଲେଜ ଛୁଟି ସମୟରେ ବିମଳା କନ୍‌ଭେଣ୍ଟ ସମ୍ମୁଖ ଓ ଘୋଡାଘାଟ ଛକ ସତ୍ୟସାଇ ବିଦ୍ୟା ମନ୍ଦିର ନିକଟରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଜାତୀୟ ରାଜପଥରେ ପ୍ରବଳ ଗହଳି ଲାଗିରହେ। ଘୋଡାଘାଟ ଛକ, ଷ୍ଟେଚ୍ୟୁ ଛକ, ନକଟିଗୁଡା ଛକ, ହସ୍ପିଟାଲ ଛକ, ମାଣିକେଶ୍ୱରୀ ହାଇସ୍କୁଲ ଛକ, କଲେଜ ଛକ, ଇରିଗେସନ କଲୋନି ଛକ, ପୁରୁଣା ସିନେମାହଲ ଛକ, ମାଣିକେଶ୍ୱରୀ ମନ୍ଦିର ଛକ, ଲକ୍ଷ୍ମୀବଜାର, ଜଗନ୍ନାଥ ମନ୍ଦିର ଛକ, ଗାନ୍ଧୀ ଛକଠାରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ଦହଗଞ୍ଜ ହେଉଛନ୍ତି। ସହରର ମୁଖ୍ୟ ପେଣ୍ଠସ୍ଥଳୀ ଗାନ୍ଧୀ ଛକକୁ ପ୍ରତିଦିନ ଲୋକେ ବିଭିନ୍ନ ଜିନିଷପତ୍ର କିଣିବା ପାଇଁ ଆସିଥାନ୍ତି। ହେଲେ ସେମାନେ ଧରି ଆସୁଥିବା ୪ ଚକିଆ ଓ ବାଇକ୍ ପାର୍କିଂ ପାଇଁ ବ୍ୟବସ୍ଥା ନ ଥିବା ଯୋଗୁ କଲବଲ ହେବାକୁ ପଡେ। ସେହିଭଳି ଏହି ଛକମାନଙ୍କରେ କୋଣସି ଶୌଚାଳୟ ନ ଥିବାରୁ ବିଶେଷ ଭାବରେ ମହିଳାମାନେ ହଇରାଣ ହୋଇଥାନ୍ତି। ପାର୍କିଂ ବ୍ୟବସ୍ଥା ନ ଥିବା ଯୋଗୁ ଲୋକେ ୪ ଚକିଆ ଓ ବାଇକ୍‌କୁ ଏଣେତେଣେ ରଖୁଥିବାରୁ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ଗୋଟିଏ ପଟେ ଜବରଦଖଲ ଯୋଗୁ ଘୋଡାଘାଟ ଛକଠାରୁ ଷ୍ଟେଚ୍ୟୁଛକ ଦେଇ ମାଣିକେଶ୍ୱରୀ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୬ ସଙ୍କୁଚିତ ହେବାରେ ଲାଗିଛି। ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ଦେଖାଦିଏ। ଏହାସହ ସହରବାସୀ ଯିବାଆସିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଭବାନୀପାଟଣା ପୌରପାଳିକା ପକ୍ଷରୁ ଏ ନେଇ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ପରିବହନ ବିଭାଗର ସମନ୍ୱୟରେ ପାର୍କିଂ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

# ଏଲ୍‌ପିଜି କଳାବଜାର ରୋକିବାକୁ ଚଢ଼ାଉ ନିର୍ଦ୍ଦେଶ


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଗ୍ୟାସ୍ ବିତରକ।

**ନୂଆପଡ଼ା,୨।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଏଲ୍‌ପିଜି ଓ ପେଟ୍ରୋଲିୟମ ପଦାର୍ଥର ସୁଷମ ଯୋଗାଣ ପାଇଁ ଗୁରୁବାର ଜିଲା ମୁଖ୍ୟାଳୟଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଏସ୍‌ପି ଅମ୍ରିତ ପାଲ ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପୂର୍ଣ୍ଣାଶା ଭୋଇ, ଯୋଗାଣ ନିରୀକ୍ଷକ ସୁଭଶ୍ରୀ ଦାଶ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଏସ୍. ଗୀତା, ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଓ ଏଲ୍‌ପିଜି ବିତରକ ଉପସ୍ଥିତ ଥିଲେ। ଆରମ୍ଭରେ ଜିଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ପ୍ରଶାସନ ପକ୍ଷରୁ ଏଲ୍‌ପିଜି ସିଲିଣ୍ଡର ବଣ୍ଟନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲାପାଳ ଏଲ୍‌ପିଜି କଳାବଜାର ରୋକିବା ପାଇଁ ଚଢ଼ାଉ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲୋକଙ୍କ ମଧ୍ୟରେ ଏଲ୍‌ପିଜି ଅଭାବ ଭୟ ସୃଷ୍ଟି ନ ହେବା ପାଇଁ ସଚେତନତା ଜାରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଗ୍ରାହକମାନଙ୍କ ପାଇଁ ବଣ୍ଟନ କେନ୍ଦ୍ରରେ ଛାଇ ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବିତରକମାନଙ୍କୁ ପରାମର୍ଶ ଦେଇଛନ୍ତି। ହୋଟେଲ ମାଲିକଙ୍କୁ ଘରୋଇ ସିଲିଣ୍ଡର ବଦଳରେ ବାଣିଜ୍ୟିକ ସିଲିଣ୍ଡର ବ୍ୟବହାର କରିବାକୁ ଆହ୍ୱାନ କରିଛନ୍ତି। ଏସ୍‌ପି ସିଂ ଏଲ୍‌ପିଜି କୃତ୍ରିମ ଅଭାବ ସୃଷ୍ଟି ନ କରିବାକୁ ସଚେତନ କରିବା ସହ ବଣ୍ଟନ କେନ୍ଦ୍ରରେ ଭିଡ ପରିଚାଳନା ଓ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିଲେ।

# କଳାହାଣ୍ଡି ଜିଲାସ୍ତରୀୟ ଓଡ଼ିଶା ଦିବସ



ଅତିଥିଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ଲୋଗୋ ଉନ୍ମୋଚନ କରାଯାଉଛି।

**ଭବାନୀପାଟଣା,୨।୪(ଉତ୍ତମ କୁମାର ଦାଶ)**

## ଓଡ଼ିଆ ପକ୍ଷ ପାଳନ ଲୋଗୋ ଉନ୍ମୋଚିତ

କଳାହାଣ୍ଡି ଜିଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ବୁଧବାର ଭବାନୀପାଟଣା ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏହାକୁ ଆୟୋଜନ କରିଥିଲା। ଏହି ଅବସରରେ ପ୍ରତ୍ୟୁଷରେ ସହରରେ ରାମଧୁନ ପରିବେଷଣ, ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାର ମାଲ୍ୟାର୍ପଣ କରାଯାଇଥିଲା। ଭବାନୀପାଟଣା ପୌରପାଳିକା ନିକଟ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ବରେଣ୍ୟ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇଥିଲେ। ସନ୍ଧ୍ୟାରେ ଟାଉନ ହଲ୍‌ଠାରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ସାଧାରଣ ସଭା, ବିଭିନ୍ନ ପ୍ରତିଯୋଗିତା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଡ. ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଓ ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଓଡ଼ିଶାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶାର ବରପୁତ୍ର, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପରେ ଅତିଥିମାନେ ଓଡ଼ିଶା ପକ୍ଷ ପାଳନ ଲୋଗୋ ଉନ୍ମୋଚନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୨।୪ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା-ଦମାପଲା ରୁଦ୍ରପଦ୍ମିନୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀକାନ୍ତ କୁମାର ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡ. ସୁଶାନ୍ତ କୁମାର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବିଶି ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଜାଭେଦ ଅହମଦ ଖାନ, ମନବୋଧ ଦାସ, କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନୀଙ୍କ ସମେତ ଅଣଶିକ୍ଷକ କର୍ମଚାରୀ ଯୋଗଦେଇ ଅବସର ନେଉଥିବା ଶିକ୍ଷକ ସାମଲଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସାମଲ ୨୦୦୩ରେ ଏହି ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ ଯୋଗଦେଇ ଦୀର୍ଘ ୨୩ ବର୍ଷ ଧରି ଶିକ୍ଷାଦାନ କରିଆସୁଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ ବ୍ୟକ୍ତି ହୋଇଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ନିଜ ଅନୁଭୂତି ବର୍ଣ୍ଣନା କରିବା ସହ ଅଞ୍ଚଳବାସୀଙ୍କ ଭଲ ପାଇବା କେବେ ଭୁଲି ହେବନାହିଁ ବୋଲି ସାମଲ କହିଥିଲେ।

# ଓଡ଼ିଆ ଭାଷାରେ ନାମଫଳକ ନ କଲେ ଜରିମାନା

**ନୂଆପଡ଼ା,୨।୪ (ମକାରୁ ବେମାଲ)**

ଓଡ଼ିଆ ପକ୍ଷ-୨୦୨୬ ପାଳନ ଉପଲକ୍ଷେ ଏପ୍ରିଲ ୪ରେ ଆୟୋଜନ ହେବାକୁ ଥିବା ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା ପାଇଁ ଗୁରୁବାର ଜିଲା ମୁଖ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ସଚେତନତା ସୃଷ୍ଟି କରିବା ସହ ପଦଯାତ୍ରାକୁ ସଫଳ କରିବାକୁ ଆଲୋଚନା କରାଯାଇଥିଲା। ସଚେତନତା ପରେ କୌଣସି ପ୍ରତିଷ୍ଠାନ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ନ କଲେ ପ୍ରଥମ ଥର ପାଇଁ ୫ ହଜାର ଓ ପୁନରାବୃତ୍ତି ଘଟିଲେ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ପଦଯାତ୍ରା ସମୟରେ ପ୍ଲାକାର୍ଡ, ବ୍ୟାନର ମାଧ୍ୟମରେ ଓଡ଼ିଆ ନାମଫଳକ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରାଯିବ। ବୈଠକରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା, ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶନୀ ସାହୁ, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଖଡିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ସହାୟକ ଶ୍ରମ ଅଧିକାରୀ ମୁରଲିଧର ପାକଳ ପ୍ରମୁଖ ଉପସ୍ଥିତ ଥିଲେ।

# ହାନ୍ଦୁଙ୍କୁ ପକ୍କା ଘର ଦେବା ନେଇ ତତ୍ପରତା

## ଧରିତ୍ରୀ ପ୍ରଭାବ

**ଥୁଆମୂଳ ରାମପୁର,୨।୪ (ଦୁର୍ଗା କୀର୍ତ୍ତି)**


ହାନ୍ଦୁଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ପ୍ରଶାସନିକ ଅଧିକାରୀ।

ଧରିତ୍ରୀରେ ଖବର ପ୍ରସାରଣ ପରେ ଥୁଆମୂଳ ରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସୂଚନା ଅନୁସାରେ ଗତବର୍ଷ ବନ୍ୟାରେ ଏହି ବ୍ଲକ ଗୁଣୁପୁର ପଞ୍ଚାୟତ ରଣପୁର ଗ୍ରାମର ହାନ୍ଦୁ ମାଝୀଙ୍କ ଘର ଭାଙ୍ଗିଯାଇଥିଲା। ଫଳରେ ଏହି ପରିବାର ପଲିଥିନ ତଳେ ଜୀବନ ବିତାଉଥିଲେ। ଏ ସମ୍ପର୍କରେ ଗତ ମାର୍ଚ୍ଚ ୧୮ ତାରିଖରେ ଧରିତ୍ରୀରେ ହାନ୍ଦୁଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଏକ ସଚିତ୍ର ଖବର ପ୍ରକାଶ ପାଇଥିଲା। ଏହା ପରେ ସ୍ଥାନୀୟ ସରପଞ୍ଚ ସୁଜାତା ମାଝୀ ତୁରନ୍ତ ହାନ୍ଦୁଙ୍କ ଘରେ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ ଏବଂ ତାଙ୍କୁ ଯୋଗ୍ୟ ବିବେଚିତ କରି ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ। ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆର୍‌ଏଚ୍ ବିପିସି ରାଜେନ୍ଦ୍ର ନାରାୟଣ ଦେବଙ୍କ ତତ୍ତ୍ୱାବଧାନ ତଥା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୁକେଶ କୁମାର ପଟେଲଙ୍କ ନିର୍ଦ୍ଦେଶରେ ଏଡିଇଓ ଫକୀର ବେହେରା ଗୁରୁବାର ଉକ୍ତ ପରିବାର ନିକଟରେ ପହଞ୍ଚିଥିଲେ। ସେମାନେ ମଧ୍ୟ ସମସ୍ତ କାଗଜପତ୍ର ଯାଞ୍ଚ କରି ବ୍ଲକ ପ୍ରଶାସନକୁ ରିପୋର୍ଟ ଦେଇଥିଲେ। ଏହା ପରେ ଆର୍‌ଏଚ୍ ବିଭାଗ ପକ୍ଷରୁ ସେହି ପରିବାର ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ଅନ୍‌ଲାଇନ ଆବେଦନ କରାଯାଇଛି। ଏ ସମ୍ପର୍କରେ ଆର୍‌ଏଚ୍ ବିପିସି ଦେବ ସୂଚନା ଦେଇ କହିଛନ୍ତି, ଏହି ପରିବାର ସମ୍ପୂର୍ଣ୍ଣ ଯୋଗ୍ୟ। ଆମେ ସେମାନଙ୍କୁ ବହୁତ ଶୀଘ୍ର ଅର୍ଥାତ୍ ଏହି ମାସ ସୁଦ୍ଧା ଅନ୍ତ୍ୟୋଦୟ ଯୋଜନାରେ ଏକ ପକ୍କା ଘର ଯୋଗାଇ ଦେବୁ। ସେମାନଙ୍କର ପ୍ରଥମ କିସ୍ତି ଟଙ୍କା ମଧ୍ୟ ଶୀଘ୍ର ପଠାଯିବାର ବ୍ୟବସ୍ଥା କରାଯାଉଛି। ଏହି ଖବର ପରେ ହାନ୍ଦୁଙ୍କ ପରିବାରରେ ଖୁସିର ଲହରି ଖେଳିଯାଇଛି।

# ଖଡ଼ିଆଳ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ


ଶପଥ ଗ୍ରହଣ ଅବସରରେ ଓକିଲ ସଂଘ କର୍ମକର୍ତ୍ତା।

**ଖଡ଼ିଆଳ,୨।୪ (ସୁଜିତ କୁମାର ପ୍ରଧାନ)**

ଖଡ଼ିଆଳ ଜୁଡ଼ିସିଆଲ ବାର୍ ଆସୋସିଏଶନ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବତନ ସଭାପତି ପ୍ରତାପ କିଶୋର ଜଗତ ଅଧକ୍ଷତା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ମେହେର ଶପଥ ଗ୍ରହଣ ଦାୟିତ୍ୱ ନିର୍ବାହ କରିଥିଲେ। ନୂତନ ସଭାପତି ରୂପେ ଗିରିଧାରୀ ବିଭାର ପଦ ଓ ଗୋପନୀୟତାର ଶପଥ ନେଇ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବେ ବୋଲି କହିଥିଲେ। ସେହିପରି ସମ୍ପାଦକ ମନୋରଞ୍ଜନ ରାଉତ, ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ମେହେର, ଯୁଗ୍ମ ସମ୍ପାଦକ ବିଦ୍ୟୁତ୍‌ପ୍ରଭା ମେହେର, କୋଷାଧକ୍ଷ ଜୟ ପ୍ରକାଶ ପଣ୍ଡା, ଲାଇବ୍ରେରି ସମ୍ପାଦକ ବିଶ୍ୱ ବିଜୟ ସିଂ ବାରିକ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଚଳିତ ବର୍ଷ ଅନ୍ୟ କୌଣସି ସଦସ୍ୟ ନାମାଙ୍କନ ଭରି ନ ଥିବାରୁ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ସାରଦା ପ୍ରସାଦ ପଣ୍ଡା ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ରବୀନ୍ଦ୍ର କୁମାର ଦାୟିତ୍ୱ ତୁଲାଇଥିଲେ।

# ପାଲା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା

**ବୋଡ଼େନ,୨।୪ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ବୋଇରଗାଁ ପଞ୍ଚାୟତର ଖଡୁପାଣି, ଚିକଲଚୁଆଁ ଏବଂ ଭଇଁସାଦାନି ପଞ୍ଚାୟତର କୋଟଗାଁ ଗ୍ରାମରେ ପାଲା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭଇଁସାଦାନୀ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ସହଯୋଗରେ ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ପାଲା ଗାୟକ କୃଷ୍ଣ ଦାସ ତାଣ୍ଡି ଓ ତାଙ୍କ ସହଯୋଗୀ ନାଟ୍ୟକୀୟ ଢଙ୍ଗରେ ଯକ୍ଷ୍ମା, ଉଚ୍ଚ ରକ୍ତଚାପ, ମଧୁମେହ ସହିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ପ୍ରତିକାର ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟାର ସ୍ୱାସ୍ଥ୍ୟ ସମ୍ପର୍କ ସଂଯୋଜକ ରାକେଶ ନାୟକ ଓ ଆକାଂକ୍ଷୀ ବ୍ଲକ ସହଯୋଗୀ ରାକେଶ କୁମାର ଷଡଙ୍ଗୀ ପରିଚାଳନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋଡେନର ବିପିଏଚ୍‌ଓ ସଞ୍ଜୀବ ନାୟକ ଓ ବିପିଏମ୍ ଅକ୍ଷୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସଫଳତାର ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କାର୍ଯ୍ୟକ୍ରମରେ ପାଲା ଗାୟକ ଓ ସହଯୋଗୀଙ୍କ ସହ ସ୍ୱେଚ୍ଛାସେବୀ।

# ତୁଳସିପଡ଼ାରେ ପାନୀୟ ଜଳ ସଙ୍କଟ

**ନୂଆପଡ଼ା,୨।୪ (ମକାରୁ ବେମାଲ)**


ଏକ ଚାଷଜମି ବୋର୍‌ୱେଲରୁ ମହିଳାମାନେ ପାଣି ଆଣୁଛନ୍ତି।

ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ତୁଳସିପଡ଼ାରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏହି ପଡ଼ାରେ ୪୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ଗାଁରେ ୨ଟି ନଳକୂଅ ରହିଥିବା ବେଳେ ସେଥିରୁ ଫ୍ଲୋରାଇଡ୍‌ଯୁକ୍ତ ପାଣି ବାହାରୁଥିବାରୁ ସରକାରୀ ସ୍ତରରେ ପାଣି ପରୀକ୍ଷାକରି ନିଷିଦ୍ଧ ଘୋଷଣା କରାଯାଇଛି। ହେଲେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ବାଧହୋଇ ସେହି ପାଣି ବ୍ୟବହାର କରୁଛନ୍ତି। ପୁଣି ଉକ୍ତ ନଳକୂଅରୁ ଆବଶ୍ୟକତା ଅନୁସାରେ ପାଣି ବାହାରୁନାହିଁ। ଘଣ୍ଟା ଘଣ୍ଟା ଅପେକ୍ଷା କଲେ ଗୋଟିଏ ଗରା ପାଣି ମିଳୁଛି। ୩ବର୍ଷ ପୂର୍ବରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଗାଁରେ ପାଇପ୍ ବିଛାଯାଇଛି। ହେଲେ ଆଜିଯାଏ ଷ୍ଟାଣ୍ଡପୋଷ୍ଟ ତିଆରି ହୋଇ ନାହିଁ କିମ୍ବା ଗାଁକୁ ପାଇପ୍ ପାଣି ଯୋଗାଣ ହେଉନାହିଁ। ପାଇପ ବିଛାଇବା ବେଳେ ଗାଁ ଲୋକ ଘରକୁ ପାଣି ଆସିବ ଭାବି ଖୁସି ହେଉଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଜଳ ଯୋଗାଣ ହୋଇପାରିଲା ନାହିଁ। ବସୁଧା ଯୋଜନା ସତେଯେପରି ଏଠାରେ ବାଟବଣା ହୋଇଯାଇଛି। ପଡ଼ାରେ ସରକାରୀ ପୋଖରୀ କିମ୍ବା ମୁଡ଼ା ବା ଚହଲା ନ ଥିବାରୁ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଲୋକେ ପଡ଼ୋଶୀ ଗାଁ ରେଙ୍ଗାବାହାଲ, ଜୁନାପଡ଼ା ଓ ବାଲିଖମାର ଆଦି ଗାଁକୁ ଯାଇ ଶୌଚସ୍ନାନ କରିବା ସହ ଚାଷଜମିରେ ଥିବା ବୋର୍‌ୱେଲରୁ ପାଣି ଆଣି ଚଳୁଛନ୍ତି। ଏଥିପାଇଁ ସେମାନଙ୍କୁ ୨ରୁ ୩ କିଲୋମିଟର ଦୂର ଯିବାକୁ ପଡୁଛି। ଲୋକେ ଏଭଳି ସମସ୍ୟା ଭୋଗୁଥିବାବେଳେ ଗୃହପାଳିତ ପ୍ରାଣୀଙ୍କ କଥା କିଏ ପଚାରେ। ଗ୍ରୀଷ୍ମଋତୁ ଆରମ୍ଭରୁ ଏହି ସମସ୍ୟା ଲୋକଙ୍କୁ ଅତିଷ୍ଠ କରୁଛି। ବସୁଧା ଯୋଜନାରେ ପାଇପ୍ ପାଣି ଯୋଗାଇବା ସହ ଗାଁରେ ଆବଶ୍ୟକ ନଳକୂଅ ଖନନ ଓ ଗୃହପାଳିତ ପଶୁପକ୍ଷୀ ପାଇଁ ସରକାରୀ ପୋଖରୀ ଖନନ କରାଯାଉ ବୋଲି ରାଜେନ୍ଦ୍ର ଧରୁଆ, ଘନଶ୍ୟାମ ଧରୁଆ, ପୂର୍ଣ୍ଣଚନ୍ଦ୍ର ମାଝି, ଜଗମୋହନ ମାଝି, ଶୋଭାରାମ ମାଝି, ପ୍ରକାଶ ଧରୁଆ, ପଦ୍ମାବତୀ ମାଝି, ସରସ୍ୱତୀ ମାଝି, ତୁଳସାଏ ମାଝି ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭକ୍ତବନ୍ଧୁ ବୁଡେକଙ୍କୁ ପଚାରିବାରୁ ଗ୍ରୀଷ୍ମଋତୁରେ ଜଳସ୍ତର କମିବାରେ ଲାଗେ। ବିଭିନ୍ନ ଗାଁକୁ ଯାଇ ଖରାପ ହୋଇଥିବା ନଳକୂଅ ମରାମତି କରାଯାଉଛି। ତୁଳସିପଡ଼ାର ନଳକୂଅ ବହୁ ଶୀଘ୍ର ମରାମତି କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

ଅତାବିରା, ୨।୪(ଯୁଧିଷ୍ଠିର ମହାପାତ୍ର): ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧୀନ ସତୀଯୋର ପାଖରୁ ବୁଧବାର ପୋଲିସ ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଅଟକ ରଖିଥିଲା। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମଧ୍ୟପ୍ରଦେଶର ଦାମୋହ ବାସିନ୍ଦା ଗଣେଶ ବନସାଲ (୭୦) ଏବଂ ବବନ ରେଖୱା (୩୫)। ସେମାନଙ୍କ ପାଖରୁ ୮.୮୦୦ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ ଏବଂ ନଗଦ ୩୦୦ ଟଙ୍କା ଜବତ କରାଯାଇଛି।ପ୍ରକାଶ ଯେ ବରଗଡ଼- ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ଏକ ବସରେ ତିନି ଜଣ ଯାତ୍ରୀ ଯାଉଥିଲେ । ବସ କଣ୍ଡକ୍ଟର ସେମାନଙ୍କୁ ସନ୍ଦେହ କରି ଚକୁଲିଫାର୍ମ ଗୋଡ଼ଭାଗା ମଝିରେ ଥିବା ସତୀଯୋର ବ୍ରିଜ ପାଖରେ ଓହ୍ଲାଇ ଦେଇଥିଲେ। ସନ୍ଦେହ ହେବାରୁ ସେମାନଙ୍କ ପାଖରେ ଥିବା ଲଗେଜ ଯାଞ୍ଚ କରାଯାଇଥିଲା। ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅତାବିରା ପୋଲିସ ପହଞ୍ଚି ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଖସି ପଳାଇଥିଲେ। ଉଭୟ ମଧ୍ୟପ୍ରଦେଶରୁ ଆସି ବରପାଲି ନିକଟରେ ଗଞ୍ଜେଇ ସଂଗ୍ରହ କରି ପୁନର୍ବାର ମଧ୍ୟପ୍ରଦେଶକୁ ଫେରୁଥିଲେ। ଏନେଇ ଅତାବିରା ଥାନାରେ ନଂ. ୧୩୪/୨୬ରେ ମାମଲା ରୁଜୁ କରାଯାଇଛି।

### କୁଲତା ସମାଜ ପକ୍ଷରୁ ବାସନ୍ତିକ ଚୈତ୍ରପୂଜା

ଝାରବନ୍ଧ,୨।୪(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ କୁଲତା ସମାଜ ତରଫରୁ ଚୈତ୍ର ତିଥିରେ କୁଲତା ସମାଜର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ଦେବୀଙ୍କ ଏକଦିନାତ୍ମକ ବାସନ୍ତିକଚୈତ୍ର ପୂଜା କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଣ୍ଡୀପାଠ ସହିତ ଚଣ୍ଡୀ ହୋମ କରାଯାଇଥିଲା । ଗଣେଶ ଭୋଇ ଓ ସ୍ୱାଧୀନ ପ୍ରଧାନ ପୂଜା ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜାରେ ପଦ୍ମପୁର କେନ୍ଦ୍ର ସଭାପତି ଯୋଗେନ୍ଦ୍ର ଭୋଇ, ଝାରବନ୍ଧ ବ୍ଲକ ସଭାପତି ବାସୁଦେବ ପ୍ରଧାନ, ଶ୍ୟାମସୁନ୍ଦର ବେହେରା, ତୁଳାରାମ ଭୋଇ, ଭଜନ ବେହେରା, ଉଦ୍ଧବ ପ୍ରଧାନ, ହାରାଧନ ଭୋଇ, ଉପେନ୍ଦ୍ର ବାରିକଙ୍କ ସମେତ କୋତନା, ଗୌଡ଼ମାଳ, ଚଣ୍ଡୀଭଟା, ଭଣ୍ଡାରପୁରୀ, ଛୋଟଅନକି କେନ୍ଦ୍ରର କୁଲତା ଜାତିର ମହିଳା ପୁରୁଷ ଯୋଗଦାନ କରିଥିଲେ। ଏହି ଅବସରରେ ସମସ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା।

### ବରପାଲିଠାରେ ବିଶ୍ୱ ଅଟିଜମ୍ ସଚେତନତା ଦିବସ

ବରପାଲି,୨।୪(ଚିତ୍ତରଞ୍ଜନ ସାହୁ): ବରପାଲି ସରସ୍ୱତୀ ଥେରାପି ଏବଂ ପୁନର୍ବାସ କେନ୍ଦ୍ର ସହ ଲିଟଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ, ବରପାଲିଙ୍କ ଯୁଗ୍ମ ଆୟୋଜନରେ ବିଶ୍ୱ ଅଟିଜମ୍ ସଚେତନତା ଦିବସ ପାଳନ ଅବସରରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ସରସ୍ୱତୀ ସଂଘର ସଭାପତି ଲୀଳାବତୀ ତ୍ରିପାଠୀ ପତାକା ଦେଖାଇ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ସଂଘର ସଭ୍ୟ, ସ୍ୱତନ୍ତ୍ର ପ୍ରଶିକ୍ଷକ, ସଦସ୍ୟ ଏବଂ ୟୁନିଫାଇଡ୍ ଚାମ୍ପିୟନ ସ୍କୁଲ ଭାବେ ପରିଚିତ ଲିଟଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନଙ୍କ ସହ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ରାଲି ପରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଅଟିଜମ୍ ସଚେତନତା ବିଷୟରେ ସମସ୍ତ ଉପସ୍ଥିତ ବ୍ୟକ୍ତିବର୍ଗ ନିଜ ନିଜ ମତାମତ ପ୍ରକାଶ କରିଥିଲେ।

### ଶିବିରରେ ୩୬ୟୁନିଟ୍ ରକ୍ତ ସଂଗୃହୀତ

ବରପାଲି,୪।୨(ଚିତ୍ତରଞ୍ଜନ ସାହୁ): ବରପାଲି ବ୍ଲକ ଅନ୍ତର୍ଗତ କଟାପାଲି ଯୁକ୍ତତିନି କଲେଜରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଏନଏସଏସ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ଡା. ଅମିନ ଖେରାନି, ପ୍ରିନ୍ସିପାଲ ବୁଦ୍ଧଦେବ ଭୋଇ, ଏନଏସଏସ ମୁଖ୍ୟ ବିଭୁଦତ୍ତ ପଧାନ, କଲେଜର ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ରେଡକ୍ରସ ସଂଯୋଜକ ଲୋକନାଥ ସାହୁ ଶୁଭାରମ୍ଭ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ଦାରା ୩୬ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ସ୍ମୃତି ଫଳକ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୮ ସାର ବିକ୍ରେତାଙ୍କ ଲାଇସେନ୍ସ ରଦ୍ଦ

**ସାରବିକ୍ରି ଅନିୟମିତତା**

ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ)


କୃଷି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

ବରଗଡ଼ ଜିଲାରେ ସାରବିକ୍ରିରେ କଳାବଜାର ତଥା ଅନ୍ୟ ଅନିୟମିତତା ନେଇ କୃଷିବିଭାଗ ପକ୍ଷରୁ ଧରପଗଡ଼ ଆରମ୍ଭ ହୋଇଛି। ଏହି କ୍ରମରେ ବୁଧବାର ଓ ଗୁରୁବାର ୨ଦିନ ଧରି ଜିଲାର ବିଭିନ୍ନ ବ୍ଲକରେ କୃଷି ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ସାରବିକ୍ରି ଅନିୟମିତତା ଧରାପଡ଼ିବା ପରେ ଜିଲାର ୧୮ ଲାଇସେନ୍ସପ୍ରାପ୍ତ ସାର ବିକ୍ରେତା(ଡିଲର୍)ଙ୍କ ଲାଇସେନ୍ସକୁ ରଦ୍ଦ(ସସ୍‌ପେଣ୍ଡ) କରି ଦିଆଯାଇଛି। ସମ୍ପୃକ୍ତ ସାର ବିକ୍ରେତାମାନେ ହେଲେ, ବରଗଡ଼ ବ୍ଲକର ଭେଙ୍କଟେଶ୍ୱର ଏଜେନ୍ସିଜ, ଶିବଶଙ୍କର ଟ୍ରେଡର୍ସ, ଶିବା ଟ୍ରେଡିଙ୍ଗ, ଭେଙ୍କଟେଶ୍ୱର କ୍ରପ୍ କେୟାର୍, ଖମାରୀ ଫର୍ଟିଲାଇଜର ଷ୍ଟୋର, ମୁନ୍ନା କୁମାର ଅଗ୍ରୱାଲ ଫର୍ଟିଲାଇଜର ଡିଲର, ମା' ଦୁର୍ଗା ଏଗ୍ରୋ ଫାର୍ମ, ବିକାଶ ଫର୍ଟିଲାଇଜର୍ସ, ଭେଡ଼େନ ବ୍ଲକର ମେହେର ଏଜେନ୍ସି, ବରପାଲି ବ୍ଲକର ଓଡ଼ିଶା ଟ୍ରେଡ୍ କମ୍ବାଇନ୍, ବିଷ୍ଣୁ ଟ୍ରେଡ଼ିଂ କମ୍ପାନୀ, ବିଜେପୁର ବ୍ଲକର ସମଲେଶ୍ୱରୀ ଏଣ୍ଟରପ୍ରାଇଜେସ୍, ସୋହେଲା ବ୍ଲକର ସନ୍ଦୀପ କୁମାର ଗୁପ୍ତା ଫର୍ଟିଲାଇଜର୍ସ ଡିଲର, ବୃନ୍ଦା ମେହେର ଫର୍ଟିଲାଇଜର ଡିଲର୍ସ, ଅତାବିରା ବ୍ଲକର ନିଉ ବଂଶଲ ଟ୍ରେଡର୍ସ, ଦେବ ଟ୍ରେଡ଼ର୍ସ, ସୁଜାତା ଟ୍ରେଡର୍ସ ଏବଂ ସାହୁ ଟ୍ରେଡ଼ର୍ସ। ଏଠାରେ ଉଲ୍ଲେଖନୀୟ, ଜିଲାରେ ବର୍ତ୍ତମାନ ଖରିଫ ଧାନ ଫସଲ ଚାଲିଥିବା ବେଳେ ୟୁରିଆ ସାରର ଆବଶ୍ୟକତା ରହିଛି। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ, ଜିଲାକୁ ୟୁରିଆ ସମେତ ଅନ୍ୟ ସାର ମଧ୍ୟ ଆସିଛି। ମାତ୍ର ଜିଲାର ଚାଷୀଙ୍କୁ ସରକାରୀ ନିର୍ଦ୍ଧାରିତ ଦରରେ ସାର ମିଳୁ ନ ଥିବାବେଳେ ସାର କଳାବଜାର ସହିତ ପଡ଼ୋଶୀ ଛତିଶଗଡ଼କୁ ସାର ଚାଲାଣ ହେଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। ଏଭଳି ଅଭିଯୋଗ ନେଇ ଗତ ୨୮ତାରିଖ ଧରିତ୍ରୀରେ ଆବଶ୍ୟକ ବେଳେ 'ମିଳୁନି ୟୁରିଆ, ଚାଷୀ ହନ୍ତସନ୍ତ' ଶୀର୍ଷକରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ସମସ୍ୟାକୁ ଗୁରୁତ୍ୱର ସହିତ ନେଇ ସେଥିପ୍ରତି ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ଆଦିତ୍ୟ ଗୋୟଲ ଜିଲାର କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

# କ୍ରିଷ୍ଣା ବିକାଶରେ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ



କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ ପାଳନ।

ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ବୁଧବାର ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋଜ କୁମାର ତ୍ରିପାଠୀ ଉତ୍କଳମାତାଙ୍କ ପ୍ରତିଛବିରେ ଦୀପ ପ୍ରଜ୍ୱଳନ, ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ନୂତନ ପାଠ୍ୟକ୍ରମରେ ଓଡ଼ିଆ ଭାଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ଓଡ଼ିଆ ଅସ୍ମିତାର ଉନ୍ନତିରେ ସହଯୋଗ କରିବାକୁ ସେ ଆହ୍ୱାନ କରିଥିଲେ। ଏହା ସହିତ ଡ. ତ୍ରିପାଠୀ ବରଗଡ଼ ଜିଲାର ଗୌରବର ଗୁଣଗାନ କରିଥିଲେ। ପ୍ରାର୍ଥନା ସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଙ୍ଗୀତ, ନୃତ୍ୟ ପରିବେଷଣ ସହିତ କବିତା ପାଠ କରିଥିଲେ। ବିଦ୍ୟାଳୟର ଓଡ଼ିଆ ବିଭାଗ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାରମ୍ପରିକ ପୋଷାକ ପିନ୍ଧିଲେ ସରକାରୀ କର୍ମଚାରୀ


ଜିଲାପାଳଙ୍କ କାର୍ଯ୍ୟାଳୟରେ ପାରମ୍ପରିକ ପୋଷାକରେ ଜିଲାପାଳ ଓ ଅନ୍ୟମାନେ।

ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ)

**ବରଗଡ଼ ଓଡ଼ିଆ ପକ୍ଷ ପାଳନ**

ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ 'ଆମ ପୋଷାକ ଆମ ପରିଚୟ' ଅଭିଯାନ ଅନୁସାରେ ଗୁରୁବାରରୁ ବରଗଡ଼ ଜିଲାରେ ପାରମ୍ପରିକ ପୋଷାକ ପରିଧାନ ମାଧ୍ୟମରେ ଓଡ଼ିଆ ସଂସ୍କୃତିର ପ୍ରଚାର ଓ ପ୍ରସାର କରାଯାଉଛି। ଓଡ଼ିଆ ପକ୍ଷର ଦ୍ୱିତୀୟ ଓ ତୃତୀୟ ଦିନର ଥିମ ଅନୁଯାୟୀ, ଆମ ପୋଷାକ ଆମ ପରିଚୟ ଅଭିଯାନକୁ ବରଗଡ଼ ଜିଲାର ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ଅଫିସ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକରେ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ ଏବଂ ଅନ୍ୟ ସମସ୍ତ କର୍ମଚାରୀମାନେ ନିଜ ନିଜ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି କାର୍ଯ୍ୟାଳୟରେ ଯୋଗଦେଇଥିଲେ। ଓଡ଼ିଆ ପାରମ୍ପରିକ ପୋଷାକ ପ୍ରତି ଲୋକମାନଙ୍କ ଆକର୍ଷଣ ବଢ଼ାଇବା, ନୂତନ ପିଢ଼ିକୁ ନିଜ ସଂସ୍କୃତି ସହ ଯୋଡ଼ିବା ଓ ଦୈନନ୍ଦିନ ଜୀବନରେ ଏହାକୁ ଅନୁସରଣ କରିବାକୁ ପ୍ରେରିତ କରିବା ହିଁ ଏହି ଅଭିଯାନର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି । ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଜାରି ନିର୍ଦ୍ଦେଶ ଅନୁସାରେ ସମସ୍ତ ବିଭାଗର କର୍ମଚାରୀଙ୍କୁ ପାରମ୍ପରିକ ପୋଷାକ ପରିଧାନ କରିବାକୁ ଅନୁରୋଧ କରାଯାଇଥିଲା। ଏହାକୁ ସମସ୍ତେ ସକାରାତ୍ମକ ଭାବରେ ଗ୍ରହଣ କରି ସହଯୋଗ କରିଥିବା ପରିଲକ୍ଷିତ ହୋଇଥିଲା। ଏହା ସହିତ ସାଧାରଣ ଲୋକଙ୍କୁ ମଧ୍ୟ ଏହି ଅଭିଯାନରେ ସହଭାଗୀ ହେବା ପାଇଁ ଆହ୍ୱାନ କରାଯାଇଛି। ନିଜ ଘରେ କିମ୍ବା କର୍ମକ୍ଷେତ୍ରରେ ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରି ବ୍ୟକ୍ତିଗତ କିମ୍ବା ସାମୂହିକ ସେଲ୍ଫି ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ୱେବ୍‌ସାଇଟରେ ଅପଲୋଡ୍ କରିବାକୁ ପ୍ରୋତ୍ସାହନ ଦିଆଯାଇଛି। ଏହା ମାଧ୍ୟମରେ ସେମାନେ ଓଡ଼ିଆ ପକ୍ଷରେ ନିଜର ସହଭାଗିତା ସାବ୍ୟସ୍ତ କରିପାରିବେ। ସେଥିପାଇଁ ଭଲ ସେଲ୍ଫିଗୁଡ଼ିକୁ ଓଡ଼ିଆ ପକ୍ଷର ଶେଷ ପର୍ଯ୍ୟାୟରେ ପୁରସ୍କୃତ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି । ସାମାଜିକ ମାଧ୍ୟମରେ ମଧ୍ୟ ଏହି ଅଭିଯାନର ଛବି ଓ ଭିଡିଓ ବିସ୍ତାରିତ ଭାବରେ ଶେୟାର ହେଉଥିବା ବେଳେ ସାଧାରଣ ଲୋକମାନେ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି। ଓଡ଼ିଆ ପକ୍ଷ ଅବସରରେ ଏପରି ପ୍ରୟାସ ଓଡ଼ିଆ ଭାଷା, ସଂସ୍କୃତି ଓ ପରିଚୟକୁ ଆହୁରି ସୁଦୃଢ଼ କରିବାରେ ସାହାଯ୍ୟ କରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନିଷ୍ଠାର ସହ ପାଠ ପଢ଼ିବାକୁ ପରାମର୍ଶ

ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ମୁଲବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କୈଳାସ ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ମୁଖ୍ୟ ଅତିଥି, ଦୟାରାମ ରଥ, ଗଣେଶ ରାମ ସାହୁ, ପ୍ରାଣଧନ ଦେବତା, ବଳରାମ ମିଶ୍ର, ଜୀବର୍ଦ୍ଧନ ଭୋଇ, ସ୍କୁଲ କମିଟି ଅଧ୍ୟକ୍ଷ ଉମେଶ ସାହୁ, ସିଆର୍‌ସିସି ଜୟରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେବାରାମ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନେ ଏକାଗ୍ରତା ଓ ନିଷ୍ଠାର ସହିତ ପାଠ ପଢ଼ିଲେ ଭଲ ମଣିଷ ହୋଇ ପାରିବେ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଆଶିଷ କୁମାର ରଥ, ହୃଦାନନ୍ଦ ବେହେରା, ଗୀତା ବରିହା, ନମିତା ସାହୁ, ସୁଶ୍ରିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତିଲୋତ୍ତମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀ ବିକାଶରେ ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ



ଲକ୍ଷ୍ମୀ ବିକାଶ ଗ୍ରୁପରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ଲକ୍ଷ୍ମୀ ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସରେ ବୁଧବାର ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ. ଅଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଟେକଚାନ୍ଦ ଦୁଆନ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସନ୍ତୋଷୀ ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ ଅନୁଷ୍ଠାନର ୭ଛାତ୍ରୀଛାତ୍ର ଅର୍ଚ୍ଚିତା ନାୟକ, ସ୍ୱସ୍ତିଶ୍ରୀ ପ୍ରଧାନ, ସୌଜନ୍ୟା ମିଶ୍ର, ଯଶସ୍ୱୀ ସମ୍ପନ୍ନ ପତି, ସ୍ୱାଧୀନ ଦାଶ, ସାଇ ସୌମ୍ୟରଞ୍ଜନ ଭୋଇ, ପ୍ରତ୍ୟୁଷ ତାଣ୍ଡି କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ବିକାଶ ନର୍ସିଂ କଲେଜ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଦେବାଶିଷ ମିଶ୍ର, ପ୍ରୟାଗରାଜ ରଥ ଏବଂ ନୀଲୋତ୍ପଳା ଗଡ଼ତିଆଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆର.ଏସ.ଭି. କ୍ରୀଷ୍ଣା ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହାବିଦ୍ୟାଳୟରେ ଜାତୀୟ ସଂଗୋଷ୍ଠୀ,ଆଲୋଚନାଚକ୍ର

ଗାଇସିଲେଟ ,୨।୪(ଦୁର୍ଗାପ୍ରସାଦ ତ୍ରିବେଦୀ)



ସମିତି ମହାବିଦ୍ୟାଳୟ ଗାଇସିଲେଟରେ ଏକ ଦିବସୀୟ ଜାତୀୟ ସମ୍ମାନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଟି ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଅରବିନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟ, ପଦ୍ମପୁରର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ବିଦ୍ୟାଳୟ, ପଦ୍ମପୁରର ପ୍ରାଧ୍ୟାପକ ଡ.ସରୋଜ କୁମାର ନାଏକ, ମୁଖ୍ୟ ଆଲୋଚକ ଭାବରେ ଅବସର ପ୍ରାପ୍ତ ପ୍ରଫେସର ଡ.ବଭ୍ରୁବାହାନ ମହାପାତ୍ର, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଏବଂ ଡ.ପ୍ରମୋଦ କୁମାର ପାଢ଼ୀ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ସଙ୍ଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମପୁର ହସ୍ପିଟାଲରେ ଫଳ ବଣ୍ଟନ

ପଦ୍ମପୁର,୨।୪(ପ୍ରଦୀପ୍ତ ଦାଶ)




ଭାରତୀୟ ଜନତା ପାର୍ଟି ପଦ୍ମପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ତଥା ପୂର୍ବତନ ନଗରପାଳ ସ୍ୱର୍ଗତ ସତ୍ୟବାନ ଅଗ୍ରୱାଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭାଜପା ପକ୍ଷରୁ ନଗର ସଭାପତି ପ୍ରମୋଦ ମେହେରଙ୍କ ନେତୃତ୍ୱରେ ପଦ୍ମପୁର ହସ୍ପିଟାଲରେ ଫଳ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ଅଗ୍ରୱାଲ ୧୯୯୭ରୁ ୨୦୦୩ ପର୍ଯ୍ୟନ୍ତ ପଦ୍ମପୁର ନଗରପାଳ ଦାୟିତ୍ୱ ତୁଲାଇଥିବା ବେଳେ ଦୁଇ ଥର କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ। ସେ ଭାଜପାର ଜଣେ ଟାଣୁଆ ନେତା ଭାବେ ପରିଚିତ ଥିଲେ। ଆଜିର ଏହି ଫଳ ବଣ୍ଟନ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଗୋବର୍ଦ୍ଧନ ଭୋଏ, ପ୍ରିତମ ମେହେର, ରମେଶ ଅଗ୍ରୱାଲ, ଜିଲା ପରିଷଦ ସଦସ୍ୟା ସରସ୍ୱତୀ ସାହୁ, ସାମଲ ଦାଶ, ପ୍ରଦୀପ ଦାଶ, ସୁବାସ ପାତ୍ର, ଅଶୋକ ମିଶ୍ର, ସରୋଜ ମିଶ୍ର, ହରି ଶଙ୍କର ସିଂହ, ସୁନୀଲ ଅଗ୍ରୱାଲ, ଅଶୋକ ସାହୁ, ପିଣ୍ଟୁ ପାଢ଼ୀ, ନରୋତ୍ତମ ପ୍ରଧାନ, ସୁରେଶ ସାହୁ, ହରେଶ ଷଣ୍ଢ ପ୍ରମୁଖ ଯୋଗଦେଇଥିଲେ।

# କଦଳୀପାଲି ବରପାଲିରେ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବରପାଲି,୨।୪(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଶେଷ ବର୍ଷ ଛାତ୍ରୀମାନଙ୍କର ବିଦାୟ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ଅତିଥି ସ୍ୱାଗତ ସହ ପରିଚାଳନା ସଭାରେ ମୁଖ୍ୟ ଅତିଥି ଭାବେ ବରପାଲି ତହସିଲଦାର ରୁକ୍ମଣ ମେହେର, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା ପରିଷଦ ସଭ୍ୟ [illegible] ଯୋଗଦେଇ ଛାତ୍ରୀମାନଙ୍କୁ ଅନେକ କିଛି ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ବିଘ୍ନ ବିନାଶକ ଶ୍ରୀ ଗଜାନନଙ୍କ ପାଖରେ ଦୀପ ପ୍ରଜ୍ୱଳନ ହେବା ସହ ସ୍ୱାଗତ ଓ ସମାପ୍ତି ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପିକା ପିଙ୍କି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ନେପାଳ ବିଶାଲ, ସାର୍ଥକ ପାଣିଗ୍ରାହୀ, ଶଶାଙ୍କ ଶେଖର ପଧାନ, ଅଧ୍ୟାପିକା ଜ୍ୟୋତି ସାହୁ, ମନୀଷା ଭୋଇ, ଶୋଭାବତୀ ଥପା, ପୁନମ ସାହୁ ସାମିଲ ହୋଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

# ନାବାଳକଙ୍କ ସମେତ ୭ ଧରାପଡ଼ିଲେ

- ଗଞ୍ଜେଇ ଚାଲାଣ ଅଭିଯୋଗ
- ପିସ୍ତଲ, ଗୁଳି ସହ ୨ ଦାମିକା କାର୍ ଜବତ

ବରଗଡ଼/ସୋହେଲା,୨।୪
(ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ବରଗଡ଼ ଜିଲା ବରପାଲି-ସୋହେଲା ରାସ୍ତାରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ବୁଧବାର ସ୍ଥାନୀୟ ପାଣିମୋରା ଛକରେ ଜଣେ ନାବାଳକଙ୍କ ସମେତ ୭ଜଣ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ବଲାଙ୍ଗୀର ଜିଲା ଟାଉନ ଥାନା ଅନ୍ତର୍ଗତ ବରପାଲିପଡ଼ାର ଗୋବିନ୍ଦ ଓରଫ୍ ସାନ ନେଗି, ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଶକ୍ତିନଗର(ବୁଢ଼ାରଜା)ର ମୂଳ ବାସିନ୍ଦା ତଥା ବର୍ତ୍ତମାନ ସମ୍ବଲପୁର ଟାଉନ ଥାନା ଗୁଜରାଟୀ କଲୋନିରେ ରହୁଥିବା ଚନ୍ଦ୍ରଶେଖର ଚାନ୍ଦ, ବିହାର ରାଜ୍ୟ ଆର୍ରା(ଭୋଜପୁର) ଜିଲା ଇମଦପୁର ଥାନା ବେରଇନ ଗ୍ରାମର ସତ୍ୟ ଓରଫ୍ ସତେନ୍ଦର୍ ମିଶ୍ର, ସମ୍ବଲପୁର ଜିଲା ବୁର୍ଲା ଥାନା ଦୀନଦୟାଲ ନଗର ନିବାସୀ ଗଜେନ୍ଦ୍ର ନାଗ, ବୁର୍ଲା ଆଇଆର କଲୋନିର ରୂପେଶ ମୁଖୀ ଏବଂ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତୋରା ଗ୍ରାମର ରୋହିତ ଛାଚନ। ଗୁରୁବାର ଗିରଫ ୬ ଅଭିଯୁକ୍ତଙ୍କୁ ପଦ୍ମପୁର ଏଡିଜେ କୋର୍ଟକୁ ଚାଲାଣ କରାଯାଇ ଥିବାବେଳେ ନାବାଳକଙ୍କୁ ବରଗଡ଼ ଜୁଭେନାଇଲ ଜଷ୍ଟିସ୍ ବୋର୍ଡଙ୍କଠାରେ ହାଜର କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ପାଖରୁ ୨୦କି.ଗ୍ରା. ୭୦୦ ଗ୍ରାମ ଗଞ୍ଜେଇ, ଗୋଟିଏ ଇନୋଭା କ୍ରିଷ୍ଟା କାର୍(ନଂ-ଓଡି୦୨ଏୱାଇ ୦୦୫୯), ଗୋଟିଏ ହୋଣ୍ଡା ଏମେଜ୍ କାର୍(ନଂ-ଓଡି୧୫ଏ ୪୦୧୧), ଗୋଟିଏ ଲାପଟପ୍, ଗୋଟିଏ ଦେଶୀ ପିସ୍ତଲ, ୩ଗୁଳି, ଗୋଟିଏ ରୁପା ବ୍ରେସଲେଟ୍, ଗୋଟିଏ ରୁପା ଚେନ୍, ନଗଦ ୧୨ହଜାର ୨୨୧ ଟଙ୍କା, ୨ଟି ମନିପର୍ସ ଏବଂ ୧୧ଟି ମୋବାଇଲ ଜବତ ହୋଇଛି। ଏ ନେଇ ସୋହେଲା ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ଏକ ମାମଲା(ନଂ-୮୫/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଉପରୋକ୍ତ ଜବତ କାର୍ ଯୋଗେ ଗଞ୍ଜେଇ ଧରି ବରପାଲି-ସୋହେଲା ରାସ୍ତାରେ ଆସୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ସ୍ଥାନୀୟ ପାଣିମୋରା ଛକରେ ସୋହେଲା ଥାନା ପୋଲିସ ଯାଞ୍ଚ କରି ଉପରୋକ୍ତ ସାମଗ୍ରୀ ଜବତ କରିଥିଲା। ତେବେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୪ ଅଭିଯୁକ୍ତ ପେସାଦାର ଅପରାଧୀ ବୋଲି ପୋଲିସ ସୂଚନା ଦେଇଛି। ଏହା ପୂର୍ବରୁ ଗିରଫ ଅଭିଯୁକ୍ତ ଗୋବିନ୍ଦ ଓରଫ୍ ସାନ ନେଗୀଙ୍କ ବିରୋଧରେ ବଲାଙ୍ଗୀର ଜିଲାର ବିଭିନ୍ନ ଥାନାରେ ୮ଟି ମାମଲା ରହିଥିବା ବେଳେ ବରଗଡ଼ ଜିଲା ବରପାଲି ଓ ସମ୍ବଲପୁର ଜିଲା ବୁର୍ଲା ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଛି। ସେହିପରି ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କ ବିରୋଧରେ ବରଗଡ଼ ଜିଲା ଅମ୍ବାଭୋନା ଥାନାରେ ୨ଟି ମାମଲା ରହିଥିବା ବେଳେ ସମ୍ବଲପୁର ଜିଲା ଜୁଜୁମରା ଏବଂ ବରଗଡ଼ ଜିଲା ସୋହେଲା ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ଗଜେନ୍ଦ୍ରଙ୍କ ବିରୋଧରେ ବୁର୍ଲା ଥାନାରେ ୩ଟି ଏବଂ ରୂପେଶଙ୍କ ବିରୋଧରେ ବୁର୍ଲା ଥାନାରେ ୨ଟି ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଏପ୍ରିଲ ୨ରୁ ସକାଳୁଆ ସ୍କୁଲ ନିର୍ଦ୍ଦେଶ କାଏମ ରହିବ

■ଜିଲାପାଳଙ୍କୁ ଚିଠି ଲେଖିଲା ଶିକ୍ଷା ବିଭାଗ

କୁଆଁରମୁଣ୍ଡା,୨।୪(ମହେନ୍ଦ୍ର କୁମାର ସାହୁ)

ସାରା ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ଏପ୍ରିଲ ୨ ତାରିଖ ନୂତନ ଶିକ୍ଷା ବର୍ଷ ପ୍ରାରମ୍ଭରୁ ପ୍ରତ୍ୟେକ ସ୍କୁଲ ସକାଳୁଆ ହେବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ସୁନ୍ଦରଗଡ ଜିଲାରେ ଥିବା ସ୍କୁଲଗୁଡ଼ିକ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଅନୁଯାୟୀ ସକାଳୁଆ ପରିବର୍ତ୍ତେ ସକାଳ ୧୦ ଟାରୁ ଅପରାହ୍ନ ୪ଟା କରିଛନ୍ତି। ଏହି ନିର୍ଦ୍ଦେଶ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ଧରିତ୍ରୀ ଖବର କାଗଜରେ ଗୁରୁବାର "ସକାଳୁଆ ସ୍କୁଲ ପାଇଁ ଅଭିଭାବକ ମହଲରେ ଦାବି"ଶୀର୍ଷକ ଏକ ମତାମତ ଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହାକୁ ସୁନ୍ଦରଗଡ ଜିଲାର ଅନେକ ଅଭିଭାବକ ଓ ଶିକ୍ଷକ ପସନ୍ଦ କରିଥିଲେ। ଏହି ଖବର ପ୍ରକାଶ ପାଇବା ଦିନ ହିଁ ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷା ବିଭାଗ କମିଶନର ତଥା ସଚିବ ଡ଼ା ଏନ ଥିରୁମାଲା ନାଏକ ରାଜ୍ୟର ସମସ୍ତ ଜିଲାପାଳମାନଙ୍କୁ ଏପ୍ରିଲ ୨ ତାରିଖରୁ ସେମାନଙ୍କ ଜିଲାରେ ଥିବା ସ୍କୁଲ ସକାଳୁଆ କରିବା ପାଇଁ ଏକ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଜିଲାର ଅଭିଭାବକମାନେ ସରକାରଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ପ୍ରତିଶ୍ରୁତି ପରେ ପ୍ରତ୍ୟାହାର**

■ ଖଣି ଠିକା ସଂସ୍ଥା ବିରୋଧରେ ଠିକା ଶ୍ରମିକ, କର୍ମଚାରୀଙ୍କ ଧାରଣା

ସୁନ୍ଦରଗଡ,୨।୪(ଜୟ ନାରାୟଣ ମେଣ୍ଡୁଲି)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶ୍ରମିକ ଓ କର୍ମଚାରୀ।

ସୁନ୍ଦରଗଡ଼ ଜିଲା ଡୁଲିଙ୍ଗା ସ୍ଥିତ ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣିରେ କୋଇଲା ଖନନ କାର୍ଯ୍ୟ ଠିକା ନେଇଥିବା ଠିକା ସଂସ୍ଥା ଗୁଡିକରେ କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ନେତାଜୀ ମଜଦୂର ସଂଘର କର୍ମକର୍ତ୍ତା ଓ ଶତାଧିକ ଠିକା ଶ୍ରମିକ ସୈନିକ କମ୍ପାନୀ ବିରୋଧରେ ଶ୍ରମ ଆଇନ, ସୁରକ୍ଷା ନିୟମ ଉଲ୍ଲଂଘନ ଓ ଅନ୍ୟାୟ କାର୍ଯ୍ୟ ବିରୋଧରେ ଅଭିଯୋଗ କରି ଏଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଦାବି କରି ଜିଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଏଦିଗରେ ତଦନ୍ତ କରି ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଠିକା ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ନିଯୁକ୍ତି ପତ୍ର ଦିଆ ନ ଯାଇ ଷ୍ଟାଣ୍ଡିଂ ଅର୍ଡର୍ ଲାଗୁର ଧମକ ଦିଆଯିବ। ୟୁନିୟନ ଅଧିକାର ଉପରେ ଦମନ ଓ ନେତାମାନଙ୍କୁ ଟାର୍ଗେଟ କରିବା, ଖଣି ସୁରକ୍ଷା ନିୟମ ଉଲଂଘନ, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଓ କଲ୍ୟାଣ ସୁବିଧା ଅଭାବ, ଇପିଏଫ, ଇଏସଆଇ ଲାଗୁ ଠିକ ଭାବରେ ନ ହେବା, କୋଭିଡ ପରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀର ସୁବିଧାର ଅବମାନନା, ଶ୍ରମ ପ୍ରଚଳନ ନ୍ୟାୟକୁ ଲାଗୁ କରିବାକୁ ନେଇ ତୁରନ୍ତ ତଦନ୍ତ କରାଯାଇ ତ୍ରିପାକ୍ଷିକ ଆଲୋଚନା ସହିତ ସମସ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ,ସୁରକ୍ଷା କମିଟି ଗଠନ, ସ୍ୱଚ୍ଛ ଖାଦ୍ୟ ଓ ସୁବିଧା, ଇଏସଆଇ ଇପିଏଫ ନିୟମ ଲାଗୁ, ଶ୍ରମିକ ଅଧିକାର ସୁରକ୍ଷା, ଉତ୍ପାଦନ ପାଉଣା ପ୍ରଦାନ, ଅନ୍ୟାୟ କାର୍ଯ୍ୟ ବନ୍ଦ ଓ ଜିଲା ପ୍ରଶାସନ ମାଧ୍ୟମରେ ସମନ୍ୱୟ ଓ ମଧ୍ୟସ୍ଥତା କରାଯାଉ। ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଶାନ୍ତିପୂର୍ଣ୍ଣ ଧରଣା ଖଣି ବନ୍ଦ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଥିଲେ।

# ଜଙ୍ଗଲ ସୁରକ୍ଷା, ବନାଗ୍ନି ନିବାରଣ ପାଇଁ ଶପଥ ପାଠ



ସଚେତନତା କାର୍ଯ୍ୟକ୍ରମରେ ବନ କର୍ମଚାରୀ ଏବଂ ଗ୍ରାମବାସୀ।

ଲହୁଣୀପଡ଼ା,୨।୪(ଦାଶରଥି ପଣ୍ଡା)

**ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ**

ସୁନ୍ଦରଗଡ଼ ଜିଲା ବାଙ୍କୀ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ଡିଏଫଓ ଯଶବନ୍ତ ସେଠିଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ରେଞ୍ଜ ଅଧିକାରୀ କୈଳାଶ ଚନ୍ଦ୍ର କିଷାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମମାନ ବାଙ୍କୀ ବନାଞ୍ଚଳର ବିମଳାଗଡ଼ ହାଟ, ସାଲେଇପାଲି ଗ୍ରାମ, ଚନ୍ଦ୍ରପୁର ହାଟ ଓ ଚାନ୍ଦିପୋଷ ହାଟ, ସାଲେଇପାଲି ହାଟରେ ଅନୁଷ୍ଠିତ ହୋଇଥିଲା। ୱାଇଏମଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଇଥିଲେ କଳାକାର ବାପି ପଲେଇ, ରଶ୍ମିତା ବିଷୋୟୀ ଓ ଅଭିଲିପ୍ସା ପରିଡା। ବିଭିନ୍ନ କାର୍ଯ୍ୟକ୍ରମରେ ଫରେଷ୍ଟର ଗୋପାଳ ଓରାମ, ଏଚସି ଜେନା, ରାଜେଶ ଜ୍ୟୋତିଷ, ଫରେଷ୍ଟ ଗାର୍ଡ ମୋନାଲିସା ଲେଙ୍କା, ସୁନୀଲ ଶିଆଲ, ସୋହେଲ ରଞ୍ଜନ ଦାଶ, ବାସନ୍ତୀ ଓରାମ, ସେରୱାଜ ତୀର୍କୀ, ଅର୍ନପୂର୍ଣ୍ଣା ଭୋଇ, ଏସ.ଏସ. ଡାଙ୍ଗ, କେଶବ ଚନ୍ଦ୍ର ଠାକୁର, ଡିଓ କୃପାନିଧି ପଶାୟତ, ଫରେଷ୍ଟ ସ୍କାର୍ଡ ଚାୱା ଓରାମ, ଅର୍ଜୁନ ମାହାତୋ, ତ୍ରିନାଥ ଭାଙ୍ଗ୍ରା , ଫାୟାର ସ୍କାର୍ଡ, ଗଜସାଥି ପ୍ରମୁଖ ଉପସ୍ଥିତ ଥିଲେ। ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା। ଜଙ୍ଗଲ ନିଆଁ ଯୋଗୁ ସୃଷ୍ଟି ହେଉଥିବା ବିଭିନ୍ନ କୁପ୍ରଭାବ ସମ୍ପର୍କରେ ସୂଚିତ କରାଯାଇଥିଲା। ବିଶେଷ କରି ମହୁଲ ସଂଗ୍ରହ ପାଇଁ ଶୁଖିଲା ପତ୍ରରେ ନିଆଁ ନ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ସ୍ଥଳରେ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ବନ ବିଭାଗ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ବଜାୟୀ ରଖିବା କ୍ଷେତ୍ରରେ ଲୋକକଳା ଏକ ପ୍ରମୁଖ ମାଧ୍ୟମ ହୋଇଛି । ଜଙ୍ଗଲ ସୁରକ୍ଷା ଓ ବନାଗ୍ନୀ ନିବାରଣ ପାଇଁ ଅଞ୍ଚଳବାସୀ ବିଭିନ୍ନ ସ୍ଥାନରେ ଶପଥ ପାଠ ସହ ସମ୍ମତି ଜଣାଇଥିବା ଜଣାପଡିଛି ।

# ସମସ୍ତେ ପରିଧାନ କଲେ ପାରମ୍ପରିକ ପୋଷାକ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାନେ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଏକାଠି ହୋଇଛନ୍ତି।

ସୁନ୍ଦରଗଡ଼,୨।୪(ଜୟ ନାରାୟଣ ମେଣ୍ଡୁଲି)

**ଓଡ଼ିଆ ପକ୍ଷର ଦ୍ୱିତୀୟ ଦିବସରେ ଜିଲାରେ ପାରମ୍ପରିକ ପୋଷାକ ପରିଧାନ**

ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଓ ତୃତୀୟ ଦିବସ ହେଉଛି ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ ଆମ ପୋଷାକ ଆମ ପରିଚୟ। ଏହି କ୍ରମରେ ଗୁରୁବାର ଜିଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ସେହିଭଳି ସମସ୍ତ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ସମସ୍ତ ତହସିଲ, ସମସ୍ତ ପୌରପରିଷଦ ଅଞ୍ଚଳ ସହିତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରାଯିବା ସହିତ ଆମ ପୋଷାକ ଆମ ପରିଚୟ ସ୍ଲୋଗାନ ଦିଆଯାଇଥିଲା।

# ଶ୍ରମିକ ଚାଲାଣ: ଫେରାର ଅଭିଯୁକ୍ତ ଯୁବକ ଗିରଫ

ବଡ଼ଗାଁ,୨।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରୁ ରାଜ୍ୟ ବାହାରକୁ ଦଲାଲଙ୍କ ମାଧ୍ୟମରେ ଶ୍ରମିକ ଚାଲାଣ ହୋଇଆସୁଛି। ଦଲାଲମାନେ ଦିଲ୍ଲୀ, ମୁମ୍ବାଇ, ଗୋଆ ଆଦି ସହରରେ କାମ କରି ଭଲ ଉପାର୍ଜନ କରିବାକୁ କହି ନେଇଥାନ୍ତି। ଏଥିରୁ ଶ୍ରମିକ ପିଛା ଟଙ୍କା ମିଳିଥାଏ। ଏହି ପରିପ୍ରେକ୍ଷୀରେ ଶ୍ରମିକ ଚାଲାଣ କରିଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବଡ଼ଗାଁ ନିକଟ ଚଲନାମୁଣ୍ଡା ପଡାର ସୁରେଶ ନାଏକ (୨୪)। ଏନେଇ ବଡ଼ଗାଁ ଥାନା ଏଏସଆଇ ବିଜୟ କୁମାର କର ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୨ ମସିହାରେ ଖୁଣ୍ଟମୁଣ୍ଡା ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହିତ କେତେଜଣ ଶ୍ରମିକଙ୍କୁ ଚଲନାମୁଣ୍ଡା ଗ୍ରାମର ସୁରେଶ ରାଜ୍ୟ ବାହାରକୁ ଚାଲାଣ କରିଥିବା ଅଭିଯୋଗ କରିଥିଲେ। ଘଟଣା ପରେ ଅଭିଯୁକ୍ତ ଫେରାର ଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# କେ. ବଲାଙ୍ଗ ଥାନା ଅଧିକାରୀ ସମ୍ମାନିତ



ଲହୁଣୀପଡା,୨।୪(ଦାଶରଥି ପଣ୍ଡା): ସାହାସିକତା ପାଇଁ ରାଉରକେଲା ପୋଲିସ ଜିଲା କେ. ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା ଭ୍ରମରବର ସାହାସିକତା ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏପ୍ରିଲ ପହିଲା ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରି ନଗଦ ୨୫ହଜାର ଟଙ୍କା ସହିତ ମାନପତ୍ର ପ୍ରଦାନ କରିଛନ୍ତି। ଅଶୋକ ବେହେରା ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ କେ ବଲାଙ୍ଗ ଥାନାର ଅଧିକାରୀ ଭାବେ ସଫଳତାର ସହିତ କାର୍ଯ୍ୟ ତୁଲାଉଥିବା ବେଳେ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟୁଛି।

# ସୁନ୍ଦରଗଡ଼ ପବ୍ଲିକ୍ ସ୍କୁଲରେ ଓଡ଼ିଶା ଦିବସ




ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର।

ସୁନ୍ଦରଗଡ,୨।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ବକ୍ତାଭାବେ ଭୁବନେଶ୍ୱରରୁ ଆଗତ ଡ. ପୁଷ୍ପମିତ୍ରା ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ସମାଜସେବୀ ବେଣୁ ମାଧବ ତ୍ରିପାଠୀ, ଭାରପ୍ରାପ୍ତ ଅଧକ୍ଷା ମାୟୀକେଲା ଖାଲକୋ, ବରିଷ୍ଠ ଶିକ୍ଷକ ଦେବାଶିଷ ଦାସ ଓ ଗୋପାଳ କୃଷ୍ଣ ପୁରୋହିତ ଯୋଗଦେଇଥିଲେ। ପ୍ରଥମେ ଓଡ଼ିଶାର ବର ପୁତ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ତରଫରୁ ଅତିଥିଙ୍କୁ ସ୍ମୃତି ଚିହ୍ନ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଯେଉଁଥିରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ସମାରୋହ ଆୟୋଜିତ ହୋଇଥିଲା। ପ୍ରିୟଙ୍କା ଜେନା ସଭା ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ସାହୁ, ରଞ୍ଜନ ମହାପାତ୍ର, ଅଶୋକ ପରିଡ଼ା, ଭାରତୀ ପଟେଲ, ରାଜଲକ୍ଷ୍ମୀ ନାଏକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଖଡ଼ା ଶୋଭାଯାତ୍ରାରେ କମ୍ପିଲା ସହର



କଳାକାର ଓ ଆଖଡା କମିଟିଗୁଡିକ ପକ୍ଷରୁ ଲାଠିଖେଳ ପ୍ରଦର୍ଶନ।

ସୁନ୍ଦରଗଡ଼,୨।୪(ଜୟ ନାରାୟଣ ମେଣ୍ଡୁଲି)

ରାମନବମୀ ଅବସରରେ ସୁନ୍ଦରଗଡ଼ର ବିଭିନ୍ନ ସଙ୍ଗଠନ ତରଫରୁ ଗୁରୁବାର ବିଶାଳ ଭବ୍ୟ ଆଖଡା ଶୋଭାଯାତ୍ରା ସୁନ୍ଦରଗଡ ସହର ପରିକ୍ରମା କରିଛି। ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ମହାବୀର ସେବାଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅଟଳ ଛକ ଠାରୁ ଏହି ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ଶ୍ରୀହନୁମାନ, ମହାଦେବ, ଶ୍ରୀରାମଙ୍କ ମେଢ଼ ସହ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନେ ଆଖଡ଼ା ପ୍ରଦର୍ଶନ କରିଥିଲେ। ମୋଟର ସାଇକେଲ ଷ୍ଟଣ୍ଟ, ମହିଳାମାନଙ୍କ ଦ୍ୱାରା ଲାଠି ଖେଳ, ବିଭିନ୍ନ ବାଦ୍ୟ ଯନ୍ତ୍ର ସହ ସଙ୍ଗୀତ ପରିବେଷଣ ଆଦି ଏହି ଆଖଡା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ରହିଥିଲା। ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଏହି ଆଖଡା ଶୋଭାଯାତ୍ରାରେ କଳାକାର ଓ ଆଖଡା କମିଟି ଗୁଡିକର ଶାରୀରିକ କଳାକୌଶଳ ପ୍ରଦର୍ଶନ ଦେଖିଥିଲେ।

# ପ୍ରାଚୀନ ଉତ୍କଳର ଐତିହ୍ୟ, ପରମ୍ପରା ଉପରେ ଆଲୋଚନା



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ସୁନ୍ଦରଗଡ,୨।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ବବିତା ଭିତ୍ରିଆ ଅଧକ୍ଷତା କରି ପ୍ରାଚୀନ ଉତ୍କଳର ଐତିହ୍ୟ, ପରମ୍ପରା, କଳା, ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଗଣିତ ବିଭାଗର ମୁଖ୍ୟ ଆଲୋକ କୁମାର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶା ଭାଷା ସଂସ୍କୃତିକୁ ସମୃଦ୍ଧ କରିଥିବା ମହାପୁରୁଷ ଓ ସାରସ୍ୱତ ସ୍ରଷ୍ଟାମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ନୂତନ ଖମାରୀ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଐତିହାସିକ ଓ ରାଜନୈତିକ ପୃଷ୍ଠଭୂମି ଏବଂ ଭାଷା ସୁରକ୍ଷା ଆନ୍ଦୋଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁବାସ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଅଧ୍ୟାପିକା ଅନିତା ପ୍ରଧାନ, ମୋନାଲିସା ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୁଭଶ୍ରୀ ଦୋରା, ଘନେଶ୍ୱରୀ ଅମାତ, ଦିପେସ ସାହୁ, ଆଶିଷ ଭୋଇ, ପୂର୍ଣ୍ଣଚନ୍ଦ୍ର ଭୋଇ, ଚାନ୍ଦିନୀ ବଗାର, ପ୍ରୀତମ ଭୋଇ, ଶୁଭମ୍ ସାହୁ ପ୍ରମୁଖ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀରାମଚନ୍ଦ୍ର ଗଲେ ୧୪ବର୍ଷ ବନବାସ

ବଡ଼ଗାଁ,୨।୪( ଅଶୋକ ଷଡ଼ଙ୍ଗୀ)

**ବଡ଼ଗାଁ ରାମଲୀଳା ଯାତ୍ରା**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଚାଲିଥିବା ରାମଲୀଳା ଯାତ୍ରାର ବୁଧବାର ଷଷ୍ଠ ରଜନୀରେ ଶ୍ରୀରାମଚନ୍ଦ୍ରଙ୍କ ବନବାସ ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ମିଥିଳା ନରେଶ ରାଜା ଜନକଙ୍କ ଚାରି ପୁତ୍ରୀଙ୍କୁ ବିବାହ କରି ଫେରିବା ପରେ ମନ୍ଥରାଙ୍କ କୁମନ୍ତ୍ରଣାରେ ପଡ଼ି କୈକେୟୀ ରାଜା ଦଶରଥଙ୍କୁ ତାଙ୍କ ପୁତ୍ରଙ୍କୁ ଅଯୋଧ୍ୟାର ରାଜା କରାଇବା ପାଇଁ ଜିଦ୍‌ରେ ଅଟଳ ରହିଥିଲେ। ଏହାପରେ ଶ୍ରୀରାମଙ୍କ ସହିତ ଲକ୍ଷ୍ମଣ ଓ ସୀତା ରାଜକୀୟ ବେଶଭୂଷା ତ୍ୟାଗ କରି ବନବାସୀ ରୂପରେ ୧୪ ବର୍ଷ ପାଇଁ ବନ ଅଭିମୁଖେ ଯାତ୍ରା କଲେ। ଏହି କରୁଣ ବିଷୟବସ୍ତୁ ଉପରେ କଳାକାରମାନଙ୍କ ହୃଦୟସ୍ପର୍ଶୀ ଅଭିନୟ ଦର୍ଶକଙ୍କ ଆଖିରୁ ଅଶ୍ରୁ ଗଡ଼ାଇଥିଲା। ରାମ, ଲକ୍ଷ୍ମଣ, ସୀତା, ବଶିଷ୍ଠ, ଦଶରଥ, ମନ୍ଥରା, କୈକେୟୀ, କୌଶଲ୍ୟା ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ଟୁନୁ ପାଣିଗ୍ରାହୀ, ରାଜେଶ ଚକ୍ରବର୍ତ୍ତୀ, ଦିବ୍ୟ ଲୋଚନ ପୃଷେଟ, ମହାଦେବ ସା, ସୁରେଶ ସେଠ, ଆଶୁତୋଷ ମହାପାତ୍ର ଅଭିନୟ କରିଥିଲେ।



ବନବାସ ଅଭିମୁଖେ ରାମ, ଲକ୍ଷ୍ମଣ ଓ ସୀତା।

# ଗୋଚାଲାଣ, ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଥାନାରେ ଦ୍ୱାରସ୍ଥ

ସୁନ୍ଦରଗଡ଼,୨।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ତଲସରା ଥାନା ଅନ୍ତର୍ଗତ ଲୁଲକିଡ଼ିହି, ବନଡେଗା ଓ ଶାଗବାହାଲ ପଞ୍ଚାୟତର ଗ୍ରାମବାସୀମାନେ ଅଞ୍ଚଳରେ ବଢୁଥିବା ଗୋ ଚାଲଣ ଓ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଗୁରୁବାର ତଲସରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଯଶୋବନ୍ତି ବାଗଙ୍କୁ ଲିଖିତ ଅଭିଯୋଗପତ୍ର ଦାଖଲ କରି ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳରେ ପ୍ରତିଦିନ ବିଭିନ୍ନ ଯାନରେ ଗୋ ଚାଲାଣ ହେଉଥିବା ସହ କେତେଜଣ ବ୍ୟକ୍ତି ଗୋ ହତ୍ୟା ଓ ମାଂସ ବିକ୍ରୟ କରୁଥିବା ଅଭିଯୋଗ କରାଯାଇଛି। ସେହିପରି ବନଡେଗା ଅଞ୍ଚଳରେ ଜୁଆଖେଳ, କୁକୁଡ଼ା ଲଢ଼େଇ ଓ ବେଆଇନ ଛେଳି ପରିବହନ ଯୋଗୁ ଅସୁରକ୍ଷା ବଢୁଥିବା କୁହାଯାଇଛି। ଗତ ୧ ଏପ୍ରିଲ ରାତିରେ ଗୋ ଚାଲଣ ଅଟକାଇବାକୁ ଯାଇଥିବା କେତେଜଣ ଯୁବକଙ୍କୁ ଆକ୍ରମଣ ହୋଇଥିବା ମଧ୍ୟ ଗ୍ରାମବାସୀମାନେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଏପରି ଘଟଣା ଘଟୁଥିବା ସତ୍ତ୍ୱେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଗ୍ରାମବାସୀମାନେ ତତ୍କାଳ ବେଆଇନ କାର୍ଯ୍ୟ ବନ୍ଦ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପୋଲିସ ପ୍ରଶାସନଙ୍କୁ ଦାବି କରିଛନ୍ତି। ଦାବି ପତ୍ର ଦେବା ସମୟରେ ଗ୍ରାମବାସୀ ମାଣିକ ଚାନ୍ଦ ଗୁପ୍ତା, ଦିଲୀପ କୁମାର ସାଏ, ସୁରେନ ସାଏ, ରବିଚନ୍ଦ୍ର ପଟେଲ, ବନମାଳି ବାରସତିଆ, ତପନ କୁମାର ରାଏ, ବିନୟ କୁମାର ସାଏ, ବଳରାମ ଓହଦାର, ଯୁଗେଶ୍ୱର ସାଏ, ଯଶନ୍ତି ଏକ୍କା, ସରୋଜ କେରକେଟ୍ଟା ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୁଣ୍ଡେଇଗୋଳାରେ ମା' ତାରିଣୀଙ୍କ ଯାତ୍ରା

ରିଆମାଳ,୨।୪(ବଦ୍ରିନାରାୟଣ ଅଗ୍ରୱାଲ)- ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ କୁଣ୍ଡେଇଗୋଳା ଗ୍ରାମରେ ମା' ତାରିଣୀଙ୍କ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରମେଶ କୁମାର ସାହୁ ଓ ସମ୍ପାଦକ ଗୋବର୍ଦ୍ଧନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଅଭିରାମ ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଞ୍ଚଳ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ବିଶ୍ୱାଳ କର୍ତ୍ତା ଭାବରେ ଯୋଗଦେଇଥିଲେ। ଗୁରୁବାର କଳସ ଯାତ୍ରା ସମାପନ ପରେ ସୂର୍ଯ୍ୟପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା ଓ ମା' ତାରିଣୀଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ହୋଇଥିଲା।

### ମୃତ ଶିଶୁଙ୍କ ସ୍ମୃତିରେ ଚାରାରୋପଣ

ଝାରସୁଗୁଡ଼ା,୨।୪(ଆଶିଷ ରଞ୍ଜନ ଦାଶ)- ଦୁର୍ଘଟଣାରେ ଝାରସୁଗୁଡ଼ା ପୁରୁଣା ବସ୍ତି ଅଞ୍ଚଳର ଶ୍ରେୟାଂଶ ଚଇନି(୪)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରକ୍ଷା ପାଇଁ ପରିବାର ସଦସ୍ୟ ତାଙ୍କର ଦୁଇଟି ଆଖି ଦାନ କରିଥିବାବେଳେ ବିଦ୍ୟାଳୟରେ ଚାରାରୋପଣ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଶ୍ରେୟାଂଶ ତାଙ୍କ ବାପା ଶିଶିର ଓ ମା' ଛନ୍ଦାରାଣୀଙ୍କ ସହିତ ବାଇକ୍‌ରେ ବରଗଡ଼ ଜିଲା ବରପାଲି ଅଭିମୁଖେ ଯାଉଥିଲେ। ବାଟରେ ଏକ ଡମ୍ପର ଧକ୍କା ଦେବାରୁ ଶ୍ରେୟାଂଶଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କର ଆଖି ଦାନ ପାଇଁ ପରିବାର ସଦସ୍ୟ ନିଷ୍ପତ୍ତି ନେଇଥିଲେ। ଶିଶିର ଏବଂ ଛନ୍ଦାରାଣୀଙ୍କ ତରଫରୁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶ୍ରେୟାଂଶଙ୍କ ଦୁଇଟି ଆଖି ଦାନ କରାଯାଇଥିଲା। ଶ୍ରେୟାଂଶଙ୍କ ସ୍ମୃତିକୁ ଜୀବନ୍ତ ରଖିବା ପାଇଁ ଗୁରୁବାର ଝାରସୁଗୁଡ଼ା ସଂସ୍କାର ପବ୍ଲିକ୍ ସ୍କୁଲର କୁନି ପିଲାମାନଙ୍କୁ ପେନ୍‌ସିଲ୍ ସେଟ୍, ଚକୋଲେଟ ଏବଂ ଥଣ୍ଡାପାନୀୟ ବଣ୍ଟନ କରାଯାଇଥିଲା। ଏଥିସହ ବୃନ୍ଦାମାଲସ୍ଥିତ ବିଦ୍ୟାଳୟରେ ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ ମଧ୍ୟାହ୍ନଭୋଜନ କରାଇବା ସହ ଉଭୟ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

### ଚୈତ୍ର ପୂର୍ଣ୍ଣିମାରେ ବିଭିନ୍ନ ଗ୍ରାମରେ ପୂଜାର୍ଚ୍ଚନା

ଲଖନପୁର,୨।୪(ଗୌତମ ସାହୁ)- ଚୈତ୍ର ପୂର୍ଣ୍ଣିମା ଅବସରରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ୩୩ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଦେବଦେବୀ ସ୍ଥଳୀରେ ଚଇତ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମରେ ଥିବା ଝାଙ୍କରଙ୍କ ଦ୍ୱାରା ଏହି ପୂଜା ସମ୍ପାଦନା ହୋଇଥିଲା। ଗ୍ରାମର ସୁରକ୍ଷା ପାଇଁ ଗ୍ରାମଗୁଡ଼ିକ ବସତି ଦିନରୁ ଗ୍ରାମପତି, ଠାକୁରଦେବ, ସମଲେଇ, ଭୀମ, ବାଗବଇଗା, ରାଉତରାଏ, ମାଉଲି ପ୍ରମୁଖ ସ୍ଥାପନା କରି ଶ୍ରାବଣ ମାସର ଅମାବାସ୍ୟା ତିଥି, ଦଶରା ସମୟରେ ପୂର୍ଣ୍ଣିମା ତିଥିରେ ଗ୍ରାମବାସୀ ପୂଜାର୍ଚ୍ଚନା କରିଥାନ୍ତି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

କୋଲାବିରା,୨।୪(ସଞ୍ଜୟ ପୂଜାରୀ)- ଝାରସୁଗୁଡ଼ା ଜିଲା କୋଲାବିରା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଦଣ୍ଡାବୁଡ଼ା ନିବାସୀ ହରିବଂଶ ପ୍ରଧାନ(୮୦)ଙ୍କ ଗୁରୁବାର ଅପରାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥତା କାରଣରୁ ଦୀର୍ଘମାସ ହେଲା ଶଯ୍ୟାଶାୟୀ ଥିଲେ।



ମୃତ୍ୟୁ ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଡା. ମନୋଜ କୁମାର ପ୍ରଧାନ ମୁଖାଗ୍ନି ଦେଇଥିଲେ। ଘରେ ତାଙ୍କର ସ୍ତ୍ରୀ ସ୍ନେହଲତା, ଦୁଇପୁଅ ଡା. ମନୋଜ କୁମାର ପ୍ରଧାନ ଓ ବିଏସ୍ଏନ୍ଏଲ୍ ଜେଟିଓ ଫିରୋଜ କୁମାର ପ୍ରଧାନ, ଦୁଇବୋହୂ ନିବେଦିତା ଓ ବୈଜୟନ୍ତୀ, ଜ୍ୱାଇଁ ତଥା ଅଧ୍ୟାପକ କ୍ଷିତିଶ ଭୋଇ, ଝିଅ ପୁଷ୍ପା ଓ ଦୀପାଞ୍ଜଳି, ନାତୁଣୀ, ନାତି ଏବଂ ବନ୍ଧୁ ଉପସ୍ଥିତ ଥିଲେ। ହରିବଂଶ ଜଣେ ଭଲ ଗଣିତ ଶିକ୍ଷକ ଥିଲେ। ସେ ୨୦୦୫ରେ କୋଲାବିରା ହାଇସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିଲେ। ଏଥିସହ ୧୯୮୨ରେ କୋଲାବିରା କଲେଜର ସେ ପ୍ରତିଷ୍ଠାତା ସଦସ୍ୟ ଥିଲେ।

# ଗ୍ରୀଷ୍ମ ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୨।୪(ଆଶିଷ ରଞ୍ଜନ ଦାଶ)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ରାଜ୍ୟ ସମେତ ବିଭିନ୍ନ ଜିଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଅନ୍ୟାନ୍ୟ ଜିଲା ତୁଳନାରେ ଝାରସୁଗୁଡ଼ା ଜିଲାର ତାପମାତ୍ରା ଅଧିକ ରହୁଛି। ତେବେ ଝାରସୁଗୁଡ଼ା ଜିଲାରେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ସହ ଅଂଶୁଘାତ ମୁକାବିଲା ପାଇଁ ଜିଲା ପ୍ରଶାସନ ଏବଂ ଓଏସ୍‌ଡିଏମ୍‌ଏର ମିଳିତ ସହଯୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ସଭାଗୃହଠାରେ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଦୈନନ୍ଦିନ ଜୀବନରେ ଘଟୁଥିବା ଅଗ୍ନିକାଣ୍ଡକୁ କିଭଳି ରୋକାଯାଇପାରିବ ଓ ନିଆଁକୁ ଆୟତ୍ତ କରାଯାଇପାରିବ, ସେ ସମ୍ପର୍କରେ ଡେମୋ ପ୍ରଦାନ କରିଥିଲେ। ସେହିଭଳି ଜଙ୍ଗଲ ବିଭାଗର ପ୍ରତିନିଧି ଜଙ୍ଗଲ ନିଆଁର ନିରାକରଣ ଓ ଏହାର ପରିଚାଳନା

## ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ

ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମାନବ ଶରୀର ଉପରେ ଗ୍ରୀଷ୍ମ ପ୍ରବାହର କୁପ୍ରଭାବ, ଅଂଶୁଘାତ ଲକ୍ଷଣ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଅବଲମ୍ବନ କରାଯାଉଥିବା ସତର୍କତାମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଅଧିକାରୀମାନେ ସଜାଗ ରହିବାକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲା, ବ୍ଲକ୍ ଓ ତହସିଲସ୍ତରର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆଗାମୀ ଦିନରେ ପ୍ରସ୍ତୁତ ରହିବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ।

# ଡିଜିଟାଲ ସ୍ୱଗଣନା ପ୍ରକ୍ରିୟା ଆରମ୍ଭ

ଦେବଗଡ଼,୨।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକ୍‌ରେ ଡିଜିଟାଲ ସ୍ୱଗଣନା ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଡିଜିଟାଲ ସ୍ୱଗଣନା ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଆସନ୍ତା ଏପ୍ରିଲ ୧୫ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ନାଗରିକମାନେ ସରକାରୀ ଜନଗଣନା ୱେବ୍‌ସାଇଟ୍ ପରିଦର୍ଶନ କରି ଏସ୍ଇ ଆଇଡି ପ୍ରାପ୍ତ କରିପାରିବେ। ପ୍ରଥମଥର ପାଇଁ ସମସ୍ତ ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ କରାଯିବ। ଜନଗଣନା ଅଧିକାରୀ ଘରକୁ ଘର ଯାଇ ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ଓ ସମସ୍ତ ତଥ୍ୟ ଠିକ୍ ଭାବରେ ଗ୍ରହଣ କରିବେ। ଗୁରୁବାର ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ତହସିଲଦାର ରବୀନ୍ଦ୍ର ସାମଲ, ଅତିରିକ୍ତ ତହସିଲଦାର ୱାଶିମ ଅହମଦ୍ ଓ ଡିଷ୍ଟ୍ରିକ କୋଅର୍ଡିନେଟର ବିଧାୟକ ରୋମାଞ୍ଚ



ବିଧାୟକ ଡିଜିଟାଲ ସ୍ୱଗଣନା ମୋବାଇଲ ଆପ୍ ଦେଖାଉଛନ୍ତି।

ରଞ୍ଜନ ବିଶ୍ୱାଳ ଏବଂ ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ରଙ୍କ ଘରକୁ ଯାଇ ସ୍ୱଗଣନା କାର୍ଯ୍ୟକ୍ରମର ତାଲିମ ପ୍ରଦାନ କରିଥିଲେ। ଏହାଦ୍ୱାରା ନାଗରିକମାନେ ସ୍ମାର୍ଟ ଫୋନ୍ ଓ ଲାପ୍‌ଟପ୍ ଜରିଆରେ ନିଜେ ନିଜର ଗଣନା ସରକାରୀ ୱେବ୍‌ସାଇଟ୍ ମାଧ୍ୟମରେ ଆସନ୍ତା ଏପ୍ରିଲ ୧୫ ପର୍ଯ୍ୟନ୍ତ କରିପାରିବେ।

# ସାଇବର ଅପରାଧ ରୋକିବାକୁ ପ୍ରଶିକ୍ଷଣ ନେଲେ ଅଧିକାରୀ



କାର୍ଯ୍ୟକ୍ରମରେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀ।

ଝାରସୁଗୁଡ଼ା, ୨।୪(ଆଶିଷ ରଞ୍ଜନ ଦାଶ)

ଡିଜିଟାଲ ଦୁନିଆରେ ବଢୁଥିବା ସାଇବର ଅପରାଧକୁ ପ୍ରତିହତ କରିବା ପାଇଁ ପୋଲିସ ଅଧିକାରୀଙ୍କ ନିମନ୍ତେ ୩ ଦିନିଆ ଉନ୍ନତ ସାଇବର ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଝାରସୁଗୁଡ଼ାସ୍ଥିତ ପୋଲିସ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ ଅଧିକାରୀଙ୍କୁ ସାଇବର ଠକେଇ, ଡିଜିଟାଲ ପ୍ରମାଣ ସଂଗ୍ରହ ଏବଂ ଆର୍ଥିକ କାରବାରର ଟ୍ରାକିଂ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷକରି ଜଟିଳ ମାମଲାର ସମାଧାନ ପାଇଁ ସେମାନଙ୍କର ଦକ୍ଷତା ବୃଦ୍ଧି କରାଯାଇଛି। ଏହି ଅଭିନବ ପ୍ରୟାସ ଦ୍ୱାରା ଆଗାମୀ ଦିନରେ ଡିଜିଟାଲ ଅପରାଧର ରହସ୍ୟ ଉନ୍ମୋଚନ କରିବାରେ ପୋଲିସକୁ ବଡ଼ ସହାୟତା ମିଳିବ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ନାମଯଜ୍ଞ

ରିଆମାଳ,୨।୪
(ବଦ୍ରିନାରାୟଣ ଅଗ୍ରୱାଲ)

ଦେବଗଡ଼ ଜିଲା ରିଆମାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତିମୁର ଗ୍ରାମରେ ଅଷ୍ଟପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିନୟ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଝିଲି ପ୍ରଧାନ କର୍ତ୍ତା ଦାୟିତ୍ୱ ଏବଂ ପୂଜକ ଭାବେ ଧୋବେଇଧର ନନ୍ଦ, ସଞ୍ଜୟ ଶତପଥୀ, ଅକ୍ଷୟ ଶତପଥୀ, ଗୋବର୍ଦ୍ଧନ ଶତପଥୀ, ଗୋଲକ ବିହାରୀ ନନ୍ଦ, କାଳିଆ ନନ୍ଦ ଓ ଚିକୁ ପଣ୍ଡା ଦାୟିତ୍ୱ ତୁଲାଇଛନ୍ତି। ରେଙ୍ଗାଲପାଲି ଆଶ୍ରମର ମଠାଧୀଶ ସଙ୍କୀର୍ତ୍ତନ ମଣ୍ଡଳୀକୁ ନାମ ପ୍ରଦାନ କରିଥିଲେ। ଏଥିରେ ଅନେକ ସାଧୁ ସନ୍ନ୍ୟାସୀ ଯୋଗଦେଇଥିଲେ। ଗୁରୁବାର ସକାଳେ ବିଶ୍ୱଶାନ୍ତି ପାଇଁ କରାଯାଇଥିବା ନାମଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞ କମିଟି ସଭାପତି ତରଣୀସେନ ପ୍ରଧାନ, ସମ୍ପାଦକ ନାରାୟଣ ଦେହୁରୀଙ୍କ ତତ୍ତ୍ୱାବଧାନ ତଥା ଗ୍ରାମବାସୀଙ୍କ ସହାୟତାରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଦାବି ପୂରଣ ପାଇଁ ଆମରଣ ଅନଶନ

ଝାରସୁଗୁଡ଼ା, ୨।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ଅଞ୍ଚଳରେ କାର୍ଯ୍ୟରତ ଏକ ଘରୋଇ କମ୍ପାନୀ ବିରୋଧରେ ଅଭିଯୋଗ ଆଣି ୨ ଯୁବକ ଆମରଣ ଅନଶନରେ ବସିଛନ୍ତି। ସେମାନେ ହେଲେ ଟିଙ୍ଗିସିମାଲର ପ୍ରଦୀପ ବାଘ ଓ ଖଇରକୁନୀର ସଞ୍ଜୟ ଭୋଇ। ଏମ୍‌ସିଏଲ୍ ଲଖନପୁର ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ ଦିନ ହେବ ଏହି ଅନଶନ ଜାରି ରହିଛି। ଯୁବକ ଦ୍ୱୟଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ କମ୍ପାନୀ ଚୁକ୍ତିନାମା ଉଲ୍ଲଂଘନ କରି ଶ୍ରମିକଙ୍କୁ ୧୨ ଘଣ୍ଟା ଖଟାଉଥିବାବେଳେ ଅତି କମ୍ ଦରମା ଦେଉଛି। ଶ୍ରମିକଙ୍କ ପ୍ରାପ୍ୟ ହେରଫେର କରାଯାଉଥିବା ଅଭିଯୋଗ କରି ଏହାର ସିବିଆଇ ତଦନ୍ତ ପାଇଁ ଯୁବକ ଦ୍ୱୟ ଦାବି କରିଛନ୍ତି। ସମସ୍ତ ଶ୍ରମିକଙ୍କୁ ସାଲାରୀ ସ୍ଲିପ୍ ଓ ବକେୟା ଏରିଅର ପ୍ରଦାନ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଯୁବକମାନେ ଧାରଣାରେ ବସିଛନ୍ତି। ଏନେଇ ୧୧ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ଦିଆଯାଇଥିବା ସମ୍ପୃକ୍ତ ଯୁବକମାନେ ପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏମ୍‌ସିଏଲ୍ ଅଧିକାରୀ ଓ ପୋଲିସ ପ୍ରଶାସନ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଉକ୍ତ ଘରୋଇ କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଆସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଜିଦ୍ ଧରିଛନ୍ତି। ଏହି ଘଟଣାରେ ଦଲାଲ ଓ ଅସାଧୁ ଅଧିକାରୀଙ୍କ ସମ୍ପୃକ୍ତି ଥିବା ନେଇ ସଚେତନ ନାଗରିକ ରବି ସୋନୀ ଅଭିଯୋଗ କରିଛନ୍ତି। ଅନଶନରତ ଦୁଇ ଯୁବକଙ୍କୁ ଉକ୍ତ ଘରୋଇ କମ୍ପାନୀରେ କାର୍ଯ୍ୟରତ ବହୁ ଯୁବକ ସମର୍ଥନ କରିଛନ୍ତି। ଏନେଇ ଲଖନପୁର ଏମ୍‌ସିଏଲ୍ ଜିଏମ୍ ଏ.କେ. ପାଣ୍ଡେଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆମ ପୋଷାକ ଆମ ପରିଚୟ



କାର୍ଯ୍ୟକ୍ରମରେ ଜିଲାପାଳ ବକ୍ତବ୍ୟ ଦେଉଛନ୍ତି।

ଦେବଗଡ଼,୨।୪
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ପାରମ୍ପରିକ ପୋଷାକ ପରିଧାନ ଦିବସ ଅବସରରେ ଜିଲାପାଳଙ୍କ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତୀ ପ୍ରଧାନ, ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ସୁଧାଂଶୁ ମୋହନ ବିଶ୍ୱାଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ପାରମ୍ପରିକ ପୋଷାକ ପରିଧାନ ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ସମ୍ବଲପୁରୀ ପୋଷାକ ପରିଧାନ କରି ଅଭିଯାନରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଏଜ୍‌ଲିନ୍ ବାରା, ପ୍ରିୟା ତିର୍କୀ, ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂତାର ଧନ୍ୟବାଦ ଦେଇଥିଲେ।

## ଅଟିଜମ୍ ସଚେତନତା ଦିବସ ପାଳିତ

ଝାରସୁଗୁଡ଼ା, ୨।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ବୁଡାପଡ଼ା ବୁରୋମାଲରେ ଥିବା ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟ ପରିସରରେ ଅଟିଜମ୍ ସଚେତନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ଆକାଶ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଡା. ପ୍ରକାଶ ଚନ୍ଦ୍ର ରଣା ଯୋଗଦେଇ ଅଟିଜମ୍‌ର କାରଣ, ନିରାକରଣ ବିଷୟରେ ଆଲୋକପାତ କରିବା ସହ ଦିବ୍ୟାଙ୍ଗମାନେ ନିଜ ଦୁନିଆ ଭିତରେ ସୀମିତ ରୁହନ୍ତି ବୋଲି କହିଥିଲେ। ମନୋସ୍ତତ୍ତ୍ୱବିତ୍ ବିବେକାନନ୍ଦ ମିଶ୍ର କହିଥିଲେ, ଅଟିଜମ୍ ଯୌଥ ପରିବାରରୁ ଅଲଗା ଏବଂ ଏକୁଟିଆ ରହିବା କାରଣରୁ ବିଶେଷ ଭାବରେ ହୋଇଥାଏ। ଏଥିରେ ସମ୍ମାନିତ ଅତିଥି ଭାବେ ଡିଡିଏସ୍ ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ, ସଂଯୋଜକ ହରିଶଙ୍କର ପୁରୋହିତ, ଏନ୍. ନମିତା ଏବଂ ଟଙ୍କଧର ମିଶ୍ର ଯୋଗଦେଇଥିଲେ।

# ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ




କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

ଝାରସୁଗୁଡ଼ା, ୨।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ପୋଷାକ ପରିଧାନ ଦିବସ 'ଆମ ପୋଷାକ ଆମ ପରିଚୟ' ଗୁରୁବାର ପାଳିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଓଡ଼ିଆ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରି ଓଡ଼ିଆ ଅସ୍ମିତା ଓ ଐତିହ୍ୟର ଅନନ୍ୟ ଝଲକ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଆ ଐତିହ୍ୟ ଏବଂ କଳାତ୍ମକ ବୈଭବକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା। ଏଥିସହିତ ସ୍ଥାନୀୟ ବୁଣାକାର ଶିଳ୍ପକୁ ପ୍ରୋତ୍ସାହିତ କରିବା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଓଡ଼ିଆ ପୋଷାକ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ସହକାରୀ ବୟନଶିଳ୍ପ ନିର୍ଦ୍ଦେଶିକା ମୋନାଲିସା ପଟେଲ, ଝାରସୁଗୁଡ଼ା ତହସିଲଦାର ସଦାକାର କୁମ୍ଭାରଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ଉପସ୍ଥିତ ରହିଥିଲେ।

# ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପିୟୁସିସି ଯାଞ୍ଚ

ଦେବଗଡ଼,୨।୪(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗୁରୁବାରଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ଯାଞ୍ଚ ଆରମ୍ଭ ହୋଇଛି। ପିୟୁସିସି ନ ଥିଲେ ବାଇକ୍‌ଚାଳକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟ ସରକାର ପଲ୍ୟୁସନ ନିୟନ୍ତ୍ରଣ ସାର୍ଟିଫିକେଟ ପାଇଁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ କୋହଳ ମନୋଭାବ ଦେଖାଇଥିଲେ। ଏହି ଅବଧି ଶେଷ ହୋଇଥିବାବେଳେ ଗୁରୁବାରଠାରୁ କଡ଼ାକଡ଼ି ଯାଞ୍ଚ ଆରମ୍ଭ ହୋଇଛି। ପିୟୁସିସି ସହିତ ଅନ୍ୟାନ୍ୟ କାଗଜପତ୍ର ମଧ୍ୟ ଯାଞ୍ଚ କରାଯାଉଛି। ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ଟ୍ରାଫିକ୍ ଇନ୍ସପେକ୍ଟର ଏବଂ ଜୁନିୟର ଏମ୍‌ଭିଆଇ ଜିଲାର ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିବା ସହ ପିୟୁସିସି ନ ଥିବା ଗାଡ଼ିଚାଳକଙ୍କୁ ଜରିମାନା କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବାରକୋଟରେ ଶିଶୁମିତ୍ର ଥାନା ଉଦ୍‌ଘାଟିତ

ଦେବଗଡ଼,୨।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ପରିସରରେ ଶିଶୁଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଶିଶୁମିତ୍ର ଥାନାର ପରିକଳ୍ପନା କରିଛନ୍ତି। ଗୁରୁବାର ବାରକୋଟ ଥାନା ଏହି ତାଲିକାରେ ଯୋଡ଼ି ହୋଇଥିବାବେଳେ ଶିଶୁମିତ୍ର ଥାନା ଉଦ୍‌ଘାଟିତ ହୋଇଯାଇଛି। ବାରକୋଟ ଥାନା ଭିତରେ ପିଲାଙ୍କ ପାଇଁ ଶିଶୁ ଅନୁକୂଳ ପ୍ରକୋଷ୍ଠ ଖୋଲାଯାଇଛି। ଏହାକୁ ମୁଖ୍ୟଅତିଥି ଏସ୍‌ପି ଅନିଲ କୁମାର ମିଶ୍ର ଉଦ୍‌ଘାଟନ କରିଛନ୍ତି। ବିଭିନ୍ନ ସମୟରେ ପୋଲିସ ସହାୟତା ପାଇଁ କିମ୍ବା ପରିବାର ଲୋକଙ୍କ ସହିତ ଶିଶୁମାନେ ଥାନା ପରିସରକୁ ଆସିଥାନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନଙ୍କୁ ଥାନାରେ ରହିବାକୁ ପଡ଼ିଥାଏ। ଏହି ସମୟରେ ଥାନା ପରିସରରେ ଶିଶୁମାନେ ଯେଭଳି ଏକ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ପି ଏବଂ ଅନ୍ୟ ପୋଲିସ ଅଧିକାରୀ।

ଅନୁକୂଳ ପରିବେଶ ପାଇପାରିବେ, ତାହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସ୍ୱତନ୍ତ୍ର ପ୍ରକୋଷ୍ଠରେ ଶିଶୁଙ୍କ ପାଇଁ ବିଭିନ୍ନ ଖେଳଣା, ବହି ରଖାଯାଇଥିବାବେଳେ ଥାନା ପରିସରରେ ବିଭିନ୍ନ ଦୋଳି ଖଞ୍ଜା ଯାଇଛି। ପ୍ରକୋଷ୍ଠ କାନ୍ଥରେ ରଙ୍ଗବେରଙ୍ଗର ଚିତ୍ର ଅଙ୍କାଯାଇଛି। ଶିଶୁ ଆଇନ, ଶିଶୁ ସୁରକ୍ଷା ଏବଂ ଶିଶୁଙ୍କ ଅଧିକାର ସମ୍ବଳିତ ବିଭିନ୍ନ ବ୍ୟାନର ଲଗାଯାଇଛି। ଉକ୍ତ ପ୍ରକୋଷ୍ଠରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉକ୍ତ ପ୍ରକୋଷ୍ଠ ପାଇଁ ଜଣେ ମହିଳା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଡ଼ାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ମାହାନା, ଡିଆଇବି ଡିଏସ୍‌ପି ପବିତ୍ର କିଷାନ, ଏଚ୍‌ଆର୍‌ପିସି ଡିଏସ୍‌ପି ଅମୂଲ୍ୟ ପୁନମ ଲାକ୍ରା, ଦେବଗଡ଼ ଥାନା ଅଧିକାରୀ ସବ୍ୟଶାଚୀ ଶତପଥୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, କିଶୋର ନ୍ୟାୟ ପରିଷଦ ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଲିଗାଲ ପ୍ରୋବେସନ ଅଫିସର ଚିନ୍ମୟ ସ୍ୱାଇଁ, ଦେବଗଡ଼ ଅଭିଯୋଜନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ, ଚାଇଲ୍ଡ ହେଲ୍ପଲାଇନର କରିସ୍ମା ମହାକୁଡ଼ ଯୋଗଦେଇଥିଲେ। ପର୍ଯ୍ୟାୟକ୍ରମେ ଜିଲାର ଅନ୍ୟ ଥାନାକୁ ଏହି ଅଭିଯାନରେ ସାମିଲ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ Bhubaneswar, Friday, April 3/ 2026

# ହାଇଦ୍ରାବାଦର ବଡ଼ ବିଜୟ

କୋଲକାତା,୨।୪

ହେନରିଚ୍ କ୍ଲାସେନଙ୍କ ଅର୍ଦ୍ଧଶତକ ଓ ନୀତୀଶ କୁମାର ରେଡ୍ଡୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ସନରାଇଜର୍ସ ହାଇଦ୍ରାବାଦ୍(ଏସ୍ଆର୍ଏଚ୍) ୬୫ ରନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ହାଇଦ୍ରାବାଦ୍ ପକ୍ଷରୁ ପ୍ରଦତ୍ତ ୨୨୭ ରନ ଟାର୍ଗେଟର ପିଛା କରି କୋଲକାତା ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ହାଇଦ୍ରାବାଦ୍‌ର ପ୍ରଥମ ବିଜୟ ହୋଇଥିବାବେଳେ କୋଲକାତାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ସନରାଇଜର୍ସଙ୍କୁ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ୫.୪ ଓଭରରେ ୮୨ ରନର ବିସ୍ଫୋରକ ଆରମ୍ଭ ଦେଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ହେଡ୍ (୨୧ ବଲ, ୪୬ ରନ, ୬ ଚୌକା ଓ ୩ ଛକା), ଅଭିଷେକ (୨୧ ବଲ, ୪୮ ରନ, ୪ ଲେଖାଏ ଚୌକା ଓ ଛକା), ଅଧିନାୟକ ଇଶାନ କିଶନ (୧୪ ରନ, ୩ ଚୌକା) ଓ ଅନିକେତ ବର୍ମା (୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ହେନରିଚ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ ପଞ୍ଚମ ଉଇକେଟରେ ୫୩ ବଲରେ ୮୨ ରନ ଯୋଡ଼ିଥିଲେ। ଫଳରେ ସନରାଇଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ କରିଥିଲା। କ୍ଲାସେନ ୩୫ ବଲରେ ୫୨ (୪ ଚୌକା ଓ ୧ ଛକା) ଓ ନୀତୀଶ ୨୪ ବଲରେ ୩୯ (୪ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। କୋଲକାତା ପାଇଁ ବ୍ଲେସିଂ ମୁଜରାବାନୀ ୪ ଓ ବୈଭବ ୨ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିବା କୋଲକାତା ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଙ୍ଗକ୍ରିଶ ରଘୁବଂଶୀ (୨୯ ବଲ, ୫୨ ରନ, ୬ ଚୌକା ଓ ୨ ଛକା) ଓ ରିଙ୍କୁ ସିଂ (୨୫ ବଲ, ୩୫ ରନ, ୪ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାବିଆନ ଆଲେନ ୭ ବଲରେ ୨୮ (୪ ଚୌକା ଓ ୨ ଛକା) ରନ କରିଥିଲେ। ବିଜୟୀ ଦଳ ପାଇଁ ଜୟଦେବ ଉନାଡକଟ ୩ ଉଇକେଟ ନେଇଥିବା ବେଳେ ନୀତୀଶ କୁମାର ଓ ଇଶାନ ମାଲିଙ୍ଗା ୨ ଲେଖାଏ ଉଇକେଟ ହାତେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ସିଏସ୍‌କେ ବନାମ ପଞ୍ଜାବ କିଙ୍ଗ୍ସ**

**ସ୍ଥାନ: ଚେନ୍ନାଇ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୨୬/୮ (ଅଭିଷେକ ଶର୍ମା–୪୮, ଟ୍ରାଭିସ ହେଡ–୪୬, ହେନରିଚ୍ କ୍ଲାସେନ–୫୨, ନୀତୀଶ କୁମାର ରେଡ୍ଡୀ–୩୯, ବ୍ଲେସିଂ ମୁଜରାବାନୀ–୪/୪୧, ବୈଭବ ଆରୋରା–୨/୪୭)। କୋଲକାତା ନାଇଟ୍ ରାଇଡର୍ସ: ୧୬ ଓଭରରେ ୧୬୧/ଅଲଆଉଟ୍ (ଅଙ୍ଗକ୍ରିଶ ରଘୁବଂଶୀ–୫୨, ରିଙ୍କୁ ସିଂ–୩୫, ଫିନ ଆଲେନ–୨୮, ଜୟଦେବ ଉନାଡକଟ–୩/୨୧, ନୀତୀଶ କୁମାର ରେଡ୍ଡୀ–୨/୧୭, ଇଶାନ ମଲିଙ୍ଗା–୨/୧୪ )।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ହେନରିଚ୍ କ୍ଲାସେନ।

# ସେମିଫାଇନାଲରେ ରେଡ୍ ଷ୍ଟାର

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ହାଇ–ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ରେଡ୍ ଷ୍ଟାର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରେଡ ଷ୍ଟାର ଦଳ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୮୩ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ପି. ନାୟକ ସର୍ବାଧିକ ୫୪ ଓ ସାଇ ବିଘ୍ନେସ ୪୩ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସୋହମ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ମଧ୍ୟ ୯ ଉଇକେଟ ହରାଇ ୧୫୫ ରନ ମଧ୍ୟରେ ସୀମିତ ରହିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ଘୋଷାଲ ଅପରାଜିତ ୫୭ ଓ ଆଭାନ୍ ମିଶ୍ର ୩୩ ରନ ସଂଗ୍ରହ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏସ.କେ. ସାଲିକ ମହମ୍ମଦ ୬ ଓଭରରେ ୨୬ ରନ ବ୍ୟୟ କରି ବହୁମୂଲ୍ୟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କର ଉଚ୍ଚକୋଟୀର ବୋଲିଂକୁ ମୁଖ୍ୟ ଅତିଥି ବିଧାୟକ ତଥା ଓଡ଼ିଆ ସିନେମା ଜଗତର ପ୍ରତିଷ୍ଠିତ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଚ୍ଚ ପ୍ରଶଂସା କରିଥିଲେ। ଅମ୍ପାୟର ଅଜୟ କୁମାର ନାୟକ ଏବଂ ଶାଶ୍ୱତୀ ଶତପଥୀ (ପ୍ରଥମ ଓଡ଼ିଆ ମହିଳା କ୍ରିକେଟ୍ ଅମ୍ପାୟର) ମ୍ୟାଚ ପରିଚାଳନା କରିଥିଲେ। ତପନ କୁମାର ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିଥଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ଭାଗୀରଥି ଜେନା, ପ୍ରସନ୍ନ ନାୟକ, ସୂର୍ଯ୍ୟ ତ୍ରିପାଠୀ, କାମାକ୍ଷା ତ୍ରିପାଠୀ ଓ ସହସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

**ରାମକୃଷ୍ଣ ମହାପାତ୍ର ସ୍ମାରକୀ**



ଅତିଥି ପ୍ଲେୟର୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

# ମହାରାଷ୍ଟ୍ର ବାଳକ ତାମିଲନାଡୁ ବାଳିକା ଚାମ୍ପିୟନ

ଆଠଗଡ, ୨।୪(ସତ୍ୟ ପ୍ରସାଦ ରଥ)

ଖୋ–ଖୋ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଖୋ–ଖୋ ଆସୋସିଏଶନ ପକ୍ଷରୁ ୩ ଦିନ ଧରି ଆଠଗଡ଼ ମହୋତ୍ସବ ପଡ଼ିଆରେ ଚାଲିଥିବା ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପର ବାଳକ ବିଭାଗରେ ମହାରାଷ୍ଟ୍ର ଏବଂ ବାଳିକା ବିଭାଗରେ ତାମିଲନାଡୁ ଚାମ୍ପିୟନ ହୋଇଛି। ବାଳକ ବିଭାଗର ସଂଘର୍ଷପୂର୍ଣ୍ଣ ଫାଇନାଲରେ ମହାରାଷ୍ଟ୍ର ପ୍ରତିଦ୍ୱନ୍ଦ୍ୱୀ କର୍ନାଟକକୁ ୨୮–୨୭ ପଏଣ୍ଟରେ ପରାସ୍ତ କରିଥିଲା। ଆୟୋଜକ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳିକା ବିଭାଗରେ ପଶ୍ଚିମବଙ୍ଗକୁ ୯–୭ ପଏଣ୍ଟରେ ହରାଇ ଦେଇଥିଲା ତାମିଲନାଡୁ। ଆୟୋଜକ ଓଡ଼ିଶା ଚତୁର୍ଥ ହୋଇଥିଲା। ବାଳିକା ବିଭାଗରେ ଶ୍ରେଷ୍ଠ ଆକ୍ରମଣକାରୀ ପଶ୍ଚିମବଙ୍ଗର ଦୀୟାର୍ତ୍ତି ରାୟ, ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ତାମିଲନାଡୁର ହରାଇସାହି ଶ୍ରେଷ୍ଠ ଅଲରାଉଣ୍ଡର ଭାବରେ ତାମିଲନାଡୁର ମୁଖାସି ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବ ଅବସରରେ ସକାଳେ ସମସ୍ତ ରାଜ୍ୟର ଖେଳାଳିମାନେ ଏକ ଭବ୍ୟ ଶୋଭାଯାତ୍ରାରେ ଆଠଗଡ଼ ସହର ପରିକ୍ରମା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଖୋଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଖୋଖୋ ଇଣ୍ଡିଆ ସଭାପତି ବିନୋଦ କୁମାର ସିଂ, ସମ୍ପାଦକ ସୁରେଶ ଶର୍ମା, କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି, ଡାକ୍ତର ଶାନ୍ତିଭୂଷଣ ପଣ୍ଡା, ଆଠଗଡ଼ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖୋଖୋ ଓଡ଼ିଶାର ଉପ–ସଭାପତି ବିକ୍ରମ ବିକାଶ ରାୟସାମନ୍ତ, ସମ୍ପାଦକ ମନୋରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ଜାତୀୟ ଜୁନିୟର ଖୋଖୋ ଚାମ୍ପିୟନଶିପ୍**

**ଓଡ଼ିଶା ବାଳକ ତୃତୀୟ, ବାଳିକା ଚତୁର୍ଥ**



ଚତୁର୍ଥ ସ୍ଥାନ ଅଧିକାର କରିଥିବା ଓଡ଼ିଶା ବାଳିକା ଦଳ ଟ୍ରଫି ସହ।

# ଓଡ଼ିଶା ତୀରନ୍ଦାଜଙ୍କୁ ୪ ପଦକ



କୋଚ୍‌ଙ୍କ ସହ ଓଡ଼ିଶାର ପଦକ ବିଜେତା ତୀରନ୍ଦାଜ।

କଟକ,୨।୪(କୁମାରଶ୍ରୀ)

ରାୟପୁର ଠାରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଓଡ଼ିଶା ତୀରନ୍ଦାଜଙ୍କୁ ଦୃଷ୍ଟାନ୍ତମୂଳକ ସଫଳତା ମିଳିଛି। ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀମାନେ ମୋଟ୍ ୪ଟି ପଦକ ଜିତିଥିବା ବେଳେ ଏଥିରେ ୨ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ରହିଛି। ସିଙ୍ଗଲ୍ସ କମ୍ପାଉଣ୍ଡ ରାଉଣ୍ଡରେ କେଶବ ବାନାରା ରୌପ୍ୟ ଓ ସାଗର ରାଇତା ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି କମ୍ପାଉଣ୍ଡ ପୁରୁଷ ଦଳଗତ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା। ଦଳରେ ଦିବ୍ୟରଞ୍ଜନ ମୁଣ୍ଡା, କେଶବ ଏବଂ ସାଗର ପ୍ରତିନିଧିତ୍ୱ କରୁଥିଲେ। ରିକର୍ଭ ରାଉଣ୍ଡ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଅର୍ଜୁନ ଖାରା ଏବଂ ମମିତା ଓରାମ ରାଜ୍ୟ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଶୁଭେଚ୍ଛା ଜଣାଇଛନ୍ତି।

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

# ଏପ୍ରିଲ ୫ରୁ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

ରାଜ୍ୟ ବାହୁକୁସ୍ତି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଅଲ ଓଡ଼ିଶା ୪୬ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଚଳିତ ମାସ ୫ ତାରିଖରେ ଅନୁଷ୍ଠିତ ହେବ। ବିଭିନ୍ନ ବୟସ ଯଥା ଜୁନିୟର, ସିନିୟର, ମାଷ୍ଟର ଓ ଦିବ୍ୟାଙ୍ଗ ଏବଂ ବିଭିନ୍ନ ଓଜନ ବର୍ଗରେ ଏହି ପ୍ରତିଯୋଗିତା ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ବାମହାତୀ ପ୍ରତିଯୋଗୀଙ୍କ ପାଇଁ ବାମ ହାତରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀମାନେ ୫ ତାରିଖ ସକାଳ ୬ରୁ ୯ଟା ମଧ୍ୟରେ ଉତ୍କଳ କରାଟେ ସ୍କୁଲଠାରେ ନାମ ପଞ୍ଜୀକରଣ କରିପାରିବେ। ଏହି ରାଜ୍ୟ ପ୍ରତିଯୋଗିତାରୁ ଯେଉଁମାନେ ପ୍ରଥମ ସ୍ଥାନ ହାସଲ କରିବେ ସେମାନେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇପାରିବେ।

# ଭାନ୍ ଡର୍ ଡୁସେନଙ୍କ ଅବସର

କେପ ଟାଉନ,୨।୪

ଦକ୍ଷିଣ ଆଫ୍ରିକାର ଟପ୍ ଅର୍ଡର ବ୍ୟାଟର ରାସି ଭାନ ଡର ଡୁସେନ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଘରୋଇ କ୍ରିକେଟ ଓ ଫ୍ରାଞ୍ଚାଇଜ କ୍ରିକେଟରେ ଖେଳିବା ଜାରି ରଖିବେ। ଗତ ୭ ମାସ ହେଲା ସେ ଜାତୀୟ ଦଳ ପାଇଁ ଖେଳି ନ ଥିବା ବେଳେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ପକ୍ଷରୁ ତାଙ୍କ ହାଇବ୍ରିଡ୍ ସେଣ୍ଟ୍ରାଲ କଣ୍ଟ୍ରାକ୍ଟକୁ ନବୀକରଣ କରା ନ ଯିବାରୁ ୩୭ ବର୍ଷୀୟ ବ୍ୟାଟର ଅବସର ନେଇଛନ୍ତି। ସେ ଦକ୍ଷିଣ ଆଫ୍ରିକୀୟ କ୍ରିକେଟରଙ୍କର ପରବର୍ତ୍ତୀ ପିଢ଼ିକୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରତିବଦ୍ଧ ବୋଲି ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।




ଭାନ ଡର ଡୁସେନ ଅନ୍ତର୍ଜାତୀୟ ସ୍ତରରେ ୨୦୧୮ ଅକ୍ଟୋବରରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଦ. ଆଫ୍ରିକା ପାଇଁ ୧୮ ଟେଷ୍ଟ, ୭୧ ଦିନିକିଆ ଓ ୫୭ ଟି୨୦ ଖେଳି ଯଥାକ୍ରମେ ୯୦୫, ୨୬୫୭ ଓ ୧୪୦୬ ରନ କରିଥିଲେ। ଦିନିକିଆରେ ଦ. ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ତାଙ୍କ ଆଭରେଜ ଦ୍ୱିତୀୟ ସର୍ବାଧିକ। କେବଳ ଏବି ଡି' ଭିଲିୟର୍ସଙ୍କ ଆଭରେଜ ତାଙ୍କଠାରୁ ଭଲ ଥିଲା। ସେ ଦିନିକିଆରେ ୬ ଶତକ ଓ ୧୭ ଅର୍ଦ୍ଧଶତକ ହାସଲ କରିଥିଲେ। ୨୦୧୯ରେ ସେ ଖେଳିଥିବା ପ୍ରଥମ ୯ ମ୍ୟାଚ୍‌ରେ ତାଙ୍କର ୫ ଶତକ ଥିଲା। ସେ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ୨ ଶତକ କରିବା ସହ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ରନ କରିଥିଲେ।

# ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଆରମ୍ଭ

କଟକ,୨।୪(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଠାରୁ ଆରମ୍ଭ ହୋଇଛି। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟ ପ୍ରଥମ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳାଯାଉଛି। ସନସାଇନ ଗ୍ରାଉଣ୍ଡରେ କିଟ୍ ୮୯ରନରେ ପୁରୀକୁ, ଡ୍ରିମସ ଗ୍ରାଉଣ୍ଡରେ ଢ଼େଙ୍କାନାଳ ୯୪ ରନରେ କଟକ–ବିକ୍ସ, ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖୋର୍ଦ୍ଧା ୫ ଉଇକେଟରେ ଗଜପତିକୁ, ଅଡଶପୁର ଗ୍ରାଉଣ୍ଡରେ ଭୁବନେଶ୍ୱର–ଏ ୧୯୭ରନରେ କନ୍ଧମାଳକୁ, ନିମପୁର ଗ୍ରାଉଣ୍ଡରେ ରାଉରକେଲା ୮୭ରନରେ ଦେବଗଡକୁ ଏବଂ ରେଲୱେ ଗ୍ରାଉଣ୍ଡରେ ସମ୍ବଲପୁର ୧୫୩ରନରେ ନୂଆପଡାକୁ ହରାଇଛି।

# ରାଇଜିଂ ଷ୍ଟୁଡେଣ୍ଟ୍ସ–ବିଶ୍ୱଭାରତୀ ଫାଇନାଲ

କଟକ,୨।୪(କୁମାରଶ୍ରୀ)

ରାଇଜିଂ ଷ୍ଟୁଡେଣ୍ଟ୍ସ ଏବଂ ବିଶ୍ୱଭାରତୀ କ୍ଲବ ମଧ୍ୟରେ ଓସିଏ କ୍ଲବ ଲିଗ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଉଭୟ ଦଳ ଟାଇଟଲ୍ ନିମନ୍ତେ ଲଢ଼େଇ କରିବେ। ଏଥି ସହିତ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଲିଗ୍ ଉଦ୍‌ଯାପିତ ହେବ। ଓସିଏ ସହ ଅନୁବନ୍ଧିତ ସମସ୍ତ କ୍ଲବକୁ ନେଇ ୧୯ବର୍ଷ ପରେ ଏଭଳି ଲିଗ୍ ଆୟୋଜନ କରାଯାଇଛି।

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟସ ଏବଂ ୟୁନିୟନ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ରାଇଜିଂ ୮ ଉଇକେଟ ବିନିମୟରେ ୪୬୧ରନ ସଂଗ୍ରହ କରିଥିଲା। ଦୁଇ ତାରକା ବ୍ୟାଟର ଶୁଭ୍ରାଂଶୁ ସେନାପତି(୧୪୯ରନ) ଏବଂ ଗୋବିନ୍ଦ ପୋଦ୍ଦାର(୧୧୯ରନ) ଶତକ ହାସଲ କରିଥିଲେ। ୪୬୨ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ୟୁନିୟନ ସ୍ପୋର୍ଟିଂ ୩୧୬ରନରେ ଅଲଆଉଟ ହୋଇଥିଲା। କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୬୭ରନ କରିଥିଲେ। ଶତକୀୟ ପାଳି ଖେଳିବା ସହ ୩ ଉଇକେଟ ସଫଳତା ପାଇଥିବା ଗୋବିନ୍ଦ ପ୍ଲେୟାର ଅଫ ଦି ମ୍ୟାଚ ସାବ୍ୟସ୍ତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱଭାରତୀ କ୍ଲବ ୨ ଉଇକେଟରେ ଜୁଭେନାଇଲ କ୍ଲବକୁ ହରାଇଥିଲା। ରାମଚନ୍ଦ୍ର ବେହେରାଙ୍କ ୧୦୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ୍ ସମସ୍ତ ଉଇକେଟ ବିନିମୟରେ ୨୩୬ରନ କରିଥିଲା। ଅଭିଷେକ ଯାଦବ ୪ଟି ଏବଂ ଗୌରବ କୁମାରଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୪୬.୨ ଓଭରରେ ୮ ଉଇକେଟ ହରାଇ ବିଶ୍ୱଭାରତୀ ଦଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗୌରବ ମ୍ୟାଚ୍ ବିଜୟୀ ୫୧ରନର ଅପରାଜିତ ପାଳି ଖେଳି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ଓସିଏ କ୍ଲବ ଲିଗ୍**







ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଥମ ମ୍ୟାଚ୍‌ର ଗୋବିନ୍ଦ ପୋଦାର ଓ ଦ୍ୱିତୀୟ ମ୍ୟାଚ୍‌ର ଗୌରବ କୁମାର।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ